# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ (୨୦ ପୃଷ୍ଠା) Sambalpur, Tuesday, December 18/ 2018 ★★

୧୫ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






KP GROUP
Quality Since 1965
कमला पसन्द
पान मसाला
20% EXTRA
अनोखा स्वाद
Hallmark of quality
କମଳା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ Sambalpur, Tuesday, December 18/ 2018



DSPL-304



## ଆମ ଗାଁ ଆମ ବିକାଶ

ନବୀନ ଓଡ଼ିଶାର ନୂତନ କିରଣ

## ପିଠା

## PEETHA

(Peoples' Empowerment - Enabling Transparency and Enhancing Accountability on Odisha Initiatives)



# ମଧୁବାବୁ ପେନ୍‌ସନ୍ ଯୋଜନା

## ୧୫-୨୦ ଡିସେମ୍ବର ୨୦୧୮

- ସାମାଜିକ ସୁରକ୍ଷା ପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ଆଉ ୫ ଲକ୍ଷ ଲୋକଙ୍କୁ ଡିସେମ୍ବର ୧୫, ୨୦୧୮ ରୁ ମିଳିବ ଭତ୍ତା ।
- ନୂତନ ହିତାଧିକାରୀଙ୍କୁ ପ୍ରତି ମାସ ପ୍ରତି ପଞ୍ଚାୟତରେ ୧୫ରୁ ୨୦ ତାରିଖ ମଧ୍ୟରେ ଆୟୋଜିତ ହେଉଥିବା "ପିଠା" ଶିବିରରେ ମିଳିବ ଏହି ସହାୟତା ।

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ**

**ଓଡ଼ିଶା ସରକାର**

46001/13/0031/1819

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮



> ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
> - ନୋପୋଲିୟନ ବୋନାପାର୍ଟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋମୁ
ପରିବାରବର୍ଗ


ସ୍ମୃତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified







**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

KIIT University ଜଗନ୍ନାଥ ମନ୍ଦିର ପାଖରେ 40'/30 ରାସ୍ତା, electricity, water, ପାଚେରି ଥାଇ ଘରବାରି ପ୍ଲଟ କିଣନ୍ତୁ। 8917333281. D-65305

ନଖରା ପଞ୍ଚବଟି main road ପାଖରେ immediate ଘରକରିବା ପାଇଁ ଘରବାରି boundary ପଟ୍ଟା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64665

ପୁରୀ ବାଟମଙ୍ଗଳା ନିକଟ ନୂଆ ବାଇପାସ୍ ରୋଡ ପାଖରେ ମାତ୍ର 5 ଲକ୍ଷ ଟଙ୍କା ଦେଇ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡି ପ୍ଲଟ୍ ପାଚେରି ସହ କିଣନ୍ତୁ। 6370680566, 9776404801. D-10074

Now Matrimonial ads. only on Wednesday & Sunday Book 1 Get 1 FREE

800 sqft. at plot No. 44, Kharval Nagar, backside Priya Hotel, 3rd floor. Contact: 9437033691. D-63885




Madam Monalisa massage club- 50% discount full body massage by hiprofile smart lady therapist. 9708545108. D-10073

Herbal body massage, relaxed back joint pain treatment. Contact: 9437453813. D-64554

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷର ଜାନୁୟାରୀ-ଅକ୍ଟୋବର ସମୟ ମଧ୍ୟରେ ଦେଶର ବିମାନଯାତ୍ରୀ ଟ୍ରାଫିକ ୯୫.୧ ନିୟୁତ ଥିବା ବେଳେ ଚଳିତ ବର୍ଷ ସମାନ ସମୟରେ ଏହା ୧୧୪.୪ ନିୟୁତ ଛୁଇଁଛି।

**-ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**

# ଦଳିତ ନାବାଳିକାଙ୍କୁ ଗଣ ବଳାତ୍କାର

## ୩ ଅଭିଯୁକ୍ତ ଜେଲ ଗଲେ

**ବ୍ରହ୍ମପୁର ଅଫିସ୍, ୧୭।୧୨**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଜନୈକା ଦଳିତ ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କାହ୍ନୁ ପାତ୍ର, ସୁଦର୍ଶନ ନାୟକ ଏବଂ ତୋଫାନ ନାୟକ।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ୧୬ ବର୍ଷର ଦଳିତ ନାବାଳିକା ଦୋକାନକୁ ସଉଦା କରିବାକୁ ଯାଉଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ନିକଟସ୍ଥ ଏକ ଚାଷ ଜମିରେ ଗଣ ବଳାତ୍କାର କରିଥିଲେ। ପୀଡିତା ଜଣକ ନିଜ ଘରକୁ ଯାଇ ସମସ୍ତ କଥା କହିବା ପରେ ତାଙ୍କ ମା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୨୬/୧୮ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୋମବାର ଉଭୟ ପୀଡିତା ଏବଂ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ହେବା ପରେ ସେମାନଙ୍କୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସମସ୍ତଙ୍କ ବୟାନ୍ ରେକର୍ଡ କରାଯାଇ ଥିବା ତଦନ୍ତକାରୀ ଅଧିକାରୀ ବ୍ରହ୍ମପୁର ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏବଂ ଗୋଳନ୍ଥରା ଆଇଆଇସି ଆଲୋକ ଜେନା ସୂଚନା ଦେଇଛନ୍ତି।




# ଡାକ୍ତରଙ୍କ ସ୍ତ୍ରୀଙ୍କୁ ବୀଭତ୍ସ ହତ୍ୟା

- ରେଲ୍‌ୱେ କ୍ୱାର୍ଟର୍ସରୁ ମୃତଦେହ ଉଦ୍ଧାର
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, କାରଣ ଅସ୍ପଷ୍ଟ

**ପୁରୀ ଅଫିସ,୧୭।୧୨**

ରେଲ୍‌ୱେ କ୍ୱାର୍ଟର୍ସରେ ଜଣେ ଡାକ୍ତରଙ୍କ ସ୍ତ୍ରୀଙ୍କୁ ସୋମବାର ମଧ୍ୟାହ୍ନରେ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତା ହେଲେ ଡାକ୍ତର ସଞ୍ଜୀବ କୁମାର ସାହୁଙ୍କ ସ୍ତ୍ରୀ ସୁଜାତା ସାହୁ (୪୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସଞ୍ଜୀବଙ୍କ ଅଭିଯୋଗ କ୍ରମେ ସମୁଦ୍ରକୂଳ ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରାଥମିକ ଅନୁସନ୍ଧାନରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବାରିପଦାର ଡା. ସଞ୍ଜୀବ କୁମାର ସାହୁ ପୁରୀ ରେଲୱେ ମେଡିକାଲରେ ଆସିଷ୍ଟାଣ୍ଟ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଅଛନ୍ତି। ସେ ହୋଟେଲ ବିଏନ୍‌ଆର ପଛପଟ ସରକାରୀ କ୍ୱାର୍ଟର୍ସରେ ସ୍ତ୍ରୀ ସୁଜାତା, ପୁଅ ଶୁଭମ୍‌ଙ୍କ ସହିତ ରହୁଥିଲେ। ଶୁଭମ୍ ୯ମ ଶ୍ରେଣୀରେ ପଢ଼ନ୍ତି। ଶୁଭମ୍ ସକାଳେ ସ୍କୁଲ ଯାଇଥିଲେ। କ୍ୱାର୍ଟର୍ସରେ ବିଦ୍ୟୁତ୍‌ଜନିତ ସମସ୍ୟା ପାଇଁ ସଞ୍ଜୀବଙ୍କ ଅଭିଯୋଗ କ୍ରମେ ବିଭାଗରେ ଠିକାରେ କାର୍ଯ୍ୟରତ ଦୁଇଜଣ ଇଲେକ୍ଟ୍ରିସିଆନ ପୂର୍ବାହ୍ନ ସାଢେ ୯ଟାରେ ଆସି ମରାମତି କରି ଚାଲିଯାଇଥିଲେ। ମଧ୍ୟାହ୍ନ ୧ଟା ବେଳେ ସଞ୍ଜୀବ ଡ୍ୟୁଟିରୁ କ୍ୱାର୍ଟର୍ସକୁ ଫେରିଥିଲେ। ଏହି ସମୟରେ କ୍ୱାର୍ଟର୍ସ ଫାଟକ ଭିତରପଟୁ ବନ୍ଦ ଥିଲା। ସେ ସୁଜାତାଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ଆସି ନ ଥିଲା। ଇତିମଧ୍ୟରେ ପ୍ରାୟ ୧୫ ମିନିଟ୍ ବିତିଯାଇଥିଲା। ଶୁଭମ୍ ସ୍କୁଲ ବସ୍ ଯୋଗେ ଆସି କ୍ୱାର୍ଟର୍ସ ଆଗରେ ଓହ୍ଲାଇଥିଲେ। ଫାଟକ ବନ୍ଦ ଥିବାରୁ ପୁଅକୁ ଗେଟ୍ ଡେଇଁ ଭିତରକୁ ଯିବାକୁ ସଞ୍ଜୀବ କହିଥିଲେ। ଶୁଭମ୍ ଭିତରକୁ ଯାଇ ଗେଟ୍ ଖୋଲିବା ପରେ ସଞ୍ଜୀବ ଯାଇଥିଲେ। ଦୁହେଁ ଘର ଭିତରକୁ ଯିବା ବେଳେ ଭିତର କବାଟ ଖୋଲାଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଜାତାଙ୍କ ମୃତଦେହ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସଞ୍ଜୀବ ପ୍ରଥମେ ଆରପିଏଫ୍ ପରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସାଇଣ୍ଟିଫିକ୍ ଟିମ୍, ଆରପିଏଫ୍, ସମୁଦ୍ରକୂଳ ପୋଲିସ ଏବଂ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।

ସଞ୍ଜୀବ କୁହନ୍ତି, ମୋର କାହା ସହିତ କୌଣସି ଶତ୍ରୁତା ନାହିଁ। ମାତ୍ର ରେଲୱେ ମେଡିକାଲର ଜଣେ ମହିଳା କର୍ମଚାରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ସଞ୍ଜୀବ ଏ ସମ୍ପର୍କରେ ମୁହଁ ଖୋଲି ନ ଥିଲେ ମଧ୍ୟ ହତ୍ୟାକାଣ୍ଡ ପଛରେ ଜଣେ ମହିଳା ଏବଂ ତାଙ୍କ ସ୍ୱାମୀଙ୍କ ହାତ ଥିବା ଗଣମାଧ୍ୟମକୁ କହିଛନ୍ତି। ତେବେ କିଏ ସେ ମହିଳା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରିବାରିକ ଅଶାନ୍ତି ନା ପୂର୍ବଶତ୍ରୁତା ଅଥବା ସଞ୍ଜୀବ କହୁଥିବା ମହିଳା ହତ୍ୟାକାଣ୍ଡର କାରଣ ଏ ସବୁକୁ ନେଇ ପୋଲିସ ତଦନ୍ତ ଚଳାଇଛି।

# ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ଓଡ଼ିଶା ସରକାର ସଫଳତାର ସହ ପୁରୁଷ ହକି ବିଶ୍ୱକପ୍‌କୁ ଆୟୋଜନ କରିଛନ୍ତି। ଏହି କାରଣରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱକପ୍‌ର ସଫଳ ଆୟୋଜନ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ବିଭିନ୍ନ ଦେଶର କ୍ରୀଡ଼ାବିତ୍, କ୍ରୀଡ଼ା କର୍ମକର୍ତ୍ତା ଏବଂ ବିଦେଶୀ ଦର୍ଶକଙ୍କୁ ଉତ୍ତମ ଆତିଥେୟତା ପ୍ରଦାନ କରିଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ସେହିପରି ନେଦରଲାଣ୍ଡକୁ ହରାଇ ବିଶ୍ୱ ବିଜେତା ହୋଇଥିବା ବେଲ୍‌ଜିୟମ ହକି ଟିମ୍‌କୁ ଶୁଭକାମନା ମଧ୍ୟ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଟୁଇଟ୍‌ର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ, ହକି ବିଶ୍ୱକପ୍‌ର ସଫଳ ଆୟୋଜନ ନେଇ ଓଡ଼ିଶାକୁ ଉତ୍ସାହିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ଓଡ଼ିଶା ଏହିପରି କ୍ରୀଡ଼ା ସମାରୋହ ଆୟୋଜନ କରିବାକୁ ସଦାସର୍ବଦା ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବଦଳିଲେ ୧୪୮ ଏସ୍‌ଆଇ

**କଟକ ଅଫିସ, ୧୭।୧୨**

ଓଡ଼ିଶା ପୋଲିସର ଏସ୍‌ଆଇ ସ୍ତରରେ ଏକ ବଡଧରଣର ଅଦଳବଦଳ ହୋଇଛି। ମୋଟ ୧୪୮ ଜଣଙ୍କ ବଦଳି ହୋଇଥିବା ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନରେଟ ପୋଲିସରୁ ସର୍ବାଧିକ ୧୬, ରାୟଗଡାରେ ୧୪, କୋରାପୁଟରେ ୯ ଜଣଙ୍କ ସମେତ ସମସ୍ତ ପୋଲିସ ଜିଲାରୁ ବଦଳି ହୋଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଅଦଳବଦଳ କରାଯାଇଥିବା କୁହାଯାଉଛି।

# ହୃଦ୍‌ରୋଗ ପୀଡ଼ିତ ଶିଶୁଙ୍କୁ ଭେଟିଲେ ନବୀନ

## ୩୬ଙ୍କୁ ଡିସ୍‌ଚାର୍ଜ ସାର୍ଟିଫିକେଟ ପ୍ରଦାନ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହମ୍ମଦାବାଦସ୍ଥିତ ସତ୍ୟସାଇ ହାର୍ଟ ହସ୍ପିଟାଲରେ ସୋମବାର ହୃଦ୍‌ରୋଗ ପୀଡ଼ିତ ଶିଶୁଙ୍କୁ ଭେଟିଛନ୍ତି। ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରାୟ ୧୫୦ ଶିଶୁଙ୍କ ମାଗଣା ହୃଦ୍‌ରୋଗ ଚିକିତ୍ସା ଜାରି ରହିଛି। ତନ୍ମଧ୍ୟରୁ ୩୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ହସ୍ପିଟାଲରୁ ଡିସ୍‌ଚାର୍ଜ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଓଡ଼ିଆ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର ସତ୍ୟସାଇ ହାର୍ଟ ହସ୍ପିଟାଲ ସହ ଚୁକ୍ତି କରିଛନ୍ତି। ସେଠାରେ ଚିକିତ୍ସିତ ହେଉଥିବା ପ୍ରତ୍ୟେକ ଶିଶୁଙ୍କ ସମସ୍ତ ଚିକିତ୍ସା ରାଜ୍ୟ ସରକାର ମାଗଣାରେ କରାଉଛନ୍ତି। ମୁଖ୍ୟମନ୍ତ୍ରୀ ପୀଡ଼ିତ ଶିଶୁମାନଙ୍କ ଗହଣରେ ସମୟ ବିତାଇବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।


## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ସାହୁ**

ପ୍ଲଟ୍ ନଂ-୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ଼, ଭୁବନେଶ୍ୱର

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ।

ଧ-୪୮୦୨୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡା. ପ୍ରତାପ ଚନ୍ଦ୍ର ସ୍ୱାଇଁ**

ଆବିର୍ଭାବ: ୦୩।୧୦।୧୯୫୧
ତିରୋଧାନ: ୨୩।୧୨।୨୦୧୨
(ମୋକ୍ଷଦା ଏକାଦଶୀ)

ଆଜି ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ, ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ତରୁଲତା, ଚୁମ୍‌କି, ରାଜ, କିଶନ, ଇଶା, ଯଶ ଓ ପରିବାରବର୍ଗ।

ଧ-୧୦୦୧୦


## ପାରିବାରିକ କଳହର ପରିଣତି

# ଗଳାକାଟି ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ଦିଗପହଣ୍ଡି, ୧୭।୧୨ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ବାଗଡ଼ା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କ ଗଳା କାଟିବା ପରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀ ସନ୍ତୋଷିନୀ ସେଠୀ ଓରଫ ନୟନୀଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲକୁ ନିଆଯାଉଥିବା ବେଳେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ପୋଲିସ ନୟନୀ ଓ ସ୍ୱାମୀ ବାଙ୍କିଆଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ଥାନାରେ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି। ଗଳା କାଟିବା ନେଇ ନଂ. ୨୨୬/୧୮ ଓ ଆତ୍ମହତ୍ୟା ଘଟଣାରେ ନଂ. ୧୩/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପ୍ରାୟ ୪ ବର୍ଷ ପୂର୍ବେ କଇଁଠଡ଼ା ଗ୍ରାମର ସୁବାସ ସେଠୀଙ୍କ ଝିଅ ନୟନୀ ବଡ଼ଡୁମୁଳା ଗ୍ରାମର ବାଙ୍କିଆଙ୍କୁ ବିବାହ କରିଥିଲେ। ସେମାନଙ୍କର ଦେଢ଼ ବର୍ଷର ଏକ ପୁଅ ଅଛି। ଗତ ୨ ମାସ ହେଲା ପୁଅକୁ ମାମୁଘରେ ଛାଡି ଦମ୍ପତି ବାଗଡ଼ା ଗ୍ରାମରେ ଭଡ଼ାଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ୪ ଦିନ ତଳେ ଉଭୟେ ଗାଁକୁ ଆସିଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ କୌଣସି କଥାକୁ ନେଇ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ବାଙ୍କିଆ ଉତ୍ତ୍ୟକ୍ତ ହୋଇ ନୟନୀଙ୍କୁ ନିସ୍ତୁକ ମାଡ଼ ମାରିବା ସହ ପନିକିରେ ତଣ୍ଟି କାଟି ଦେଇଥିଲେ। ପରେ ସେ ମାନସିକ ଭାରସାମ୍ୟ ହରାଇ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ନୟନୀଙ୍କୁ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ

**ମେଷ** ଜନ୍ମ ଚନ୍ଦ୍ର ହେତୁ ମାନସିକ ସ୍ଥିରତା ରହିବ ନାହିଁ, ସାଧାରଣ କଥାରେ ଉତ୍ତେଜିତ ହୋଇପାରନ୍ତି। ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** ଚତୁର୍ଥଭାବେ ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ବନ୍ଧୁ ଓ ପରିଜଙ୍କ କାର୍ଯ୍ୟରେ ସାମିଲ୍ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ସପ୍ତମାଧିପତି ନିଜ ଭାବରୁ ଦ୍ୱାଦଶସ୍ଥ ହେତୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ଘରେ ସ୍ତ୍ରୀଙ୍କ ସହ ମନାନ୍ତରଜନିତ ସମସ୍ୟାର ଆଶଙ୍କା ରହିଛି। ନିକଟ ଅତୀତର କୌଣସି ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କର୍କଟ** ମଙ୍ଗଳ ଦୁଃସ୍ଥାନସ୍ଥ ହେତୁ ପରିବାରରେ ସନ୍ତାନ କିମ୍ବା ବନ୍ଧୁଙ୍କ ସହ ପୂର୍ବାଲୋଚନାକୁ କେନ୍ଦ୍ରକରି କୌଣସି ଅଭିଯୋଗ ଆସିପାରେ। ପୁଷ୍ୟା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ମିଳିବ। ପରୋକ୍ଷ ଆଲୋଚନା ବିଷୟରେ ଅନ୍ୟମାନଙ୍କ ନିକଟରୁ ଶୁଣି ଦୁଃଖ କରିବେ। ଆଶା ପୂରଣ ହେବା ସହ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି।

**ସିଂହ** ଗ୍ରହଙ୍କ ସ୍ଥିତିକୁ ନେଇ ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇଯାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ମତାନ୍ତରକୁ କେନ୍ଦ୍ରକରି ଶତ୍ରୁତା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**କନ୍ୟା** ପରସ୍ପର ଶତ୍ରୁମନୋଭାବାପନ୍ନ ରବି ଓ ଶନି ପାରିବାରିକ ସମ୍ପର୍କକୁ ବିବାଦୀୟ କରିଦେଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ପରିସରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଆଜିର ଯାତ୍ରା, ଉଚ୍ଚଶିକ୍ଷା, ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା** ଚାରୋଟି କେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରି ଆପଣଙ୍କ ସାମଗ୍ରିକ ଆଶା ଓ କାମନାକୁ ଚରିତାର୍ଥ କରିପାରନ୍ତି। ରାହୁ, କେତୁଙ୍କ ପ୍ରଭାବରେ ପରିବାର ଓ କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ଦେଖାଦେବ। ସ୍ୱାତୀ ନକ୍ଷତ୍ର କିନ୍ତୁ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ। କାରିଗରିକାମରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ଆସିପାରେ।

**ବିଛା** ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ମନ ଚାହିଁଲା ଭଳି ସୁଯୋଗ ପ୍ରଦାନ କରି ଖୁସି କରାଇବ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ** ରାଶିରେ ପାପଗ୍ରହ ଥିବାରୁ ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କର୍ମହାନି ଓ ଏକାଧିକ ସମସ୍ୟା ମନକୁ ବିବ୍ରତ କରିପାରେ। ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** ଚନ୍ଦ୍ରଙ୍କ ପ୍ରଭାବରେ କୌଣସି ଦୂରାଗତ ବନ୍ଧୁଙ୍କ ଆଗମନୀ ବାର୍ତ୍ତା ମନକୁ ଖୁସି କରାଇବ। ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହିବାକୁ ପଡିପାରେ। ଅଧ୍ୟୟନ, ଆଲୋଚନା ଓ ତର୍କ ବିତର୍କରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** କାର୍ଯ୍ୟହାସଲର ଅନ୍ତର୍ନିହିତ ଉଦ୍ଦେଶ୍ୟ ପୂରଣ ପାଇଁ ବନ୍ଧୁଙ୍କ କଥା ଓ କାମରେ ବିସ୍ମୟ ପ୍ରକାଶ କରିପାରନ୍ତି। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ। କୌଣସି ବିବାଦୀୟ ସ୍ଥିତିର ସମାଧାନ ସକାଶେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ପରିବାରର ମତ ନ ନେଇ କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଖର୍ଚ୍ଚ ବୃଦ୍ଧ ଯୋଗୁ ଚିନ୍ତାପ୍ରକଟ କରିବେ। ବନ୍ଧୁ ସମ୍ପର୍କ, ମାଲିମକଦ୍ଦମା, କ୍ରୟବିକ୍ରୟ, ଯାତ୍ରା ଓ ବାଣିଜ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ମଙ୍ଗଳବାର, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ। ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୬।୪୦ମି. ଗତେ ଘ୯।୦୦ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୦ମି. ମଧ୍ୟେ ଘ୧୦।୨୨ମି. ଗତେ, ଘ୧୧।୪୨ମି. ମଧ୍ୟେ ଘ୩।୪୫ମି. ଗତେ ମାହେନ୍ଦ୍ରବେଳା। ଦିବା ଘ୨।୨୫ମି.ଗତେ ଘ୩।୪୬ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ Sambalpur, Tuesday, December 18/ 2018 | ପୃଷ୍ଠା-୧



**ଅପୂର୍ବାଙ୍କ ସଫଳତା**

ଅଲଟ୍ରା ରନର ଅପୂର୍ବା ଚୌଧାରୀ ଏନ୍‌ଇବି ଟ୍ୱେଣ୍ଟି ଫୋର୍ ଆୱାର ଷ୍ଟାଡିୟମ ରନ୍‌ରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

୦୯

୦୫

**କ୍ୟାଟ୍ରିଓନାଙ୍କୁ ମିସ୍ ୟୁନିଭର୍ସ ମୁକୁଟ**

ବ୍ୟାଙ୍କକ୍‌ରେ ଆୟୋଜିତ ମିସ୍ ୟୁନିଭର୍ସ-୨୦୧୮ ପ୍ରତିଯୋଗିତାରେ ବିଶ୍ୱର ୯୩ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଫିଲିପାଇନ୍ସର କ୍ୟାଟ୍ରିଓନା ଏଲିସା ଗ୍ରେ ମିସ୍ ୟୁନିଭର୍ସ ମୁକୁଟ ବିଜୟିନୀ ହୋଇଛନ୍ତି।




■ ‘ତିତ୍‌ଲି’ ସହାୟତା ଦେଲା କେନ୍ଦ୍ର

# ମିଳିଲା ୧୦୨୩ କୋଟି

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ତିତ୍‌ଲି କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ଓଡ଼ିଶାକୁ ୧୦୨୩.୫୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ତିତ୍‌ଲିରେ ହୋଇଥିବା କ୍ଷୟକ୍ଷତି ଆକଳନ କରି ଭରଣା ପାଇଁ ୨୦୨୩.୨୩ କୋଟି ଟଙ୍କାର ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାତ୍ର କେନ୍ଦ୍ର ସରକାର ଏହାର ଅଧା ସହାୟତା ଅନୁମୋଦନ କରିଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ, କେରଳକୁ କେନ୍ଦ୍ର ସରକାର ଏନ୍‌ଡିଆର୍‌ଏଫ୍‌ରୁ ସହାୟତା ରାଶି ଘୋଷଣା ପରେ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଡିସେମ୍ବର ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନାଥଙ୍କୁ ତିତ୍‌ଲି ସହାୟତା ଯୋଗାଇ ଦେବାକୁ ଚିଠି ଲେଖିଥିଲେ। ଏପରିକି ୧୫ ତାରିଖରେ ତୁରନ୍ତ ସହାୟତା ରାଶି ଦେବାକୁ ଫୋନ୍ ଯୋଗେ ଅନୁରୋଧ କରିଥିଲେ।

ଅକ୍ଟୋବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ଏବଂ ବାତ୍ୟା ଓ ବର୍ଷାରେ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ଚିଠି ଜରିଆରେ ଅବଗତ କରାଇଥିଲେ। ଡିସେମ୍ବର ୮ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ତିତ୍‌ଲି ସହାୟତା ରାଶି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ନଭେମ୍ବର ୨ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ.କେ. ସାହିଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଟିମ ଦୁଇଦିନ ଧରି ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲାଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଗସ୍ତ ଶେଷରେ ଟିମ୍ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ବାତ୍ୟା ଓ ଏହା ପରବର୍ତ୍ତୀ ରିଲିଫ,ଥଇଥାନ ବିଷୟରେ ଆଲୋଚନା କରିଥିଲେ।

ଅକ୍ଟୋବର ୧୧ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ତିତଲି, ଏହା ପରବର୍ତ୍ତୀ ବର୍ଷା ଓ ଭୂସ୍ଖଳନ ଯୋଗୁ ରାଜ୍ୟରେ ୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୧୨୮ ବ୍ଲକର ୮୬୯୧ ଗ୍ରାମ ଓ ୩୬ଟି ପୌରାଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରାୟ ୬୦.୩୧ ଲକ୍ଷ ଲୋକ ଏଥିଯୋଗୁ ପ୍ରଭାବିତ ହୋଇଥିଲେ। ୫୭,୧୩୧ ବାସଗୃହ ନଷ୍ଟ ହୋଇଥିବା ବେଳେ ୨.୭୩ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା।

**ଆଜିର ସମ୍ପାଦକୀୟ**

ରାଜ୍ୟର ରଙ୍ଗ

**ଆଜିର ମନ୍ତବ୍ୟ**

“ ରାଫାଲ ପ୍ରସଙ୍ଗରେ ରାହୁଲଙ୍କ ମିଥ୍ୟା ଅଭିଯୋଗ ଧରାପଡିଯାଇଛି।

– ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 17.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 71 | 120 | 130 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers

**CBSE Exam Mate**

ପୃଷ୍ଠା -୧୧

# ସ୍ଥଳଭାଗ ଛୁଇଁଲା ପେଥାଇ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

- ■ ଦକ୍ଷିଣ,ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା
- ■ କୋହଲା ପାଗ ଯୋଗୁ ଜନଜୀବନ ପ୍ରଭାବିତ
- ■ ଖେତରେ ଭାସୁଛି ପାଚିଲା ଧାନ
- ■ ଅମଳକୁ ନେଇ ଚିନ୍ତାରେ ଚାଷୀ

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ‘ପେଥାଇ’ ସୋମବାର ମଧ୍ୟାହ୍ନରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଦେଇ ସ୍ଥଳଭାଗ ଛୁଇଁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାତ୍ୟା ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟା ପେଥାଇ ପ୍ରଭାବରେ ଗତ ଦୁଇ ଦିନ ହେବ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଲାଗି ରହିଛି। କୋହଲା ପାଗ ସାଙ୍ଗକୁ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। କେତେକ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରେ ସର୍ବାଧିକ ୩୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୧, ଫୁଲବାଣୀ ୧୪, କୋରାପୁଟ ୧୫.୨, ମାଲକାନଗିରି ୧୭, ସୋନପୁର ୨୧, ଟିଟିଲାଗଡ଼ ୨୬, ଦାରିଙ୍ଗିବାଡି ୧୧, ହୀରାକୁଦ, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ୧୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କେତେକ ସ୍ଥାନରେ ବର୍ଷା ଯୋଗୁ ଖେତରେ ପଡ଼ିଥିବା ପାଚିଲା ଧାନ ପାଣିରେ ଭାସୁଛି। ସେଗୁଡିକ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଚିଲା ଧାନକୁ କିପରି ଅମଳ କରିବେ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଲାଗି ରହିଛି। କୋହଲିଆ ପାଗ ଯୋଗୁ ରାଜ୍ୟରେ ଶୀତ ପ୍ରକୋପ ବୃଦ୍ଧିପାଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଆସନ୍ତା ୧୯ ତାରିଖରୁ ରାଜ୍ୟରେ ଶୀତର ପ୍ରକୋପ ଆହୁରି ବଢ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ପୁରୀ, କନ୍ଧମାଳ, ବରଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଉପକୂଳ ଓଡ଼ିଶାରେ ମେଘୁଆ ପାଗ ରହିବା ସହ ସ୍ୱଳ୍ପରୁ ମଧ୍ୟ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ପିଥାଇ ଦୁର୍ବଳ ☞ପୃଷ୍ଠା-୪

■ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା

# ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ

**ନୂଆଦିଲ୍ଲୀ,୧୭।୧୨(ପି.ଟି.)**



୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ସେ ଜୀବନ କାଳ ପର୍ଯ୍ୟନ୍ତ ଜେଲ୍‌ରେ କଟାଇବେ। ଏହି ଦଙ୍ଗା ମାନବିକତା ବିରୋଧରେ ଅପରାଧ ଥିଲା। ଦଙ୍ଗା ଘଟାଇଥିବା ଲୋକମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଛି। କୋର୍ଟଙ୍କ ଆଗରେ ଅନେକ ଚାଲେଞ୍ଜ ସତ୍ତ୍ୱେ ସତ୍ୟ ପଦାକୁ ଆସିବ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଦାଲତ କହିଛନ୍ତି। ଅନ୍ୟ ପକ୍ଷରେ ହାଇକୋର୍ଟଙ୍କ ରାୟ ବିରୋଧରେ ସେ ସୁପ୍ରିମକୋର୍ଟ ଯିବେ ବୋଲି ସଜ୍ଜନ କୁମାରଙ୍କ ଓକିଲ କହିଛନ୍ତି। ☞ପୃଷ୍ଠା-୪






କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା। କାରଣ, ଦୁଃଖ କାମ୍ୟ ନୁହେଁ। କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ। ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ। ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ। – ଶ୍ରୀଅରବିନ୍ଦ



# ରାୟର ରଙ୍ଗ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦେହରକ୍ଷୀ ବେୟନ୍ତ ସିଂ ଓ ସତ୍‌ୱନ୍ତ ସିଂ ୧୯୮୪ ଅକ୍ଟୋବର ୩୧ରେ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ଦିଲ୍ଲୀ ସମେତ ସମଗ୍ର ଦେଶରେ ଶିଖ୍ ବିରୋଧୀ ଦଙ୍ଗାରେ ୮,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଅବଶ୍ୟ ବେସରକାରୀ ହିସାବରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଥିବା ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଭଳି ଗଣହତ୍ୟା ସେହି ସମୟରେ ସମଗ୍ର ଦେଶରେ ଚହଳ ପକାଇ ଦେଇଥିଲା। ଦୀର୍ଘ ୩୪ ବର୍ଷ ପରେ ଦଙ୍ଗାର ଅନ୍ୟତମ ଷଡ଼ଯନ୍ତ୍ରକାରୀ ସଜ୍ଜନ କୁମାରଙ୍କୁ ଡିସେମ୍ବର ୧୭ରେ ଦିଲ୍ଲୀ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ କେତେଜଣଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ତଳ କୋର୍ଟ ସଜ୍ଜନଙ୍କୁ ଦୋଷମୁକ୍ତ କରିବା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ପୀଡ଼ିତଙ୍କ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏବେ ସଜ୍ଜନ ଦୋଷୀ ସାବ୍ୟସ୍ତ ହେବା ପରେ ଦୁଇ ପ୍ରମୁଖ ରାଜନୈତିକ ଦଳ ରାୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ଏହାକୁ ସ୍ୱାଗତ କରିଥିବା ବେଳେ କଂଗ୍ରେସ କୋର୍ଟ ରାୟକୁ ନେଇ ରାଜନୀତି କରା ନ ଯାଉ ବୋଲି କହିଛି।

ଭାରତରେ ଦୀର୍ଘବର୍ଷ ପରେ ଗଣହତ୍ୟା ରଚିଥିବା ଦୋଷୀଙ୍କୁ ଦଣ୍ଡିତ କରାଯିବା ନେଇ ଯେଉଁମାନେ ରାୟକୁ ସ୍ୱାଗତକରି ଉଲ୍ଲସିତ ହେଉଛନ୍ତି, ସେଥିରେ କିଛି ନୂତନତ୍ୱ ଥିବା ଭଳି ମନେ ହେଉନାହିଁ। ଇତିମଧ୍ୟରେ ଶିଖ୍ ବିରୋଧୀ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ଅନେକଙ୍କ ପରଲୋକ ଘଟି ସାରିଲାଣି। ଆଜିର ରାୟ ସେମାନଙ୍କୁ କିଭଳି ନ୍ୟାୟ ପ୍ରଦାନ କଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। କେବଳ ନ୍ୟାୟ ବ୍ୟବସ୍ଥା ଏଥିଲାଗି ଏକମାତ୍ର ଦାୟୀ ନୁହେଁ। ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ସାଧାରଣ ଲୋକେ ଠିକ୍ ଭାବେ ନ୍ୟାୟ ପାଇପାରୁ ନାହାନ୍ତି। ବାସ୍ତବତା ଦେଖିଲେ ଏବେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଥିଲେ ମଧ୍ୟ ତାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବାରେ ବିଳମ୍ବ ଘଟୁଛି। ଯଦି ପରିସ୍ଥିତି ଭୟଙ୍କର ରୂପ ଧାରଣ କରୁଛି, ତାହା ହେଲେ ଯାଇ ଅନିଚ୍ଛା ସତ୍ତ୍ୱେ ପୋଲିସ କେସ୍ କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଅସଂଖ୍ୟ ନିର୍ଦ୍ଦୋଷ ବର୍ଷବର୍ଷ ଧରି ଜେଲରେ ଦିନ କାଟୁଛନ୍ତି। ତଳୁ ପୋଲିସ ରିପୋର୍ଟ ପାଣିଚିଆ ଥିଲେ କୋର୍ଟରେ ଦୋଷୀ ଛାଡ଼ ପାଇଯାଇପାରୁଛନ୍ତି। ସଜ୍ଜନଙ୍କ କଥା ଦେଖିଲେ ତଳ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଫାଇଲ୍ ଖୋଲାଯାଇ ଏହାର ବିଚାର କରାଯିବା ପରେ ସେ ଆଜି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅବଶ୍ୟ ଏତିକିରେ କଥା ଅଟକୁ ନାହିଁ। ନିଶ୍ଚିତ ଭାବେ ଏହାର ଅପିଲ୍ ଉପର କୋର୍ଟରେ ହେବ। ସୁପ୍ରିମକୋର୍ଟ ମଧ୍ୟ ରାୟ ଦେବା ପାଇଁ ନିଜର ସମୟ ଖୋଜିବେ।

୨୦୦୨ ଗୋଧ୍ରା ପରବର୍ତ୍ତୀ ହିନ୍ଦୁ-ମୁସଲମାନ ଦଙ୍ଗାରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ୩୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲେ ମଧ୍ୟ ବଡ଼ ମାଛ ଜାଲ ବାହାରେ ପହଁରୁଛନ୍ତି। ସେତେବେଳର ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ପରବର୍ତ୍ତୀ ସମୟରେ ଜାତୀୟ ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ଆସନରେ ପାଖାପାଖି ୫ ବର୍ଷ ବସିଲେଣି ଓ ଦ୍ୱିତୀୟ ଥର ପାଇଁ ଏବେ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଏହି ଦଙ୍ଗାକୁ ଇତିମଧ୍ୟରେ ୧୬ ବର୍ଷ ବିତିଗଲାଣି। ନ୍ୟାୟ ବ୍ୟବସ୍ଥା ଗେଣ୍ଡା ପରି ଗତି କରୁଥିବା ବେଳେ ଗୁଜରାଟ ଦଙ୍ଗାର ଦୋଷୀଙ୍କୁ କେବେ ଦଣ୍ଡ ମିଳିବ ତାହା ଅନୁମାନ ଲଗାଇବା କଷ୍ଟକର।

କେନ୍ଦ୍ରରେ କଂଗ୍ରେସ ପରିଚାଳିତ ସରକାର ହେଉ ବା ଭାଜପା ନେତୃତ୍ୱାଧୀନ ସରକାର, କେହି ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ନେଇ ଆଗ୍ରହ ଦେଖାଉ ଥିବା ଭଳି ମନେହେଉ ନାହିଁ । ୧୯୮୪ ଶିଖ୍ ଦଙ୍ଗା ବେଳେ ଯେଉଁମାନଙ୍କ ଭୂମିକା ସର୍ବୋଚ୍ଚରେ ଥିଲା ସେମାନଙ୍କ ମଧ୍ୟରୁ ଏଚ୍‌କେଏଲ୍ ଭଗତଙ୍କ ପରଲୋକ ଘଟିସାରିଲାଣି। ଅନ୍ୟତମ ନେତା କମଲନାଥ, ଯିଏ କି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି, ତାଙ୍କ ନାମ ମଧ୍ୟ ଏହି ଶିଖ୍ ବିରୋଧୀ ଦଙ୍ଗା ଷଡ଼ଯନ୍ତ୍ରରେ ଆସିଥିଲା। ସେହିପରି ଗୁଜରାଟ ଦଙ୍ଗା ସମୟରେ ସେହି ରାଜ୍ୟର ନେତୃତ୍ୱ ନେଉଥିବା ନରେନ୍ଦ୍ର ମୋଦି ଓ ବରିଷ୍ଠ ନେତା ଅମିତ ଶାହ ଏବେ ଯଥାକ୍ରମେ ପ୍ରଧାନମନ୍ତ୍ରୀ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି।

ପୋଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଚାପ ପକାଇ ଯେଉଁମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି, ସେମାନେ ସଜ୍ଜନଙ୍କ ଭଳି ପୁନର୍ବାର ଦୋଷୀ ସାବ୍ୟସ୍ତ ହେବା ଆଶା କ୍ଷୀଣ। ଆଇନ ଭାଷାରେ ଅଛି-ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ଏବେ ଭାରତରେ ସବୁ ସ୍ତରରେ ଖଞ୍ଜି ହୋଇଗଲେଣି 'ୟେସ୍ ମେନ୍' ବା 'ହଁ'ରେ 'ହଁ' ଭରୁଥିବା ବ୍ୟକ୍ତି। ରାଜନୈତିକ ଚାପରେ ଅନେକ ରାୟର ରଙ୍ଗ ଅଧାବାଟରୁ ବଦଳିଯାଉଛି। ରାଫାଲ ଘଟଣାରେ ନଗଦ ରାୟ ଏବେ ସମାଲୋଚନା ପରିସରକୁ ଆସିଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନ୍ୟାୟ ବ୍ୟବସ୍ଥା ରାଜନୀତିରୁ ଊର୍ଦ୍ଧ୍ୱରେ ଏବଂ ଲୋକଙ୍କ ପାଖରେ ଉତ୍ତରଦାୟୀ ହେବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

### ୧୮ ଡିସେମ୍ବର ୧୯୯୩

- ଚିଲିକା ହ୍ରଦରେ କୌଣସି ପ୍ରକାର ସଘନ ଚିଙ୍ଗୁଡ଼ିଚାଷ କରାଯାଇ ପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ।
- ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଫେରନାଣ୍ଡୋ ବ୍ରାସିଲିଆ ଆସନ୍ତା ୮ ବର୍ଷ ପର୍ଯ୍ୟନ୍ତ କୌଣସି ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ ବୋଲି କୋର୍ଟ ଏକ ନିଷେଧାଜ୍ଞା ଜାରି କରିଛନ୍ତି।
- ମଧ୍ୟପ୍ରଦେଶ ସରକାର ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ (ଓବିସି) ପାଇଁ ଶତକଡ଼ା ୧୪ ଭାଗ ସ୍ଥାନ ସଂରକ୍ଷଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | 9 | | | | | | | 7 | 4 | | A | |
| 1 | 3 | | A | | | 8 | | C | B | | | | | |
| B | | | C | | | | 9 | E | | | | | | 3 |
| 7 | A | | | 4 | | | | 0 | 1 | | E | | D | |
| | 2 | 4 | | | | | | | | | 5 | 7 | | |
| | | | 4 | 1 | | B | | 6 | C | 8 | | 0 | | 2 |
| | C | | E | | | | | D | | | | 1 | | 7 |
| 8 | B | 6 | | | | | | | | | D | | | E |
| | | A | | | 0 | | 3 | 7 | | 4 | | | | |
| | | | | | | 2 | | | | 0 | B | D | 4 | |
| | E | 8 | | | 9 | 3 | | | | | | A | 5 | |
| | | | | | 3 | | | 8 | 7 | 5 | 1 | | | |
| D | | | | | | | 1 | | | | | 3 | | |
| | | 9 | D | | | | 6 | | | A | C | | 1 | |
| 3 | | 7 | | | | 4 | | | | 6 | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 9 | 8 | C | 1 | 0 | 3 | 6 | E | 7 | 5 | D | A | 4 | 2 |
| 7 | D | 3 | 8 | 6 | A | 9 | 2 | 4 | E | 0 | 1 | C | B | 5 |
| E | 2 | 0 | B | D | 5 | 7 | 8 | A | 3 | C | 4 | 6 | 1 | 9 |
| 6 | C | A | 4 | 3 | 2 | 0 | 5 | 1 | B | 8 | 9 | E | D | 7 |
| 5 | 4 | 1 | 9 | 7 | E | C | D | B | 2 | 6 | A | 8 | 3 | 0 |
| 9 | A | E | 6 | 0 | D | 1 | 4 | 8 | 5 | 3 | B | 2 | 7 | C |
| C | 8 | 2 | 1 | E | 9 | D | 3 | 0 | A | 4 | 7 | B | 5 | 6 |
| 3 | B | 7 | 2 | A | 4 | 6 | C | 5 | 8 | D | 0 | 9 | E | 1 |
| 4 | 1 | 6 | 7 | 5 | 8 | A | B | 2 | 9 | E | C | D | 0 | 3 |
| D | 0 | 5 | 3 | C | B | E | 9 | 7 | 6 | 1 | 2 | 4 | A | 8 |
| 0 | 3 | 9 | A | 4 | C | 2 | 7 | D | 1 | B | 6 | 5 | 8 | E |
| 8 | 6 | D | 5 | B | 7 | 4 | 1 | 9 | 0 | 2 | E | 3 | C | A |
| 2 | 7 | C | 0 | 8 | 6 | B | E | 3 | 4 | A | 5 | 1 | 9 | D |
| 1 | E | B | D | 9 | 3 | 5 | A | 6 | C | 7 | 8 | 0 | 2 | 4 |
| A | 5 | 4 | E | 2 | 1 | 8 | 0 | C | D | 9 | 3 | 7 | 6 | B |

ଗତକାଲିର ଉତ୍ତର

# ମାନବାଧିକାର ଓ ମୃତ୍ୟୁଦଣ୍ଡ



ବୈକୁଣ୍ଠନାଥ ମିଶ୍ର

ଭାରତ ସମ୍ବିଧାନର ଧାରା ୨୧ ଭାରତୀୟ ନାଗରିକଙ୍କୁ ସ୍ୱାଧୀନଭାବେ ବଞ୍ଚିବାର ଅଧିକାର ପ୍ରଦାନ କରିଛି। ବ୍ୟକ୍ତିର ସେହି ଅଧିକାର କ୍ଷୁଣ୍ଣ ହେଲେ ମାନବିକ ଅଧିକାର ବିପନ୍ନ ହେଲା ବୋଲି ବୁଝିବାକୁ ହେବ। ଆଧୁନିକ ଯୁଗରେ ମାନବାଧିକାର ଏକ ବିତର୍କିତ ପ୍ରସଙ୍ଗ। କାରଣ ମାନବାଧିକାରର ସଂଜ୍ଞା ଅସ୍ପଷ୍ଟ। ସମାନ ଅପରାଧ ପାଇଁ ଜଣେ ଫାଶୀ ଦଣ୍ଡାଦିଷ୍ଟ ହେଉଥିବା ବେଳେ ଆଉ ଜଣେ ଆଜୀବନ ଜେଲଦଣ୍ଡ ପାଏ। ଜଣେ ନ୍ୟାୟମୂର୍ତ୍ତିଙ୍କ ଦୃଷ୍ଟିରେ ଫାଶୀ ମାନବାଧିକାରର ପରିପନ୍ଥୀ ତ ଆଉ ଜଣେ ବିରଳରୁ ଅତିବିରଳ ଅପରାଧ ପାଇଁ ଫାଶୀଦଣ୍ଡ ଏକମାତ୍ର ବିକଳ୍ପ ବୋଲି ବିବେଚନା କରନ୍ତି। କେତେକ ମାନବାଧିକାର କର୍ମୀଙ୍କ ମତରେ ଜଣଙ୍କର ଜୀବନଦୀପକୁ ନିର୍ବାପିତ କରିବା ମାନବାଧିକାରର ହନନ ସହ ସମାନ। ସେମାନଙ୍କ ମତରେ ଜଘନ୍ୟ ଅପରାଧରେ ଲିପ୍ତ ବ୍ୟକ୍ତିକୁ ପଶ୍ଚାତ୍ତାପର ସୁଯୋଗ ମିଳିବା ଦରକାର।

ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ କୋହଳ କରିସାରିଥିବା ବେଳେ ଜଷ୍ଟିସ୍ ଏ.ପି. ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଭାରତରୁ ମୃତ୍ୟୁଦଣ୍ଡ ଉଚ୍ଛେଦ ସପକ୍ଷରେ ସୁପାରିସ କରିଛନ୍ତି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ବିଚାରକରି ମତ ଦେଇଛନ୍ତି ଯେ, ବିରଳରୁ ଅତି ବିରଳ ଅପରାଧୀକୁ ମୃତ୍ୟୁଦଣ୍ଡ ନ ଦେବାକୁ ଯଦି ବିଚାର କରାଯାଏ, ତେବେ ପାର୍ଲାମେଣ୍ଟ ଏଥିପାଇଁ ଏକ ଆଇନ ପ୍ରଣୟନ କରିବା ଜରୁରୀ। ପୁନଶ୍ଚ ପାର୍ଲାମେଣ୍ଟ ମୃତ୍ୟୁଦଣ୍ଡକୁ ବଳବତ୍ତର ରଖିବାକୁ ଚାହୁଁଥିଲେ ଫାଶୀର ସହଜ ବିକଳ୍ପ ଚିନ୍ତାକରି ସେଥିପାଇଁ ଆଇନ ପ୍ରଣୟନ କରନ୍ତୁ। ପାର୍ଲାମେଣ୍ଟ କ'ଣ ନିଷ୍ପତ୍ତି ନେବେ ତାହା ତ ଭିନ୍ନ କଥା ; କିନ୍ତୁ ପୃଥିବୀର ବିଭିନ୍ନ ଦେଶର ମୃତ୍ୟୁଦଣ୍ଡକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଫାଶୀ ବୋଧହୁଏ ସବୁଠାରୁ ସହଜ ଓ ସରଳ ପ୍ରକ୍ରିୟା। କିଛିବର୍ଷ ପୂର୍ବେ ଚାଇନାରେ ଜଘନ୍ୟ ଅପରାଧୀକୁ ଜୀବିତାବସ୍ଥାରେ ଗୋଟିଏ ଗୋଟିଏ ଅଙ୍ଗ ଛେଦନ କରି ମୃତ୍ୟୁଦଣ୍ଡ ଦିଆଯାଉଥିଲା। ବର୍ତ୍ତମାନ ସେଠାରେ ବିଷ ଇଞ୍ଜେକ୍ସନ ମାଧ୍ୟମରେ ମୃତ୍ୟୁଦଣ୍ଡ ଦିଆଯାଉଛି। ଇରାନ, ସୌଦି ଆରବ ଭଳି କେତେକ ମୁସଲମାନ ଦେଶରେ ମୁଣ୍ଡକାଟ କରାଯାଇ ମୃତ୍ୟୁଦଣ୍ଡ ଦିଆଯାଏ। ସୁଦାନ ପରି କେତେକ ଦେଶରେ ସର୍ବସମକ୍ଷରେ ଅପରାଧୀକୁ ଟେକାପଥର ଫିଙ୍ଗାଯାଇ ମୃତ୍ୟୁଦଣ୍ଡ ଦିଆଯାଉଛି। ବାଂଲାଦେଶ, ଆଫଗାନିସ୍ତାନ, ନାଇଜେରିଆ ପ୍ରଭୃତି ୫୦ଟି ଦେଶରେ ଗୁଳିବିଦ୍ଧ କରି ମୃତ୍ୟୁଦଣ୍ଡ ଦିଆଯାଏ। ଆମେରିକାରେ ଦୋଷୀକୁ ଆବଦ୍ଧ କୋଠରିରେ ବିଦ୍ୟୁତ୍ ସଞ୍ଚାଳନ କରି ମୃତ୍ୟୁଦଣ୍ଡ ଦିଆଯାଏ। ଫାଶୀଦଣ୍ଡ ଭାରତ ଭଳି ୬୦ଟି ଦେଶରେ ପ୍ରଚଳିତ ଅଛି। ଉତ୍ତରକୋରିଆରେ ଅପରାଧୀକୁ ଭୟଙ୍କର କୁକୁର ସାମ୍ନାକୁ ନିକ୍ଷେପ କରାଯାଏ। କୁକୁରଟି ତା'ର ତଣ୍ଟିକୁ ଝୁଣି ତାକୁ ମାରିଦିଏ। ଇଂଲଣ୍ଡରେ କେବଳ ଆତଙ୍କବାଦରେ ଲିପ୍ତ ବ୍ୟକ୍ତିକୁ ଫାଶୀଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି। ସେହି ମର୍ମରେ ଅନେକେ ମତଦିଅନ୍ତି ଯେ ଆମ ଦେଶରେ କେବଳ ଆତଙ୍କବାଦୀ ଓ ଦେଶଦ୍ରୋହୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ଓ ଅନ୍ୟ ଅପରାଧୀଙ୍କୁ କେବଳ ଜେଲଦଣ୍ଡ ଦିଆଯାଉ। କିନ୍ତୁ ନାବାଳିକା ଯୌନପୀଡକଙ୍କୁ ମୃତ୍ୟୁଦଣ୍ଡ ଦେବା ସପକ୍ଷରେ ସଂଖ୍ୟାଧିକ ଭାରତୀୟଙ୍କ ସମର୍ଥନ ରହିଛି। ନିକଟରେ କେନ୍ଦ୍ର ସରକାର ୧୨ ବର୍ଷରୁ କମ୍ ବାଳିକାଙ୍କୁ ଯୌନ ଉତ୍ପୀଡନ କ୍ଷେତ୍ରରେ ମୃତ୍ୟୁଦଣ୍ଡ ନିମିତ୍ତ ଅଧ୍ୟାଦେଶ ଜାରି କରିଛନ୍ତି।

ବିଭିନ୍ନ ଦେଶର ମୃତ୍ୟୁଦଣ୍ଡ ପ୍ରଣାଳୀକୁ ସମୀକ୍ଷା କରି ଏହି ନିଷ୍କର୍ଷ ଉପଲବ୍ଧ ହୋଇଛି ଯେ, ଫାଶୀ ଦଣ୍ଡ ସବୁଠାରୁ ସହଜ ଓ ସରଳ ପଦ୍ଧତି। ତଥାପି ଏଥିପାଇଁ ମାନବାଧିକାରକୁ ଯଦି ବିଚାରକୁ ନିଆଯାଏ, ତେବେ ଆଇନ ବିଶାରଦ, ବୁଦ୍ଧିଜୀବୀ ଓ ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷଙ୍କ ସମୀକ୍ଷାର ଆବଶ୍ୟକତା ଅଛି। ମାନବାଧିକାର ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେଣୁ ଏ ଦେଶର ସମସ୍ତ ସରକାରୀ ଅଧିକାରୀ ଓ ସାମାଜିକ କର୍ମୀ ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ। ଅସାମାଜିକ ଓ ମଦ୍ୟପଙ୍କ କାର୍ଯ୍ୟକଳାପରେ ସାଧାରଣ ଜନତା ତ୍ରାହି ତ୍ରାହି ଚିତ୍କାର କରୁଥିବା ବେଳେ ସେମାନଙ୍କ ମାନବାଧିକାର କ୍ଷୁଣ୍ଣ ହେଲା ବୋଲି କେହି ବିଚାରନ୍ତି ନାହିଁ, ବରଂ ଦୁରାତ୍ମାମାନଙ୍କୁ ଆଇନ ବଳରେ ଦଣ୍ଡ ମିଳିଲେ ଆମେ ମାନବିକ ଅଧିକାର ଉଲ୍ଲଂଘନ ହେଲା ବୋଲି ଉଚ୍ଚସ୍ୱରରେ ପ୍ରତିବାଦ କରୁ। ଚୌର୍ଯ୍ୟବୃତ୍ତି ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିର ମାନବାଧିକାର ବିପନ୍ନ ହେଲା ବୋଲି କେହି ପ୍ରତିବାଦ କରନ୍ତି ନାହିଁ ବରଂ ଚୋରକୁ ଶାସ୍ତି ମିଳିଲେ ମାନବାଧିକାର ବ୍ୟାହତ ହେଲାବୋଲି ଆମେ ଅଭିଯୋଗ କରୁ। ପ୍ରତିରକ୍ଷା ସମ୍ବନ୍ଧିତ ନଥିପତ୍ର, ନକ୍ସା କିମ୍ବା ଉତ୍ତୋଳିତ ଫଟୋକପି ପଡୋଶୀ ରାଷ୍ଟ୍ରକୁ ଅର୍ଥ, ନାରୀପ୍ରୀତି କିମ୍ବା ଅନ୍ୟ କୌଣସି ପାରିତୋଷିକ ବିନିମୟରେ ହସ୍ତାନ୍ତର ଏକ ଜଘନ୍ୟ ରାଷ୍ଟ୍ରଦ୍ରୋହ। ଏଭଳି ରାଷ୍ଟ୍ରଦ୍ରୋହୀ ଉପରେ ବିହିତ କାର୍ଯ୍ୟାନୁଷ୍ଠାନକୁ ତା'ର ସମ୍ପର୍କୀୟମାନେ ମାନବାଧିକାରର ସଂହାର ବୋଲି ଅଭିଯୋଗ କରିବା ଘୋର ପରିତାପର ବିଷୟ। ଆତଙ୍କବାଦୀ ପ୍ରତ୍ୟହ ନରସଂହାର କରୁଥିଲେ ମଧ୍ୟ ମୃତକଙ୍କ ପାଇଁ ଆମେ ଯେତେ ସମ୍ବେଦନଶୀଳ ନୋହୁଁ, ଆତତାୟୀକୁ ଏନ୍‌କାଉଣ୍ଟର କରାଗଲେ କିମ୍ବା ବିଚାରାଧୀନ କଏଦୀ ଭାବେ ରଖାଗଲେ, ତା'ର ମାନବାଧିକାର କ୍ଷୁଣ୍ଣ ହେଲା ବୋଲି ଆମେ ସ୍ୱର ଉତ୍ତୋଳନ କରୁ। ଦୁର୍ଦ୍ଦାନ୍ତ ଅପରାଧୀର ବର୍ବରୋଚିତ କାର୍ଯ୍ୟ ଦ୍ୱାରା ପୀଡିତା ପ୍ରତି ଆମ ସ୍ୱର ନରମି ଯାଉଥିବା ବେଳେ ଅପରାଧୀକୁ ଶାସ୍ତି ବିଧାନରେ ଆମେ ବିବ୍ରତ ହେଉ।

ଅନ୍ୟପକ୍ଷରେ ଜଣେ ପୁରୁଷ କିମ୍ବା ମହିଳା ନିଜ ଜୀବନସାଥୀ ବ୍ୟତୀତ ଅନ୍ୟ ସହ ଯୌନ ସମ୍ପର୍କ ରଖିବା ପ୍ରମାଣିତ ହେଲେ ଭାରତୀୟ ଦଣ୍ଡସଂହିତାର ଧାରା ୪୯୭ ଅନୁଯାୟୀ କେବଳ ପୁରୁଷ ଦଣ୍ଡିତ ହେଉଥିଲା। ମାତ୍ର ମହିଳାଙ୍କ ପ୍ରତି କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନ ଥିଲା। ୨୦୧୭ ଡିସେମ୍ବର ୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟଭିଚାର ସଂକ୍ରାନ୍ତୀୟ ଏକ ମାମଲାରେ ଏ ବିଷୟରେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କ ମତରେ ଧାରା ୪୯୭ ଏକ ପୁରୁଣା ଆଇନ। ଏଥିରେ ତତ୍କାଳୀନ ରକ୍ଷଣଶୀଳ ସମାଜର ଛବି ପ୍ରତିଫଳିତ। ଗତ ସେପ୍ଟେମ୍ବର ୨୭ ତାରିଖ ୨୦୧୮ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ପରକୀୟା ପ୍ରୀତି ବୈବାହିକ ସମ୍ପର୍କ ନଷ୍ଟ କରେ ନାହିଁ; ବରଂ ବୈବାହିକ ସମ୍ପର୍କରେ ସୃଷ୍ଟ ମନାନ୍ତରରୁ ପରକୀୟା ପ୍ରୀତି ଜନ୍ମ ନିଏ। ନିଜ ପସନ୍ଦର ସାଥୀ ଚୟନ କରିବା ଉଭୟ ନାରୀ ଏବଂ ପୁରୁଷର ନିଜ ଅଧିକାର ପରିସରଭୁକ୍ତ। ନୂତନ ରାୟରେ ନାରୀର ମାନବାଧିକାରକୁ ପୂର୍ବବତ୍ ଗୁରୁତ୍ୱ ପ୍ରଦାନ କରାଯାଇ ପୁରୁଷର ଅଧିକାରକୁ ନ୍ୟୂନ କରାଯାଇଛି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି। ଏପରି କି ନିଜ ପତ୍ନୀକୁ ଯୌନ ସମ୍ପର୍କ ପାଇଁ ବାଧ୍ୟ କରାଯାଇପାରିବ ନାହିଁ। କୋର୍ଟଙ୍କ ମତରେ ସ୍ୱାମୀସ୍ତ୍ରୀ ଛାଡପତ୍ର ମାଧ୍ୟମରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ନୂତନ ସାଥୀ ଚୟନ କରିପାରିବେ। ଏତଦ୍ୱାରା ଉଭୟଙ୍କ ମାନବାଧିକାର ସୁରକ୍ଷିତ ରହିପାରିବ। ନାରୀ କିମ୍ବା ପୁରୁଷଙ୍କୁ ସାଥୀ ଚୟନର ଅଧିକାର ଏଥିରେ ଦିଆଯାଇଛି। ମାତ୍ର ଏହା ଭାରତୀୟ ବୈବାହିକ ଜୀବନର ପରିପନ୍ଥୀ ବୋଲି ଅନେକ ବୁଦ୍ଧିଜୀବୀ ବିଚାର କରନ୍ତି।

ଅବଶ୍ୟ ନାରୀଙ୍କୁ ସମ୍ମାନ ଦେବା ଲାଗି ଭାରତୀୟ ନୀତିଶାସ୍ତ୍ରଗୁଡ଼ିକ ଦୃଢ ମତପୋଷଣ କରନ୍ତି। ଆମ ପୃଥିବୀ ଈଶ୍ୱରଙ୍କର ଏକ ପୁଷ୍ପୋଦ୍ୟାନ ଏବଂ ଏଥିରେ ପ୍ରସ୍ଫୁଟିତ ସୁଲଳିତ କୋମଳ ପୁଷ୍ପ ସମ୍ଭାର ହେଉଛନ୍ତି ବାଳିକାମାନେ। ପୁଷ୍ପୋଦ୍ୟାନକୁ ସଯତ୍ନେ ସମାଦରରେ ସୁରକ୍ଷିତ ରଖିଲେ ଉଦ୍ୟାନର ଶୋଭାବର୍ଦ୍ଧନ ହେବ। ଅନ୍ୟଥା ସେଗୁଡିକୁ ବୃନ୍ତଚ୍ୟୁତ କରି ଖିନ୍‌ଭିନ୍ କରିବା ଆସୁରିକ ପ୍ରବୃତ୍ତିର ପରିଚାୟକ। ମଧ୍ୟଯୁଗୀୟ ନାରୀ ପୁରୁଷର ଔଦ୍ଧତ୍ୟ ବିରୋଧରେ ସ୍ୱରୋତ୍ତୋଳନ କରି ନ ପାରି ନିଜ ଉପରକୁ ଆମନ୍ତ୍ରିତ କରୁଥିଲା ଅତ୍ୟାଚାରର ଅଭେଦ୍ୟ ପ୍ରାଚୀର। ବାଲ୍ୟବିଧବାର ଦାରୁଣ ସ୍ଥିତି ଅବା ସତୀଦାହର ଅମାନୁଷିକତାର ଖୋଳପା ଭିତରୁ ମୁକ୍ତିଲାଭ କରିଥିବା ସେଦିନର ସେ ଅସୂର୍ଯ୍ୟଂପଶ୍ୟା ନାରୀର ନିଃସନ୍ଦେହରେ ସାମାଜିକ ବିକାଶ ସାଧିତ ହୋଇଛି। ଆଧୁନିକା ନାରୀ ସେ ବର୍ବରତାରୁ ମୁକ୍ତ ହୋଇଛି, ଏହା ସମାଜ ପାଇଁ ଏକ ଶୁଭସୂଚନା। ମାତ୍ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାରେ ପରିଣତ କରି ଆଦିମ ନଗ୍ନତାକୁ ଗ୍ରହଣ କରିନେବା କେତେଦୂର ଯୁକ୍ତିଯୁକ୍ତ? ପୁରୁଷ ହେଉ ବା ନାରୀ ପ୍ରତିପକ୍ଷର ମାନବିକ ଅଧିକାରର ସୁରକ୍ଷା ପାଇଁ ପ୍ରୟାସୀ ହେବା ବାଞ୍ଛନୀୟ। ପୋଷାକ ବଦଳାଇବା ପରି ପାଶ୍ଚାତ୍ୟ ନାରୀ କିମ୍ବା ପୁରୁଷ ହୁଏତ ଜୀବନ ସାଥୀ ବଦଳାଇ ପାରେ ମାତ୍ର ଭାରତୀୟ ପରମ୍ପରା ନାରୀ ଓ ପୁରୁଷ ପ୍ରତି କିଛି ଲକ୍ଷ୍ମଣରେଖା ଆଙ୍କିଛି; ଯାହାକୁ ଅତିକ୍ରମ କଲେ ଉଭୟ ଗୌରବ ହରାଇବାର ଆଶଙ୍କା ରହିଛି।

ଜଘନ୍ୟ ଅପରାଧୀର ମୃତ୍ୟୁଦଣ୍ଡ ହିଁ ଏକମାତ୍ର ବିକଳ୍ପ। ଏହାଦ୍ୱାରା ମାନବିକ ଅଧିକାର ହନନ ହେଲା ବୋଲି ବିଚାର କରା ନ ଯାଉ। ମାନବିକ ଅଧିକାର ସୁରକ୍ଷା ଆଳରେ ଦଣ୍ଡ କୋହଳ କରାଗଲେ, ଆପରାଧିକ ମାନସିକତା ବୃଦ୍ଧି ପାଇବା ହିଁ ସାରହେବ। ବିରଳରୁ ଅତି ବିରଳ ଅପରାଧ ପାଇଁ କଠିନ ଦଣ୍ଡ ହିଁ ନୂତନ ଅପରାଧକୁ ନିରୁତ୍ସାହିତ କରିବ। ନାରୀ, ପୁରୁଷ ନିର୍ବିଶେଷରେ ଏଥିପାଇଁ ଲୋଡା ଐକାନ୍ତିକ ଇଚ୍ଛାଶକ୍ତି ଓ ପ୍ରେରଣା।

ସିଦ୍ଧଳ, ଜଗତ୍‌ସିଂପୁର, ମୋ-୯୯୩୭୪୫୦୫୪୦

# ଶୀତ ପରେ ବସନ୍ତ



ଉପେନ୍ଦ୍ର ବିଶ୍ୱାଳ

'ଧାରେ ହସ' ଶୀର୍ଷକ ମୋର ପ୍ରବନ୍ଧଟିଏ ପାଠକଲା ପରେ କଲ୍ୟାଣୀ ନାମ୍ନୀ ଶିକ୍ଷୟିତ୍ରୀ କହିଲେ ''ଭଗବାନ ଯାହା ଓଠରୁ ସବୁଦିନ ପାଇଁ ହସ ଲିଭାଇ ଦେଇଛନ୍ତି, ସେ ବା ହସିବ କେମିତି ?'' ଅବଶ୍ୟ ବେଦନାଭରା ଥିଲା ତାଙ୍କ ଜୀବନ କାହାଣୀ। ଦୁର୍ଭାଗ୍ୟର କଳାବାଦଲ ଘୋଟିଆସିଛି ତାଙ୍କ ଜୀବନରେ। ପ୍ରଥମେ ମା'ଙ୍କୁ ଓ ପରେ ବାପାଙ୍କୁ ହରାଇ ଦିଗହରା ହେଲେ। ଏକମାତ୍ର ଭାଇ ହିଁ ସାହାରା ସାଜି ଭଉଣୀର ବିବାହ କରାଇଦିଏ। ମାତ୍ର ନିୟତି ନିଷ୍ଠୁର ସାଜିଥିଲା। ସ୍ୱାମୀଙ୍କ ନିର୍ଯାତନା ଥିଲା ତାଙ୍କ ପାଇଁ ଆହୁରି ଅସହ୍ୟ। ଜୀବନ ବଞ୍ଚାଇବାକୁ ଯାଇ ଭଉଣୀଟି ଫେରିଆସେ ଭାଇର ଆଶ୍ରାରେ। ବିବାହ ପରେ ଭାଇ ମଧ୍ୟ ହାତ ଛାଡ଼ିଦିଏ। ତା'ପରେ ଚାରିଦିଗ ଅନ୍ଧାର।

ସ୍ୱାଭାବିକ ଭାବେ ମଣିଷ ସ୍ୱପ୍ନବିଭୋର ଓ ଆନନ୍ଦ ଆଶାୟୀ। ସ୍ୱପ୍ନ ଦେଖେ ସୁଖ ସାଉଁଟିବାକୁ। ଦେଖୁଥିବା ସୁନେଲି ସ୍ୱପ୍ନ ବଦଳରେ ଦୁଃଖ ଦେଖାଦେଲେ ସେ ଭାଙ୍ଗିପଡ଼େ। ନିରାଶାର ଅନ୍ଧକାର ଖେଳିଯାଏ ତା' ଜୀବନରେ। ଦୁଃଖ ବା ଯନ୍ତ୍ରଣାକୁ ସହଜେ ହଜମ କରିପାରେନା। ଭାବେ 'ମୁଁ ହେଉଛି ପୃଥିବୀର ସବୁଠୁ ଦୁଃଖୀ ମଣିଷ। ଯାବତୀୟ ଯାତନାକୁ ଭଗବାନ ମୋ ଉପରେ ଲଦି ଦେଇଛନ୍ତି। ଭଗବାନ ମୋ ପ୍ରତି ଅନ୍ୟାୟ କରିଛନ୍ତି।' ବାସ୍ତବରେ ଭଗବାନ କାହା ପ୍ରତି ଅନ୍ୟାୟ କରନ୍ତି ନାହିଁ। ବୁଝିବାରେ ଭୁଲ ରହିଯାଏ ଆମର। ନିଜ ତରାଜୁରେ ସବୁକିଛି ନିଜେ ତଉଲି ନେଉ। ଭୁଲିଯାଉ ବାସ୍ତବତାକୁ। ସୁଖ-ଦୁଃଖ ଜୀବନର ଦୁଇଟି ପାର୍ଶ୍ୱ। ଉଦୟ ପରେ ଅସ୍ତ ପରି ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସେ। ଅମା ଅନ୍ଧାର ପରେ ତ ଆସେ ପୂର୍ଣ୍ଣମୀର ଚାନ୍ଦିନୀ ରାତି। ପୃଥିବୀରେ ଏମିତି କେହି ନାହାନ୍ତି, ଯାହାଙ୍କ ଜୀବନରେ କେବେ ଦୁଃଖ ଆସିନି। ଦୁଃଖକୁ ଦୟଣାମାଳ କରି, ତାହାକୁ ଈଶ୍ୱରଙ୍କ ଆଶୀର୍ବାଦ ମନେକରି ଯେ ବାଟ ଚାଲିଛି ସେ ହିଁ ଲେଖିଛି ଜୀବନର ଜୟଗୀତି, ପିନ୍ଧିଛି ଜୟମାଲ୍ୟ। ଏକମାତ୍ର ପୁତ୍ରକୁ ହରାଇ ଭାଙ୍ଗିପଡ଼ିଥିବା ମା' କିସା ଗୌତମୀକୁ ଭଗବାନ ବୁଦ୍ଧ ମଧ୍ୟ ସେଦିନ ବତାଇଥିଲେ ଜୀବନର କଠୋର ସତ୍ୟ। ମୃତ ପୁତ୍ରକୁ ନେଇ ଭଗବାନଙ୍କ ପାଦତଳେ ଶୁଆଇ ଦେଇ କାତର ପ୍ରାର୍ଥନା କରିଥିଲେ ପୁଅର ଜୀବନ ଫେରାଇ ଦେବାକୁ। ମମତାମୟୀ ମା'ର ମନୋଭାବ ବୁଝି ଗୌତମୀକୁ ପରାମର୍ଶ ଦେଲେ ମୁଠାଏ ସୋରିଷ ସଂଗ୍ରହ କରି ନେଇ ଆସିବାକୁ, ଯାହା ଘରୁ କେହିବି କେବେ ମରି ନ ଥିବେ, ତାଙ୍କ ଘରୁ। ପୁତ୍ରମୋହରେ ପାଗଳପ୍ରାୟ ଦୌଡ଼ି ଚାଲିଲେ ଗୌତମୀ ଏଘରୁ ସେଘର, ଏ ଗାଁରୁ ସେ ଗାଁ। କିନ୍ତୁ କୌଣସି ଘର ପାଇଲେ ନାହିଁ, ଯେଉଁଠି ମୃତ୍ୟୁଜନିତ ଶୋକ ସ୍ପର୍ଶ କରିନାହିଁ। ଶେଷରେ ନିରାଶ ହୋଇ ଫେରିଆସି ଲୋଟିପଡ଼ିଲେ ଭଗବାନଙ୍କ ପାଦତଳେ। ସେଇଠୁ ଆଦରିନେଲେ 'ବୁଦ୍ଧଂ ଶରଣଂ ଗଚ୍ଛାମି'ର ଶାଶ୍ୱତ ସତ୍ୟକୁ।

ଦୁଃଖରେ ଭାରାକ୍ରାନ୍ତ ଥିଲା ଭଗବାନ ଶ୍ରୀରାମଙ୍କ ତମାମ ଜୀବନ। ଜୀବନର ଶେଷ ପର୍ଯ୍ୟାୟରେ ଯଦୁବଂଶ ଧ୍ୱଂସର ପଦଚିହ୍ନ ଦେଖି ଦୁଃଖାଭିଭୂତ ହୋଇପଡ଼ିଥିଲେ ଭଗବାନ ଶ୍ରୀକୃଷ୍ଣ। ଦୁଃଖଯାତନାରେ ଜର୍ଜରିତ ଥିଲା ପ୍ରଭୁ ଯିଶୁ ଓ ରସୁଲ ମହମ୍ମଦଙ୍କ ଜୀବନ। ଦ୍ରୌପଦୀ, କୁନ୍ତୀ, ଅହଲ୍ୟା, ମୀରା, ସୀତା, ସାବିତ୍ରୀ ଆଦିଙ୍କ ଜୀବନ ତ ଥିଲା ଦୁଃଖଭରା। ବହିବନ୍ଧାଳିରୁ ବୈଜ୍ଞାନିକ ହୋଇଥିବା ମାଇକେଲ ଫାରାଡେଙ୍କଠୁ ନେଲସନ୍ ମଣ୍ଡେଲାଙ୍କ ପର୍ଯ୍ୟନ୍ତ, ଆବ୍ରାହମ୍ ଲିଙ୍କନ୍, ଆମ୍ବେଡକରଙ୍କଠାରୁ ଅବଦୁଲ୍ କଲାମ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଥିଲା ଦୁଃଖ ଓ ଯନ୍ତ୍ରଣାମୟ। କିନ୍ତୁ ଏମାନେ ଏମିତି ଦୁଃଖରେ ଭାଙ୍ଗିଯାଇ ନ ଥିଲେ। ବରଂ ଦୁଃଖ ତାଙ୍କୁ ଦେଖାଇଥିଲା ବଞ୍ଚିବାର ବାଟ, ବଢ଼ିବାର ବାଟ। ଦୁଃଖ ତାଙ୍କଠାରେ ଅଭିଶାପ ନୁହେଁ ବରଂ ଆଶୀର୍ବାଦ ରୂପେ ଉଭା ହୋଇଥିଲା। ଦୁଃଖ ଓ ଲାଞ୍ଛନା ତ ମୋହନ ଦାସଙ୍କୁ ମହାତ୍ମାରେ ପରିଣତ କରିପାରିଥିଲା। ଦୁଃଖ ତ କାଳିଦାସଙ୍କୁ ମହାକବିରେ ପରିଣତ କରିଥିଲା। ଦୁନିଆରେ ଏମିତି କେହି ମହାପୁରୁଷ ନ ଥିବେ ଯିଏ କି ଜୀବନରେ କେବେ ଦୁଃଖ ବା ଝଡ଼ଝଞ୍ଜାକୁ ସାମ୍ନା କରି ନ ଥିବେ। ଦୁଃଖ ଆମ ଭିତରେ ସୃଷ୍ଟି କରିଥାଏ ସହନଶୀଳତା, ସମ୍ବେଦନଶୀଳତା। ଦୁଃଖ ଆମକୁ ନାନା ଶିକ୍ଷା ଦିଏ ଓ ସଚେତନ କରାଏ। ସଂଯମ ଓ ସଂସ୍କାର ଶିଖାଏ। ସୁଖ ଆମକୁ ବିଳାସୀ ବା ବିକାରଗ୍ରସ୍ତ କରିବାକୁ ଆସୁଥିବାବେଳେ ଦୁଃଖ ଆସେ ଆମକୁ ଅଧିକ ବିଚାରବନ୍ତ, ଉଦାର ଓ ନମ୍ର କରିବାକୁ। ଦୁଃଖ ଆମକୁ ନୂତନ ଜ୍ଞାନ, ଅନୁଭୂତି, ଦିଗ୍‌ଦର୍ଶନ ଦେଇଥାଏ। ଦୁଃଖ ବତାଏ ବଞ୍ଚିବା ଓ ବଢ଼ିବାର ବାଟ। ଯେ ପର୍ଯ୍ୟନ୍ତ ଜୀବନ ଅଛି, ସେ ପର୍ଯ୍ୟନ୍ତ ଦୁଃଖ ଅଛି, ଯନ୍ତ୍ରଣା ଅଛି। ଜୀବନରେ ଦୁଃଖ-କଷ୍ଟ, ବାଧା-ବିଘ୍ନ, କଠିନତା, ପ୍ରତିକୂଳତା ଆସିବ ହିଁ ଆସିବ। ମାତ୍ର ସେଥିରେ ବିଚଳିତ ଓ ଧୈର୍ଯ୍ୟଚ୍ୟୁତ ହେବା ସ୍ପୃହଣୀୟ ନୁହେଁ। ନିଆଁର ଜ୍ୱାଳାକୁ ସହିଲେ ହିଁ ମାଠିଆଟି ଟାଣ ହୁଏ, ଦୀର୍ଘସ୍ଥାୟୀ ହୁଏ। ପ୍ରକୃତିର ନିୟମ ଅନୁଯାୟୀ ପିଣ୍ଡରେ ଦିନେ ପ୍ରାଣ ସଞ୍ଚାର ହୋଇଛି ମାନେ ଦିନେ ନା ଦିନେ ସେହି ପିଣ୍ଡରୁ ପ୍ରାଣ ଉଡ଼ିଯିବ। ଜୀବନରେ ଗୋଟିଏ ଦ୍ୱାର ଯଦି ବନ୍ଦ ହୋଇଯାଇଛି ତ କେଉଁଠି ନା କେଉଁଠି ଆଉ ଗୋଟିଏ ଦ୍ୱାର ଆମ ପାଇଁ ମେଲା ରହିଛି। ଅତଏବ ଦୁଃଖରେ ବିବ୍ରତ ହେବା, ଭାଙ୍ଗିପଡ଼ିବା ଉଚିତ ନୁହେଁ। ତାକୁ ସାହସ ଓ ଧୈର୍ଯ୍ୟର ସହିତ ସାମ୍ନା କରିବା ଉଚିତ। ସୁଖ ବା ଦୁଃଖ ଚିରସ୍ଥାୟୀ ନୁହେଁ। ଅତଏବ ମନକୁ ବିଚଳିତ ନ କରି ସ୍ଥିର ରଖିବା ଉଚିତ। ଶୀତ ପରେ ବସନ୍ତ ଆସିବା ପରି କଲ୍ୟାଣୀଙ୍କ ଦୁଃଖ ହୁଏତ ଆଗାମୀ ଦିନରେ ଦୂର ହୋଇପାରେ, ଏଇ ଆଶା ରଖି ଜୀବନଯୁଦ୍ଧରେ ଆଗେଇ ଚାଲିବା ଉଚିତ।

ନୀଳଗିରି, ବାଲେଶ୍ୱର, ମୋ- ୯୪୩୭୪୩୬୦୭୩,
ଇ-ମେଲ: unbiswal05@gmail.com

## ଏଇ ଭାରତରେ

କେତେକେ ଜୀବନ ଧାରଣ ପାଇଁ ଯେଉଁଭଳି କଷ୍ଟ ବରଣ କରିଥାଆନ୍ତି ତାହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ତ୍ରିପୁରାର ରାଜଧାନୀ ଅଗରତାଲାରେ ରିକ୍‌ସା ଚଳାଉଥିବା ସୋମା ଚକ୍ରବର୍ତ୍ତୀ। ସେ ଝିଅକୁ କପଡାରେ ବାନ୍ଧି ଛାତିରେ ଧରିବା ସହିତ ପେଟ ପୋଷିବା ପାଇଁ ଦିନସାରା ରାଜରାସ୍ତାରେ ରିକ୍ସା ଟାଣନ୍ତି। ତାଙ୍କ ପ୍ରତି ସହାନୁଭୂତି ଦେଖାଇ ଅନେକେ ଅଧାବାଟରୁ ରିକ୍ସାରୁ ଓହ୍ଲାଇ ପଡନ୍ତି ତ ଆଉ କେହି ଆବଶ୍ୟକ ପାଉଣାଠାରୁ ଅଧିକ ବି ଦେଇଥାଆନ୍ତି। ସୋମାଙ୍କ ଏଭଳି ଜୀବନଶୈଳୀ ଯେ କେହି ବି ଦେଖିଲେ ତାଙ୍କ ମନରେ ଦୟା ଆସିବ ନିଶ୍ଚୟ। ସବୁ ବାଧା ପ୍ରତିବନ୍ଧକକୁ ଏଡାଇ ସେ ପେଟ ପୋଷିବା ପାଇଁ ଏଭଳି ପେସା ଆବୋରି ନେଇଛନ୍ତି। ଘରେ ତାଙ୍କର ଅନ୍ୟ ୪ଟି ପିଲା ଅଛନ୍ତି। ତେବେ ସବୁଠାରୁ ଛୋଟ ପିଲାକୁ ସୋମା ନିଜ ସାଥିରେ ନେଇ ଆସନ୍ତି। ପିଲା ପାଇଁ କ୍ଷୀର ବୋତଲ ବି ଆଣିଥାଆନ୍ତି। ସୋମା ନିଜ ଝିଅକୁ ଯେଉଁ ଢଙ୍ଗରେ ଧରି ରିକ୍ସା ଚଳାନ୍ତି ତାହାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି।

## ଚିରନ୍ତନୀ

ଲୁଣ୍ଠାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅଯୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ !

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଜାଣି ଅଜଣା

ମହାଶୟ,

ଢେଙ୍କାନାଳର ବାଲିଚିକିରିଠାରେ ଏକ ମିଶନାରୀ ସଂସ୍ଥା ଅନେକ ନିରାଶ୍ରୟ ଝିଅପୁଅଙ୍କୁ ଆଶ୍ରୟ ଦେଇ ଯୌନଶୋଷଣ, ଧର୍ମାନ୍ତରୀକରଣ ଏବଂ ବାହାର ରାଜ୍ୟକୁ ଚାଲାଣ କରୁଥିଲା। ସଂସ୍ଥାର ମୁଖ୍ୟଙ୍କ ସହିତ ପରିଚାଳକଙ୍କର ମନୋମାଳିନ୍ୟ ହୋଇ ନ ଥିଲେ ଏ କେଳେଙ୍କାରୀର ପର୍ଦ୍ଦାଫାଶ ହୋଇ ନ ଥାନ୍ତା। ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଏହି ମିଶନାରୀ ସଂସ୍ଥାର ୨୬ଟି ବ୍ରାଞ୍ଚ ରହିଛି। ମନେହୁଏ ଆମ ସରକାରଙ୍କର ବିଭାଗୀୟ ସଂସ୍ଥା ସବୁ ଜାଣି ନ ଜାଣିଲା ପରି ରହୁଥିଲା କିମ୍ବା ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁ ନ ଥିଲା। ତେଣୁ ଏହି ମିଶନାରୀ ସଂସ୍ଥାର ମୁଖ୍ୟ ଏବଂ ଏହା ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବିଭାଗୀୟ କର୍ମଚାରୀ ଏବଂ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପିଠା ଯୋଜନା ମାଧ୍ୟମରେ ଭତ୍ତା ବଣ୍ଟନ

ପିଠା ଯୋଜନାରେ ଏଣିକି ପ୍ରତିମାସ ୧୫ରୁ ୨୦ ତାରିଖ ମଧ୍ୟରେ ବିଭିନ୍ନ ଶିବିର ଖୋଲାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ପେନ୍‌ସନ ବଣ୍ଟନ କରାଯିବ। କିନ୍ତୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀମାନଙ୍କୁ ଯେଉଁ ପରିମାଣର ଭତ୍ତା ବଣ୍ଟନ କରାଯାଉଛି, ତାହା ଅତ୍ୟନ୍ତ ସାମାନ୍ୟ ଏବଂ ତାହା ସେମାନଙ୍କର ମାସିକ ଖୋରାକ ପାଇଁ ନିଅଣ୍ଟ ହେଉଛି। ତେଣୁ ସେହି ଭତ୍ତାର ପରିମାଣ ଅଧିକ ହେବା ଆବଶ୍ୟକ। ସରକାର ତାହା ବିଚାର କରିବା ଦରକାର।

ହେମଲତା ଦାସ, ବେପାରିସାହି, ବାରିପଦା

### ଆନ୍ଦୋଳନ ଓ ରାସ୍ତାରୋକୋ

ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ଥିଲେ ମଧ୍ୟ ଏବେ ଏହାର ସ୍ୱରୂପ ବଦଳିଗଲାଣି। ସାମାନ୍ୟ କଥାରେ ରାସ୍ତାରୋକୋ ସହ ଭଙ୍ଗାରୁଜା ହେଉଛି। ଏହାଦ୍ୱାରା କେତେ ଯେ ସରକାରୀ ସମ୍ପତ୍ତି କ୍ଷତି ହେଉଛି ତାକୁ କେହି ହୃଦୟଙ୍ଗମ କରୁନାହାନ୍ତି। କେବଳ ଫାଇଦା ପାଇଁ ଏହା କରାଯାଉଥିବା ବେଳେ ଭବିଷ୍ୟତରେ ଏହା କେଉଁ ରୂପ ନେବ ତାକୁ ଉପଲବ୍ଧି କରିବା କଥା।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

# ରାଜନୀତି ପାଇଁ ଗୁଜରାଟ ଯାଇଛନ୍ତି ନବୀନ: ରୂପାନୀ

## ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନ କରିବା ନେଇ ସରକାରଙ୍କୁ ସମାଲୋଚନା

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

୧୯ ବର୍ଷ ପରେ ଗୁଜରାଟରେ ଥିବା ଓଡ଼ିଶାବାସୀଙ୍କ କଥା ମନେପଡ଼ିଲା। ଆଗକୁ ନିର୍ବାଚନ ଆସୁଥିବାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରିଛନ୍ତି। ମୁଁ ତାଙ୍କୁ ସ୍ୱାଗତ କରୁଛି ବୋଲି ସୋମବାର ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ କହିଛନ୍ତି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ରୂପାନୀ କହିଛନ୍ତି ଯେ, ଗୁଜରାଟରେ ଥିବା ୭/୯ ଲକ୍ଷ ଓଡ଼ିଆ ଲୋକଙ୍କ ପାଇଁ ଗୁଜରାଟ ସରକାର ଅନେକ ସୁବିଧା କରିଛି। ପୂର୍ବରୁ ସେମାନେ ଚାଳ ଘରେ ରହୁଥିଲେ। ଏବେ ସେ ଅବସ୍ଥା ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି। ଓଡ଼ିଆ ଭାଷାରେ ସେଠାକାର ପିଲାମାନେ ଶିକ୍ଷା ଲାଭ କରିବା ପାଇଁ ସରକାର ୭ଟି ସ୍କୁଲକୁ ସରକାରୀ ମାନ୍ୟତା ଦେଇଛନ୍ତି। ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଛି। ରାଜ୍ୟ ସରକାର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ବାର୍ଷିକ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଆମ ସ୍ୱାସ୍ଥ୍ୟ ଯୋଜନାକୁ ସେଥିରେ ମିଶାଇ ଦେଲୁ। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଛନ୍ତି। ବାକି ଅର୍ଥ ରାଜ୍ୟ ସରକାର ଦେଉଛନ୍ତି। ଓଡ଼ିଶାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରା ନ ଯିବାକୁ ରୂପାନୀ ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକମାନେ ପାଉଥିବା କାର୍ଡ କେବଳ ଓଡ଼ିଶାରେ କାମ ଦେବ। କିନ୍ତୁ ବାହାରେ କୌଣସି ଚିକିତ୍ସା ସୁବିଧା ମିଳିବ ନାହିଁ। ସ୍ୱାସ୍ଥ୍ୟସେବାରୁ ରାଜ୍ୟ ସରକାର ଲୋକମାନଙ୍କୁ ବଞ୍ଚିତ କରୁଛନ୍ତି ବୋଲି ସେ କହିଛନ୍ତି। ଗୁଜରାଟରେ ଥିବା ଓଡ଼ିଆ ଶ୍ରମିକମାନଙ୍କୁ ଶ୍ରମ ଆଇନ ଅନୁଯାୟୀ ସୁବିଧା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁଜରାଟରେ ରହୁଥିବା ଓଡ଼ିଆଙ୍କ ନିକଟକୁ ଯାଉଥିବା ସମ୍ପର୍କରେ ୧୫ ତାରିଖରେ ଚିଠି ଦେଇ ରାଜନୈତିକ ଉଦ୍ଦେଶ୍ୟରେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରିଛନ୍ତି। ନିଜ ଗସ୍ତକୁ ସେ କେବଳ ଏକ ସଂଯୋଗ କହିଛନ୍ତି। ଗୁଜରାଟରେ କାର୍ଯ୍ୟରତ ଶ୍ରମିକ ନିଜର ଝାଳବୁହା ଧନକୁ ଚିଟ୍‌ଫଣ୍ଡରେ ରଖିଥିଲେ। ସେ ପଇସା ସରକାର ତୁରନ୍ତ ଫେରାନ୍ତୁ ବୋଲି ରୂପାନୀ କହିଛନ୍ତି।

ଯୁଦ୍ଧବିମାନ ରାଫାଲ କିଣାରେ ଦୁର୍ନୀତି ଅଭିଯୋଗ ଆଣିଥିବା କଂଗ୍ରେସ ଉପରେ ସେ ଜୋରଦାର ବର୍ଷିଥିଲେ। ସେ କହିଥିଲେ ଯେ, ରାଫାଲ କିଣାରେ କୌଣସି ଦୁର୍ନୀତି ହୋଇ ନ ଥିବା ସୁପ୍ରିମକୋର୍ଟ ରାୟରେ ଶୁଣାଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ କଂଗ୍ରେସକୁ ଏକ ଶକ୍ତ ଚାପୁଡ଼ା ଦେଇଛି। ଦେଶର ସୁରକ୍ଷା ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଶ୍ୱାସଘାତକତା କରିଛନ୍ତି। ଦେଶବାସୀ ଏବଂ ଯବାନଙ୍କୁ କ୍ଷମା ମାଗିବା ଦରକାର। ରାଫାଲ ଚୁକ୍ତି ୨୦୦୭ରୁ ହେବାର ଥିଲା। ୨୦୧୪ ପର୍ଯ୍ୟନ୍ତ କାହିଁକି କରାଯାଉ ନ ଥିଲା। ଭାଗବଣ୍ଟା କରିବାକୁ କଂଗ୍ରେସକୁ କ'ଣ ଦଲାଲ ମିଳୁ ନ ଥିଲେ କି ବୋଲି ରୂପାନୀ ପ୍ରଶ୍ନ କରିଛନ୍ତି। ସବୁ ଚୋର ମିଶି ଚୌକିଦାରଙ୍କୁ ଚୋର କହିବା ଭଳି କଂଗ୍ରେସର ଆଦତ ହୋଇଛି। ରାଜନୀତି ପାଇଁ ସେ ଦେଶର ସୁରକ୍ଷାକୁ ମଧ୍ୟ ବଳି ପକାଇବାକୁ ପଛାଇବେ ନାହିଁ। ସୁପ୍ରିମକୋର୍ଟ ରାୟ ଶୁଣାଇବା ପରେ ପାଣି ଓ କ୍ଷୀର ଅଲଗା ହୋଇଯାଇଛି। ଯଦି ରାହୁଲଙ୍କ ପାଖରେ କୌଣସି ପ୍ରମାଣ ଅଛି ତେବେ ସେ ସୁପ୍ରିମକୋର୍ଟକୁ ଦେଲେ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଗାନ୍ଧୀ ପରିବାର କାହାକୁ ମାନନ୍ତି ନାହିଁ। ସୁପ୍ରିମକୋର୍ଟଙ୍କ ରାୟକୁ ମଧ୍ୟ ମାନୁନାହାନ୍ତି ବୋଲି ରୂପାନୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ, ମୁଖପାତ୍ର ଗୋଲକ ନାୟକ, ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି, ଭୃଗୁ ବକ୍ସିପାତ୍ର ପ୍ରମୁଖ ଯୋଗଦେଇଥିଲେ।




ଖବରଦାତା ସମ୍ମିଳନୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓ ରାଜ୍ୟ ଭାଜପା ନେତୃବୃନ୍ଦ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ୨ ମୃତ

ସଇଁତଳା,୧୭।୧୨(ଡି.ଏନ.ଏ.) - ସଇଁତଳାସ୍ଥିତ ବଡ଼ମାଳ ଗୋଳାବାରୁଦ କାରଖାନା ଭିଆଇପି ଛକ ଗେଟ ନିକଟ ଏକ ଖୁଣ୍ଟରେ ରବିବାର ରାତିରେ ଦୁଇ ଜଣ ବାଇକ୍ ଆରୋହୀ ପିଟି ହୋଇ ମୃତ୍ୟୁ ହୋଇଛି। ଟିଟିଲାଗଡ଼ ଘଣ୍ଟାଶୁଣୀ ପଡ଼ାର ବିକଳ୍ପ ବିଶି(୨୬) ଓ ଗଣ୍ଡପତ୍ରାପାଲି ଗ୍ରାମର ବିଶ୍ୱମ୍ଭର ବଗର୍ତ୍ତା(୨୭)ଏକ ବାଇକ୍ ଯୋଗେ ଗୋଳାବାରୁଦ କାରଖାନା ମାର୍କେଟ କମ୍ପ୍ଲେକ୍ସରୁ ରାତି ୯ଟା ୩୦ମିନିଟ ସମୟରେ ଗଣ୍ଡପତ୍ରାପାଲି ଯିବା ପାଇଁ ବାହାରିଥିଲେ। ଫଂପସୀଠାରେ ଥିବା କାରଖାନାର ମୁଖ୍ୟ ଗେଟ ବନ୍ଦ ଥିବାବେଳେ ଛୋଟ ଗେଟ୍ ଦେଇ ଯାଉଥିବାବେଳେ ମିଲଟାରୀ ଇଞ୍ଜିନିୟରିଂ ସର୍ଭିସ ଗେଟର ଖୁଣ୍ଟରେ ଖୁବ୍ ଜୋରରେ ବାଡ଼େଇ ହୋଇଥିଲେ। ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇଥିବା ସଇଁତଳା ଏଏସଆଇ ମହେଶ୍ୱରଦାଶ ସୁନାନୀ ସୂଚନା ଦେଇଛନ୍ତି। ସଇଁତଳା ଥାନାରେ କେସ୍ ନଂ.୨୧୭ରେ ଏକ ମାମଲା ରୁଜୁ କରି ସୁନାନୀ ଘଟଣାର ତଦନ୍ତ କରୁଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛନ୍ତି।

### ୪୭ ଦିନରେ ଟିଟିଲାଗଡ ଜିଲା ଦାବି ଆନ୍ଦୋଳନ

ଟିଟିଲାଗଡ଼, ୧୭।୧୨ (ଡି.ଏନ,ଏ)- ଟିଟିଲାଗଡ ଜିଲା ଦାବିକୁ ନେଇ ଗତ ନଭେମ୍ବର ୧ତାରିଖରୁ ୪୭ଦିନ ହେବ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଏ ନେଇ ଉକ୍ତ ଦିନଠାରୁ ଉପଖଣ୍ଡ ମୁଖ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର କୋଶଲ ରାଜ୍ୟ ତଥା ଜିଲା ଦାବି ସମର୍ଥନରେ ଟିଟିଲାଗଡ ସହରର ସମସ୍ତ ଦୋକାନ ବଜାର ଆଦି ବ୍ୟବସାୟିକ ପ୍ରତିଷ୍ଠାନ, ରେଷ୍ଟୁରାଣ୍ଟ, ହୋଟେଲ ବନ୍ଦ କରିଥିଲେ। ବ୍ୟବସାୟୀମାନେ ସଂଘ ସଭାପତି ତ୍ରିନାଥ ସରାଫ, ଉପସଭାପତି ରାଜୁ ମିଶ୍ର, ସମ୍ପାଦକ ରାଜେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ବଜରଙ୍ଗଲାଲ ଜୈନ, କୋଷାଧ୍ୟକ୍ଷ ପ୍ରକାଶ ଅଗ୍ରୱାଲଙ୍କ ନେତୃତ୍ୱରେ ଟିଟିଲାଗଡ ଜିଲା ଦାବି ନେଇ ଗଣଧାରଣାରେ ସାମିଲ ହୋଇଛନ୍ତି। ବ୍ୟବସାୟୀ ସଂଘ ପକ୍ଷରୁ ଆନ୍ଦୋଳନରେ ବ୍ୟବସାୟୀ ସଂଘର ଗୁଲାବ ସୋନି, ରାଜେଶ ଅଗ୍ରୱାଲ, ରାଜେଶ ଜୈନ ପ୍ରମୁଖ ବ୍ୟବସାୟୀ ସାମିଲ ହୋଇଥିଲେ।

### ବାହାରିନ୍ ଗସ୍ତରେ ଭାଜପା ଯୁବମୋର୍ଚ୍ଚାର ୨ ଯୁବକ

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ): କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଭାରତ ବାହାରିନ୍ ଯୁବ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମର ଆୟୋଜନ ହେଉଛି। ଏହି କାର୍ଯ୍ୟକ୍ରମରେ ଭାରତର କଳା, ସଂସ୍କୃତି, କ୍ରୀଡ଼ା, ବିଜ୍ଞାନ ଆଦି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି। ବାହାରିନରେ ଆୟୋଜିତ ହେଉଥିବା ଯୁବ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମରେ ଭାରତର ୨୦ଜଣିଆ ପ୍ରତିନିଧି ଦଳ ସେଠାକୁ ଗସ୍ତ କରିଛନ୍ତି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ଓଡ଼ିଶା ପ୍ରଦେଶର ୨ଜଣ ଉଚ୍ଚଶିକ୍ଷିତ ଯୁବକ ଭାଗ ନେଇଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଚ୍ଛାୟତ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ଷଡ଼ଙ୍ଗୀ ସୋମବାର ବାହାରିନ୍ ଗସ୍ତରେ ବାହାରିଛନ୍ତି ବୋଲି ଟଙ୍କଧର ସୂଚନା ଦେଇଛନ୍ତି।

### ଓସିସିଏଲ୍‌ର ପୂର୍ବତନ ପରିଚାଳକଙ୍କୁ ୨ ବର୍ଷ ଜେଲ

କଟକ ଅଫିସ, ୧୭।୧୨: ଓଡ଼ିଶା କନଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ୍ (ଓସିସିଏଲ୍)ର ପୂର୍ବତନ ପରିଚାଳକ ବିକ୍ରମ କେଶରୀ ପଟ୍ଟନାୟକ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ପଟ୍ଟନାୟକଙ୍କ ବିରୋଧରେ ଆଗତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡ ଅନୁଯାୟୀ ପଟ୍ଟନାୟକଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା ହୋଇଛି। ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ପଟ୍ଟନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଖବର ପାଇଥିଲା। ତଦନୁଯାୟୀ ୧୯୯୬ ମାର୍ଚ୍ଚ ୨୬ରେ ଭିଜିଲାନ୍ସ ସେଲ୍ ପକ୍ଷରୁ ପଟ୍ଟନାୟକଙ୍କ ଘର, ସମ୍ପର୍କୀୟଙ୍କ ଘର ଓ ଅଫିସ ଆଦି ସ୍ଥାନରେ ଏକକାଳୀନ ଯାଞ୍ଚ ହୋଇଥିଲା। ଯାଞ୍ଚ ପରେ ପଟ୍ଟନାୟକଙ୍କ ବିରୋଧରେ ଭିଜିଲାନ୍ସ ସେଲ୍ ଥାନାରେ ୧୭/୧୯୯୬ରେ ମାମଲା ରୁଜୁ କରାଯାଇଥିଲା। ଭିଜିଲାନ୍ସର ଚାର୍ଜଶିଟରେ ପଟ୍ଟନାୟକ ୬ ଲକ୍ଷ ୩୫ହଜାର ୬୮୦ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସୁନୀଲ କୁମାର ପତି ମାମଲା ପରିଚାଳନା କରୁଥିଲେ।

## ଗୁଜରାଟରେ ଓଡ଼ିଶା ମହୋତ୍ସବ

# ‘ବାପୁଙ୍କ ଜନ୍ମସ୍ଥାନକୁ ଆସି ବହୁତ ଖୁସି’

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ବାପୁଙ୍କ ଜନ୍ମସ୍ଥାନ ଗୁଜରାଟକୁ ଆସିଥିବାରୁ ମୁଁ ବହୁତ ଖୁସି। ବାପୁଜୀ ଥିଲେ ଅହିଂସାର ପୂଜାରୀ। ତାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଅହିଂସାକୁ ଆମ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେଲେ ତାହା ବାପୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରଟଠାରେ ଅନୁଷ୍ଠିତ ଓଡ଼ିଶା ମହୋତ୍ସବରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅହିଂସା ସହ ଶାନ୍ତି ଏବଂ ଶାନ୍ତି ସହ ବିକାଶର ସମ୍ପର୍କ ରହିଛି। ବିକାଶ ହିଁ ଓଡ଼ିଶାର ପରିଚୟ। ଓଡ଼ିଆଙ୍କ ଦକ୍ଷତା ହିଁ ଓଡ଼ିଶାର ପରିଚୟ। କଳା, ସଂସ୍କୃତି ନୁହେଁ, ମାନବ ସମ୍ବଳ ହିଁ ଓଡ଼ିଶାର ପରିଚୟ। ରାଜ୍ୟର ବିକାଶ ଓ ଗୌରବରେ ପ୍ରତିଟି ଓଡ଼ିଆର ଅବଦାନ ରହିଥିବା ନବୀନ ପଟ୍ଟନାୟକ କହିଛନ୍ତି। ସୁରଟରେ ରହୁଥିବା ଓଡ଼ିଆ ବିଶେଷକରି ଛାତ୍ରୀଛାତ୍ରଙ୍କ ପାଇଁ ଖୁବ୍‌ଶୀଘ୍ର ଯୁକ୍ତ ଦୁଇ କଲେଜ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ଛାତ୍ରୀଛାତ୍ର ଯେପରି ଓଡ଼ିଆରେ ମାଟ୍ରିକ୍ ପରୀକ୍ଷା ଦେଇପାରିବେ, ସେନେଇ ବିଚାର କରାଯାଉଥିବା ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏଥିସହିତ ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ଯୋଗାଣ କରାଯିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସୁରଟରେ ରହୁଥିବା ଓଡ଼ିଆଙ୍କ ସାଂସ୍କୃତିକ ମନୋରଞ୍ଜନ ନିମିତ୍ତ ଗୋଷ୍ଠୀ କେନ୍ଦ୍ର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯିବା କଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏଥିସହ ଉକ୍ତ ସାଂସ୍କୃତିକ ଗୋଷ୍ଠୀ କେନ୍ଦ୍ର ପାଇଁ ୧୦ କୋଟି ଟଙ୍କାର ଅନୁଦାନ ମଧ୍ୟ ଘୋଷଣା କରାଯାଇଛି, ଯାହା ସେଠାରେ ରହୁଥିବା ଓଡ଼ିଆଙ୍କୁ ଉତ୍ସାହିତ କରିଛି। ସେହିପରି ବ୍ରହ୍ମପୁର-ସୁରଟକୁ ସିଧାସଳଖ ରେଳ ଚଳାଚଳ ଏବଂ ଭୁବନେଶ୍ୱର-ସୁରଟ ବିମାନ ଚଳାଚଳ ଦାବିକୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ମହୋତ୍ସବରେ ଦୋହରାଇଛନ୍ତି।

**ସାଂସ୍କୃତିକ କେନ୍ଦ୍ର ପାଇଁ ୧୦ କୋଟି ଅନୁଦାନ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯେପରି ଦେଶର ଯେ କୌଣସି ସ୍ଥାନରେ ରହୁଥିବା ପ୍ରତିଟି ଓଡ଼ିଆ ପାଖରେ ପହଞ୍ଚିବ, ସେନେଇ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସୁରଟରେ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁବିଧା ପାଇହେବ। ଏହି ଯୋଜନା ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ଏବଂ ଉପରେ ଥିବା ବ୍ୟକ୍ତିମାନେ ଉପକୃତ ହୋଇପାରିବେ। ପରିବାର ପାଇଁ ୫ ଲକ୍ଷ ଏବଂ ମହିଳାଙ୍କ ଲାଗି ୭ ଲକ୍ଷ ଟଙ୍କାର ବାର୍ଷିକ ଚିକିତ୍ସା ସହାୟତା ରହିଛି। ବୟନ ଓ ହସ୍ତଶିଳ୍ପ ଉତ୍ପାଦରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ନିକଟରେ ସମାପ୍ତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ରାଜ୍ୟ ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରସ୍ତାବିତ ପୁଞ୍ଜିନିବେଶ ଦ୍ୱାରା ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତେଣୁ ସମସ୍ତେ ଓଡ଼ିଶା ମା'ର ଗୌରବ ବୃଦ୍ଧି କରିବା ଲାଗି କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁରଟରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମହୋତ୍ସବରେ ଏକ ଲକ୍ଷରୁ ଅଧିକ ଓଡ଼ିଆଙ୍କ ସମାଗମ ହୋଇଥିଲା। ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ସଂଖ୍ୟାଧିକ ବିଧାୟକ ଏବଂ କିଛି ଅଧିକାରୀ ଏହି ମହୋତ୍ସବରେ ଯୋଗଦେଇଛନ୍ତି।



ଓଡ଼ିଶା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

### ରୂପାନୀଙ୍କ ସମାଲୋଚନାର ଜବାବ ରଖିଲା କଂଗ୍ରେସ

# ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର

ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ): ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓଡ଼ିଶା ଗସ୍ତରେ ଆସି ରାଫେଲ ପ୍ରସଙ୍ଗରେ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ତେବେ ରୂପାନୀଙ୍କ ସମାଲୋଚନାର ଜବାବ ରଖିଛି କଂଗ୍ରେସ। ରାଫେଲ ପ୍ରସଙ୍ଗରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମିଥ୍ୟା ତଥ୍ୟ ରଖିଛନ୍ତି ତେଣୁ ଦେଶବାସୀଙ୍କ ଆଗରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ରୂପାନୀ କହିଛନ୍ତି। ଅନ୍ୟପଟେ ରାଫେଲ ଦୁର୍ନୀତି କଥା ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଙ୍ଗାରେ ବୁଡ଼ ପକାଇ ନିଜ ପାପର ପ୍ରାୟଶ୍ଚିତ୍ତ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ରାଫେଲ୍ ଯୁଦ୍ଧ ବିମାନକୁ ନେଇ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଜାଣିଶୁଣି ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ଏପରି କି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କେନ୍ଦ୍ର ସରକାର ବିଭ୍ରାନ୍ତ କରିବାକୁ ଯେଉଁ ଅପଚେଷ୍ଟା କରିଥିଲେ ତା'ର ପର୍ଦ୍ଦାଫାଶ ଦେଶବାସୀଙ୍କ ଆଗରେ ହୋଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

କଂଗ୍ରେସ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିଡ଼ିଆ ସେଲ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି, କେନ୍ଦ୍ର ସରକାର କାଠଗଡ଼ାକୁ ଯାଇଛନ୍ତି। ମିଥ୍ୟା ତଥ୍ୟ ପ୍ରଦାନ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ବିଭ୍ରାନ୍ତ କରିବାର ଯେଉଁ ଅପଚେଷ୍ଟା କରାଯାଇଛି ତାହା ସ୍ୱାଧୀନୋତ୍ତର ଭାରତ ବର୍ଷର ଇତିହାସରେ ବିରଳ। ଏ ଭୁଲ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଙ୍ଗା ସ୍ନାନ କରି ନିଜ ପାପର ପ୍ରାୟଶ୍ଚିତ୍ତ କରନ୍ତୁ। ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଖବରଦାତା ସମ୍ମିଳନୀରେ ଉତ୍ଥାପନ କରିଥିବା ବିଷୟ ସମ୍ପୂର୍ଣ୍ଣ ମିଥ୍ୟା। ଯୁଦ୍ଧ ବିମାନ କିଣିବା ପ୍ରକ୍ରିୟା ୨୦୦୭ ନୁହେଁ ବରଂ ୨୦୦୧ରେ ଆରମ୍ଭ ହୋଇଥିଲା। ଯାହାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆରମ୍ଭ କରିଥିଲେ। ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜାନୁୟାରୀ ୨୦୧୨ରେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସର୍ବନିମ୍ନ ଟେଣ୍ଡର ଧାରକ ଭାବରେ ଉତ୍ତୀର୍ଣ୍ଣ ହୋଇଥିଲା। କିନ୍ତୁ ନିର୍ବାଚନ ଯୋଗୁ ଯୁଦ୍ଧ ବିମାନ କିଣିବାର ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ମୂଳତଃ ୧୨୬ଟି ଯୁଦ୍ଧବିମାନ କିଣିବାକୁ ନିଷ୍ପତ୍ତି ହୋଇଥିଲା ଏବଂ ତନ୍ମଧ୍ୟରୁ ୧୮ଟି ସିଧାସଳଖ କିଣାଯିବାକୁ ଥିବାବେଳେ ୧୦୮ଟି ଯୁଦ୍ଧ ବିମାନ ଭାରତରେ ହିନ୍ଦୁସ୍ଥାନ ଏରୋନୋଟିକ୍ସ ସହଭାଗିତାରେ ନିର୍ମାଣ କରିବାର ପ୍ରସ୍ତାବ ରହିଥିଲା। କିନ୍ତୁ କ'ଣ ପାଇଁ ମୂଳ ରାଜିନାମାକୁ ବଦଳକରି ୧୨୬ ଜାଗାରେ ୩୬ଟି ଯୁଦ୍ଧବିମାନ କିଣିବାକୁ ମୋଦି ସରକାର ନିଷ୍ପତ୍ତି ନେଲେ ସେ କଥା ଅଦ୍ୟାବଧି ରହସ୍ୟ ଘେରରେ ରହିଛି। ଏକ ଯୁଗ୍ମ ସଂସଦୀୟ କମିଟି(ଜେପିସି) ଦ୍ୱାରା ରାଫେଲ୍ ଯୁଦ୍ଧ ବିମାନ କିଣିବାର ପ୍ରକ୍ରିୟାକୁ ଯାଞ୍ଚ କରିବାକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଙ୍କ ଦାବିକୁ କେନ୍ଦ୍ର ସରକାର କାହିଁକି ଗ୍ରହଣ କରୁନାହାନ୍ତି ବୋଲି ସତ୍ୟପ୍ରକାଶ ପ୍ରଶ୍ନ କରିଛନ୍ତି।

# ଚାଷୀ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବ କଂଗ୍ରେସ

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ): ଧାନ ଅମଳର ୨ମାସ ବିତିଲାଣି, ସରକାର ଓ ଜିଲା ପ୍ରଶାସନର ଅବହେଳା ଓ ଚାଷୀଙ୍କୁ ଅଣଦେଖା ଯୋଗୁ ରାଜ୍ୟରେ ଏବେ ସୁଦ୍ଧା ୧୦% ମଣ୍ଡି ଖୋଲା ଯାଇନାହିଁ। ଫଳରେ ବେପାରୀ ଓ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଏଫ୍‌ଏକ୍ୟୁର ନିମ୍ନମାନ ଓ ଆର୍ଦ୍ରତା ଆଳରେ ଧାନ ପ୍ରତି କୁଇଣ୍ଟାଲରେ ଅନେକ ଜାଗାରେ ୫/୭ କେଜି କଟଣି ଚାଲିଛି। ମଣ୍ଡି ଅବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ନିୟମ ମୁତାବକ ଚାଷୀ ଧାନ ଦେଇ ପାଉଣା ପାଇବା କାଠିକର ପାଠ। ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ଚାଷୀର ବଳକା ଧାନ କିଣିବା ତ ଦୂରର କଥା ନାମ ପଞ୍ଜୀକରଣରେ ତ୍ରୁଟି ଦର୍ଶାଇ ମଣ୍ଡିରୁ ଧାନ ଫେରାଇ ଦିଆଯାଉଛି। ମିଲରମାନେ ଧାନ ନେବାକୁ ନାରାଜ। ଧାନ କ୍ରୟ କ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ହେଲେ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିବା କଥା କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି କଂଗ୍ରେସ ଅଭିଯୋଗ କରିଛି। ମିଲର, ଦଲାଲ, ସମବାୟ ସମିତି ଓ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି।

**୧୫ରୁ ସବୁ ଜିଲାରେ ବୁଲି ଚାଷୀ ସମସ୍ୟା ପରଖିବ**

ସରକାରଙ୍କ ଏହି ତ୍ରୁଟିପୂର୍ଣ୍ଣ ନୀତିକୁ ପ୍ରତିବାଦ କରି କିଷାନ କଂଗ୍ରେସର କର୍ମକର୍ତ୍ତାମାନେ ଆସନ୍ତା ୧୫ରୁ କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ରାୟଗଡ଼ା, ଦେବଗଡ଼ ପ୍ରଭୃତି ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବେ। ଅନେକ ସ୍ଥାନରେ ପ୍ରଶାସନର ଚରମ ଅବହେଳା ଯୋଗୁ ବିଳମ୍ବରେ ମଣ୍ଡିଖୋଲା ଯାଉଥିବା ଓ ବିଭିନ୍ନ ଆଳରେ ଚାଷୀଙ୍କଠାରୁ ଧାନରେ କଟଣି କରାଯିବା ଏବଂ ଏମଏସପିଠାରୁ ୪୦୦ ରୁ ୫୦୦ଟଙ୍କା କମ୍‌ରେ ଚାଷୀଙ୍କଠାରୁ ଧାନ କିଣା ଯାଉଥିବା ଯୋଗୁ ଚାଷୀ ଘୋର ଅଭାବୀ ବିକ୍ରିର ଶିକାର ହେଉଥିବା କଥା ଲୋକଙ୍କୁ ଜଣାଇବେ। ସରକାର କାଳ ବିଳମ୍ବ ନ କରି ଯଦି ଚାଷୀଙ୍କ ସମସ୍ୟାର ସମାଧାନ ନ କରନ୍ତି ତେବେ କିଷାନ କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ରାଜ୍ୟବ୍ୟାପୀ ମଣ୍ଡିଗୁଡିକରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କଂଗ୍ରେସ ଧମକ ଦେଇଛି।

# ଦିଲ୍ଲୀରେ ଧାରଣା ଦେବ ବିଜୁ କୃଷକ ଜନତା ଦଳ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

- ଏମ୍‌ଏସ୍‌ପି ବୃଦ୍ଧି, ସ୍ୱାମୀନାଥନ କମିଟି ସୁପାରିସ ଲାଗୁ ମୁଖ୍ୟ ଦାବି
- ୬ରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ କର୍ମୀ ଯିବେ

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ଚାଷୀ ଭୋଟକୁ ସଙ୍ଗଠିତ କରିବାକୁ ଅଣ୍ଟା ଭିଡ଼ିଛି ଶାସକ ବିଜେଡି। ଚାଷୀ ସମସ୍ୟା ପାଇଁ କେନ୍ଦ୍ର ଅବହେଳା ଏବଂ ନୀତି ଦାୟୀ ବୋଲି ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ରାଜ୍ୟର ଚାଷୀ ସମସ୍ୟାକୁ ନେଇ ଜାତୀୟସ୍ତରରେ ଆନ୍ଦୋଳନ କରିବାକୁ ଯାଉଛି ବିଜେଡି। ଏହି କ୍ରମରେ ଆସନ୍ତା ଜାନୁୟାରୀ ୮ରେ ଦଳ ପକ୍ଷରୁ ପାର୍ଲାମେଣ୍ଟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନବନିଯୁକ୍ତ ବିଜୁ କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୋମବାର ସୂଚନା ଦେଇଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ବିଜେଡି ନେତୃବୃନ୍ଦ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି। ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, କୃଷି ଏବଂ କୃଷକ ଓଡ଼ିଶାର ଅର୍ଥନୀତି ଓ ସମାଜର ବୃହତ୍ ଅଙ୍ଗ। ରାଜ୍ୟର କୃଷି ମୁଖ୍ୟତଃ ଧାନ ଉତ୍ପାଦନଭିତ୍ତିକ। ଏପରିସ୍ଥଳେ ଚାଷୀକୁ ତା'ର ଉତ୍ପାଦିତ ଶସ୍ୟର ଉପଯୁକ୍ତ ମୂଲ୍ୟ ମିଳିବା ଆବଶ୍ୟକ। ଓଡ଼ିଶା ବିଧାନସଭାରେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ନେଇ ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ଏମ୍‌ଏସ୍‌ପି ନିର୍ଦ୍ଧାରଣ କ୍ଷମତା ରାଜ୍ୟ ସରକାରଙ୍କର ନାହିଁ। ଏହା କେନ୍ଦ୍ର ସରକାରଙ୍କ କ୍ଷମତା ପରିସରଭୁକ୍ତ। ତେଣୁ କେନ୍ଦ୍ର ନିକଟରେ ଓଡ଼ିଆ ଚାଷୀଙ୍କ ଅଧିକାରକୁ ଯଥାର୍ଥ ଭାବେ ଉପସ୍ଥାପନ ପାଇଁ ଦିଲ୍ଲୀରେ ବିକ୍ଷୋଭ କରାଯିବା ବୋଲି ପ୍ରସନ୍ନ କହିଛନ୍ତି। ଏହି ସମ୍ମିଳନୀରେ ଉପସ୍ଥିତ ଥିବା ବିଧାୟକ ସଞ୍ଜୟ ଦାସବର୍ମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାର୍ଯ୍ୟାଳୟକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଗୃହ କମିଟିକୁ ସାକ୍ଷାତ ନ କରିବା ଦୁର୍ଭାଗ୍ୟଜନକ। ଭାଜପା ୨୦୧୪ ନିର୍ବାଚନ ପୂର୍ବରୁ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହିସବୁ ସୁପାରିସ ମଧ୍ୟରୁ ଏମ୍‌ଏସ୍‌ପି ବୃଦ୍ଧି ଅନ୍ୟତମ। କିନ୍ତୁ ଭାଜପା ତାହା ପାଳନ କଲାନାହିଁ ବୋଲି ସଞ୍ଜୟ କହିଛନ୍ତି। ସେହିପରି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ଚାଷୀକୁଳର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର କୃଷି ବଜେଟ, କୃଷି କ୍ୟାବିନେଟ କରାଯାଇଛି। ଚାଷୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରତିଶତ ସୁଧରେ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ନିକଟରେ କୃଷକଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତିବାଦରେ ମହାରାଷ୍ଟ୍ରର ଭାଜପା ଏମ୍‌ପି ଇସ୍ତଫା ଦେଇଛନ୍ତି। ଯେପର୍ଯ୍ୟନ୍ତ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଦେଢ଼ଗୁଣା ମୂଲ୍ୟ ପ୍ରଦାନ ଓ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିନାହାନ୍ତି, ସେପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଦେବୀ କହିଛନ୍ତି।

ସେହିପରି ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା କହିଛନ୍ତି ଯେ, ଆସନ୍ତା ୬ ତାରିଖରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦଳୀୟ କର୍ମୀ ଓ ଚାଷୀ ପ୍ରତିନିଧି ଦିଲ୍ଲୀ ଯିବେ ଏବଂ ୮ରେ ପାର୍ଲାମେଣ୍ଟ ସମ୍ମୁଖରେ ହେବାକୁ ଥିବା ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ଭାଗନେବେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୁ କୃଷକ ଜନତା ଦଳ ସହ ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା, ସମସ୍ତ ଏମ୍‌ପି, ବିଧାୟକ ଯୋଗଦେବେ ବୋଲି ପ୍ରତାପ କହିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ କି ନାହିଁ, ସେନେଇ ଦଳ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ, ଏମ୍‌ପି ବଳଭଦ୍ର ମାଝି, ମୁଖପାତ୍ର ସସ୍ମିତ ପାତ୍ର ଏବଂ ରାଜ୍ୟ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ପ୍ରଥମ ପୃଷ୍ଠାରୁ...

### ସଜ୍ଜନ କୁମାରଙ୍କୁ...

୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ଦୁଇ ଜଣ ଶିଖ୍ ଅଙ୍ଗରକ୍ଷୀ ଗୁଳିକରି ହତ୍ୟା କରିବା ପରେ ଦିଲ୍ଲୀ ସମେତ ସାରା ଦେଶରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଦକ୍ଷିଣ-ପୂର୍ବ ଦିଲ୍ଲୀର ପାଲାମ କଲୋନୀସ୍ଥିତ ରାଜନଗର ଅଞ୍ଚଳରେ ନଭେମ୍ବର ୧ ତାରିଖ ରାତିରେ ୫ ଜଣ ଶିଖ୍‌ଙ୍କୁ ହତ୍ୟା କରାଯିବା ଏବଂ ସେଠାରେ ଥିବା ଏକ ଗୁରୁଦ୍ୱାରାକୁ ଜାଳିଦିଆଯିବା ମାମଲାରେ ସଜ୍ଜନ କୁମାର ଏବଂ ଅନ୍ୟ ୫ ଜଣଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଛନ୍ତି। ସେମାନଙ୍କୁ ଡିସେମ୍ବର ୩୧ ସୁଦ୍ଧା ଆତ୍ମସମର୍ପଣ କରିବାକୁ ଏବଂ ଦିଲ୍ଲୀ ଛାଡି ନ ଯିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଅଭିଯୁକ୍ତମାନଙ୍କ ବିରୋଧରେ ୨୦୧୦ରୁ ଶୁଣାଣି ଆରମ୍ଭ ହୋଇଥିଲା ଏବଂ ୩ ବର୍ଷ ପରେ ୫ ଜଣଙ୍କୁ ତଳକୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ସଜ୍ଜନ କୁମାରଙ୍କୁ ଦୋଷମୁକ୍ତ କରିଥିଲେ। ତଳକୋର୍ଟଙ୍କ ଏହି ରାୟ ବିରୋଧରେ ମୃତକଙ୍କ ସମ୍ପର୍କୀୟ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ କଂଗ୍ରେସ ନେତାଙ୍କୁ ଅପରାଧ ଷଡଯନ୍ତ୍ର, ଧର୍ମ ନାମରେ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଏବଂ ହତ୍ୟା ଅପରାଧ ଘଟାଇବା ପାଇଁ ବାଧ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତିନି ଜଣ ସାକ୍ଷୀ ଜଗଦୀଶ କୌର, ତାଙ୍କ ଭାଇ ଗଜଶେର ସିଂ ଏବଂ ନିରପ୍ରୀତ କୌରଙ୍କ ସାହସିକତା ପାଇଁ ନ୍ୟାୟ ମିଳିପାରିଲା ବୋଲି ଖଣ୍ଡପୀଠ କହିଛନ୍ତି। ଜଗଦୀଶଙ୍କ ସ୍ୱାମୀ କେହର ସିଂ, ପୁଅ ଗୁରପ୍ରୀତ ସିଂ ଏବଂ ସମ୍ପର୍କୀୟ ଭାଇ ରଘୁବିନ୍ଦର ସିଂ, ନରେନ୍ଦର ପାଲ ସିଂ ଓ କୁଲଦୀପ ସିଂଙ୍କୁ ହତ୍ୟା କରାଯାଇଥିଲା। ସେହିପରି ଗୁରଦ୍ୱାରା ପୋଡ଼ି ଘଟଣାରେ ନିରପ୍ରୀତ କୌର ସାକ୍ଷୀ ଥିଲେ। ମାମଲାର ୫ ଅଭିଯୁକ୍ତ ପୂର୍ବତନ କଂଗ୍ରେସ କାଉନସିଲର ବଲୱାନ ଖୋଖର, ଅବସରପ୍ରାପ୍ତ ନୌସେନା ଅଧିକାରୀ କ୍ୟାପଟେନ ଭାଗମଲ, ଗିରିଧାରୀ ଲାଲ ଏବଂ ପୂର୍ବତନ ବିଧାୟକ ମହେନ୍ଦର ଯାଦବ ଓ କିଶନ ଖୋଖରଙ୍କୁ ତଳକୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ହାଇକୋର୍ଟ ଏହାକୁ କାଏମ ରଖିଛନ୍ତି। ୨୦୧୩ରେ ତଳକୋର୍ଟ ଖୋଖର, ଭାଗମଲ ଏବଂ ଲାଲଙ୍କୁ ଆଜୀବନ ଏବଂ ଯାଦବ ଓ କିଶନ ଖୋଖରଙ୍କୁ ତିନି ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ। ହାଇକୋର୍ଟ ୩ ଅଭିଯୁକ୍ତଙ୍କ ଆଜୀବନ ଜେଲଦଣ୍ଡକୁ କାଏମ୍ ରଖିଥିବାବେଳେ ଅନ୍ୟ ଦୁଇ ଜଣଙ୍କ ଜେଲଦଣ୍ଡ ୧୦ ବର୍ଷକୁ ବୃଦ୍ଧି କରିଛନ୍ତି। କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ୧୯୪୭ରେ ଦେଶ ବିଭାଜନ ବେଳେ ଭୟାବହ ରକ୍ତପାତ ହୋଇଥିଲା। ଏହାର ୩୭ ବର୍ଷ ପରେ ଦେଶକୁ ପୁଣି ଥରେ ଏଭଳି ଗଣହତ୍ୟା ଦେଖିବାକୁ ମିଳିଥିଲା। ଏହି ଦଙ୍ଗାରେ କେବଳ ଦିଲ୍ଲୀରେ ୨୭୩୩ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଅନେକ ଶିଖ୍‌ଙ୍କ ଘର ଜାଳିଦିଆଯିବା ଫଳରେ କେତେଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଦେଶର ଅନ୍ୟ ଭାଗରେ ମଧ ବହୁସଂଖ୍ୟାରେ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ଏହି ଗଣହତ୍ୟାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ଏବଂ ପୋଲିସ ପ୍ରଶାସନର ସ୍ଥାଣୁତା ସେମାନଙ୍କୁ ଅପରାଧ ଘଟାଇବାରେ ସହାୟକ ହୋଇଥିଲା ବୋଲି କୋର୍ଟ କହିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


■ ଚାଷୀ ସମସ୍ୟା ନେଇ ସବୁ ଦଳ ତତ୍ପର

# ବିଜେଡି ଆଭିମୁଖ୍ୟକୁ ଭାଜପା, କଂଗ୍ରେସର ସମାଲୋଚନା

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)

୨୦୧୯ ନିର୍ବାଚନରେ ଗୁରୁଦାୟିତ୍ୱ ତୁଲାଇବେ ଚାଷୀ। ଏଥିଲାଗି ଚାଷୀଙ୍କ ଭୋଟ ହାତେଇବାକୁ ସବୁ ଦଳ ତତ୍ପର ହୋଇପଡ଼ିଛନ୍ତି। ଛତିଶଗଡ଼, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ସାଧାରଣ ନିର୍ବାଚନ ଫଳାଫଳ ପରେ ହିଁ ରାଜନୈତିକ ଦଳଗୁଡ଼ିକର ଏନେଇ ବୁଦ୍ଧି ପଶିଛି। ତେଣୁ କାଳବିଳମ୍ବ ନ କରି ସମସ୍ତେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଉକ୍ତ ୩ ରାଜ୍ୟରେ କୃଷି ଋଣ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାକୁ ଫେରିଥିବା ଚର୍ଚ୍ଚା ହେଉଛି। ତେଣୁ ରାଜ୍ୟ କଂଗ୍ରେସ ମଧ ଆଗାମୀ ନିର୍ବାଚନ ପୂର୍ବରୁ ସମାନ ପ୍ରତିଶ୍ରୁତି ଦେବାରେ ଲାଗିଛି। ସେହିପରି ଭାଜପା କେନ୍ଦ୍ର ସରକାର ଏମ୍‌ଏସ୍‌ପି ୧୫୦ଟଙ୍କା ବୃଦ୍ଧି କରିଥିବା କଥା କହିବାସହ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦି ଖସିବାକୁ ପ୍ରୟାସ କରୁଛି। ଅନ୍ୟପଟେ ବିଜେଡି କିନ୍ତୁ ଉପରୋକ୍ତ ୩ ରାଜ୍ୟର ଭାଜପା ସରକାର ଭଳି ଭୁଲ୍ କରିବାକୁ ଚାହିଁନାହିଁ। ଏବେଠାରୁ ଚାଷୀ ସମସ୍ୟାକୁ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛି। କେନ୍ଦ୍ର ସରକାରଙ୍କ ମୁଣ୍ଡରେ ଦୋଷ ଦେଇ ଚାଷୀଙ୍କ ପ୍ରତି ନିଜର ଦାୟିତ୍ୱକୁ ଦେଖାଇବାକୁ ଚେଷ୍ଟା କରୁଛି। ଆସନ୍ତା ୮ରେ ଚାଷୀମାନଙ୍କ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଥିବା ଦର୍ଶାଇ ପାର୍ଲାମେଣ୍ଟ ଆଗରେ ବିକ୍ଷୋଭ କରିବାକୁ ଘୋଷଣା କରିଛି। ବିଜେଡିର ଏଭଳି କାର୍ଯ୍ୟକ୍ରମକୁ କିନ୍ତୁ ଉଭୟ କଂଗ୍ରେସ ଓ ଭାଜପା ସମାଲୋଚନା କରିଛନ୍ତି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଚାଷୀ ପ୍ରସଙ୍ଗକୁ ନେଇ ଶାସକ ବିଜେଡି ନୂଆଦିଲ୍ଲୀରେ ବିକ୍ଷୋଭ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ଦୀର୍ଘ ୧୯ବର୍ଷ ଶାସନ କରି ବିଜେଡି ରାଜ୍ୟର ଚାଷ ଓ ଚାଷୀମାନଙ୍କୁ ଅଣଦେଖା କରିଆସିଛି। ଚାଷୀମାନଙ୍କ ପ୍ରସଙ୍ଗକୁ ସମାଧାନ ନ କରି ବିଜେଡି ଭୟଭୀତ ହୋଇ ପଡ଼ିଛି। ଚାଷୀଙ୍କ ସ୍ୱାର୍ଥରେ ନୁହେଁ ବରଂ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପୁଣି ଏକ ନୂଆ ନାଟକ କରିବାକୁ ଯାଉଛି। ବିଜେଡି ଦିଲ୍ଲୀ ଯିବା ଛାଡି ପ୍ରଥମେ ଚାଷୀଙ୍କୁ ବୋନସ ଦିଅନ୍ତୁ। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ହିତ ପାଇଁ ଫସଲ ବୀମା ଯୋଜନା ଘୋଷଣା କରିଥିଲେ। ଏହି ଯୋଜନା ସମଗ୍ର ଦେଶରେ ଲାଗୁ ହେବା ଦ୍ୱାରା ଲକ୍ଷଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ବରଗଡ଼ ଜିଲା ସୋହେଲାଠାରେ ଚାଷୀ ସମ୍ମିଳନୀରେ ଖୋଦ୍ ମୁଖ୍ୟମନ୍ତ୍ରୀ ୧୦୦ଟଙ୍କା ବୋନସ ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ ଚାଷୀଙ୍କୁ ବୋନସର ଗୋଟିଏ ଟଙ୍କା ମଧ ଦେଇନାହାଁନ୍ତି। ସରକାର କେବଳ ରାଧୁଆ ମିଛୁଆ ଗପ କହି ଚାଷୀମାନଙ୍କୁ ଠକି ଚାଲିଛନ୍ତି ବୋଲି ସମୀର କହିଛନ୍ତି।

ବିଜେଡି ସରକାରର କୃଷକ ମାରଣନୀତିକୁ ଦୃଢ଼ ସମାଲୋଚନା କରି କଂଗ୍ରେସ ମଡିଆ ସେଲ୍ ଅଧକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି, କୀଟନାଶକ ଔଷଧର ମାନ ନିର୍ଦ୍ଧାରଣ ପାଇଁ ସମ୍ବଲପୁରରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ମାତ୍ର ଦୀର୍ଘ ୨ବର୍ଷରୁ ଅଧିକ ଦିନ ବିତିଯାଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଭୁବନେଶ୍ୱରରେ ଥିବା ରାଜ୍ୟର ଏକମାତ୍ର କେନ୍ଦ୍ରରେ ବର୍ତ୍ତମାନ କର୍ମଚାରୀ ସଂଖ୍ୟା ମାତ୍ର ୩ଜଣ, ସେଥିମଧ୍ୟରୁ ଦୁଇଜଣ ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଅଣପ୍ରଶିକ୍ଷିତ ଅଟନ୍ତି। ଚାଷୀ ସମସ୍ୟାରେ ବିଜେଡିର ଚିତ୍କାର କେବଳ କୁମ୍ଭୀର କାନ୍ଦଣା। କୃଷକମାନଙ୍କ ସ୍ୱାର୍ଥ ପାଇଁ ଏବଂ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା କେବଳ ଧର୍ମକୁ ଆଖିଠାର। ଯଦି ହଜାର ହଜାର କୃଷକ ପ୍ରତି ଏତେ ଦରଦ ତେବେ ପାର୍ଲାମେଣ୍ଟରେ ଅବିଶ୍ୱାସ ପ୍ରସ୍ତାବ ବିତର୍କରେ ଭାଗନେଇ ରାଜ୍ୟର କୃଷକ ସମସ୍ୟା ଉପରେ ଆଲୋଚନା ନ କରି ଲାଙ୍ଗୁଡ଼ ଜାକି ପଳାୟନ କଲେ କାହିଁକି। କୃଷକ ସମସ୍ୟାରେ ବିଜେଡି ପାର୍ଲାମେଣ୍ଟରୁ ପଳାୟନ କରିବ ସେପଟେ ଖବରଦାତା ସମ୍ମିଳନୀରେ ଗର୍ଜନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ସତ୍ୟପ୍ରକାଶ କହିଛନ୍ତି।

### ସ୍ଥଳଭାଗ...

ହେଉଥିଲେ ମଧ ଏହାର ପ୍ରଭାବରେ ଉପକୂଳରେ ଘଣ୍ଟାକୁ ୫୦ରୁ ୬୦ ଓ ବେଳେ ବେଳେ ୮୦ ମିଲୋମିଟର ବେଗରେ ପବନ ବହିବ। ଆସନ୍ତା ୧୮ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରିଦିଆଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚାଷୀମାନଙ୍କୁ ଏ ନେଇ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବାକୁ କୁହାଯାଉଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ମରୁଡି ପରେ ଅଦିନିଆ ଝଙ୍କେର୍

# ଭିଜିଗଲାନ ଧାନ୍, ଚିନ୍ତାନେ ଚାଷୀ

ବଲାଙ୍ଗୀର ଅଫିସ, ୧୭।୧୨

ଚଳିତ ଖରିଫ୍ ଋତୁରେ ବର୍ଷାଭାବ ଯୋଗୁ ଜିଲାର ବିଭିନ୍ନ ବ୍ଲକରେ ମରୁଡି ପରିସ୍ଥିତି ଦେଖାଦେଇଥିଲା। ସରକାର ଜିଲାର ୧୪ଟି ବ୍ଲକରୁ ୧୦ଟିରେ ଫସଲ ପ୍ରଭାବିତ ହୋଇଥିବା ଘୋଷଣା କରି ମରୁଡି ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଅଧିକାରୀ ଓ କର୍ମଚାରୀମାନେ ସମ୍ପୂର୍ଣ୍ଣ ମରୁଡି ରିପୋର୍ଟ ପ୍ରସ୍ତୁତ କରି ନ ଥିବାବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କୁ ଦାଉ ସାଧିଛି। ସାମୁଦ୍ରିକ ଝଡ ପେଥାଇ ଜନିତ ବର୍ଷା ଓ ମେଘୁଆ ପାଗ ଯୋଗୁ ବଲାଙ୍ଗୀର ଜିଲାର ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନେକ ସ୍ଥାନରେ ଚାଷୀମାନେ ସେମାନଙ୍କ ଅମଳକ୍ଷମ ଧାନକୁ କାଟି କ୍ଷେତରେ ପକାଇଥିଲେ। ଏବେ ବର୍ଷା ଯୋଗୁ ସେସବୁ ଗୁରୁତର ଭାବେ ଭିଜି ଯାଇଛି। ଅନେକ ସ୍ଥାନରେ ଚାଷୀମାନେ ଧାନ ମଡାଇବା ପାଇଁ ଖଳାରେ ଖରି କରି ରଖିଛନ୍ତି। କେତେକ ସ୍ଥାନରେ ଚାଷୀମାନେ ଧାନ ମଡାଇବା ପାଇଁ ଖଳାରେ ବିଛାଇଥିଲେ। ଏଭଳି ପରିସ୍ଥିତିରେ ବର୍ଷା ଓ ମେଘୁଆପାଗ ଚାଷୀଙ୍କୁ ଅଡୁଆରେ ପକାଇଛି। ଏହି ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ଓ କପା ବେଶ୍ ପ୍ରଭାବିତ ହୋଇଥିବା ଖବର ମିଳିଲାଣି। ଚାଷୀଙ୍କ ଧାନ ଭିଜିଯିବାରୁ ଚାଷୀ ବ୍ୟାପକ କ୍ଷତିରେ ପଡିଥିବା ଜଣାପଡିଛି। ବଲାଙ୍ଗୀର ଜିଲାର ସମସ୍ତ ୧୪ଟି ବ୍ଲକର ବିଭିନ୍ନ ଗାଁରେ ଅନେକ ଚାଷୀଙ୍କ ଧାନ ବର୍ଷା ଯୋଗୁ ଭିଜିଯାଇଥିବା ଖବର ମିଳିଛି। ଅନେକ ସ୍ଥାନରେ ଚାଷୀ ନିଜର ଧାନକୁ ବିକ୍ରି ପାଇଁ ମଣ୍ଡିରେ ରଖିଥିଲେ। ସେଠାରେ ତାରପଲିନ୍ ଦେଇ ଧାନକୁ ଘୋଡାଯାଇଥିଲା। ତେବେ ପ୍ରବଳ ବର୍ଷା ହେବାରୁ ମଣ୍ଡିମାନଙ୍କରେ ମଧ ଚାଷୀଙ୍କ ଧାନ ଭିଜିଯାଇଥିବା ଖବର ମିଳିଛି। ବଲାଙ୍ଗୀର, ପୁଇଁତଳା, ଲୋଇସିଂହା, ଆଗଲପୁର, ଦେଓଗାଁ, ଗୁଡଭେଲା, ସଇଁତଳା, ଟିଟିଲାଗଡ, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା, ଖପ୍ରାଖୋଲ, ବେଲପଡା, ପାଟଣାଗଡ ବ୍ଲକର ବିଭିନ୍ନ ଗାଁରେ ଚାଷୀମାନେ ବର୍ଷା ଯୋଗୁ କ୍ଷତିରେ ପଡିଥିବା ଜଣାପଡିଛି। ସୋମବାର ଦିନତମାମ ବର୍ଷା ଲାଗି ରହିଥିବାରୁ ଚାଷୀମାନେ ଭିଜିଥିବା ଧାନକୁ ଉଦ୍ଧାର ମଧ କରିପାରି ନାହାନ୍ତି। ସୋମବାର ରାତି ସୁଦ୍ଧା ବର୍ଷା ଲାଗି ରହିଥିବାରୁ କ୍ଷୟକ୍ଷତି ବଢ଼ିବା ସ୍ପଷ୍ଟ ହୋଇଯାଇଛି। ମରୁଡି କ୍ଷତିରୁ ବଞ୍ଚାଇଥିବା ଧାନକୁ ନେଇ ଚାଷୀ ସାମାନ୍ୟ ଆଶାବାଦୀ ଥିବାବେଳେ ଏବେ ପେଥାଇ ପ୍ରଭାବରେ ଢ଼େର କ୍ଷତିରେ ପଡିଥିବା ଜଣାପଡିଲାଣି। ଅଦିନିଆ ବର୍ଷା ଯୋଗୁ ଜିଲାରେ କେତେ ଫସଲ ନଷ୍ଟ ହୋଇଛି ତାର ଆକଳନ ହୋଇପାରି ନ ଥିବା ଜଣାପଡିଛି।

■ ଉଜ୍ଜ୍ୱଳା ଯୋଜନାର ବିସ୍ତାରକୁ ମଞ୍ଜୁରି

# ସବୁ ଗରିବ ପାଇବେ ମାଗଣା ସିଲିଣ୍ଡର

ନୂଆଦିଲ୍ଲୀ,୧୭।୧୨

ଉଜ୍ଜ୍ୱଳା ଯୋଜନାର ବିସ୍ତାର ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଣିକି ଦେଶର ପ୍ରତ୍ୟେକ ଗରିବ ନାଗରିକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଫଳରେ ସେମାନେ ମାଗଣାରେ ଏଲ୍‌ପିଜି ସିଲିଣ୍ଡର ପାଇବେ। ଏ ସଂକ୍ରାନ୍ତରେ ସୋମବାର ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି। ୨୦୧୬ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରଥମେ ବିପିଏଲ୍ କାର୍ଡଧାରୀଙ୍କୁ ମାଗଣାରେ ଗ୍ୟାସ୍ ସଂଯୋଗ ଦିଆଯାଉଥିଲା। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନା ପରିସରକୁ ବଢ଼ାଇବା ଲାଗି କ୍ୟାବିନେଟ ନିଷ୍ପତ୍ତି ନେଇଛି। ତଦନୁଯାୟୀ ସରକାରୀ ଯୋଜନାର ଲାଭାର୍ଥୀ ହୋଇ ନ ଥିବା ତଥା ଗ୍ୟାସ ସଂଯୋଗ ନ ଥିବା ଗରିବ ପରିବାରକୁ ଉକ୍ତ ଯୋଜନାରେ ସାମିଲ କରାଯିବ। ସରକାରଙ୍କ ଏହି ପଦକ୍ଷେପ ଯୋଗୁ ୧୦୦ ପ୍ରତିଶତ ଘରେ ଏଲ୍‌ପିଜି ସଂଯୋଗ ପହଞ୍ଚିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସୂଚନାଥାଉ କି, ସରକାର ଉକ୍ତ ଯୋଜନାରେ ବିପିଏଲ କାର୍ଡଧାରୀଙ୍କୁ ମାଗଣାରେ ଏଲ୍‌ପିଜି ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କୁ ୧୬୦୦ ଟଙ୍କା ସବ୍‌ସିଡି ଦେଉଛନ୍ତି। ସିଲିଣ୍ଡର ସିକ୍ୟୁରିଟି ଫି ତଥା ଫିଟିଙ୍ଗ ଚାର୍ଜ ବାବଦରେ ଏହି ଅର୍ଥ ଦିଆଯାଉଛି। ଲାଭାର୍ଥୀ କେବଳ ଗ୍ୟାସ୍ ଷ୍ଟୋଭକୁ କିଣିବେ। ତେବେ ଷ୍ଟୋଭ ଓ ପ୍ରଥମ ମାସିକ ସିଲିଣ୍ଡର ରିଫିଲ୍ ବାବଦ ମୂଲ୍ୟକୁ କିସ୍ତି ଆକାରରେ ପରିଶୋଧ କରିପାରିବାର ସୁବିଧା ରହିଛି। ପୂର୍ବେ ୨୦୧୧ର ଆର୍ଥିକ-ସାମାଜିକ ଜାତି ଗଣନା ଆଧାରରେ ପ୍ରସ୍ତୁତ ତାଲିକା ଅନୁଯାୟୀ ସିଲିଣ୍ଡର ବଣ୍ଟନ କରାଯାଉଥିଲା। ପରେ ଏହାକୁ ଏସ୍‌ସି/ଏସ୍‌ଟି, ଜଙ୍ଗଲରେ ବାସ କରୁଥିବା ଅଧିବାସୀ, ଅତି ପଛୁଆ ବର୍ଗ, ଦ୍ୱୀପରେ ରହୁଥିବା ପରିବାର, ପରିଭ୍ରମଣକାରୀ ଆଦିବାସୀ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଯୋଜନାର ଲାଭାର୍ଥୀଙ୍କୁ ଏଥିରେ ସାମିଲ କରାଯାଇଥିଲା।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ରୁଷ୍ଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ
35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଳେଶ, ବ୍ୟବସାୟରେ ବାଧା। A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ। 0% ସୁଧ
45% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୭୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
9718753233
7838556518
Block Chack, Balasore-756027

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

ଶ୍ରୀରାମ ଫାଇନାନ୍ସ
ଶ୍ରୀରାମ ଫାଇନାନ୍ସ ପ୍ରଦାନ କରୁଛି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ ଋଣ ୨% ସୁଧ ୪୦% ରିହାତି।
7310624603
9411551525
୧୩, ମହାତ୍ମା ଗାନ୍ଧୀ ରୋଡ୍, ସିଆଲଦା,ବୈଠକଖାନା, କୋଲକାତା, ପଶ୍ଚିମବଙ୍ଗ - ୭୦୦ ୦୦୯

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ସୁରଜମଲ କଲେଜରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ

**ରେଙ୍ଗାଲି,୧୭।୧୨(ଡି.ଏନ.ଏ.)-** ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟରେ ଯୁକ୍ତ ୩ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପାଇଁ ଶିବିର ଆରମ୍ଭ ହୋଇଛି। କଲେଜ ଅଧକ୍ଷ ସୁଜିତ କୁମାର ସେନ ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧାପିକା ଲୋପାମୁଦ୍ରା ପଟେଲଙ୍କ ତତ୍ତ୍ୱାବଧାନରେ ୧୨ ଦିନ ଧରି ଏହି ତାଲିମ ଶିବିର ଅନୁଷ୍ଠିତ ହେବ । ପ୍ରଶିକ୍ଷିକା ଅର୍ଚ୍ଚନା ପ୍ରିୟଦର୍ଶିନୀ ବାଗ ଓ ଦୀପିକା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ ନେବେ।

### ଏନ୍‌ୱାଇକେ ପକ୍ଷରୁ ମହୁକୁଦରେ କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୧୭।୧୨(ଡି.ଏନ.ଏ.)-** ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ଓ ମହୁକୁଦ ଗ୍ରାମ ମଙ୍ଗଳ ଯୁବକ ସଂଘ ପକ୍ଷରୁ ମହୁକୁଦ ଖେଳ ପଡ଼ିଆରେ ଆନ୍ତଃ ବ୍ଲକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଫୁଟବଲ, ଭଲିବଲ, କବାଡ଼ି, ଉଚ୍ଚ ଡ଼ିଆଁ, ଲମ୍ଫଡ଼ିଆଁ, ଦୌଡ଼ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଭୂତି ଭୂଷଣ ପ୍ରଧାନଙ୍କ ଅଧକ୍ଷତାରେ ଅଜିତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା, ଶିକ୍ଷକ ସୁବାଷ ଚନ୍ଦ୍ର ନାୟକ, ଅଧାପକ ଶେଷଦେବ ବିଶ୍ୱାଳ, ଡ଼.ଦୀପେନ କୁମାର ପଟ୍ଟନାୟକ, ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ, ଯୁବକ ସଂଘର ସଂପାଦକ ଜିତେନ୍ଦ୍ରୀୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସୁଜିତ କୁମାର ସାହୁ, ଧନଞ୍ଜୟ ମହାକୁଡ଼ ଖେଳ ପରିଚାଳନା କରିଥିଲେ । ଶେଷରେ ଅଜିତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

### ମୋଚିବାହାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ରେଢ଼ାଖୋଲ,୧୭।୧୨(ଡି.ଏନ.ଏ.)-** ରେଢ଼ାଖୋଲ ବ୍ଲକ ମୋଚିବାହାଲ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ରୁ ୮ଶହ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ପୁଚି, ଦୌଡିଡିଆଁ, ଫ୍ୟାନ୍‌ସିଡ୍ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ଗଣେଶ ଓରାମ, ବାଳିକା ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ଗୀତାଞ୍ଜଳି ବିଶ୍ୱାଳ, ଜୁନିୟର ବାଳକ ବର୍ଗରେ ସପ୍ତମ ଶ୍ରେଣୀ ଛାତ୍ର ବିଶାଲ ବାବା, ବାଳିକା ବର୍ଗରେ ଷଷ୍ଠ ଶ୍ରେଣୀ ଛାତ୍ରୀ ନମ୍ରତା ଟେଟେ, ସବଜୁନିୟର ବର୍ଗରେ ବାଳକ ବିଭାଗରେ ପଞ୍ଚମ ଶ୍ରେଣୀ ଛାତ୍ର ସୁଦାମ ନାଏକ, ବାଳିକା ବର୍ଗରେ ପଞ୍ଚମଶ୍ରେଣୀ ଛାତ୍ରୀ ଗୀତା ଶବର ଶ୍ରେଷ୍ଠ ବିବେଚିତ ହୋଇଥିଲେ। ମୋଚିବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭଗବାନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ପ୍ରତିକା ବାଆ ସମସ୍ତ ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ଶୁଣ୍ଠିମୁଣ୍ଡା ଏସଏସଡି ହାଇସ୍କୁଲର ଖେଳ ଶିକ୍ଷକ ପ୍ରକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପାର୍ବତିଗିରୀ ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧାପକ ଚନ୍ଦ୍ରେଶଖର ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ରଜତ ରାଉତ ସଭାପତିତ୍ୱ କରିଥିଲେ। ଶିକ୍ଷକ ଜଗଦୀଶ ପ୍ରସାଦ ବାଘ ବକ୍ତା ଓ ସ୍କୁଲ ଶିକ୍ଷା କମିଟିର ସଭାପତି ପ୍ରବୀଣ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଅମୂଲ୍ୟ ପ୍ରଧାନ, ପ୍ରକାଶ ଚନ୍ଦ୍ର ପଣ୍ଡା, ଟଙ୍କଧର ସେଠି, ଟଙ୍କଧର ପ୍ରଧାନ, ନରେଶ ନାୟକ, ଛାୟାବତୀ ନାଏକ, ଅଗସ୍ତି ମିର୍ଦ୍ଧା, ନିଳମଣି ପ୍ରଧାନ ଖେଳ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଉତ୍ସବରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସରକାରୀ ଯୋଜନା ସମ୍ପର୍କରେ ସଚେତନ କରୁଛି ‘ପିଠା’

**ରେଢ଼ାଖୋଲ,୧୭।୧୨ (ଡି.ଏନ.ଏ.)**





ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅଞ୍ଚଳବାସୀ(ବାମ) ନାକଟିଦେଉଳ ପଞ୍ଚାୟତ ଅଫିସରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ବିଧାୟକ ରୋହିତ ପୂଜାରୀ ସରକାରୀ ଯୋଜନା ସମ୍ପର୍କରେ କହୁଛନ୍ତି।

ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତରେ ପିଠା (ପିପୁଲ୍ସ ଏମ୍‌ପାୱାରମେଣ୍ଟ-ଏନାବ୍ଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି) କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପଞ୍ଚାନନ ବେହେରା,ସମିତି ସଭ୍ୟା ଟିକିନା ସାହୁ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବିଡିଓ ପରିକ୍ଷିତ ସାହୁ ସରକାରଙ୍କ ବିଭିନ୍ନ ଯୋଜନାର ଲକ୍ଷ ସମ୍ପର୍କରେ ସୂଚନା ଦେଇଥିଲେ। ସରପଞ୍ଚ ସରକାରୀ ଯୋଜନା ଗୁଡିକରେ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯିବାକୁ କହିଥିଲେ। କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା ସଂପର୍କିତ କ୍ଷୁଦ୍ର ତଥା ପ୍ରାମଣିକ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ୧୫ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା, ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୧୧ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ବିଜୁ ପକ୍କା ଘରର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**କୁଚିଣ୍ଡା,(ଡି.ଏନ.ଏ)-** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତରେ ପୀଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ସରପଞ୍ଚ ରତ୍ନୁ କିସାନ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ, ୱାର୍ଡମେମ୍ବର ମଣିରଥ ଜର୍ଡିଆ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ବିପିଏମ ଷ୍ଟିଫେନସନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନା, ବିଜୁ ପକ୍କା ଘର, ମମତା ଯୋଜନା ଇତ୍ୟାଦି ଯୋଜନା ବାବଦରେ ସଚେତନ କରାଯାଇଥିଲା । ଏହି ସଭାରେ ୧୨୬ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୨୨ଜଣଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗ୍ରାମୀଣ ଗୃହ ଯୋଜନାରେ ଘର ନିର୍ମାଣ ସାରିଥିବାରୁ ୨ଜଣଙ୍କୁ ବୋନସ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତର ପିଇଓ ଦୀପକ ପଟେଲ ପରିଚାଳନା କରିଥିଲେ।

**ନାକଟିଦେଉଳ,(ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ପିଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବ୍ଲକର ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ବିଜୁ ପକ୍କାଘର, କଳାକାର ଭତ୍ତା, ମଧୁବାବୁ ପେନସନ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇ ଥିଲେ । ପ୍ରକୃତ ହିତାଧିକାରୀ ଯେପରି ଏହାର ସୁଫଳ ପାଇପାରିବେ ସେ ନେଇ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୫ଜଣଙ୍କୁ କଳାକାର ଭର୍ତ୍ତା, ୬୪ ଜଣଙ୍କୁ ମଧୁବାବୁ ପେନଶନ ଯୋଜନାରେ ଭତ୍ତା, ୨ଜଣଙ୍କୁ ଟ୍ରାଇ ସାଇକେଲ, ୨ଜଣଙ୍କୁ ଆଶା ବାଡ଼ି ଏବଂ ୨ଜଣଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ୫ଜଣ ହିତାଧିକାରୀ ବିଦ୍ୟୁତ୍ ସଂଯୋଗ ନେବାକୁ ଆବେଦନ କରିଥିଲେ । ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ମେଥୋଡ଼ିଅସ ଲାକ୍ରା, ସରପଞ୍ଚ ଶଙ୍କର୍ଷଣ ବିଶି, ସହାୟକ ଯନ୍ତ୍ରୀ ବିକ୍ରମ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼-ସୋହେଲା ରାସ୍ତାକଡ଼େ ରହିଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ସୋମବାର ରାତ୍ରି ପ୍ରାୟ ୮ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଅତାବିରା ଥାନା ବାଞ୍ଜିପାଲିର ଉକିଲ ସିଂ(୫୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ପୋଲିସ ଶବ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ଉକିଲ ପୂର୍ବରୁ ଏକ ଇଞ୍ଜିନିୟରିଂ କଲେଜରେ ପିଅନ ଭାବେ କାମ କରୁଥିଲେ । ସେଠାରେ ସେ ସେହି କାମ ଛାଡ଼ିଦେଇ ଥିବାବେଳେ ତାଙ୍କ ଭଣଜା ଗୁନିଆଁପାଲି ନିବାସୀ ରାଜେନ୍ଦ୍ର ସେହି ଘରୋଇ ଇଞ୍ଜିନିୟରିଂ କଲେଜରେ କାମ କରୁଛନ୍ତି । ଫଳରେ ଉକିଲ ତାଙ୍କ ଭଣଜାକୁ ଦେଖା କରିବାକୁ ଆସିଥିଲେ ଏବଂ ଏକ ସାଇକେଲ ଯୋଗେ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

## କୁଣ୍ଢେଇଗୋଲା ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ

**ରିଆମାଳ,୧୭।୧୨(ଡି.ଏନ୍.ଏ.)**

ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ରହିଲେ ଶିକ୍ଷାର ଅଗ୍ରଗତି ହୋଇପାରିବ ବୋଲି ଆଲୋକପାତ କରିଥିଲେ। ଆଠମଲ୍ଲିକ ବିଧାୟକ ସଞ୍ଜୀବ କୁମାର ସାହୁ, ଦେବଗଡ଼ ଜିଲା ବିଜେଡି ସଭାପତି ସୁଧୀର କପରଦାର, ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ବ୍ଲକ ଉପାଧକ୍ଷ ବୈକୁଣ୍ଠ ପାଇକରାୟ, ଜିଲା ପରିଷଦ ସଭ୍ୟ ନିଶାନୀ ବେହେରା, ସରପଞ୍ଚ ବିଦ୍ୟୁତ୍‌ଲତା ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ଇଂ. ଚିତ୍ତରଞ୍ଜନ ପ୍ରଧାନ ସଂଯୋଜନା ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଦେବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦ ସହ ସମ୍ପାଦକ ମହନ୍ତ ବେହେରା, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରେଢ଼ାଖୋଲ,୧୭।୧୨ (ଡି.ଏନ.ଏ.)**



ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଗଣପତି ବେହେରା ସଭାପତିତ୍ୱ କରିଥିଲେ। ବିଧାୟକ ରୋହିତ ପୂଜାରୀ, ଉପଜିଲାପାଳ ବିଶିକେସନ ଦେହୁରୀ, ଶିକ୍ଷା ବିକାଶ ସମିତିର ତ୍ରିବିକ୍ରମ ଶତପଥୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବରାଜ ପ୍ରଧାନ, ଅନୁଷ୍ଠାନର ସହ ସଂପାଦକ ଯୁଧିଷ୍ଠିର ବେହେରା ମଞ୍ଚାସୀନ ଥିଲେ। ଗୁରୁଜୀ ବିପିନ ପ୍ରଧାନ ଓ ଗୁରୁମା ଅନିତା ରଥ ସଭା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମରାଜ ବେହେରା ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ସଂପର୍କରେ ସୂଚନା ଦେଇଥିଲେ। ଛାତ୍ର ଶୁଭ୍ରାଂଶୁ ଶେଖର ପ୍ରଧାନ, ଅବିନାଶ ପଣ୍ଡା, ଆଲିଶା ବିଶ୍ୱାଳ, ଆରିୟନ ଜେନା, ଶୁଭଙ୍କର ପ୍ରଧାନ, ଗୁରୁଦତ୍ତ ସାହୁ, ପାୟଲ ପ୍ରଧାନ, ଚିନ୍ମୟୀ ପ୍ରିୟଦର୍ଶିନୀ ପ୍ରଧାନ, ବିଶ୍ୱଜିତ ଲେଙ୍କା, ମାନଭଞ୍ଜନ ନାଏକ, କାଜଲ ଦେହୁରୀ, ବିନୁଶେଖର ମାଝି, ସୋନାଲି ଗରୁଡ, ସୁମିତ କୁମାର ସାହୁ, ଶାନ୍ତିଲତା ବିଶ୍ୱାଳ, ଦେବକୀ ସାହୁଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ପରିଚାଳନା ସମିତିର ସଦସ୍ୟ ଆଇନଜୀବୀ ସୁଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ ଅଫିସରେ କ୍ରୀଡ଼ାବିତ୍‌ଙ୍କୁ ଖେଳ ସାମଗ୍ରୀ ବିତରଣ

**ନାକଟିଦେଉଳ,୧୭।୧୨-(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ଖେଳାଳିମାନଙ୍କୁ ବିଭିନ୍ନ ପ୍ରକାରର ଖେଳ ସାମଗ୍ରୀ ବିତରଣ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାହେବୀର ପୂର୍ବତନ ସରପଞ୍ଚ ରାମ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଅଞ୍ଚଳର କ୍ରୀଡାବିତ୍‌ମାନଙ୍କୁ ବିଭିନ୍ନ ଖେଳ ଉପକରଣ ବଣ୍ଟନ କରିଥିଲେ। କ୍ରୀଡା ମାଧ୍ୟମରେ ରାଜ୍ୟ ଓ ଦେଶ ଜାତିର ନାଁ ରଖିବାକୁ ସେ ଉପସ୍ଥିତ କ୍ରୀଡାବିତ୍‌ମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୂଳିଆ ରାଉଳ, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପଡିଆବାହାଲ ନୂଆ ହାଟର ଭୂମିପୂଜା

**ପଡିଆବାହାଲ, ୧୭।୧୨ (ଡି.ଏନ.ଏ)-** ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ସାପ୍ତାହିକ ହାଟ ପାଇଁ ପଡିଆବାହାଲ କଟା ନିକଟ ପଡିଆରେ ସୋମବାର ଭୂମି ପୂଜା କରାଯାଇଛି । ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବସୁଥିବା ଏହି ସାପ୍ତାହିକ ହାଟ ରାଜପଥ ସଂପ୍ରସାରଣ କାରଣରୁ ଅବ୍ୟବସ୍ଥିତ ଓ ବିପଦପୂର୍ଣ୍ଣ ଅବସ୍ଥାରେ ବସୁଥିଲା। ଏଣୁ ବାହାମ ସରପଞ୍ଚ ମିତ୍ରଭାନୁ ପଧାନ ଏକ ବଜାର କମିଟି ଗଠନ କରିଥିଲେ। ନିରାପଦା ବଜାର ସ୍ଥଳ ପାଇଁ ଜିଲା ପ୍ରଶାସନର ସହଯୋଗ ମଗା ଯାଇଥିଲା। ଶେଷରେ ଏହି ଅବ୍ୟବହୃତ ଖାଲି ସ୍ଥାନକୁ ହାଟ ପାଇଁ ବ୍ୟବହାର କରାଯାଇଛି। ମହେଶ୍ୱର ନାୟକଙ୍କ ପୌରୋହିତ୍ୟରେ ବଜାର କମିଟି ସଦସ୍ୟ ରବିନାରାୟଣ ବେହେରା ଓ ଭାରତି ବେହେରା କର୍ତ୍ତା ଥିଲେ। ଡିଆରଡିଏ ଏପିଡି ମହେନ୍ଦ୍ର ମହାପାତ୍ର ଫିତା କଟି ବଜାର ପ୍ରାଙ୍ଗଣର ଶୁଭ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ବିଭୀଷଣ ପଧାନ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ନିଳାମ୍ବର ମହାନନ୍ଦ, ଡ. ରାଜାରାମ ଷଡଙ୍ଗୀ, ସୁବୋଧ ବେହେରା, ବିଜୟ କୁମାର ନାୟକ, ସୁରୁବାବୁ ନାୟକ, ହରିହର ନାୟକ, ଦେବାନନ୍ଦ ଭୁସାଗର, ପ୍ରଫୁଲ୍ଲ ମଗର, ସୁଧାଂଶୁ ମହାପାତ୍ର, ସୁଶାନ୍ତ ଧରୁଆ, ସରପଞ୍ଚ ମିତ୍ରଭାନୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପଡିଆବାହାଲରେ ସୋମବାର ନୂତନ ହାଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଥାନା ସମ୍ମୁଖରେ ପରିବାର ଲୋକଙ୍କ ଅନଶନ

**ନାକଟିଦେଉଳ,୧୭।୧୨(ଡି.ଏନ.ଏ.)**



ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ମାମଲାରେ ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପର୍ଶୁରାମଙ୍କ ଘର ଲୋକେ ସୋମବାର ନାକଟିଦେଉଳ ଥାନା ଆଗରେ ଅନଶନରେ ବସିଛନ୍ତି।

- ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କୁ ହତ୍ୟା ମାମଲା
- ଫେରାର ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ ଦାବି

ନାକଟିଦେଉଳ ବ୍ଲକ ସାଲେଭଟାର ପୂର୍ବତନ ସରପଞ୍ଚ ତଥା ଚେମେର୍ଡ଼ା ଗ୍ରାମର ସୂଚନା ଅଧିକାର କର୍ମୀ ପର୍ଶୁରାମ ପ୍ରଧାନଙ୍କୁ ଅଗଷ୍ଟ ୨୭ତାରିଖରେ ହତ୍ୟା କରାଯାଇଛି। ଏଥିରେ ଜଡିତ ୬ ଜଣଙ୍କ ମଧ୍ୟରୁ ୪ ଜଣ ଗିରଫ ହୋଇଛନ୍ତି। ହେଲେ ଆହୁରି ୨ ଜଣ ଫେରାର ଅଛନ୍ତି। ଏହି ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଗିରଫ କରିନି। ଏଣୁ ତୁରନ୍ତ ଏ ଦୁହିଁଙ୍କୁ ଗିରଫ କରିବାକୁ ଦାବି କରି ପର୍ଶୁରାମଙ୍କ ପରିବାର ବର୍ଗ ସୋମବାର ନାକଟିଦେଉଳ ଥାନା ସମ୍ମୁଖରେ ଅନଶନରେ ବସିଛନ୍ତି। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଏବଂ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ପ୍ରମୁଖ ଖବର ପାଇ ଅନଶାନ ସ୍ଥଳରେ ପହଞ୍ଚି ଥିଲେ। ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ଶୀଘ୍ର ଗିରଫ କରିବାକୁ ଏସ୍‌ପିଙ୍କ ସହ ବିଧାୟକ ପୂଜାରୀ ଟେଲିଫୋନରେ ଆଲୋଚନା କରିଥିଲେ। ପର୍ଶୁରାମଙ୍କ ସ୍ତ୍ରୀ କୁନି ପ୍ରଧାନ, ପୁଅ ଚୁନା ପ୍ରଧାନ, ଟଙ୍କଧର ପ୍ରଧାନ, ବିଜୟ କୁମାର ପ୍ରଧାନ, ପୁତ୍ରବଧୁ ଦୀପ୍ତିବାଳା ପ୍ରଧାନ, ବଡ଼ ଭାଇ ଦିବାକର ପ୍ରଧାନ, ସାନ ଭାଇ ପ୍ରଫୁଲ୍ଲ ପ୍ରଧାନ, ସୁଶୀଳା ପ୍ରଧାନ, ହରିହର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଅନଶନରେ ବସିଛନ୍ତି।

ପଳସାବୁରୀ ଗ୍ରାମରେ ପର୍ଶୁରାମଙ୍କୁ କେଉଟବେର୍ଣ୍ଣି ଗ୍ରାମର ଧଳ ପରିବାରର ସଦସ୍ୟମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅଭିଯୁକ୍ତ ଗୋବିନ୍ଦ ଧଳ ଏବଂ ହାସ୍ୟ ନାୟକଙ୍କୁ ଗିରଫ କରିଥିଲା । ନଭେମ୍ବର ୨ ତାରିଖରେ ଅନ୍ୟ ଦୁଇ ଅଭିଯୁକ୍ତ ଦଶରଥ ଧଳ ଏବଂ ରୁଷିନ୍ଦ୍ର ଧଳଙ୍କୁ ପୋଲିସ ଗିରଫ କରିଥିଲା । ଅନ୍ୟ ଦୁଇ ଅଭିଯୁକ୍ତ ରତିଶ ଧଳ, ରାକେଶ ଧଳ ଫେରାର ଅଛନ୍ତି। ଏ ଦୁହିଁଙ୍କୁ ଗିରଫ ଲାଗି ନଭେମ୍ବର ୧୭ ତାରିଖରେ ପର୍ଶୁରାମଙ୍କ ପରିବାର ବର୍ଗ ଓ ଅଞ୍ଚଳବାସୀ ନାକଟିଦେଉଳ ଥାନା ସମ୍ମୁଖରେ ଅନଶନ ସହ ଧାରଣାରେ ବସିଥିଲେ । ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ଏବଂ ନାକଟିଦେଉଳ ଥାନା ଅଧିକାରୀ ବିନୋଦ ଲାକ୍ରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ୧୦ ଦିନ ସମୟ ମାଗିଥିଲେ । ତେବେ ସମୟସୀମା ବିତିଯିବା ପରେ ମଧ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି।



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର

## ସଂକ୍ଷେପରେ

### ସେଣ୍ଟ ଯୋସେଫ୍ କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୭।୧୨(ବ୍ୟୁରୋ): ସେଣ୍ଟ ଯୋସେଫ୍ କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ ଭାସ୍ୱତୀ-୨୦୧୮ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷା ସିଷ୍ଟର୍ ଅଞ୍ଜନାଙ୍କ ପରିଚାଳନାରେ ଉତ୍ସବ ଆୟୋଜିତ ହୋଇଥିଲା । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡିଭି ସ୍ୱାମୀ, ଡ. ସୂର୍ଯ୍ୟା ଥାଙ୍ଗପାନ୍, ଏସ୍‌ପି ସଞ୍ଜୀବ ଅରୋରା, ବିଶପ୍ ନିରଞ୍ଜନ ସୁଆଲସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଲିଟିଲ୍ ମିସ୍ ଅର୍ପିତା ବେହେରା, ଜାତୀୟ ଚିତ୍ରାଙ୍କନ ପୁରସ୍କାରପ୍ରାପ୍ତ ଜ୍ୟୋତିରାଦିତ୍ୟ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ସ୍କୁଲ ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ସମ୍ବଲପୁରୀ, ଓଡିଶୀ, ବିହୁ, ଭାଙ୍ଗଡା, ରାଜସ୍ଥାନୀ ଓ ଆଧୁନିକ ନୃତ୍ୟ ସାମିଲ ଥିଲା । ସ୍କୁଲ ପରିଚାଳନା କମିଟିର ସୁରଞ୍ଜନ ମହାପାତ୍ରଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ଅତିଥିମାନେ ସାମିଲ ଥିଲେ ।

### ଡିପିଏସ୍ ବାର୍ଷିକ ଉତ୍ସବ

ସମ୍ବଲପୁର,୧୭।୧୨(ବ୍ୟୁରୋ): ସମ୍ବଲପୁର ଶାସନସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ୟୁଟୋପିଆ- ୨୦୧୮ ଅନୁଷ୍ଠିତ ହୋଇଯାଇଛି । ଭିମ୍‌ସାରର ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ଭିଲାଇ ଷ୍ଟିଲ ପ୍ଲାଣ୍ଟ ଡେପୁଟି ମ୍ୟାନେଜର କିଶୋର ଭଣ୍ଡାରୀ, ଡିପିଏସ ଚେୟାରମ୍ୟାନ ଅକଶତ୍ ଗୋଏଲ, ନିର୍ଦ୍ଦେଶକ ଗୋବିନ୍ଦ ମୁଦ୍ରିୟଲ ସମ୍ମାନିତ ଅତିଥି ଥିଲେ । ସ୍କୁଲ ଅଧକ୍ଷା ସୁଜିତା ଲେଙ୍କା ବାର୍ଷିକ ବିବରଣୀ ପାଠ କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ନେହା ଗଣ୍ଡେଚା ଧନ୍ୟବାଦ ଅର୍ପଣ କରିଥିଲେ । ନର୍ସରୀରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ୱାନ୍ ନେସନ୍, ୱାନ୍ ରିଲିଜିଅନ୍ ନିଃଶବ୍ଦ ନାଟକ ଏବଂ ରଙ୍ଗବତୀ ଗୀତରେ ଉତ୍ସବ ଝୁମି ଉଠିଥିଲା । ସେହିପରି ଏସିଡ୍ ଆକ୍ରମଣ ଶୀର୍ଷକ ନୃତ୍ୟ ନାଟିକା ମନଛୁଆଁ ହୋଇଥିଲା ।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ। ସ୍ଥାନ- ସ୍କୁଲ ପରିସର। ସମୟ- ପୂର୍ବାହ୍ନ ୧୧ଟା।




ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି କରି ସମ୍ବଲପୁର କଚେରି ଛକରେ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ରିଲେ ଆମରଣ ଅନଶନରେ ସୋମବାର ସାମିଲ ହୋଇଥିବା ବ୍ୟକ୍ତିବିଶେଷ।

# ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ୨୩ ତାରିଖକୁ ଘୁଞ୍ଚିଲା

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଚଳିତ ମାସ ୧୯ ଓ ୨୦ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨୩ ଓ ୨୪ ତାରିଖରେ ଏହି ପ୍ରତିଯୋଗିତା ହେବ ବୋଲି ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ଓ ଆଥ୍‌ଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ ସୋମବାର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# 'ପେଥାଇ' ଫାସରେ ଫସିଗଲେ ଚାଷୀ

ସମ୍ବଲପୁର,୧୭।୧୨(ବ୍ୟୁରୋ)

- ଅଦିନିଆ ବର୍ଷାରେ ଫସଲ ନଷ୍ଟ
- ପାଣିରେ ଭାସୁଛି ଧାନ, ଗଜା ଆଶଙ୍କା
- ମିଲର୍ସଙ୍କୁ ସୁହାଇବ, ଅଧିକ କଟନି ହେବ
- କ୍ଷୟକ୍ଷତି ଆକଳନ କରିବାକୁ ଚାଷୀଙ୍କ ଦାବି

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ପେଥାଇ'ର ପ୍ରଭାବ ସମ୍ବଲପୁରରେ ପଡିଛି। ରବିବାର ରାତିରୁ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଏହି ଅଦିନିଆ ବର୍ଷାରେ ଚାଷୀ ପ୍ରଭାବିତ ହୋଇଛନ୍ତି । ପୁଣି ଥରେ ଚାଷୀ ବର୍ଷା ଫାସରେ ଫସି ଯାଇଛନ୍ତି। ପନିପରିବା ଚାଷ, ସୋରିଷ, ରାଶି ଭଳି ତୈଳ ବୀଜ ଫସଲ ଅଧିକ ପରିମାଣରେ ନଷ୍ଟ ହୋଇଛି। ଝିପ ଝିପ ବର୍ଷା ସାଙ୍ଗକୁ ପବନ ଯୋଗୁ ଫୁଲ ନଷ୍ଟ ହୋଇ ଯାଇଯାଇଛି। ସେହିପରି ଧାନ ଉପରେ ପ୍ରଭାବ ପଡିଛି। ଏବେ ଧାନ ଅମଳ କରି ଚାଷୀ ଖଳାରେ ରଖିଛି। ହେଲେ ତାହା ବର୍ଷାରେ ଭିଜି ଯାଇଛି। ବିଲରେ ଧାନ କାଟି ପେଟା ପଡିଛି। ବର୍ଷା ପାଣି ଜମି ଏବେ ପେଟା ଭାସିଥିବା ଦେଖିବାକୁ ମିଳିଛି । ବର୍ଷା ଲାଗି ରହିଥିବାରୁ ଚାଷୀ ପେଟା ଧାନକୁ ସଂଗ୍ରହ କରି ପାରୁନାହିଁ। ଆଉ ଦିନେ ଦୁଇ ଦିନ ଏପରି ପାଗ ରହିଲେ ପେଟା ଧାନ ଓ ବୁନା ଧାନ ଗଜା ହେବାର ଆଶଙ୍କା ରହିଛି। ଫଳରେ ଗତ ଖରିଫ ଭଳି ଚାଷୀକୁ କ୍ଷତି ସହିବାକୁ ପଡିବ। ଅନ୍ୟପଟେ ଏହି ବର୍ଷା ମିର୍ଲସକୁ ସୁହାଇବ । ଏହାର ସୁଯୋଗ ନେଇ ଧାନରେ କଟନି ପରିମାଣ ଅଧିକ ହେବ। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା କହିଛନ୍ତି ଯେ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ପରିଦର୍ଶନ କରିବା ପାଇଁ କୁହାଯାଇଛି । ଜିଲାର କେତେକ ସ୍ଥାନରୁ ଅଭିଯୋଗ ଆସିଛି । ଏଭଳି ବର୍ଷା ଲାଗି ରହିଲେ କ୍ଷତି ଅଧିକ ହେବ । ହେଲ ବୀମା ସୁବିଧା ରହିଛି। ରାଜସ୍ୱ ବିଭାଗ, ବୀମା କମ୍ପାନୀ ଓ କୃଷି ବିଭାଗ ପକ୍ଷରୁ ଆକଳନ କରାଯିବ ବୋଲି କହିଥିଲେ।

# ସମ୍ବଲପୁରରେ ମହାବନ୍ଦର ପ୍ରଭାବ ପଡିଲାନି

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ନେଇ ସୋମବାର ପଶ୍ଚିମଓଡ଼ିଶାରେ ମହାବନ୍ଦ ଡାକରା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ଦୋକାନ ବଜାର ବନ୍ଦ କରିବା ସହ ରାସ୍ତାରୋକ କରାଯାଇଥିଲା। ହେଲେ ମହାବନ୍ଦର ପ୍ରଭାବ ସମ୍ବଲପୁର ଜିଲାରେ ପଡି ନ ଥିଲା। ସମସ୍ତ ଦୋକାନ ବଜାର ଖୋଲା ରହିଥିଲା । ରାସ୍ତାରେ ଗାଡିମୋଟର ଚଳାଚଳ କରୁଥିଲା। ସମସ୍ତ ସରକାରୀ ଓ ଘରୋଇ ସ୍କୁଲଗୁଡିକ ଖୋଲା ରହିଥିଲା। ଏଣୁ କୋଶଳ ରାଜ୍ୟକୁ ସମ୍ବଲପୁର ଜିଲା ସମର୍ଥନ କରୁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ପୂର୍ବରୁ ଆନ୍ଦୋଳନକୁ ସମର୍ଥନ ନ କରିବାକୁ ବିଭିନ୍ନ ଅନୁଷ୍ଠାନ କହିଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସମ୍ପାଦକ ସରୋଜ ଦାସ କହିଛନ୍ତି ଯେ ସମ୍ବଲପୁର ସ୍ୱତନ୍ତ୍ର ରାଜ୍ୟକୁ ସମର୍ଥନ କରୁଛି । ହେଲେ କୋଶଳ ନାମକରଣକୁ ନେଇ ବିରୋଧ ରହିଛି। ସମ୍ବଲପୁରୀ ଭାଷା, ଲୋକ ଗୀତ, ଲୋକ ନୃତ୍ୟ, କଳା, ସଂସ୍କୃତି ପଶ୍ଚିମ ଓଡ଼ିଶାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଛି । କିନ୍ତୁ କୋଶଳ ନାମରେ ସମ୍ବଲପୁରୀ ଭାଷାକୁ ବିଲିନ କରିବାର ଚକ୍ରାନ୍ତ କରାଯାଉଛି।

# ସିଏଚଏସଇ ଆନ୍ତଃ କଲେଜ କବାଡି ଚାମ୍ପିୟନଶିପ୍ : ବିକାଶ ଦଳ ରନର୍ସଅପ୍

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ସିଏଚଏସଇ ଆନ୍ତଃ କଲେଜ କବାଡି ଚାମ୍ପିୟନଶିପ୍ ରାଉରକେଲା ଏଚ.କେ. ରାୟ ଜୁନିୟର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ରନର୍ସଅପ୍ ଟ୍ରଫି ହାସଲ କରିଛି । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସୋମବାର ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କର୍ତ୍ତୃପକ୍ଷ କବାଡି କୋଚ ବଦ୍ରିନାରାୟଣ ପୁରୋହିତଙ୍କୁ ମଧ୍ୟ କର୍ତ୍ତୃପକ୍ଷ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ସଞ୍ଜୀବ ବାବୁ, ଶାରୀରିକ ଶିକ୍ଷା ମୁଖ୍ୟ ଆମୋଦ ଆନନ୍ଦ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



ସିଏଚଏସଇ ଆନ୍ତଃ କଲେଜ କବାଡି ଚାମ୍ପିୟନଶିପ୍‌ରେ ରନର୍ସଅପ୍ ହୋଇଥିବା ବିକାଶ ସ୍କୁଲ ଦଳ ।




ସୋମବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରମାନେ କୋଶଳ ରାଜ୍ୟ ଦାବିରେ ପିକେଟିଂ କରୁଛନ୍ତି।

# ଜ୍ୟୋତିବିହାର ମୁଖ୍ୟ ଫାଟକ ଆଗରେ ପିକେଟିଂ

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ସୋମବାର ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ମହାବନ୍ଦ କରାଯାଇଛି। ସମ୍ବଲପୁର ଜିଲାରେ କିନ୍ତୁ ଏହାର ପ୍ରଭାବ ପଡି ନ ଥିଲା । କିନ୍ତୁ ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ମୁଖ୍ୟ ଫାଟକ ଆଗରେ ଛାତ୍ରମାନେ ପ୍ଲା-କାର୍ଡ ଧରି ପିକେଟିଂ କରିଥିଲେ । ତେଣୁ ବିଭିନ୍ନ ବିଭାଗରେ ହେଉଥିବା ପରୀକ୍ଷାକୁ ବାତିଲ କରି ଦିଆଯାଇଛି । ଛାତ୍ର ନେତା ଦୀପକ ରଞ୍ଜନ ଦାଶ, ସୋମ୍ୟଶଙ୍କର ପଣ୍ଡା, ଅଂଶୁମାନ ଦାଶ, ମୌସମ ପ୍ରଧାନ, ପ୍ରିତମ୍ ହୋତା, ସି. ଚରଣ ସେଠ, ସୌରଭ ବାରିକ, ଏନ.ମିଶ୍ର ଓ ପ୍ରତୀକ ଦାଶ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ବୈଦିକ କଲେଜ ଛାତ୍ରୀଛାତ୍ର ଚାନସେଲର୍ ପୁରସ୍କାର ପାଇବେ

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଯୁକ୍ତ ୩ କଲେଜସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଶାସନ ସ୍ଥିତ ବୈଦିକ ଯୁକ୍ତ ୩ କଲେଜ ଛାତ୍ରୀଛାତ୍ର ସଫଳତା ହାସଲ କରି ଚାନସେଲର୍ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।



ସୋହମ ପ୍ରଧାନ



ଶ୍ୱେତା ବିଶ୍ୱାଳ

କଲେଜର ଛାତ୍ରୀ ଶ୍ୱେତା ବିଶ୍ୱାଳ ଇଂରାଜୀ ବିଭାଗରେ ତୃତୀୟ ଓ ଛାତ୍ର ସୋହମ ପଧାନ ଓଡିଆ ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ଜାନୁୟାରୀ ୫ତାରିଖରେ ଉଭୟଙ୍କୁ ପୁରସ୍କୃତ କରାଯିବ।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ବନ୍ଦନା ଆର୍ଟ କର୍ନର୍ ଓ ଆରକେ ଟ୍ୟୁଟୋରିଆଲ୍ ଦ୍ୱାରା ଆୟୋଜିତ ୨ ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସିଟି ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତାବିରା, ଝାରସୁଗୁଡା, ସମ୍ବଲପୁର, ହୀରାକୁଦ, ବୁର୍ଲା ଅଞ୍ଚଳର ୩ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗ୍ରୁପ- ଏ ଲକି କୁମାରୀ, ଜୟଶ୍ରୀ ପ୍ରଧାନ, ସେଫାଲି ପ୍ରଧାନ, ଗ୍ରୁପ- ବିରେ ସ୍ମିତି କୁମାରୀ, ଶାସ୍ତ୍ରୀ ଜେନା, ରାକେଶ କୁମାର ପୃଷ୍ଟି, ଗ୍ରୁପ- ସିରେ ରୋନିତ କୁମାର ପୋଢ଼, ଦିନେଶ ସାମନ୍ତ, ଅନନ୍ୟା ଘୋଷ, ଗ୍ରୁପ- ଡିରେ ନାମେଶ୍ୱରୀ ସେନାପତି, ମାନସୀ ପ୍ରଧାନ କୃତିତ୍ୱ ହାସଲ କରିଥିଲେ। ତନିଶା ପ୍ରଧାନଙ୍କୁ ବିଚାରକ ପୁରସ୍କାର ପ୍ରଦାନ କରାଯାଇଥିଲା । ଚିତ୍ରକଳା ପ୍ରଦର୍ଶନ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବନ୍ଦନା ପଣ୍ଡା ଓ ରାଜୀବ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏମସିଏଲର ଅରବିନ୍ଦ ସ୍ୱାଇଁ ମୁଖ୍ୟଅତିଥି, ସୁଧାଂଶୁ ଦାଶ, ବୈଦିକ ଜୁନିୟର କଲେଜ ଉପାଧକ୍ଷ କେ.ସି. ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଏଥିରେ ଯୋଗ ଦେଇଥିଲେ। ଝାରସୁଗୁଡାର ଶିବାନୀ ପଣ୍ଡା ଗୀତ ପରିବେଷଣ କରିଥିଲେ ।



ସମ୍ବଲପୁର ସିଟି ସେଣ୍ଟରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ପୁରସ୍କୃତ କୃତୀମାନେ ଅତିଥିଙ୍କ ସହ ।

# ଇନର୍ ହୁଇଲ୍ କ୍ଲବର ଜାତୀୟ ସମ୍ମିଳନୀରେ ଯୋଗଦେବେ ୩୫୦ ପ୍ରତିନିଧି

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ଇନର୍ ହୁଇଲ କ୍ଲବର ୩୪ତମ ଜାତୀୟ ସମ୍ମିଳନୀ (କ୍ଷୀତିଜା) ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଚଳିତ ମାସ ୨୨ରୁ ୨୩ ତାରିଖ ୩ଦିନ ଧରି ସମ୍ବଲପୁରଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଇନର୍ ହୁଇଲ ଡିଷ୍ଟ୍ରିକ୍ଟ ୩୨୬ ଅନ୍ତର୍ଗତ ଓଡିଶା, ମଧ୍ୟପ୍ରଦେଶ ଓ ଛତିଶଗଡର ୬୫ଟି କ୍ଲବର ୩୫୦ ପ୍ରତିନିଧି ଯୋଗ ଦେବେ । ସୋମବାର ସମ୍ବଲପୁର ଅଇଁଠାପାଲି ପ୍ରେସ୍ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ କ୍ରିଷ୍ଣା ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, କ୍ଲବ ପକ୍ଷରୁ ଓଡିଶା, ମଧ୍ୟପ୍ରଦେଶ ଓ ଛତିଶଗଡ ରାଜ୍ୟର ୧୫ଟି ସ୍କୁଲକୁ ହାପି ସ୍କୁଲ ଭାବେ ପରିଣତ କରାଯାଇଛି। ଏହି ସ୍କୁଲ ଗୁଡିକରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇଛି । ସରକାରୀ ସ୍କୁଲଗୁଡିକୁ କିପରି ଅଧିକରୁ ଅଧିକ ଛାତ୍ରୀଛାତ୍ର ପଢ଼ିବା ପାଇଁ ଯିବେ ସେଥିପାଇଁ ଇନର୍ ହୁଇଲ କ୍ଲବ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ଅପରପକ୍ଷେ ସଚେତନତା ଶୋଭାଯାତ୍ରା, ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନେଇ କର୍ମଶାଳା, ତଳି ଅଞ୍ଚଳରେ ରହୁଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଜାତୀୟ ସମ୍ମିଳନୀ ମାଧ୍ୟମରେ କ୍ଲବଗୁଡିକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବ । ଏହି ଅବସରରେ ସ୍ମରଣିକା ମଧ୍ୟ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀ ଅଧକ୍ଷା ଶାରଳା ଜଗତରାମକା, ସମ୍ପାଦିକା ସୁନୀତା ରଥ, ଆୟୋଜକ ଇନର୍ ହୁଇଲ୍ କ୍ଲବ ଅଫ୍ ସମ୍ବଲପୁର ସଭାନେତ୍ରୀ କ୍ରିଷ୍ଣା ପୋଦାର ଏବଂ ହେଣ୍ଡଲୁ୍ୟମ୍ ସିଟି ସମ୍ବଲପୁର ସଭାନେତ୍ରୀ ସୁଜାତା ପାଢ଼ୀ ସମ୍ମିଳନୀ ବିଷୟରେ ସୂଚନା ଦେଇଥିଲେ ।




ସୋମବାର ଇନର୍ ହୁଇଲ କ୍ଲବ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ କ୍ରିଷ୍ଣା ମହାନ୍ତି ଜାତୀୟ ସମ୍ମିଳନୀ ବିଷୟରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

# ଖୁଲିଆ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଖୁଲିଆ ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର କୁମାର ଜଗତଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ଜିଲା ମଙ୍ଗଳ ଅଧିକାରୀ ଡା. ସୀତାଂଶୁ ମୋହନ ଦାସ ମୁଖ୍ୟଅତିଥି, ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା ଓ ସୁଧୀର କୁମାର ପୂଜାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । କଳା ଶିକ୍ଷକ ଭାରତଗୌରବ ଦାଶଙ୍କ ସଂଯୋଜନାରେ ଶିକ୍ଷା, ସଂସ୍କୃତି, ପର୍ବପର୍ବାଣି ଶୀର୍ଷକ ନୃତ୍ୟ, ଗୀତ ପରିବେଷିତ ହୋଇଥିଲା । ଶିକ୍ଷୟିତ୍ରୀ ଶ୍ୱେତା ପ୍ରଧାନ, ବିନୋଦିନୀ ଓରାମ, ମେଟ୍ରୋନ୍ ପଦ୍ମାଳୟା ନାଥ, ସିସିଏ ମେନକା ମୁଣ୍ଡା, ଦୀପାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଧାନ ସେବିକା ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଖୁଲିଆ ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

❝ ସାଇ ହୋପ୍ ଏବେ ଭଲ ଫର୍ମରେ ଅଛନ୍ତି। ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ ନ ଥିଲେ, ସେ ଖେଳ ଜାରି ରଖିବା ଉଚିତ୍ ।

—କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଟି୨୦ ଅଧିନାୟକ



❝ ଲିଭରପୁଲ ଫୁଟ୍‌ବଲ ଟିମ୍‌ର ସମସ୍ତଙ୍କୁ ଖୁସିରେ ରଖିବା ମୋ ପକ୍ଷେ ସମ୍ଭବ ନୁହେଁ। ଏହା ପ୍ରିମିୟର ଲିଗ୍ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ମୋର ବିଶ୍ୱାସ।

—ଜର୍ଜେନ କ୍ଲୋପ୍, ଲିଭରପୁଲ୍ ଟିମ୍ ମ୍ୟାନେଜର



# ଶିଖରରେ ରେଡ୍ ଲାୟନ୍ସ





ଭିନ୍‌ସେଣ୍ଟ ଭାନାସ୍କ

**ଭୁବନେଶ୍ୱର ୧୭।୧୨(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ବିଜୟଟିକା ପିନ୍ଧିଛି ରେଡ୍ ଲାୟନ୍ସ ବେଲଜିୟମ। ନିଜର ହକି ଇତିହାସରେ ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି ଏହି ଦଳ। ପ୍ରଥମଥରପାଇଁ କୌଣସି ବଡ଼ ଟୁର୍ନାମେଣ୍ଟରେ ହାସଲ କରିଛି ଟାଇଟଲ। କେବଳ ସେତିକି ନୁହେଁ କୌଣସି ମ୍ୟାଚରେ ପରାଜିତ ନ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲା ଅପରାଜେୟ। ତେଣୁ ବେଲଜିୟମ ହକି ଇତିହାସରେ କଳିଙ୍ଗ ଷ୍ଟାଡିୟମର ନାମ ଯେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ। ନେଦରଲାଣ୍ଡ ବିପକ୍ଷ ଫାଇନାଲର ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ଶୁଟ୍‌ଆଉଟରେ ମଧ୍ୟ ଫଳାଫଳ ନ ମିଳିବାରୁ ସଡନ୍ ଡେଥ୍‌ରୁ ଆସିଥିଲା ଉତ୍କଣ୍ଠିତ ମୁହୂର୍ତ୍ତ। ଏହି ପର୍ଯ୍ୟାୟରେ ବେଲଜିୟମର ଫ୍ଲୋରେଣ୍ଟ ଭାନ ଆଉବେଲ ଗୋଲ ଦେବା ଏବଂ ନେଦରଲାଣ୍ଡର ଜେରନ ହର୍ଜବର୍ଗର ବିଫଳ ହେବା ଥିଲା ଟୁର୍ନାମେଣ୍ଟର ସବୁଠାରୁ ରୋମାଞ୍ଚକ ମୁହୂର୍ତ୍ତ। ବିଜୟ ହାସଲ ପରେ ବେଲଜିୟମ ଖେଳାଳିଙ୍କ ବିଜୟ ଉତ୍ସବ ଷ୍ଟାଇଲ ନିଆରା ଥିଲା। ସତେ ଯେପରି ଖୁସିରେ ପାଗଳ ହୋଇଯାଇଥିଲେ ଦଳର ସମସ୍ତ ଖେଳାଳି। ହେବା ବି ସ୍ୱାଭାବିକ, କାରଣ ପ୍ରଥମଥରପାଇଁ ଏତେବଡ଼ ଟାଇଟଲ ହାସଲ ସେମାନଙ୍କୁ କିଛି ସମୟ ପାଇଁ ଭିନ୍ନ ଏକ ପୃଥିବୀକୁ ନେଇ ଯାଇଥିଲା। ପଡ଼ିଆ ପରିକ୍ରମା କରିବାପରେ ଟ୍ରଫି ସହ ନାଚ, ଗୀତରେ ମାତି ଯାଇଥିଲେ ବିଶ୍ୱର ଏହି ୩ ନମ୍ବର ଦଳ। ଡାର୍କ ହର୍ସର ମାନ୍ୟତା ପାଇଥିବା ବେଲଜିୟମ ଶେଷରେ ବିଶ୍ୱକପ ବିଜୟର ସ୍ମୃତି ସହ ସ୍ୱଦେଶ ଫେରିଛି। କଳିଙ୍ଗ ଷ୍ଟାଡିୟମ ସେମାନଙ୍କ ପାଇଁ ପାଲଟି ଯାଇଛି ଲକି ଗ୍ରାଉଣ୍ଡ।

ହକି ବିଶ୍ୱକପ୍ ଚାମ୍ପିୟନ ବେଲଜିୟମ ଦଳର ଖେଳାଳି।

### ଅପରାଜେୟ

ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଏକମାତ୍ର ଦଳଭାବେ ଅପରାଜେୟ ରହିଥିଲା ବେଲଜିୟମ। ୭ଟି ମ୍ୟାଚ ଖେଳି ୬ଟି ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା। ସଂଯୋଗ ବଶତଃ ଟୁର୍ନାମେଣ୍ଟର ପ୍ରଥମ ଓ ଶେଷ ମ୍ୟାଚ ମଧ୍ୟ ଖେଳିଥିଲା। ଦଳର ଆରମ୍ଭ ସେପରି ପ୍ରଭାବୀ ହୋଇ ପାରି ନ ଥିଲା। ମାତ୍ର ଟୁର୍ନାମେଣ୍ଟ ଆଗେଇବା ସହ ଦଳର ପ୍ରଦର୍ଶନରେ ମଧ୍ୟ ଦ୍ରୁତ ଉନ୍ନତି ଆସିଥିଲା। ପ୍ରଥମ ମ୍ୟାଚରେ ଅପେକ୍ଷାକୃତ ଦୁର୍ବଳ କାନାଡ଼ାକୁ ମାତ୍ର ୨-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା ରେଡ୍ ଲାୟନ୍ସ। ଆୟୋଜକ ଭାରତ ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିବାରେ ସକ୍ଷମ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକାକୁ ୫-୧ ଗୋଲରେ ପରାସ୍ତ କରିଥିଲା। ପୁଲ୍ 'ସି'ରେ ଭାରତ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ି କ୍ରସ୍ ଓଭର ଖେଳିବାକୁ ଯାଇଥିଲା। ସେଠାରେ ଦଳ ପାକିସ୍ତାନକୁ ୫-୦ ଗୋଲରେ ପରାସ୍ତ କରିଥିଲା। କ୍ୱାର୍ଟର ଫାଇନାଲରେ ୨-୧ରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲା। ସେମିଫାଇନାଲରେ ଇଂଲଣ୍ଡକୁ ସହଜରେ ୬-୦ ଗୋଲରେ ହରାଇବାପରେ ଟାଇଟଲ ମୁକାବିଲାରେ ନେଦରଲାଣ୍ଡକୁ ଶୁଟ୍‌ଆଉଟ୍/ସଡନ୍ ଡେଥ୍ ୩-୨ ଗୋଲରେ ପରାସ୍ତ କରି ଇତିହାସ ରଚିଥିଲା।

### ରନର୍ସଅପ୍ ଥିଲା ଶ୍ରେଷ୍ଠ ସଫଳତା

ବେଲଜିୟମର ହକି ଇତିହାସ ଦେଖିଲେ କୌଣସି ବଡ଼ ଟୁର୍ନାମେଣ୍ଟରେ ରନର୍ସଅପ୍ ହେବା ଥିଲା ଦଳର ଶ୍ରେଷ୍ଠ ସଫଳତା। ଦଳ ୧୯୨୦ ଅଲିମ୍ପିକ୍ସରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ୧୯୨୮ରେ ୪ର୍ଥ ସ୍ଥାନ ହାସଲ କରିଥିବାବେଳେ ୧୯୩୨ରେ ଭାଗ ନେଇ ନ ଥିଲା। ୧୯୩୬ରୁ ୧୯୭୬ ପର୍ଯ୍ୟନ୍ତ ଦଳକୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିଥିଲା। ୧୯୮୦ରୁ ୨୦୦୪ ପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିପାରି ନ ଥିବାବେଳେ ୨୦୦୮ରେ ୯ମ, ୨୦୧୨ରେ ୫ମ ଏବଂ ୨୦୧୬ ରିଓଡି ଜେନିରୋ ଅଲିମ୍ପିକ୍ସରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ପାଇଥିଲା। ୟୁରୋପିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ବେଲଜିୟମ ୨୦୧୩ ଓ ୨୦୧୭ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

### କଳିଙ୍ଗ ଷ୍ଟାଡିୟମ ସ୍ମରଣୀୟ

ହକି ବିଶ୍ୱକପରେ ପୂର୍ବରୁ ବେଲଜିୟମର ପ୍ରଦର୍ଶନ ଆଦୌ ଭଲ ନ ଥିଲା। ୧୯୭୧ରେ ଦଳ ଅଂଶଗ୍ରହଣ କରି ନ ଥିବାବେଳେ ୧୯୭୩ରେ ଗ୍ରୁପ ପର୍ଯ୍ୟାୟରୁ ହାରି ୮ମ ସ୍ଥାନ ପାଇଥିଲା। ୧୯୭୫ରେ ଭାଗ ନେଇ ନ ଥିବାବେଳେ ୧୯୭୮ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୪ତମ ସ୍ଥାନରେ ରହିଥିଲା। ୧୯୮୨, ୧୯୮୬ ଓ ୧୯୯୦ରେ ଦଳ ଭାଗ ନେଇପାରି ନ ଥିଲା। ୧୯୯୪ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୧ତମ ସ୍ଥାନ ପାଇଥିଲା। ୧୯୯୮ରେ ଭାଗ ନେଇ ନ ଥିଲା। ୨୦୦୨ରେ ସେହି ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୪ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୦୬ ଓ ୨୦୧୦ରେ ଭାଗ ନେଇ ନ ଥିବାବେଳେ ୨୦୧୪ରେ ୫-୬ ସ୍ଥାନ ପାଇଁ ପ୍ଲେ-ଅଫ୍ ଖେଳି ୫ମ ସ୍ଥାନ ଅଧିକାର କରିଥିଲା। ଫଳରେ ୨୦୧୪ ପର୍ଯ୍ୟନ୍ତ ବିଶ୍ୱକପରେ ବେଲଜିୟମର ଏହା ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ମାତ୍ର କଳିଙ୍ଗ ଷ୍ଟାଡିୟମ ଏହି ଦଳପାଇଁ ଆଣିଛି ସ୍ମରଣୀୟ ସ୍ମୃତି। ପ୍ରଥମଥରପାଇଁ ବେଲଜିୟମ ହୋଇଛି ବିଶ୍ୱ ଚାମ୍ପିୟନ।

## ନମ୍ବରୱାନ

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ଚାମ୍ପିୟନ ହୋଇଛି ବେଲଜିୟମ। ବିଶ୍ୱ ର୍‍ୟାଙ୍କିଙ୍ଗରେ ତତ୍‌କ୍ଷଣାତ୍ ଏହାର ପ୍ରତିଫଳନ ହୋଇଛି। ଅର୍ଥାତ୍ ହକି ଇତିହାସରେ ପ୍ରଥମଥରପାଇଁ ନମ୍ବରୱାନ ସ୍ଥାନ ହାସଲ କରିଛି ରେଡ୍ ଲାୟନ୍ସ। ବିଶ୍ୱକପ ପୂର୍ବରୁ ୩ ନମ୍ବର ସ୍ଥାନରେ ଥିବା ବେଲଜିୟମ ୨ଟି ସ୍ଥାନ ଉପରକୁ ଉଠି ନମ୍ବରୱାନ ସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ଗୋଟିଏ ସ୍ଥାନ ତଳକୁ ଖସି ୨ରେ ପହଞ୍ଚିଥିବାବେଳେ ରନର୍ସଅପ୍ ନେଦରଲାଣ୍ଡ ଗୋଟିଏ ସ୍ଥାନ ଉପରକୁ ଉଠି ୩ରେ ପହଞ୍ଚିଛି। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ୨ଟି ସ୍ଥାନ ତଳକୁ ଖସି ୪ରେ ପହଞ୍ଚି ଯାଇଥିବାବେଳେ ଭାରତ, ଜର୍ମାନୀ ଓ ଇଂଲଣ୍ଡର ଯଥାକ୍ରମେ ୫ମ, ୬ଷ୍ଠ ଓ ୭ମ ସ୍ଥାନ ଅପରିବର୍ତ୍ତିତ ରହିଛି। ନ୍ୟୁଜିଲାଣ୍ଡ ଗୋଟିଏ ଉପରକୁ ଉଠି ୮, ସ୍ପେନ ଗୋଟିଏ ସ୍ଥାନ ତଳକୁ ଖସି ୯ ଓ କାନାଡ଼ା ଗୋଟିଏ ଉପରକୁ ଉଠି ଟପ୍ ୧୦ ଫିନିଶ୍ କରିଛି।

| ର୍‍ୟାଙ୍କ୍ | ଟିମ୍ | ପଏଣ୍ଟ |
|---|---|---|
| ୧. | ବେଲଜିୟମ | ୨୧୯୬ |
| ୨. | ଅଷ୍ଟ୍ରେଲିଆ | ୨୧୮୧ |
| ୩. | ନେଦରଲାଣ୍ଡ | ୨୦୨୯ |
| ୪. | ଆର୍ଜେଣ୍ଟିନା | ୧୮୪୮ |
| ୫. | ଭାରତ | ୧୭୧୫ |
| ୬. | ଜର୍ମାନୀ | ୧୬୩୧ |
| ୭. | ଇଂଲଣ୍ଡ | ୧୫୦୧ |
| ୮. | ନ୍ୟୁଜିଲାଣ୍ଡ | ୧୧୭୮ |
| ୯. | ସ୍ପେନ | ୧୦୮୩ |
| ୧୦. | କାନାଡ଼ା | ୧୦୧୭ |
| ୧୧. | ଆୟର୍ଲାଣ୍ଡ | ୯୮୦ |
| ୧୨. | ପାକିସ୍ତାନ | ୯୭୮ |
| ୧୩. | ମାଲେସିଆ | ୯୦୩ |
| ୧୪. | ଚାଇନା | ୭୯୩ |
| ୧୫. | ଫ୍ରାନ୍ସ | ୭୮୯ |
| ୧୬. | ଦକ୍ଷିଣ ଆଫ୍ରିକା | ୭୧୫ |
| ୧୭. | ଦକ୍ଷିଣ କୋରିଆ | ୬୯୦ |
| ୧୮. | ଜାପାନ | ୬୨୫ |
| ୧୯. | ଅଷ୍ଟ୍ରିଆ | ୫୬୩ |
| ୨୦. | ଇଜିପ୍ଟ | ୫୪୩ |

## ନେଦରଲାଣ୍ଡ ଆକ୍ରମଣାତ୍ମକ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ଆକ୍ରମଣାତ୍ମକ ରଣନୀତିରେ ସବୁଠାରୁ ଆଗରେ ରହିଛି ରନର୍ସଅପ୍ ନେଦରଲାଣ୍ଡ। ଏହି ଦଳ ସର୍ବାଧିକ ୧୯୪ ଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଛି। ସର୍ବାଧିକ ଗୋଲ ସ୍କୋରରେ କିନ୍ତୁ ଆଗରେ ରହିଛି ଅଷ୍ଟ୍ରେଲିଆ। ଏହି ଦଳ ୬ ମ୍ୟାଚ ଖେଳି ୨୯ ଗୋଲ ଦେଇଛି। ଏହା ମଧ୍ୟରେ ୧୭ଟି ଫିଲ୍ଡ ଗୋଲ ଏବଂ ୧୨ଟି ପେନାଲ୍ଟି ଗୋଲ ସାମିଲ। ନେଦରଲାଣ୍ଡ ଓ ଚାମ୍ପିୟନ ବେଲଜିୟମ ୭ଟି ଲେଖାଏ ମ୍ୟାଚ ଖେଳି ୨୨ଟି ଲେଖାଏ ଗୋଲ ସ୍କୋର କରିଛନ୍ତି। ନେଦରଲାଣ୍ଡ ୧୭ ଫିଲ୍ଡ ଓ ୫ ପେନାଲ୍ଟି କର୍ନର ଏବଂ ବେଲଜିୟମ ୧୨ ଫିଲ୍ଡ, ୯ ପେନାଲ୍ଟି କର୍ନର ଓ ୧ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସ୍କୋର କରିଛି। ଭାରତ ୪ ମ୍ୟାଚରେ ୧୩ଟି ଗୋଲ ଦେଇ ୪ର୍ଥ ସ୍ଥାନ ଅଧିକାର କରିଛି। ଏହା ମଧ୍ୟରେ ୭ ଫିଲ୍ଡ , ୫ ପେନାଲ୍ଟି ଓ ୧ ଫିଲ୍ଡ ଗୋଲ ସାମିଲ। କାନାଡ଼ା ସବୁଠାରୁ ରକ୍ଷଣାତ୍ମକ ଦଳଭାବେ ୨୮ ଶଟ୍ ସେଭ୍ କରିଛି। ଟୁର୍ନାମେଣ୍ଟରେ ୩୬ ମ୍ୟାଚରେ ୪.୩୬ ଆଭରେଜରେ ମୋଟ ୧୫୭ ଗୋଲ ସ୍କୋର ହୋଇଛି। ଏହା ମଧ୍ୟରେ ୯୬ ଫିଲ୍ଡ, ୫୭ ପେନାଲ୍ଟି କର୍ନର ଏବଂ ୪ଟି ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ଅନ୍ତର୍ଭୁକ୍ତ। ସେହିପରି ବିଶୃଙ୍ଖଳିତ ଆଚରଣ ପାଇଁ ପ୍ରତିଯୋଗିତାରେ ମୋଟ ୮୫ କାର୍ଡ ପ୍ରଦର୍ଶିତ ହୋଇଛି। ଏହା ମଧ୍ୟରେ ୬୩ ଗ୍ରୀନ୍ ଏବଂ ୨୨ କାର୍ଡ ରହିଛି। ଟୁର୍ନାମେଣ୍ଟରେ କୌଣସି ଖେଳାଳିଙ୍କ ରେଡ୍‌କାର୍ଡ ମିଳିନାହିଁ। ମ୍ୟାଚ ଦୃଷ୍ଟିରୁ ଦେଖିଲେ ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧-୦ ଗୋଲରେ ବିଜୟୀ ହୋଇଛି। ମାଲେସିଆ ବିପକ୍ଷରେ ନେଦରଲାଣ୍ଡ ସର୍ବାଧିକ ୨୫ଥର ସର୍କଲ ଭେଦକରି ୭ଟି ଗୋଲ ଦେଇଥିବାବେଳେ ଆର୍ଜେଣ୍ଟିନା-ଇଂଲଣ୍ଡ ମ୍ୟାଚରେ ସର୍ବାଧିକ ୭ଟି କାର୍ଡ ପ୍ରଦର୍ଶିତ ହୋଇଛି। ଏଥିରେ ଆର୍ଜେଣ୍ଟିନାର ୨ ଓ ଇଂଲଣ୍ଡର ୩ ଖେଳାଳି କାର୍ଡ ପାଇଥିଲେ।

# ବେଲ୍‌ଜିୟମ ପାଇଁ ପ୍ରଥମ

**ରିକ୍ ଚାର୍ଲ୍‌ୱର୍ଥ**

ବେଲ୍‌ଜିୟମ ୬ଷ୍ଠ ଦଳଭାବେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ୍ ଟାଇଟଲ ଜିତିଲା। ୬୦ ମିନିଟ୍‌ର ସଂଘର୍ଷ ପରେ ଶୁଟ୍‌ଆଉଟରେ ଫଳାଫଳ ନିର୍ଣ୍ଣିତ ହେଲା। ଷ୍ଟାଡିୟମର ଭରପୂର ଦର୍ଶକ ମ୍ୟାଚ୍‌କୁ ଉପଭୋଗ କଲେ, ତାଙ୍କ ମଧ୍ୟରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ସାମିଲ ଥିଲେ। ଟୁର୍ନାମେଣ୍ଟରେ ବେଲ୍‌ଜିୟମର ଆରମ୍ଭ ଭଲ ହୋଇ ନ ଥିଲେ ହେଁ କ୍ରମେ ଉନ୍ନତ ପ୍ରଦର୍ଶନ କରି ଟାଇଟଲର ଦୃଢ଼ ଦାବିଦାର ହୋଇଯାଇଥିଲା। ରବିବାର ଶୁଟ୍‌ଆଉଟରେ ଉଭୟ ଦଳ ୫ଥର ଲେଖାଏ ସୁଯୋଗ ପାଇଥିଲେ ହେଁ ୨ଟି ଲେଖାଏ ଗୋଲ ସ୍କୋର କରି ପାରିଥିଲେ। ବେଲ୍‌ଜିୟମ ପକ୍ଷରୁ ଆର୍ଥର ଡି ସ୍ଲୋଭେର ଗୋଲ କରିଛନ୍ତି ଅନୁଭବ କରି ବେଲଜିୟମ ଆଗୁଆ ବିଜୟ ଉତ୍ସବ ମନାଇଥିଲା। ମାତ୍ର ଭିଡିଓ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ଏହାପରେ ଆସିଥିଲା ସଡନ୍ ଡେଥ୍ ପର୍ଯ୍ୟାୟ। ଏଥିରେ ବେଲ୍‌ଜିୟମର ଫ୍ଲୋରେଣ୍ଟ ଭାନ ଆଉବେଲ ଏକାଗ୍ରତା ରକ୍ଷାକରି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଲେ। ମାତ୍ର ନେଦରଲାଣ୍ଡର ଜେରନ ହର୍ଜବର୍ଗର ପ୍ରତିପକ୍ଷ ଗୋଲକିପରଙ୍କ ଚାଲାଖି ଯୋଗୁ ଗୋଲପୋଷ୍ଟର ୱାଇଡ୍‌କୁ ଚାଲିଗଲେ ଏବଂ ମାରିଥିବା ଶଟ୍ ପୋଷ୍ଟର ଉପରେ ଚାଲି ଯାଇଥିଲା। ଏହାପରେ ଭାବପ୍ରବଣତା ସହ ବେଲଜିୟମ ଦଳ ବିଜୟ ଉତ୍ସବ ମନାଇଥିଲା। ଶେଷରେ ସେମାନେ ପ୍ରଥମଥର ପାଇଁ ହକିର ଏକ ବଡ଼ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହେଲେ ଏବଂ ବିଶ୍ୱ ଚାମ୍ପିୟନ ବନିଗଲେ।

ଫାଇନାଲରେ ଉଭୟ ଦଳ ଅନେକଥର ହାଫ୍ ଚାନ୍ସ ପାଇଥିଲେ ହେଁ ତାହାକୁ ସୁଯୋଗରେ ପରିଣତ କରିପାରି ନ ଥିଲେ। ତେଣୁ ମ୍ୟାଚ୍ ଆଗେଇବା ସହ ଗୋଟିଏ ଗୋଲ ଏଠାରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ଅନୁଭବ ହୋଇଥିଲା। ଉଭୟ ଦଳର ଦୃଢ଼ ରକ୍ଷଣଭାଗ ଯୋଗୁ ଶେଷପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟ ଆସିବାରୁ ଗୋଲକିପର ଭିନ୍‌ସେଣ୍ଟ ଭାନାସ୍କ ଓ ପିରମିନ ବ୍ଲାକଙ୍କ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। ସଡନ୍ ଡେଥ୍‌ରେ ଦଳକୁ ବିଜୟୀ କରାଇଥିବାରୁ ଭାନାସ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଆର୍ଥର ଭାନ ଡୋରେନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ସପ୍ତାହ ଶେଷରେ ଅଷ୍ଟ୍ରେଲିଆ-ନେଦରଲାଣ୍ଡ ସେମିଫାଇନାଲ ରୋମାଞ୍ଚକ ହୋଇଥିଲା। ଏହି ମ୍ୟାଚ୍‌ରେ ଉଭୟ ଆକ୍ରମଣ ଏବଂ ରକ୍ଷଣାତ୍ମକ ରଣନୀତିର ଅପୂର୍ବ ସମ୍ମିଶ୍ରଣ ଥିଲା। ୯ମ ମିନିଟରେ ଗ୍ଲେନ ସ୍କୁରମାନଙ୍କ ଗୋଲ ଏବଂ ସେଭ୍ ଭାନ୍ ଆସ୍‌ଙ୍କ କ୍ରସ୍ ଦୁର୍ଭାଗ୍ୟଜନକ ଭାବେ ଟିମ୍ ହୋୱାର୍ଡଙ୍କ ଡିଫ୍ଲେକ୍ସନରେ ଗୋଲରେ ପରିଣତ ହେବା ଆଶ୍ଚର୍ଯ୍ୟ କରିଥିଲା। ୨୦ ମିନିଟ୍ ମଧ୍ୟରେ ନେଦରଲାଣ୍ଡ ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଏହାପରେ ଅଷ୍ଟ୍ରେଲିଆ ଦୃଷ୍ଟାନ୍ତମୂଳକ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା। ହୋୱାର୍ଡ ୩-୪ଥର ସୁଯୋଗ ସୃଷ୍ଟିକରି ଶେଷରେ ସଫଳ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ତାଙ୍କ ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରିଥିଲା। ଶେଷ ମୁହୂର୍ତ୍ତ ଗୋଲ ବଳରେ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ଶୁଟ୍‌ଆଉଟ ପର୍ଯ୍ୟାୟକୁ ନେଇଯାଇଥିଲା। ସ୍ୱାନ, ଡସନ, ବ୍ରାଣ୍ଡ, ଓକେନଡେନ ଓ ବାଲେଙ୍କ କମ୍ବିନେଶନ ବ୍ୟାକ୍ ଲାଇନ୍‌ରୁ ବଲ୍‌କୁ ଆଣି ପ୍ରତିପକ୍ଷ ସର୍କଲ ଭିତରେ ଆକ୍ରମଣକୁ ଜୋରଦାର କରିଥିଲା। ମ୍ୟାଚ୍ ଶେଷ ହେବା ପାଇଁ ୨୬ ସେକେଣ୍ଡ ଥିବାବେଳେ ଇଡି ଓକେନଡେନଙ୍କ ଶକ୍ତିଶାଳୀ ଶଟ୍ ପ୍ରତପକ୍ଷ ଗୋଲକିପର ବ୍ଲାକ୍‌ଙ୍କୁ ଚକ୍‌ମା ଦେବାରେ ପର୍ଯ୍ୟାପ୍ତ ଥିଲା। ଶୁଟ୍ ଆଉଟ୍‌ରେ ନେଦରଲାଣ୍ଡ ପଛୁଆ ହୋଇଯାଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସଡନ୍ ଡେଥ୍‌ରେ ଅଷ୍ଟ୍ରେଲିଆର ବାଲେଙ୍କ ବିପକ୍ଷରେ ନେଦରଲାଣ୍ଡର ପିରମିନ ବ୍ଲାକ୍‌ଙ୍କ ସୁଇପ୍ ଫଳାଫଳରେ ଭିନ୍ନତା ଆଣିଲା। କ୍ରମାଗତ ୫ମ ଥର ପାଇଁ ବିଶ୍ୱକପ୍ ଫାଇନାଲ ଖେଳିବାକୁ କୋକାବୁରା ଦଳ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଅଧୁରା ରହିଗଲା।

ଅନ୍ୟ ଏକ ସେମିଫାଇନାଲରେ ଇଂଲଣ୍ଡକୁ ବେଲ୍‌ଜିୟମ ୬-୦ ଗୋଲରେ ହରାଇଲା। ସେହିପରି ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କଲା। ତେଣୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ୩ଟି ଦଳ ପଦକ ହାସଲ କଲେ ବୋଲି କହିବାକୁ ହେବ। ଅନ୍ୟପକ୍ଷରେ ଭାରତ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ ନିକଟରୁ ଅଳ୍ପକେ ପରାଜିତ ହୋଇଥିଲା। ଶେଷରେ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ବେଲ୍‌ଜିୟମ ବିପକ୍ଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌କୁ ମଧ୍ୟ ଡ୍ର ରଖିବାରେ ସକ୍ଷମ ହୋଇଥିଲା।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

# ଫୁଟବଲ ଟୁର୍ନାମେଣ୍ଟ: ବରଗଡ ୟୁନାଇଟେଡ୍ ସ୍ପୋର୍ଟିଂ ବିଜୟୀ

**ବଲାଙ୍ଗୀର ଅଫିସ, ୧୭।୧୨**

ବଲାଙ୍ଗୀର ମିଶନ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ବସନ୍ତ ପାଲ(ଘନା) ମେମୋରିଏଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ ୟୁନାଇଟେଡ୍ ସ୍ପୋର୍ଟିଂ ୧-୦ଗୋଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ବିଜୟୀ ହୋଇଛି । ବିଜୟୀ ଦଳ ତରଫରୁ ବିସ୍‌ରାମ ଓରାମ ଗୋଲ ସ୍କୋର କରି ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ । ଖେଳକୁ ଦିଲୀପ ରାଉତ, ପ୍ରବୀଣ ବେହେରା, ଦେବାଶିଷ ବାଗ ଓ ସୁଶାନ୍ତ ନାଗ ପରିଚାଳନା କରିଥିଲେ। ଅତିଥି ଭାବେ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ଯୁବ ବିଜେଡି ସଭାପତି ଲୋଟଷ ଷଡ଼ଙ୍ଗୀ, ଯୁବନେତା ପ୍ରଦ୍ୟୁତ ମିଶ୍ର, ଶିବ ପ୍ରସାଦ ବେହେରା, ନିଥ୍‌ନିଅଲ ଛତ୍ରିଆ ଓ କୋଷାଧ୍ୟକ୍ଷ ପ୍ରଭାତ ଦାସ ଯୋଗଦେଇଥିଲେ । ସୁପ୍ରିମ ଟ୍ୟାକ୍ସ ଡାଇରେକ୍ଟର ତଥା ସ୍ୱର୍ଗତ ବସନ୍ତ ପାଲଙ୍କ ଭାଇ ଅଜିତ ପାଲଙ୍କ ପୃଷ୍ଠପୋଷକତା ଓ ସିସିଏଫଏ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଖେଳରେ ସଭାପତି ଜ୍ୟୋତିରାଜ ନାଗ, ସାଙ୍ଗଠନିକ ସମ୍ପାଦକ ହେମନ୍ତ ବେହେରା, ଅଧ୍ୟକ୍ଷ ବିଶ୍ୱଜିତ ପାଲ, ଶାନ୍ତନୁ ନାଗ ସଂଯୋଜନା କରିଥିଲେ । ମଙ୍ଗଳବାର ଭୁବନେଶ୍ୱର ଜଗା ୟୁନାଇଟେଡ ବନାମ୍ ସ୍ପୋର୍ଟସ ହଷ୍ଟେଲ ଭବାନୀପାଟଣା ମଧ୍ୟରେ ଖେଳ ହେବ।



“ଭାରତ ଜଣେ ଫୁଲ୍ ଟାଇମ୍ ସ୍ପିନର ଖେଳାଇବା ଉଚିତ୍ ଥିଲା। ଅନ୍ୟପଟେ ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲିୟନ ୭ ଉଇକେଟ ନେଇ ସାରିଲେଣି।

–ମହମ୍ମଦ ସାମି, ଭାରତୀୟ ପେସ୍ ବୋଲର



“ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଦୁଇ ଅଧିନାୟକଙ୍କ ମଧ୍ୟରେ ଯେଉଁ ବାକ୍ୟ ବିନିମୟ ଘଟିଥିଲା, ସେଥିରେ କୌଣସି ତିକ୍ତତା ନ ଥିଲା।

–ଜୋସ୍ ହାଜେଲଉଡ୍, ଅଷ୍ଟ୍ରେଲୀୟ ପେସ୍ ବୋଲର

# ପରାଜୟ ଦ୍ୱାରରେ ଭାରତ

## ପର୍ଥ ଟେଷ୍ଟ

ପର୍ଥ, ୧୭।୧୨(ପି.ଟି.)

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ପରାଜୟ ଦ୍ୱାରରେ ପହଞ୍ଚିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୭ ରନର ଟାର୍ଗେଟ୍‌କୁ ପିଛା କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସୋମବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୫ ଉଇକେଟ୍ ହରାଇ ୧୧୨ ରନ କରିଛି। ଅନ୍ତିମ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଯୋଡ଼ି ଭାବେ ହନୁମା ବିହାରୀ ୨୪ ଓ ରିଷଭ ପନ୍ତ ୯ ରନ କରି ଅପରାଜିତ ରହିଛନ୍ତି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଭାରତକୁ ବିଜୟ ପାଇଁ ବଳକା ୫ ଉଇକେଟ୍‌ରେ ଆଉ ୧୭୫ ରନ ଆବଶ୍ୟକ ହେଉଛି। ଅଧା ଖେଳାଳି ପ୍ୟାଭିଲିୟନ ଫେରିଯାଇଥିବାରୁ ପର୍ଥର ଏହି ଫାଷ୍ଟ ଉଇକେଟ୍‌ରେ ଅନ୍ତିମ ଦିବସରେ ଟାର୍ଗେଟ୍ ହାସଲ କରିବା ଭାରତପକ୍ଷେ ବେଶ୍ କଷ୍ଟସାଧ୍ୟ ହେବ। ଅପରପକ୍ଷରେ ପ୍ରଥମ ଟେଷ୍ଟରେ ପରାଜୟବରଣ କରିଥିବା ଅଷ୍ଟ୍ରେଲିଆ ନିକଟରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ସୁବର୍ଣ୍ଣ ସୁଯୋଗ ରହିଛି।

ପ୍ରଥମ ଇନିଂସରେ ୪୩ ରନରେ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ରବିବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ୪ ଉଇକେଟ୍ ହରାଇ ୧୩୨ ରନ କରିଥିଲା। ସୋମବାର ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଦଳୀୟ ସ୍କୋରରେ ଆଉ ୧୧୧ ରନ ଯୋଡ଼ି ୨୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଉସମାନ ଖ୍ୱାଜା ସର୍ବାଧିକ ୭୨ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଟିମ୍ ପେନ୍ ୩୭, ମିଚେଲ ଷ୍ଟାର୍କ ୧୪, ଜୋଶ୍ ହାଜେଲଉଡ୍ ୧୭*, ନାଥନ ଲିୟନ ୫ ଓ ପ୍ୟାଟ୍ କୁମିନ୍ସ ୧ ରନ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ମହମ୍ମଦ ସାମି ସବୁଠାରୁ ସଫଳ ବୋଲର ରହିଥିଲେ। ସେ ୬ଟି ଉଇକେଟ୍ ନେଇଥିବାବେଳେ ଯଶପ୍ରୀତ ବୁମ୍‌ରା (୩) ଓ ଇଶାନ୍ତ ଶର୍ମା (୧) ବଳକା ଉଇକେଟ୍ ବାଣ୍ଟି ନେଇଥିଲେ। ସାମିଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବୋଲିଂ ଫିଗର ରହିଥିଲା। ଚତୁର୍ଥ ଥର ଲାଗି ସେ ଗୋଟିଏ ଇନିଂସରେ ୫ ବା ତଦୂର୍ଦ୍ଧ ଉଇକେଟ୍ ନେବାରେ ସଫଳତା ପାଇଛନ୍ତି। ସେହିଭଳି ଭାରତୀୟ ବୋଲରଭାବେ ଗୋଟିଏ କ୍ୟାଲେଣ୍ଡରରେ ବିଦେଶରେ ସର୍ବାଧିକ ଟେଷ୍ଟ ଉଇକେଟ୍ ନେବାରେ ସାମି ପ୍ରାକ୍ତନ ସ୍ପିନର ଅନିଲ କୁମ୍ବଲେଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। କୁମ୍ବଲେ ଗୋଟିଏ କ୍ୟାଲେଣ୍ଡରରେ ବିଦେଶ ମାଟିରେ ୪୧ ଉଇକେଟ୍ ନେଇଥିବାବେଳେ ସାମି (୪୨) ଏହାକୁ ଅତିକ୍ରମ କରିଛନ୍ତି।

ଜବାବରେ ୨୮୭ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ଲୋକେଶ ରାହୁଲ (୦) ଓ ଚେତେଶ୍ୱର ପୂଜାରାଙ୍କ (୪) ଉଇକେଟ୍ ହରାଇ ନୈରାଶ୍ୟଜନକ ଆରମ୍ଭ କରିଥିଲା। ପ୍ରଥମ ଇନିଂସରେ ୨ ରନ କରିଥିବା ରାହୁଲ ପୁଣିଥରେ ନିରାଶ କରିଛନ୍ତି। ସେହିଭଳି ଅନ୍ୟତମ ଓପନର୍ ମୁରଲୀ ବିଜୟ (୨୦)ଙ୍କ ସମେତ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଓ ଅଧିନାୟକ କୋହଲି ବଡ଼ ଇନିଂସ ଖେଳିବାରେ ବିଫଳ ହେବାରୁ ଭାରତ ୧୦୦ ରନ ପୂରଣ ହେବାପୂର୍ବରୁ ୫ ଶୀର୍ଷକ୍ରମର ୫ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ପୂଜାରା ୪ ରନ ଓ କୋହଲି ୧୭ ରନ କରି ଯଥାକ୍ରମେ ଜୋଶ୍ ହାଜେଲଉଡ୍ ଓ ଲିୟନଙ୍କ ଶିକାର ହୋଇଥିଲେ। ତେବେ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଯୁବ ବ୍ୟାଟ୍ସମ୍ୟାନ ହନୁମା ବିହାରୀ (୨୪ ରନ, ୪ ଚୌକା) ଓ ରିଷଭ ପନ୍ତ (୯ ରନ) ଅପରାଜିତ ରହି ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନାହାନ୍ତି। ଭାରତ ୪୧ ଓଭରରେ ୫ ଉଇକେଟ୍ ବିନିମୟରେ ୧୧୨ ରନ କରିଛି। ହାଜେଲଉଡ୍ ଓ ଲିୟନ ୨ଟି ଲେଖାଏ ଏବଂ ଷ୍ଟାର୍କଙ୍କୁ ଗୋଟିଏ ଉଇକେଟ୍ ମିଳିଛି।



ବିରାଟ କୋହଲିଙ୍କୁ ଆଉଟ କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲୀୟ ଖେଳାଳି।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୩୨୬ରେ ଅଲ୍‌ଆଉଟ୍।
- ଭାରତ ପ୍ରଥମ ଇନିଂସ- ୨୮୩ରେ ଅଲ୍‌ଆଉଟ୍।
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୪୩ରେ ଅଲ୍‌ଆଉଟ୍ (ଖ୍ୱାଜା ୭୨, ପେନ୍ ୩୭, ହାଜେଲଉଡ୍ ୧୭*, ସାମି ୬/୫୬, ବୁମ୍‌ରା ୩/୩୯)।
- ଭାରତ ୨ୟ ଇନିଂସ- ୧୧୨/୫, ୪୧ ଓଭର (କୋହଲି ୧୭, ପୂଜାରା ୪, ରାହାନେ ୩୦, ବିହାରୀ ୨୪*, ପନ୍ତ ୯*, ହାଜେଲଉଡ୍ ୨/୨୪)।

### ପୃଥ୍ୱୀ ଶ’ଙ୍କ ବଦଳରେ ମୟଙ୍କ

ଆଘାତପ୍ରାପ୍ତ ପୃଥ୍ୱୀ ଶ’ ଅଷ୍ଟ୍ରେଲିଆ ବିପକ୍ଷ ସମଗ୍ର ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ସ୍ଥାନରେ ଯୁବ ଓପନର ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରିଛି। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷ ଏକ ଅଭ୍ୟାସ ଗେମ୍ ବେଳେ ଏକ କ୍ୟାଚ୍ ଧରିବା ଲାଗି ଉଦ୍ୟମ କରୁଥିବାବେଳେ ତାଙ୍କ ବାମ ଗୋଇଠିରେ ଆଘାତ ଲାଗିଛି। ସିଡ୍‌ନୀଠାରେ ମୁମ୍ବାଇର ଏହି ୧୯ବର୍ଷୀୟ ବ୍ୟାଟ୍ସମ୍ୟାନ ୬୬ ରନ ସ୍କୋର କରିଥିଲେ। ଅଲଇଣ୍ଡିଆ ସିନିୟର ସିଲେକ୍ସନ କମିଟି ଶ’ଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ମନୋନୀତ କରିଥିବା ବିସିସିଆଇ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ପ୍ରଥମ ଦୁଇଟି ଟେଷ୍ଟରେ କେଏଲ ରାହୁଲଙ୍କ ପ୍ରଦର୍ଶନ ନୈରାଶ୍ୟଜନ ରହିଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟ ହୁଏତ କର୍ନାଟକର ୨୭ ବର୍ଷୀୟ ଅଗ୍ରୱାଲଙ୍କୁ ଟେଷ୍ଟ ପଦାର୍ପଣର ସୁଯୋଗ ଦେଇପାରେ। ରାହୁଲ ଆଡିଲେଡଠାରେ ୨ ଓ ୪୪ କରିଥିବାବେଳେ ପର୍ଥଠାରେ ୨ ଓ ‘୦’ କରିଛନ୍ତି। ଏପର୍ଯ୍ୟନ୍ତ ୪୬ ପ୍ରଥମଶ୍ରେଣୀ ଗେମ୍ ଖେଳି ସାରିଥିବା ଅଗ୍ରୱାଲ ରଣଜୀ ଟ୍ରଫିରେ ଗୁଜରାଟ ବିପକ୍ଷରେ ତାଙ୍କ ଶେଷ ମ୍ୟାଚ ତାଙ୍କ ଦଳ ପକ୍ଷରୁ ୨୫ ଓ ୫୩ ରନ ସ୍କୋର କରିଛନ୍ତି। ଚୟନକର୍ତ୍ତାମାନେ ଆହୁରି ମଧ୍ୟ ଯଥାକ୍ରମେ ମେଲବୋର୍ନ ଓ ସିଡ୍‌ନୀଠାରେ ଖେଳାଯିବାକୁଥିବା ତୃତୀୟ ଓ ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରିଛନ୍ତି। ଡିସେମ୍ବର ୨୬ରେ ମେଲବୋର୍ନଠାରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। **ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଓ ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଏମ୍. ବିଜୟ, କେଏଲ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପଅଧିନାୟକ), ହନୁମା ବିହାରୀ, ରୋହିତ ଶର୍ମା, ରିଷଭ ପନ୍ତ୍ (ଉଇକେଟକିପର), ପ୍ରାର୍ଥିବ ପଟେଲ (ଉଇକେଟକିପର), ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଇଶାନ୍ତ ଶର୍ମା, ଉମେଶ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଅଗ୍ରୱାଲ।

## ସଂକ୍ଷେପରେ

### କୋହଲି, ପେନଙ୍କୁ ଅମ୍ପାୟରଙ୍କ ଚେତାବନୀ

**ପର୍ଥ,୧୭।୧୨:** ଏଠାରେ ଖେଳାଯାଉଥିବା ପର୍ଥ ଟେଷ୍ଟର ୪ର୍ଥ ଦିବସରେ ଏକ ଅଭାବନୀୟ ଘଟଣା ଘଟିଛି। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍‌ଙ୍କ କଥା କଟାକଟି ଘଟଣା ଆଉ ପାଦେ ଆଗକୁ ବଢ଼ିଛି। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ଛାତିରେ ଛାତି ଲଗେଇ ଛିଡ଼ା ହୋଇଯାଇଥିଲେ। ଏଥିଯୋଗୁ ଫିଲ୍ଡ ଅମ୍ପାୟର କ୍ରିସ୍ ଗାଫାନେ ବାଧହୋଇ ଯୁକ୍ତିତର୍କଠାରୁ ଦୂରେଇ ରହିବାକୁ ଚେତାବନୀ ଦେଇଛନ୍ତି। ଭାରତୀୟ ପେସର ଯଶପ୍ରୀତ ବୁମରା ୭୧ତମ ଓଭର ବୋଲିଂ କରୁଥିବା ବେଳେ ନନ୍ ଷ୍ଟ୍ରାଇକରଙ୍କ ନିକଟରେ ଫିଲ୍ଡିଂ କରୁଥିବା କୋହଲି ଓ ପେନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। କୋହଲିଙ୍କୁ ଆକ୍ଷେପ କରି ପେନ୍ କହିଥିଲେ, ରବିବାର ତୁମେ ଯୁକ୍ତିତର୍କ କରିଥିଲ। ଆଜି କେଉଁ କାରଣରୁ ନିଜକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଛ। ଏହାପରେ ବିରାଟ କ’ଣ ଉତ୍ତର ଦେଇଥିଲେ, ତାହା ଷ୍ଟମ୍ପରେ ଲାଗିଥିବା ମାଇକ୍ରୋଫୋନ୍‌ରେ ରେକର୍ଡ ହୋଇନାହିଁ। ପରବର୍ତ୍ତୀ ସମୟରେ ପେନ ରନ୍ ନେଉଥିବାବେଳେ କୋହଲି ତାଙ୍କ ସମ୍ମୁଖକୁ ଚାଲି ଆସିଥିଲେ। ଫଳରେ ଉଭୟ ଅଧିନାୟକ ଛାତିରେ ଛାତି ଲଗେଇ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଣୁ ଫିଲ୍ଡ ଅମ୍ପାୟର ଗାଫାନେଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା।

### ଜାତୀୟ ରେକର୍ଡ କଲେ ଅପୂର୍ବା

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):** ଅଲଟ୍ରା ରନର ଅପୂର୍ବା ଚୌଧାରୀ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ଅନୁଷ୍ଠିତ ଏନଇବି ଟ୍ୱେଣ୍ଟି ଫୋର୍ ଆୱାର ଷ୍ଟାଡିୟମ ରନ୍‌ରେ ୧୭୬.୮ କିମି ଶେଷ କରିଥିଲେ। ଏହା ଏକ ୨୪ ଘଣ୍ଟିଆ ମହିଳା ଇଭେଣ୍ଟ। ୨୮ ବର୍ଷୀୟା ଅପୂର୍ବାଙ୍କ ଜନ୍ମ ସ୍ଥାନ ହେଉଛି ଉତ୍ତର ପ୍ରଦେଶରେ ବିଜ୍‌ନୋରରେ। ପୂର୍ବରୁ ମୀନାଲ କୋଟାଲଙ୍କ ନାମରେ ଥିବା ରେକର୍ଡ (୧୭୫.୪ କିମି)କୁ ସେ ଭଙ୍ଗ କରିଦେଇଥିଲେ। ଏହାଥିଲା ତାଙ୍କର ତୃତୀୟ ଅଲଟ୍ରା ମାରାଥନ ରେସ୍। ୨୪ ଘଣ୍ଟା ମଧ୍ୟରେ ୧୦୦ ମାଇଲ (୧୬୦କି.ମି.)ରୁ ଅଧିକ ଦୌଡ଼ିବାରେ ମୀନାଲ ହିମା ସଇନୀ (୧୭୨.୩ କି.ମି.) ଓ ଅପର୍ଣ୍ଣା ଚୌଧାରୀ (୧୬୯.୨କି.ମି.)ଙ୍କ ପରେ ଅପୂର୍ବା ହେଉଛନ୍ତି ଚତୁର୍ଥ ଭାରତୀୟ ମହିଳା। ରବିବାର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୨୪ ଘଣ୍ଟିଆ ପୁରୁଷ ଦୌଡ଼ରେ ବେଙ୍ଗାଲୁରୁର ପ୍ରଣୟ ମହାନ୍ତି ୨୦୬.୮ କି.ମି. ଶେଷ କରିଥିଲେ। ସେ ତୃତୀୟ ଭାରତୀୟ ଭାବେ ୨୦୦କି.ମି ଦୂରତା ଅତିକ୍ରମ କରିଛନ୍ତି।

### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

**ସିଲହେଟ,୧୭।୧୨:** ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ବାଂଲାଦେଶଠାରୁ ପରାସ୍ତ ହୋଇଥିବା ୱେଷ୍ଟଇଣ୍ଡିଜ ଦଳ ପ୍ରଥମ ଟି୨୦ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି। ଘରୋଇ ବାଂଲାଦେଶ ଦଳ ପକ୍ଷରୁ ଧାର୍ଯ୍ୟ ୧୩୦ ରନ୍‌ର ବିଜୟ ଲକ୍ଷ୍ୟକୁ ଇଣ୍ଡିଜ୍ ଦଳ ୫୫ ବଲ ପୂର୍ବରୁ ଦୁଇ ଉଇକେଟ ହରାଇ ଜିତି ନେଇଛି। ବିଜୟୀ ଦଳ ପକ୍ଷରୁ ସର୍ବାଧିକ ଉଇକେଟ ନେଇଥିବା ଶେଲ୍ଡନ କଟରେଲ (୪)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ଏହି ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ଅଧିନାୟକ ଶକିବ ଅଲ ହସନ (୬୧)ଙ୍କ ଯୋଗୁ ଘରୋଇ ଦଳ ୧୯ ଓଭରରେ ୧୨୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳର ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଭ୍ରମଣକାରୀ ଦଳ ପାଇଁ ଶେଲ୍ଡନ ୪ ଓ କିମୋ ପଲ ୨ ଉଇକେଟ ନେଇଥିଲେ। ଜବାବରେ ଇଣ୍ଡିଜ୍ ଦଳ ମାତ୍ର ୧୦.୫ ଓଭରରେ ୨ ଉଇକେଟ ହରାଇ ୧୩୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ଲାଗି ଶାଇ ହୋପ ୫୫, ନିକୋଲାସ ପୁରନ ୨୩ ଓ କିମୋ ୨୮ ରନ୍ କରିଥିଲେ।

## ଅନିଲ ଖାନ୍ନା, ଜନାର୍ଦ୍ଦନ ଗେହଲଟ ନିର୍ବାଚିତ

ନୂଆଦିଲ୍ଲୀ, ୧୭।୧୨ (ପି.ଟି.)

ଡିସେମ୍ବର ୨୨ରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଟପ୍ ଟେନିସ ଅଫିସିଆଲ ଅନିଲ ଖାନ୍ନା ଏବଂ ଜାତୀୟ କବାଡ଼ି ମହାସଂଘର ପୂର୍ବତନ ସଭାପତି ଜନାର୍ଦ୍ଦନ ସିଂ ଗେହଲଟ ନିର୍ଦ୍ୱନ୍ଦ୍ୱରେ ଆଇଓଏର ଜଣେ ସିନିୟର ଉପସଭାପତି ଏବଂ ଜଣେ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଜିଲା ଜଜ୍ ତଥା ରିଟର୍ନିଂ ଅଫିସର ଦେବେନ୍ଦର କୁମାର ନେଲୱାଲ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି। ସିନିୟର ଉପ ସଭାପତି ଏବଂ ଉପସଭାପତି ପାଇଁ ଜଣେ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ଏହି ପଦବୀ ପାଇଁ ନିର୍ବାଚନର ଆବଶ୍ୟକତା ନାହିଁ।

## ଗମ୍ଭୀରଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୭।୧୨

ନିକଟରେ କ୍ରିକେଟରୁ ଅବସର ନେଇଥିବା ଗୌତମ ଗମ୍ଭୀରଙ୍କୁ ଖେଳ ପ୍ରତି ଅବଦାନ ଓ ସମାଜ କଲ୍ୟାଣ କାର୍ଯ୍ୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳରେ ଗମ୍ଭୀରଙ୍କ ସ୍ୱତନ୍ତ୍ର ଭୂମିକା ଥିବା ପ୍ରଧାନମନ୍ତ୍ରୀ ଏକ ଚିଠି ଜରିଆରେ କହିଛନ୍ତି। ଉକ୍ତ ଚିଠିକୁ ଗମ୍ଭୀର ଟୁଇଟରରେ ଶେୟାର କରିଛନ୍ତି। ‘‘ଭାରତୀୟ କ୍ରୀଡ଼ା ପ୍ରତି ତୁମ ଅବଦାନ ପାଇଁ ଶୁଭେଚ୍ଛା। ଐତିହାସିକ ବିଜୟରେ ତୁମର ସ୍ମରଣୀୟ ପ୍ରଦର୍ଶନ ଯୋଗୁ ଭାରତ ଗର୍ବିତ’’ ବୋଲି ଉକ୍ତ ଚିଠିରେ ଲେଖା ରହିଛି। ଏହାର କ୍ୟାପଶନରେ ଗମ୍ଭୀର ଲେଖିଛନ୍ତି, ପ୍ରଶଂସା ପାଇଁ ଧନ୍ୟବାଦ। ଦେଶବାସୀଙ୍କ ଭଲପାଇବା ଓ ସମର୍ଥନ ବିନା ଏହା ସମ୍ଭବ ହୋଇ ନ ଥାନ୍ତା। ମୋର ସମସ୍ତ ସଫଳତା ଦେଶ ପାଇଁ ଉତ୍ସର୍ଗ କରୁଛି।



କଟକ ଜିଲା ଚେସ୍ ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର ଟ୍ରଫି ସହ।

## ମେସିଙ୍କ ହ୍ୟାଟ୍ରିକ




ଭାଲେନସିଆ,୧୭।୧୨

ଲିଓନେଲ ମେସି ଚଳିତ ଲା ଲିଗା ଲିଗ୍ ସିଜନରେ ପ୍ରଥମ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ତାଙ୍କ ହ୍ୟାଟ୍ରିକ ଯୋଗୁ ବାର୍ସିଲୋନା ଏଫ୍‌ସି ୫-୦ର ବୃହତ୍ ବ୍ୟବଧାନରେ ଲେଭାଣ୍ଟେ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଲୁଇସ ସୁଆରେଜ (୩୫ତମ ମିନିଟ) ବାର୍ସିଲୋନା ପାଇଁ ଖାତା ଖୋଲିବା ପରେ ମେସି (୪୩, ୪୭ ଓ ୬୦ ତମ) କ୍ରମାଗତ ୩ଟି ଗୋଲ ଦେଇଥିଲେ। ଏହାକୁ ମିଶାଇ ଲା ଲିଗା ଲିଗ୍‌ରେ ଏପର୍ଯ୍ୟନ୍ତ ମେସି ୩୧ ଥର ହ୍ୟାଟ୍ରିକ ସ୍କୋର କରିସାରିଛନ୍ତି। ମ୍ୟାଚ୍‌ର ଶେଷ ଆଡକୁ ଜେରାର୍ଡ ପିକ (୮୮ତମ) ଗୋଲ ଦେଇଥିଲେ। ଏହି ବିଜୟ ସହ ବାର୍ସିଲୋନା ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ସ୍ଥାନ ସୁଦୃଢ଼ କରିଛି। ବର୍ତ୍ତମାନ ଦଳ ୧୬ ମ୍ୟାଚ୍ ଖେଳି ୧୦ଟି ବିଜୟ ସହ ୩୪ ପଏଣ୍ଟ ହାସଲ କରିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ସେଭିଲା ଦଳ ନିକଟରେ ୩୧ ପଏଣ୍ଟ ରହିଛି।

## ଲଥାମ୍‌ଙ୍କ ରେକର୍ଡ ଦ୍ୱିଶତକ

# ମଜଭୁତ ସ୍ଥିତିରେ ନ୍ୟୁଜିଲାଣ୍ଡ



ଟମ୍ ଲଥାମ୍

ୱେଲିଂଟନ, ୧୭।୧୨

ବାମହାତୀ ଓପନର୍ ଟମ୍ ଲଥାମ୍‌ଙ୍କ ଅପରାଜିତ ରେକର୍ଡ ଦ୍ୱିଶତକୀୟ ଇନିଂସ ବଳରେ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଦୃଢ଼ସ୍ଥିତିରେ ରହିଛି। ଲଥାମ୍‌ଙ୍କ ଏହି ମାରାଥନ ଇନିଂସ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୭୮ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ୨୯୬ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଶ୍ରୀଲଙ୍କା ସୋମବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ୍ ହରାଇ ୨୦ ରନ କରିଛି। ଦନୁଷ୍କା ଗୁଣତିଳକ (୩), ଦିମୁଥ କରୁଣାରତ୍ନେ (୧୦) ଓ ଧନଞ୍ଜୟ ଡି ସିଲ୍‌ଭା (୦) ଆଉଟ୍ ହୋଇଥିବାବେଳେ କୁଶଳ ମେଣ୍ଡିସ ୫ ଓ ଆଞ୍ଜେଲୋ ମାଥ୍ୟୁସ ୨ ରନ କରି ଅପରାଜିତ ରହିଛନ୍ତି। ଟିମ୍ ସୌଦୀଙ୍କୁ ୨ଟି ଉଇକେଟ୍ ମିଳିଛି। ହାତରେ ଆହୁରି ୭ ଉଇକେଟ୍ ବଳକା ରହିଥିବାବେଳେ ଇନିଂସ ପରାଜୟ ଏଡ଼ାଇବା ପାଇଁ ଶ୍ରୀଲଙ୍କା ଆହୁରି ୨୭୭ ରନ ଆବଶ୍ୟକ କରୁଛି।

ଘରୋଇ ଶ୍ରୀଲଙ୍କାର ପ୍ରଥମ ଇନିଂସ ସ୍କୋର ୨୮୨ ରନର ଜବାବରେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ରବିବାର ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୩୧୧ ରନ କରିଥିଲା। ସୋମବାର ଏହି ଅସମାପ୍ତ ପ୍ରଥମ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ୫୭୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଟମ୍ ଲଥାମ ସର୍ବାଧିକ ୨୬୪ ରନ କରି ଅପରାଜିତ ରହିଥିଲେ। କେନ୍ ୱିଲିୟମସନ (୯୧), ରସ୍ ଟେଲର (୫୦) ଓ ହେନରୀ ନିକୋଲାସ (୫୦) ରନ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଲାହିରୁ କୁମାର ୪ଟି ଉଇକେଟ୍ ନେଇଥିଲେ। ଟେଷ୍ଟ କ୍ରିକେଟରେ ଲଥାମଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ଇନିଂସ ଥିଲା। ଏଥିସହ ଟେଷ୍ଟ କ୍ରିକେଟ ଇତିହାସରେ ଟିମ୍ ଅଲ୍‌ଆଉଟ୍ ହେଲେ ମଧ୍ୟ ଜଣେ ଓପନର ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ଏହା ୫୬ତମ ଘଟଣା। ସେହିଭଳି ଜଣେ ଓପନିଂ ବ୍ୟାଟ୍ସମ୍ୟାନଭାବେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବାରେ ଲଥାମ ଆଲିଷ୍ଟର କୁକ୍ (୨୪୪*)ଙ୍କୁ ପଛରେ ପକାଇଛନ୍ତି।

## ଆଇପିଏଲ ଖେଳାଳି ନିଲାମ ଆଜି: ଯୁବରାଜଙ୍କୁ ନେଇ କଳ୍ପନାଜଳ୍ପନା

ଜୟପୁର, ୧୭।୧୨ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୧୯ ସଂସ୍କରଣ ପାଇଁ ଖେଳାଳି ନିଲାମ ଏଠାରେ ମଙ୍ଗଳବାର ଅନୁଷ୍ଠିତ ହେବ। ଏକଦା ରେକର୍ଡ ୧୬ କୋଟି ଟଙ୍କାରେ ବିକ୍ରି ହୋଇଥିବା ଯୁବରାଜ ସିଂଙ୍କୁ ଏଥର କୌଣସି ଫ୍ରାଞ୍ଚାଇଜ୍ ନେବେ କି ନା ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଗତ ସିଜନରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ତରଫରୁ ତାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଥିଲା। ସେ ୮ଟି ଗେମ୍‌ରେ ମାତ୍ର ୬୫ ରନ କରିବାରେ ସମର୍ଥ ହୋଇଥିଲେ। ତେଣୁ ଟିମ୍ ତାଙ୍କୁ ରିଲିଜ୍ କରିବାରେ ଆଶ୍ଚର୍ଯ୍ୟ ହେବାର ନୁହେଁ। ଅନ୍ୟପକ୍ଷରେ ଗତ ସିଜନରେ କ୍ରିସ୍ ଗେଲଙ୍କ ପ୍ରଦର୍ଶନ ନେଇ କିଙ୍ଗ୍ସ ଇଲେଭେନ ଏକ ପ୍ରକାର ସନ୍ତୁଷ୍ଟ। ୩୭ବର୍ଷୀୟ ଯୁବରାଜ ଶେଷ ଥର ପାଇଁ ୨୦୧୭ ଜୁନ୍‌ରେ ଭାରତ ପାଇଁ ଖେଳିଥିଲେ। ଏଥର ଋଦ୍ଧିମାନ ଶାହ, ମହମ୍ମଦ ଶାମି ଏବଂ ଅକ୍ଷର ପଟେଲଙ୍କ ସହ ତାଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରହିଛି। ଏଣେ ନିଲାମରେ ଭାଗ ନେବାକୁଥିବା ୩୪୬ କ୍ରିକେଟରଙ୍କ ମଧ୍ୟରୁ ୨ କୋଟି ଟଙ୍କା ବେସ୍ ପ୍ରାଇସ୍ ତାଲିକାରେ କୌଣସି ଭାରତୀୟ ଖେଳାଳି ନାହାନ୍ତି। ଏଥର ଆଇପିଏଲ ଖେଳାଳି ନିଲାମ ବାଙ୍ଗାଲୋର ପରିବର୍ତ୍ତେ ଗୋଲାପୀ ସହର ଜୟପୁରରେ ହେବ। ଗତ ୧୧ ସିଜନ ଧରି ନିଲାମକର୍ତ୍ତା ରହି ଆସିଥିବା ରିଚାର୍ଡ ମ୍ୟାଡ୍‌ଲେଙ୍କ ସ୍ଥାନରେ ହ୍ୟୁଗ୍ ଏଡ୍‌ମିଡ୍ସ ଏଥର ଦାୟିତ୍ୱ ନିର୍ବାହ କରିବେ। ୨କୋଟି ଟଙ୍କା ବ୍ରେସ୍ ପ୍ରାଇସ୍ ଖେଳାଳି ତାଲିକାରେ ରହିଥିବା ୯ ଜଣ ଖେଳାଳି ହେଲେ ବ୍ରେଣ୍ଡନ ମ୍ୟାକ୍‌କୁଲମ, କ୍ରିସ୍ ଓକ୍ସ, ଲସିଥ ମାଲିଙ୍ଗା, ଶନ୍ ମାର୍ଶ, ସାମ୍ କୁରାନ, କଲିନ ଇଙ୍ଗ୍ରାମ, କୋରେ ଆଣ୍ଡରସନ, ଅଞ୍ଜେଲୋ ମାଥ୍ୟୁସ ଏବଂ ଡି’ଆର୍ସି ଶର୍ଟ। ଟିମ୍‌ଗୁଡ଼ିକ ଏଥର ମଧ୍ୟ ଡେଲ୍ ଷ୍ଟେଇନ୍, ମୋର୍ନେ ମୋର୍କେଲ,ଜନି ବେୟାରଷ୍ଟୋ ଏବଂ ଆଲେକ୍ସ ହେଲ୍ସ ଅଭିଜ୍ଞ ଖେଳାଳିଙ୍କ ଉପରେ ନଜର ପକାଇବେ। ଏମାନେ ୧.୫ କୋଟି ବ୍ରେସ୍ ପ୍ରାଇସ୍ କାଟେଗୋରିରେ ରହିଛନ୍ତି।



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡିବ ନାହିଁ।

- ଇଡ୍‌ୱିନ୍ ହବେଲ୍ ଚାପିନ

## ସଂକ୍ଷେପରେ

### ମହାସିନ୍ଧୁ ଆଶ୍ରମରେ ଗୀତା ଜୟନ୍ତୀ

ରିଆମାଳ,୧୭।୧୨(ଡି.ଏନ୍.ଏ.): ରିଆମାଳ ବ୍ଲକ ଅଧୀନ ମହାସିନ୍ଧୁ ଆଶ୍ରମରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ବ୍ରହ୍ମଚାରୀ ଅଭୟ ଚୈତନ୍ୟଜୀ ଏବଂ ମିଳନ ପ୍ରଧାନଙ୍କ ସଭାପତିତ୍ୱରେ ଗୀତା ପାଠ, ରୁଦ୍ରାଭିଷେକ, ଚଣ୍ଡିପାଠ, ସୂର୍ଯ୍ୟପୂଜା ହୋଇଥିଲା। ମନୋଜ ଶତପଥୀ, ଚନ୍ଦ୍ରଶେଖର ଶତପଥୀ, ଦୀକ୍ଷିତ ଦାଶ, ତ୍ରିନାଥ ନନ୍ଦ, ଟିକେଶ୍ୱର ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଣବ କୁମାର ଦେବ ଓ ତାଙ୍କ ସ୍ତ୍ରୀ ଭାରତୀ ଦେବୀ ଗୀତାଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ରୁଦ୍ରାଭିଷେକରେ ରୋହିତ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ବୈଜୟନ୍ତୀ ବିଶ୍ୱାଳ କର୍ତ୍ତା ରହିଥିଲେ। ଚଣ୍ଡିପାଠରେ ଅନନ୍ତ ବିଶ୍ୱାଳ କର୍ତ୍ତା ହୋଇଥିଲେ। ସର୍ବେଶ୍ୱର ଚୈତନ୍ୟଜୀ, ଦିବ୍ୟାନନ୍ଦ ପୁରିଜୀ, ମହୀବାବା, ଦହିବାବା, ଧର୍ମେନ୍ଦ୍ର ବାବା ପ୍ରମୁଖ ସାଧୁସନ୍ଥଙ୍କ ସହ ୫ଟି ସଂକୀର୍ତ୍ତନ ମଣ୍ଡଳି ଯୋଗ ଦେଇଥିଲେ।

### ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବି

# ଦେବଗଡରେ ବନ୍ଦ ପାଳନ ସ୍ୱତଃସ୍ଫୂର୍ତ୍ତ

ଦେବଗଡ/ ରିଆମାଳ, ୧୭।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)




କୋଶଳ ସ୍ୱତନ୍ତ୍ର ରାଜ୍ୟ ଦାବିରେ ବନ୍ଦ ପାଳନ।

ସମନ୍ୱୟ ସମିତି ଦେବଗଡ ଶାଖା ପକ୍ଷରୁ ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବିରେ ସୋମବାର ୧୨ଘଣ୍ଟିଆ ମହାବନ୍ଦ ଶାନ୍ତି ଶୃଙ୍ଖଳାରେ ହୋଇଛି । ଏହି ପରିପ୍ରେକ୍ଷୀରେ ସହର ଦେଇ ଯାଇଥିବା ଜାତୀୟ ରାଜପଥ ତଥା ସ୍ଥାନୀୟ ଟ୍ରାଫିକ ଛକରେ ସମନ୍ୱୟ ସମିତି ଦେବଗଡ ଶାଖା ବିଭିନ୍ନ ସଂଗଠନ, ରାଜନୈତିକ ଦଳ ପ୍ରମୁଖ ସମର୍ଥନ ପୂର୍ବକ ଉପସ୍ଥିତ ରହି ବିଭିନ୍ନ ନାରାବାଜି ଦେବା ସହ ମହାବନ୍ଦରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ପିକେଟିଂ କରି ସକାଳ ୬ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ କରିଥିଲେ । ଏହି ବନ୍ଦରେ ସମସ୍ତ କୋର୍ଟ କଚେରୀ, ବିଚାର ବିଭାଗୀୟ କାର୍ଯ୍ୟାଳୟ, ସରକାରୀ ବେସରକାରୀ ଅଫିସ, ସ୍କୁଲ, କଲେଜ ରାସ୍ତାଘାଟ, ଦୋକାନ ବଜାର, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ବନ୍ଦ କରାଯାଇଥିଲା। ଆବଶ୍ୟକୀୟ ସେବାକୁ ଏହି ବନ୍ଦରୁ ବାଦ୍ ଦିଆଯାଇଥିଲା । ଏହି ବନ୍ଦରେ ଶୁଶୀଲ କପରଦାର, ପୂର୍ଣ୍ଣଚନ୍ଦ୍ର ବୁଡା, ବାଣେଶ୍ୱର ଦାଶ, ରାମ ଧାଙ୍ଗ, ଉମାଶଙ୍କର ବେହେରା, ଦିବ୍ୟଶଙ୍କର ଦ୍ୱୀବେଦି, ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ରିଆମାଳଠାରେ ମଧ୍ୟ କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବ୍ଲକ କମିଟି ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ସମ୍ପାଦକ ତଥା ସ୍ଥାନୀୟ ସମିତିସଭ୍ୟ ଗାନ୍ଧୀଚରଣ ନାୟକଙ୍କ ତତ୍ତ୍ୱାବଧାନରେ ବହୁ ଯୁବକର୍ମୀ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳିଆ ବିଶି, ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ଅରୁଣ ମାଝି ଓ ମଦନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୧୭।୧୨(ସ୍ୱ.ପ୍ର.)

ରିଆମାଳ ବ୍ଲକ ଅଧିନ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁଧାଂଶୁ ମୋହନ ସାମଲ ୧୨୮ଟି ଆପତି ଅଭିଯୋଗର ଶୁଣାଣି କରି ସେଗୁଡିକ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ ମଧ୍ୟରୁ ୧୧୧ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ସମ୍ବନ୍ଧୀୟ ହୋଇଥିବାବେଳେ ୧୭ଟି ସାମୁହିକ ସମସ୍ୟା ଉପରେ ଥିଲା । ଶିବିରରେ ଜନସାଧାରଣ ମୁଖ୍ୟତଃ ବିଦ୍ୟୁତ ଯୋଗାଣ, ଶିକ୍ଷକ ବଦଳି, ଜମି ଜଙ୍ଗଲ ପଟା, ପାନୀୟଜଳ, ରାସ୍ତା ନିର୍ମାଣ, ମଣ୍ଡପ ନିର୍ମାଣ, ବ୍ୟାଙ୍କରଣ, ଉଠା ଜଳସେଚନ ଭଳି ବିଷୟ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ବିଡିଓ ଶିବ ଟପ୍ପୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହସ ହସ ହୋଇ କହୁଛି କଥା,**
**ଛିଣ୍ଡେଇ ଦଉଛି ମରମ;**
**ଭିତରେ ଭିତରେ ଯାହା ହେଉଅଛି,**
**ସାକ୍ଷୀ ଅଛି ଏକା ଧରମ ।**

ପରିହାସଯୁକ୍ତ କଟୁକ୍ତି ଦେହ ଓ ମନକୁ ଆକ୍ରାମାକ୍ରା କରିଦେଇଥାଏ। ଏହା ଯେ କେତେ ଯନ୍ତ୍ରଣାଦାୟକ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଅନ୍ୟର ମର୍ମଭେଦୀ କଥା ଶୁଣି କାହା ଆଗରେ ବ୍ୟକ୍ତ କରିପାରୁ ନ ଥିବା ବ୍ୟକ୍ତି ଭିତରେ ଭିତରେ ଅନ୍ତର୍ଦାହରେ ଜଳିଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ହଟହଟିଆ କଖାରୁ ଫୁଲିଆ ନାଗର !**
**ସଙ୍କେତ ଦେଇ କା'ପୁରେ ରହିଲା,**
**ରାତି ହେଲି ଉଜାଗର ।**

କଥା ଦେଲେ କଥା ରଖିବାକୁ ପଡ଼ିଥାଏ। ଯିଏ କଥା ଦେଇ କଥା ରଖି ନ ପାରେ ତା'ଠରୁ ମନ ଛାଡ଼ି ଯାଇଥାଏ। ଏପରିସ୍ଥଳେ ଗୋପନରେ ମିଳିତ ହେବା ନେଇ ପ୍ରତିଶ୍ରୁତି ଦେଇ ପୂରଣ କରିପାରୁ ନ ଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବୁଡିଦୋ ଗ୍ରାମପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ରିଆମାଳ,୧୭।୧୨(ଡି.ଏନ୍.ଏ.)

ରିଆମାଳ ବ୍ଲକ ଅଧୀନ ବୁଡିଦୋ ପଞ୍ଚାୟତ ପରିସରରେ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଡିଦୋ ସରପଞ୍ଚ ଉମା ବେହେରା ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରିଆମାଳ ବିଡିଓ ଶିବ ଟପ୍ପୋ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏପିଓ ସାଧନା ରାଉତ, ବିପିଏମ୍ ଜ୍ୟୋତି କୁମାରୀ କୁଜୁର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱପ୍ନେଶ୍ୱର ନାୟକ, ଡ. ଯଶବନ୍ତ ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ନେହଲତା ସାହୁ, ପଞ୍ଚାୟତ କୃଷି ଅଧିକାରୀ ହରିଶ୍ଚନ୍ଦ୍ର ବିଶ୍ୱାଳ, କ୍ଷେତ୍ରବାସୀ ପ୍ରଧାନ, ଲାଇନ୍‌ମ୍ୟାନ୍ ମଳୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମା ବୃନ୍ଦାବତୀ, ମା ମନସା, ମା ତୁଳସୀ, ବିଶ୍ୱ ମା ଶିବାନୀ ଓ ବିଶ୍ୱ ମା ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗଦେଇ ପିଠା ତିଆରି କରି ଉପସ୍ଥିତ ଜନତାଙ୍କୁ ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ସମିତି ସଭ୍ୟ ଉଗ୍ରସେନ ପ୍ରଧାନ, ନାଏବ ସରପଞ୍ଚ ମୋତିଲାଲ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପରା ଓ ଭଙ୍ଗାମାଳ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଦେବଗଡରେ ଜାତୀୟ ଶିଶୁ ସୁରକ୍ଷା ଆୟୋଗର ପ୍ରତିନିଧି ଦଳ

ଦେବଗଡ,୧୭।୧୨(ସ୍ୱ.ପ୍ର.)



ଶେଲ୍‌ଟର ହୋମ୍‌ଠାରେ ପ୍ରତିନିଧି ଦଳ ପରିଦର୍ଶନ କରୁଛନ୍ତି।

ଜାତୀୟ ଶିଶୁ ସୁରକ୍ଷା ଆୟୋଗର ପ୍ରତିନିଧି ଦଳ ସୋମବାର ଦେବଗଡ ଜିଲା ଗସ୍ତ କରିଛନ୍ତି । ଗୁଡ୍ ନ୍ୟୁଜ ଇଣ୍ଡିଆର ମୁଖ୍ୟଙ୍କ ବିରୋଧରେ କେଳେଙ୍କାରୀ ଅଭିଯୋଗ ଆସିବା ପରେ ଏହାର ବିଭିନ୍ନ ଶାଖା ଉପରେ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ଜିଲା ପରିଦର୍ଶନ କରି ସୋମବାର ଦେବଗଡ ଶାଖା ପରିଦର୍ଶନ କରିଥିଲେ । କିନ୍ତୁ ପୂର୍ବରୁ ଦେବଗଡ ନୂଆଁଭୁଇଁ ଗ୍ରାମ ପାଖରେ ଥିବା ଗୁଡ୍ ନ୍ୟୁଜ ଇଣ୍ଡିଆର କର୍ମକର୍ତ୍ତା ମାନେ ଏହା ଜାଣିବା ପରେ ଅନାଥ ଆଶ୍ରମରେ ତାଲା ପକାଇ ଫେରାର୍ ହୋଇଯାଇଥିବା ଘଟଣା ସନ୍ଦେହକୁ ଆହୁରି ଦୃଢିଭୁତ କରିଛି। ଫଳରେ ଖାଲି ହାତରେ ଅଫିସରମାନେ ଫେରି ଆସି ସପୋର୍ଟ ଓ ଦିଶା ଶେଲଟର୍ ହୋମକୁ ଯାଇ କାଗଜପତ୍ର ଯାଞ୍ଚ୍ କରିଥିଲେ । ପରେ ସେଠାରେ ରହୁଥିବା ଶିଶୁ ଏବଂ କର୍ମଚାରୀଙ୍କ ସହ କଥାବାର୍ତ୍ତା ହୋଇଥିଲେ । ପ୍ରତିନିଧି ମଣ୍ଡଳରେ ଜାତୀୟ ଶିଶୁ ସୁରକ୍ଷା ସଦସ୍ୟ ପରେଶ ଶାହ ଏବଂ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସଦସ୍ୟା ନିବେଦିତା ନାୟକ, ସିଡବ୍ଲ୍ୟୁସି ଚେୟାରମେନ ଅତୁଲ୍ୟ ପୂଜାରୀ, ଡିସିପିଓ ରୋମିଓ ମହାପାତ୍ର, ଡିବ୍ଲ୍ୟୁଓ ହଳଧର ମହାନନ୍ଦ, ଦିଶାର କର୍ମକର୍ତ୍ତା ଉପେନ୍ଦ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ଦରମାପ୍ରାପ୍ତ ଅଧ୍ୟାପକ, କର୍ମଚାରୀଙ୍କ ସମ୍ମିଳନୀ

## ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯିବ

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)

ରାଜ୍ୟ ଦରମାପ୍ରାପ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ମହର୍ଷି କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ସମନ୍ୱୟ ସମିତି ଆହ୍ୱାନରେ ଅନୁଷ୍ଠିତ ସମ୍ମିଳନୀରେ ୟୁଜିସି ଦରମା ହାର ସମ୍ପ୍ରସାରଣ କରିବା, ୧୮ବର୍ଷ ପୂର୍ଣ୍ଣତା ପରେ ରିଡର୍ ଷ୍ଟେଟ୍ ସ୍କେଲ୍‌କୁ ପଦୋନ୍ନତି କରିବା, ୭ମ ଓ ୫ମ ବେତନ କମିଶନ ଆଧାରରେ ସମସ୍ତ ବକେୟା ଦରମା ପ୍ରଦାନ ଓ ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ପ୍ରମୁଖ ଦାବି ପୂରଣ ଲାଗି ଶେଷ ଥର ପାଇଁ ଅନୁରୋଧ କରାଯାଇଛି। ବହୁବାର ଗଣଧାରଣା ଓ ରାଲି ଜରିଆରେ ସରକାରଙ୍କୁ ମୌଳିକ ଦାବିଗୁଡ଼ିକ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଗଭୀର ମାନସିକ ଆଘାତ ଦେଇଛି। ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ପାଇଁ ସରକାର ବିଧିବଦ୍ଧ ନିଷ୍ପତ୍ତି ନ ନେଲେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏକ ଗଣ ଡେପୁଟେଶନ୍‌ରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଲୋଡ଼ିବାକୁ ସମ୍ମିଳନୀରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ସମ୍ମିଳନୀକୁ ମହର୍ଷି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପଲତା ପରିଡ଼ା ଉଦ୍‌ଘାଟନ କରିଥିଲେ। ସମନ୍ୱୟ ସମିତିର ସଂଯୋଜକ ଅଧ୍ୟାପକ ଅକ୍ଷୟ ମହାପାତ୍ର, ଆବାହକ ଅଧ୍ୟାପକ ଉମାକାନ୍ତ ପାତ୍ର, ଡ. କମଳ ପ୍ରସାଦ ମହାନ୍ତି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସହିତ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଘୋଷଣା କରିଥିଲେ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT**
**DISTRICT SURVEILLANCE UNIT, KORAPUT**
**NATIONAL HEALTH MISSION**
Ph. No.: 06852 - 252061, Email Id: dsukoraput@gmail.com

**CORRIGENDUM**

Letter No. 595/NCD Dtd.14.12.18

No.668-E: In partial modification to the tender enquiry no.586/ NCD/KPT dtd.06.12.18 for BMW management, the average annual turnover for last three financial year is revised as Rs.1.00 crore per annum instead of Rs.3.00 crores.

The other terms & conditions remain unchanged.

10077/11/0025/1819 **Sd./- CDM & PHO, Koraput**



**OFFICE OF THE REGULATED MARKET COMMITTEE, SARGIPALI, SUNDARGARH**

**INVITATION OF BIDS THROUGH E-PROCUREMENT**

**TENDER CALL NOTICE NO. 1621 OF 2018-19, DATED 15.12.2018**
**BID IDENTIFICATION NO. 01**

The office of the R.M.C., Sargipali, Sundargarh invites percentage rate bids on online mode from eligible contractors for execution of the different works under RMC Sargipali. The details of which are available at e-Procurement portal www.tenderorissa.gov.in. The interested tenderers are advised to visit the above website for submission of e-tender.

Tender will be closed at 17.00 hours on 27.12.2018.

*Sd./- Collector, Sundargarh-cum-Chairman*
*R.M.C., Sargipali, Sundargarh*



**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, JALESWAR**

**No.CAD-1141:-** **e - Procurement Notice**

**Bid Identification No: 03/18-19 /DT.07/12/2018**

1. The Executive Engineer, Lift Irrigation Division, Jaleswar on behalf ODISHA LIFT IRRIGATION CORPORATION LIMITED, BHUBANESWAR Invites percentage Rate bids in online mode for Installation / Revival of defunct L.I Projects in Turn-key basis from reputed Contractors/Firms having valid D & C Class Civil contractor license from State PWD/PHED/ RWSS/ Irrigation/ Rural works or equivalent grade of CPW/ Railway along with valid HT license issued by E.L.B.O, Odisha with experience in similar nature of (i) work drilling and installation of Tube well by Mud rotary method, (ii) for the work Erection of 11 KV line, L.T. line with AB Cable & Commissioning of S/S for power supply to lift Irrigation projects with installation of motor, starter and its energisation Including supply of all materials (iii)Construction of Distribution system in L.I. Projects. The proof of registration and experience from the appropriate authority shall be enclosed along with the Bid. All the documents to be submitted should be self attested. In case one agency does not have both valid Civil & H.T. license then a joint venture of the tenderer with the civil or H.T. licensed contractor to supervise the work will be accepted provided both the contractors have valid PAN, GST, experience in similar nature of work etc. A Civil Contractor entering into Joint venture with another Civil Contractor & an Electrical Contractor entering with joint venture with another Electrical contractor will not be entertained. The joint affidavit should be registered before the appropriate registration authority of the Government of Odisha. The P.A. Holders of any SC/ST bidders should belongs to SC/ST category only otherwise their bids will be rejected (As per Instructions of Deptt. Authorities). Upon approval of the rates both; the Civil & Electrical Contractors entering into the Joint venture have to submit an affidavit under Joint Signature that they both will be liable for completing the work within the stipulated time failing which action as dim fit will be initiated upon both of them. This affidavit will be a part of the f-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender. The list of such Contractors is presented in the DTCN.
2. Upon enforcement of GST, all rates should be quoted accordingly and the GST will be collected from the bills as per Govtt. Decision in force, GST shall be paid extra.
3. The authority reserves the right to increase or decrease the quantity of work accept or reject any or all the Tenders without assigning any reason thereof.

1. Name of the District-Balasore
2. Name of the Block- Bhogarai, Basta & Baliapal
3. No. of LI.Projects:- 05 Nos.
4. Cost of Tender varies from Rs. 871401/- to Rs.1250406/-
5. E.M.D.to be deposited (1% of Tender value) on line
6. Cost of Tender paper to be deposited Rs. 4000/- to Rs. 6000/- on line.

The GST @5% on Tender paper will be paid by the buyer directly against GSTIN-21AAACO5986GIZF & the copy of the deposit challan made by them should be enclosed alongwith the bid document.

7. Date & Time of publication: 22.12.2018 at 11.00 AM
8. Closing Date & Time:- 31.12.2018 at 4 PM
9. Opening Date & Time-
   (a) Technical Bid- 04.01.2019 at 11 AM
   (b) Financial Bid- 07.01.2019 at 11 AM
10. Class of Contractor- "D & C" with Electrical H.T. License (as detailed in DTCN )
11. Completion period-90 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.

**32140/11/0005/1819** **Sd./- Er. Jagabandhu Behera, Executive Engineer, L.I. Division, Jaleswar**



**OFFICE OF THE EXECUTIVE ENGINEER**
**RWS&S DIVISION, BALASORE**
Tel.: 06782 - 262249, Fax: 262931,
Email: eerwss_bls@nic.in, eerwssbls@gmail.com

No.1175-O

**NATIONAL COMPETITIVE BIDDING THROUGH e-Tendering**

**Identification No.28 Dt.12.12.2018**

1. Nos. of work : 12 Nos. of RPWS in Balasore district
2. Estimated cost : Rs.47.92 lakh & Rs.99.88 lakh
3. Period of completion : 180 days to 270 days
4. Availability of bid document in portal : Dt.20.12.2018 at 10.00 hours to 29.12.2018 upto 17.00 hours through online
5. Seeking of clarification : Dt.20.12.2018 at 10.00 hours to Dt.28.12.2018 upto 15.00 hours
6. Date of opening of bid : Dt.31.12.2018 at 11.00 hours in the O/O EE, RWSS Division, Balasore
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid cost & Bid security will be receipt through electronic payment by NEFT / RTGS.

Further details can be seen from the e-Procurement portal: **http://tendersodisha.gov.in**.

**Sd./- Executive Engineer**
25013/11/0028/1819 **RWS&S Division, Balasore**



**GOVERNMENT OF ODISHA** No.1187-O
**OFFICE OF THE EXECUTIVE ENGINEER**
**RURAL WORKS DIVISION, GAJAPATI, PARLAKHEMUNDI**
e-mail : rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 02/GJP/2018-19**

1. Name of the work : Road work
2. Total No. Work : 2 (Two) nos. of Road works
3. Estimated Cost : Rs. 44.20 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 20.12.2018 at 10.00 AM to 31.12.2018 upto 5.00 PM
7. Date and Time of opening of tender : 03.01.2019 at 11.30 AM
8. Place of opening : As per Annexure

Further details can be seen from the website **www.tenderorissa.gov.in**.

**EXECUTIVE ENGINEER**
25158/11/0008/1819 **R.W. DIVN., GAJAPATI**



OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BERHAMPUR-760004, GANJAM, ODISHA
**No.8053/MCB-2018/Welfare/Dated, Berhampur the 15th December, 2018**

**TENDER CALL NOTICE**

No.671-E: Sealed Tenders are invited from the Registered firms for **"Supply of Equipment/Instrument"** for Strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions, list of Equipment/Instrument, specifications can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website **mkcgmch.org**. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.
The undersigned reserves the right to cancel of the Tender in full or parts at any time without assigning any reason thereof.

**Sd./- Dean & Principal**
10013/11/0014/1819 **M.K.C.G. Medical College, Berhampur**



**DISTRICT LABOUR OFFICER, MALKANGIRI**

No. 3749 Date: 15.12.2018

**TENDER CALL NOTICE - 2018-19**

Sealed tenders are invited from the intending firms / authorised dealers / rate contract holders / agencies / reputed manufacturers to quote their rates for supply of following items with specification, terms and conditions, **(Available in the website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Upto 1.00 PM) Through Registered Post / Speed Post / Courier Service) only, which will be opened on 07.01.2019 at 10.00 AM by the tender committee**.

| Sl. No. | Name of article | Specification | Unit required |
|---|---|---|---|
| 1 | Working Tools Masson Kit Carpenter Kit Painter Kit | Details of Kit placed at Section-II | Approximately 10000 beneficiaries |
| 2 | Safety Equipment Kit | Details of Kit placed at Annexure-II | |

Bids submitted beyond the manner prescribed in the tender documents shall be rejected.

**The detail terms & conditions, bid documents can be available in the website www.malkangiri.nic.in.**

**Sd./- District Labour Officer, Malkangiri**



**Government of Odisha**
**"e" Procurement Notice**
No.1023-B
**OFFICE OF THE EXECUTIVE ENGINEER**
**DHENKANAL (R&B) DIVISION, DHENKANAL**

**Bid Identification No. – 31 of 2018-2019**

1. Name of the work: Building work – 01 No.
2. Estimate cost: Rs.21,24,399.00
3. Period of completion: 04 (Four Calendar Months)
4. Date & time of availability of the Bid documents in the portal: 10.00 AM of 20.12.2018 to 5.00 PM of 29.12.2018
5. Last date / Time of receipt of the bid in Portal: 29.12.2018 up to 5.00 PM.
6. Date of Opening: 03.01.2019 at 11.00 AM.
7. Name and Address of the Officer: Office of the Executive Engineer, Dhenkanal (R&B) Division, Dhenkanal

Further details can be seen from the e – procurement Portal **"https://tendersorissa.gov.in**.

**Executive Engineer**
34016/11/0030/1819 **Dhenkanal (R&B) Division**



**DISTRICT LABOUR OFFICER, MALKANGIRI**

**No. 3750** **Date: 15.12.2018**

**TENDER CALL NOTICE- /2018-19**

Sealed tenders are invited from the intending firms/ Authorised dealers/ Rate contract holders/ Agencies/ reputed manufacturers of Malkangiri district to quote their rates for supply of Bi-Cycles with specification, terms and conditions, **(Available in the Website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018** to **05.01.2019 (Up to 1.00 PM) (Through Registered Post/ Speed Post/ Courier service) only, which will be opened on 07.01.2019 at 10.00 AM by the Tender Committee.**

| Sl. No. | Name of Article | Specification | Unit Required |
|---|---|---|---|
| 1 | Bi-Cycle | Details of Bi-Cycles placed at Section-2 | Approximately 10000 beneficiaries |

Bids submitted beyond the manner prescribed in the tender documents shall be rejected.

**The detail terms & conditions, Bid documents can be available in the website www.malkangiri.nic.in.**

**Sd./-**
**District Labour Officer**
**Malkangiri**

# Exam Mate



## MOCK TEST PAPER # 2

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 28 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27,28 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

**1.** What are Chawls ?

**OR**

How did Britain use "Trade surpluses" with India ?

**2.** Name the conference held in 1944 in New Hampshire in the U.S.

**OR**

What is 'Rinderpest' ?

**3.** What is dam ?

**4.** What is the meaning of democracy ?

**5.** What does the concept of patriarchy refer to ?

**6.** Define the term Infant Mortality Rate.

**7.** What does life expectancy at birth denote ?

**8.** Explain the concept of garden city. Who developed this system in London ?

**OR**

Explain the contribution of Munshi Prem Chand in the field of novel.

**9.** Why did French policy makers wanted to educate the people of Vietnam ? Explain.

**OR**

Why was a conflict started in Vietnam against French colonizers in all areas of life ? Explain.

**10.** Multi-purpose projects and large dams have faced resistance from people. What are the causes of the resistance ?

**11.** What type of soil is found in the river deltas of the eastern coast ? Give main features of this type of soil.

**12.** How do pressure groups and movements influence politics ? Explain with examples.

**13.** "No party system is ideal for all countries and in all situations." Analyze the statement.

**14.** Explain three major challenges before the countries of the world regarding democracy.

**15.** Explain why primary sector is also known as agriculture and related sector with examples.

**16.** Describe any three public facilities needed for the development.

**17.** Mention a few factors which cause exploitation of consumers.

**18.** Explain the limitations of using Average Income in measuring the development of a nation.

**19.** What were the effects of the spread of print culture for poor people in the 19th century of India.

**OR**

Write a short note on the development of Print in India between mid 16th and 19th centuries.

**OR**

Explain any five usage that the novels served in India.

**20.** Describe the role of industrialization in shaping the modern cities in England.

**OR**

What problems were faced by Indian cotton weavers in 19th century ? Describe.

**21.** Explain any four merits of pipeline transport in India.

**22.** Explain four points of importance of industries.

**OR**

Explain measures to control industrial pollution in India.

**23.** "Democratic government is legitimate government". Support the statement with arguments.

**24.** Explain any five features of federalism.

**OR**

Why was federalism succeeded in India ? What policies adopted by India has ensured this success ?

**25.** How is Government of India trying to attract more foreign investment ? Explain with examples.

**OR**

Describe the major problems created by the globalization for a large number of small producers and workers.

**26.** Locate and label the following on the given political map of India.

The place where no-tax campaign took place.

**27.** Locate and label the following on the given political map of India.

Kheda where the peasant Satyagraha took place.

**28.** Locate and label the following on the given political map of India:

(a) Raja Sansi International Airport.

(b) Bhakra Nangal Dam

(c) Bokaro Steel Plant.

**Map for Q. No. 26, 27 and 28**




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଧରିତ୍ରୀ
DHARITRI
ମଙ୍ଗଳବାର, ୧୮ ଡିସେମ୍ବର , ୨୦୧୮



ଫ୍ୟା|ଶ|ନ

# ଉଲେନ୍ କୁର୍ତ୍ତି

**ଶୀତଦିନେ ଉଲେନ୍ କୁର୍ତ୍ତିର କ୍ରେଜ୍ ଅଧିକ। ଏହାର ଷ୍ଟାଇଲ୍, କଲର ଏବଂ ଡିଜାଇନ୍‌ର ରହିଛି ବେଶ୍ ଡିମାଣ୍ଡ୍...**



■ ଶୀତଦିନେ ପାର୍ଟି ଡ୍ରେସ୍ ଉପରେ ସ୍ୱେଟର କିମ୍ବା ଜ୍ୟାକେଟ୍ ପିନ୍ଧିଲେ ଆପଣଙ୍କ ଡ୍ରେସ ପଛରେ ଲୁଚି ଯାଇ ଲୁକ୍ ବିଗିଡିଯାଏ। ଏହି ଅସୁବିଧାକୁ ଦୂରେଇ ଦେଉଛି ଉଲେନ୍ କୁର୍ତ୍ତି। ଆପଣ ଚାହିଁଲେ କୌଣସି ପାର୍ଟିକୁ ବି ଏହାକୁ ପିନ୍ଧି ଯାଇପାରିବେ। ଥଣ୍ଡାରୁ ବର୍ତ୍ତିବା ସହ ଷ୍ଟାଇଲିସ୍ ବି ଲାଗିବେ।

■ ଉଲେନ୍ କୁର୍ତ୍ତି ସହ ଉଲେନ୍ ପ୍ଲାଜୋ ଆପଣାନ୍ତୁ। ଏହି କମ୍ବିନେଶନ୍‌ର ବେଶି ଡିମାଣ୍ଡ ରହିଛି। ବିଭିନ୍ନ କଲରର ଉଲେନ୍ ପ୍ଲାଜୋ ମିଳୁଛି। ଏହି କୁର୍ତ୍ତିଗୁଡିକୁ ଉଲେନ୍ ଲେଗିଙ୍ଗ୍ସ ଏବଂ ଉଲେନ୍ ସ୍କାର୍ଫ୍ ସହ ବି ପିନ୍ଧିପାରିବେ।

■ ଏବେ ଉଲେନ୍ କୁର୍ତ୍ତି ଟେଲ୍ କଟ୍, ଅପ ଆଣ୍ଡ୍ ଡାଉନ୍, ଏ ଲାଇନ୍ ଏବଂ ଫ୍ରକ୍ ଷ୍ଟାଇଲ୍‌ର ମିଳୁଛି। କୁର୍ତ୍ତିର ଆଗ ଏବଂ ପଛରେ ଅଲଗା ଅଲଗା ପ୍ରିଣ୍ଟ୍ ତଥା ଡିଜାଇନର ବି ଡିମାଣ୍ଡ୍ ରହିଛି।

■ ଷ୍ଟାଣ୍ଡ୍ କଲାର୍ ଏବଂ ଚାଇନିଜ୍ କଲାର୍‌ଠାରୁ ଆରମ୍ଭ କରି ମାର୍କେଟ୍‌ରେ ଡିଫରେଣ୍ଟ୍ ନେକ୍ ଡିଜାଇନ୍ ମଧ୍ୟ ମିଳୁଛି । ଜ୍ୟାକେଟ୍ ଷ୍ଟାଇଲ କୁର୍ତ୍ତିର କ୍ରେଜ୍ ବି ଅଧିକ ରହିଛି। କୁର୍ତ୍ତି ଉପରେ ଏପରି ଡିଜାଇନ୍ ବି ରହୁଛି ଯାହାକି ଜ୍ୟାକେଟ୍ ଭଳି ନଜର ଆସେ।

ସୌ|ନ୍ଦ|ର୍ଯ୍ୟ

# ଶୀତଦିନେ ତ୍ୱଚାର ଯତ୍ନ

**ଶୀତଦିନେ ତ୍ୱଚା ଫାଟିବା ଏକ ସାଧାରଣ ସମସ୍ୟା। ଏଥିପାଇଁ ଏହି ଦିନେ ଏକ୍ସଟ୍ରା କେୟାର ନେବାକୁ ପଡିଥାଏ। ଜାଣନ୍ତୁ କିଛି ଘରୋଇ ଟିପ୍ସ ଯାହାଦ୍ୱାରା ତ୍ୱଚାକୁ ସୁସ୍ଥ ଓ କୋମଳ ରଖିପାରିବେ...**



❖ ଶୀତଦିନେ ତ୍ୱଚା ଫାଟିଥାଏ। ଏଥିପାଇଁ ଭିଟାମିନ୍ ଇ ଯୁକ୍ତ ମଇଶ୍ଚରାଇଜର ଦିନକୁ ୩-୪ ଥର ଲଗାନ୍ତୁ।

❖ ଏହିଦିନେ ଅନେକେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। ମାତ୍ର ଧ୍ୟାନ ରଖନ୍ତୁ ଯେପରି କି ପାଣି ହାଲ୍କା ଉଷୁମ ହୋଇଥିବ ନ ହେଲେ ତ୍ୱଚା ଡ୍ରାଏ ହୋଇଯାଏ।

❖ ସାବୁନ୍‌ର ବ୍ୟବହାର କମ୍ କରନ୍ତୁ। ତ୍ୱଚା ଡ୍ରାଏ ହୋଇଥିଲେ ସ୍କ୍ରବ୍ ବି କରନ୍ତୁ ନାହିଁ। କାରଣ ଏହାଦ୍ୱାରା ତ୍ୱଚାରେ ଥିବା ପୋର୍ସ ଖୋଲିଥାଏ ସତ କିନ୍ତୁ ତ୍ୱଚା ଅଧିକ ଡ୍ରାଏ ଦେଖାଯାଏ। ତୈଳାକ୍ତ ତ୍ୱଚା ହୋଇଥିଲେ ସ୍କ୍ରବ୍ କରନ୍ତୁ।

❖ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଅନେକେ ସୂର୍ଯ୍ୟକିରଣରେ ବସିଥାନ୍ତି। ଏହାଦ୍ୱାରା ତ୍ୱଚାରେ ଟ୍ୟାନିଂ ହୋଇଥାଏ। ତେଣୁ ଶୀତଦିନେ ବି ସନ୍‌ସ୍କ୍ରିନ୍‌ର ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।



❖ ପାଣି ପ୍ରଚୁର ମାତ୍ରାରେ ପିଅନ୍ତୁ। ଏହାଦ୍ୱାରା ତ୍ୱଚା ନମନୀୟ ହେବା ସହ ଗ୍ଲୋ ବି କରିବ।

❖ ଗାଧୋଇବାର ୧ ଘଣ୍ଟା ପୂର୍ବରୁ ନଡିଆ ତେଲ ଲଗାନ୍ତୁ। ଦେଖିବେ ତ୍ୱଚା କୋମଳ ରହିବ।

❖ ଗ୍ଲିସେରିନ୍, ଲେମ୍ବୁ ଏବଂ ୩-୪ ବୁନ୍ଦା ଗୋଲାପଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ ଲଗାନ୍ତୁ। ସକାଳେ ହାଲ୍କା ଉଷୁମ ପାଣିରେ ଧୋଇ ଦିଅନ୍ତୁ।

❖ ଶୀତଦିନେ ଲେମ୍ବୁ ଏବଂ ଚିନି କିମ୍ବା ମହୁ ଏବଂ ଲେମ୍ବୁର ମିଶ୍ରଣକୁ ହାତରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ଫରକ୍ ଅନୁଭବ କରିବେ।

❖ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। କମଳା, ଗାଜର, ପାଳଙ୍ଗ, ମେଥି ଆଦିକୁ ଖାଦ୍ୟରେ ସାମିଲ କରନ୍ତୁ। ଜୁସ୍ ପିଅନ୍ତୁ।

# ଉଲ୍ କପଡ଼ାରୁ ଦାଗ ଛଡ଼ାଇବାକୁ ହେଲେ...

◆ ଉଲ୍ କପଡ଼ାରେ ଦାଗ ଲାଗିଗଲେ ପାଣିରେ ଇଜି ପକାଇ କିଛି ସମୟ ବୁଡାଇ ରଖନ୍ତୁ। ପରେ ଏହାକୁ ଧୀରେ ଧୀରେ ରଗଡି ଛଡାନ୍ତୁ। ଧ୍ୟାନ ରଖନ୍ତୁ ଯେପରି କି ଏହା ଗରମ ପାଣି ହୋଇ ନ ଥିବ।

◆ ଉଲ୍ କପଡାରେ ଚା' କିମ୍ବା ପନିପରିବା ରସ ଲାଗିଗଲେ ତୁରନ୍ତ ସେହି ଜାଗାକୁ ପାଣିରେ ଧୋଇ ଦିଅନ୍ତୁ। ବ୍ୟସ୍ତତା ଭିତରେ ଥାଇ ସଫା କରି ନ ଥିଲେ ଏହା ଉପରେ କିଛି ପାଉଡର ଲଗାନ୍ତୁ। ଦେଖିବେ ପରେ ସଫା କଲାବେଳେ ଦାଗ ପୂରା ଛାଡିଯିବ।



◆ ଏହି କପଡାକୁ ଧୋଇବା ପୂର୍ବରୁ ଓଲଟାଇ ସଫା କଲେ ଏଥିରେ ବବ୍‌ଲିଂ ହୁଏ ନାହିଁ।

◆ କେବେ ବି ଅଧିକ ଷ୍ଟ୍ରଙ୍ଗ୍ ସାବୁନ ବା ସର୍ଫ ବ୍ୟବହାର କରନ୍ତୁ ନାହିଁ। ମାଇଲ୍ଡ ଲିକ୍ୱିଡ ସୋପ୍ ଓ ସର୍ଫ ବ୍ୟବହାର କରନ୍ତୁ।

◆ ବେବି ଶାମ୍ପୋରେ ବି ଏହାକୁ ସଫା କରିପାରିବେ। କିନ୍ତୁ ଭୁଲ୍‌ରେ ଏହି କପଡାକୁ ଡ୍ରାୟର ଦିଅନ୍ତୁ ନାହିଁ।

# ପନିର ଭୁର୍ଜି ଗ୍ରେଭି

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** ତିନି ଚାମଚ ତେଲ, ଗୋଟିଏ ତେଜପତ୍ର, ୨ଟି ଶୁଖିଲା ଲଙ୍କା, ୩ଟି ଲବଙ୍ଗ, ୧/୨ ଇଞ୍ଚ ଡାଳଚିନି, ୩ଟି ଗୋଲମରିଚ, ୧/୨ ଇଞ୍ଚ ଅଦା ଓ ୨ ପାଖୁଡା ରସୁଣର ପେଷ୍ଟ, ଗୋଟିଏ କଞ୍ଚା ଲଙ୍କା, ୩ଟି ଟମାଟୋ, ୨୦୦ ଗ୍ରାମ୍ ପନିର, ୧ ଚାମଚ ଜିରା, ୧/୨ କପ୍ କଟା ପିଆଜ, ୧ ଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆ ଗୁଣ୍ଡ, ୧ ଚାମଚ ଜିରାଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ୧/୩ କପ୍ କଟା କ୍ୟାପ୍‌ସିକମ୍, ୨ ଚାମଚ କ୍ରିମ୍,୧/୨ ଚାମଚ ଗରମ ମସଲା, ୧ ଚାମଚ କସ୍ତୁରି ମେଥି, ୨ ଚାମଚ ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଗୋଲମରିଚ, ଡାଳଚିନି ପକାନ୍ତୁ। ଏବେ ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା ଏବଂ ଅଦା ରସୁଣ ପେଷ୍ଟ ପକାନ୍ତୁ। କିଛି ସମୟ ପରେ କଟାଯାଇଥିବା ଟମାଟୋ ପକାନ୍ତୁ। ଟମାଟୋ ନରମ ହେବା ପରେ ଗ୍ୟାସ୍ ବନ୍ଦ କରନ୍ତୁ। ଏହା ଥଣ୍ଡା ହେବା ପରେ ଗ୍ରାଇଣ୍ଡରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପନିରକୁ ହାତରେ ଚକଟନ୍ତୁ। ତେଲ ଗରମ କରି ଜିରା ପକାନ୍ତୁ। ଏଥିରେ କଟାଯାଇଥିବା ପିଆଜ ପକାନ୍ତୁ। ପିଆଜ ଭାଜି ହୋଇଗଲେ ଗ୍ରାଇଣ୍ଡିଂ କରିଥିବା ଟମାଟୋ ପକାନ୍ତୁ। ଏଥିରେ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ପାଉଡର, ଜିରା ପାଉଡର ଓ ସ୍ୱାଦ ଅନୁସାରେ ଲୁଣ ଗୋଳାଇ ଡାଙ୍କୁଣି ଦିଅନ୍ତୁ। କିଛି ସମୟ ପରେ ଏଥିରେ କ୍ୟାପ୍‌ସିକମ୍ ପକାନ୍ତୁ। ଏବେ ସାମାନ୍ୟ ପାଣି ପକାଇ ଫୁଟାନ୍ତୁ। ପରେ ଗରମ ମସଲା ଏବଂ କସ୍ତୁରି ମେଥି ପକାନ୍ତୁ। ଏବେ ପନିରକୁ ଏଥିରେ ମିଶାଇ ଗୋଳାନ୍ତୁ। ଏଥିରେ କ୍ରିମ୍ ମିଶାନ୍ତୁ। ଗ୍ୟାସ୍ ବନ୍ଦ କରି କଟା ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା ପନିର ଭୁର୍ଜି। ଗରମ ଗରମ ଏହାକୁ ରୁଟି ସହ ପରଷନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.56 (34) | 36,270.07 (307.14) | 10,888.35 (82.90) | 32,000.00 (`190) | 38,400.00 (`0) |

“ ୧୦୦ ସିସି ବର୍ଗରେ ଅପଡେଟେଡ୍ ପ୍ଲାଟିନା ଗ୍ରାହକଙ୍କୁ ପ୍ରିମିୟମ ଅନୁଭୂତି ପ୍ରଦାନ କରିବ ବୋଲି ଆଶାବାଦୀ।
– ଏରିକ ଭାସ୍, ସଭାପତି, ବଜାଜ ଅଟୋ ଇଣ୍ଡିଆ



“ ଖୋଲା ବଜାରରେ ବିକ୍ରି ହେଉଥିବା ଏକ ଚତୁର୍ଥାଂଶ କୀଟନାଶକର ମାନ ଅତି ଖରାପ।
– କ୍ରିଷନ ବୀର ଚୌଧରୀ, ସଭାପତି, ଭାରତୀୟ କୃଷକ ସମାଜ



## ସଂକ୍ଷେପରେ

### ଅଗଷ୍ଟ ସୁଦ୍ଧା ୫ଜି ସ୍ପେକ୍ଟ୍ରମ ନିଲାମ

**ନୂଆଦିଲ୍ଲୀ,୧୭-୧୨:** ଆସନ୍ତାବର୍ଷ ଅଗଷ୍ଟ ସୁଦ୍ଧା ୫ଜି ସ୍ପେକ୍ଟ୍ରମ ନିଲାମୀ କାର୍ଯ୍ୟ ଶେଷ ହେବ ଏବଂ ପଞ୍ଚମ ପିଢ଼ିର ମୋବାଇଲ ସେବା ୨୦୨୦ ସୁଦ୍ଧା ଆରମ୍ଭ ହୋଇଯିବ ବୋଲି ଟେଲିକମ୍ ବିଭାଗ(ଡିଓଟି)ଆଶାବ୍ୟକ୍ତ କରିଛି। ଡିଓଟି ସଚିବ ଅରୁଣା ସୁନ୍ଦରରାଜନ ସୋମବାର କହିଛନ୍ତି ଯେ, ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ପ୍ରାରମ୍ଭିକ ସୁପାରିସଗୁଡିକର ଏକ ସେଟ୍ ଦିଆଯାଇଛି ଏବଂ ଏହାକୁ ଡିଓଟିର କାର୍ଯ୍ୟକାରୀ କମିଟି ସମୀକ୍ଷା କରୁଛି। ଉଲ୍ଲେଖଥାଉ କି, ଦେଶର ସର୍ବବୃହତ୍ ଟେଲିକମ୍ ଅପରେଟର ଭୋଡାଫୋନ ଆଇଡିଆ ପକ୍ଷରୁ ଡିଓଟିକୁ ପତ୍ର ଲେଖି ଭାରତରେ ୨୦୨୦ ସୁଦ୍ଧା ସ୍ପେକ୍ଟ୍ରମ ନିଲାମୀ ହେବା ଅନୁଚିତ ବୋଲି ଦର୍ଶାଇଥିଲା। ୫ଜି ପାରିପାର୍ଶ୍ୱିକ ସ୍ଥିତି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହେବା ପରେ ସ୍ପେକ୍ଟ୍ରମର ଆବଶ୍ୟକତା ଦେଖାଦେବ।

### ମାଲ୍ୟାଙ୍କୁ ପଳାତକ ଘୋଷଣା
### ୨୬ରେ ମାମଲାର ରାୟ

**ମୁମ୍ବାଇ,୧୭-୧୨:** ମଦ ବ୍ୟବସାୟୀ ବିଜୟ୍ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିବା ନେଇ ଆଗତ ମାମଲାର ରାୟ ଆସନ୍ତା ୨୬ରେ ପ୍ରକାଶ ପାଇବ। ପଳାତକ ଆର୍ଥିକ ଅପରାଧୀ ଆଇନ ଅଧୀନରେ ମାଲ୍ୟାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ସ୍ୱତନ୍ତ୍ର ଅଦାଲତରେ ମାମଲା ଆଗତ କରାଯାଇଥିଲା। ସୋମବାର ଶୁଣାଣି ଶେଷ ପରେ ପିଏମ୍ଏଲ୍ଏ ବିଚାରପତି ଏମ୍.ଏସ୍.ଆଜମୀ ଉକ୍ତ ଦିନ ରାୟ ପ୍ରକାଶ କରାଯିବ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ମାଲ୍ୟା କିଙ୍ଗଫିଶର ଏୟାର ଲାଇନ୍ସ ପକ୍ଷରୁ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ପରିଶୋଧ କରିବା ବଦଳରେ ଲଣ୍ଡନ ପଳାଇ ଯାଇଛନ୍ତି। ସେଠାକାର ୱେଷ୍ଟ ମିନିଷ୍ଟର କୋର୍ଟ ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ରାୟ ଶୁଣାଇ ସାରିଛନ୍ତି।

### ସିଆଇସିଙ୍କ ନିର୍ଦ୍ଦେଶ
### ୫୦୦, ୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟ୍ ତଥ୍ୟ ଦିଅ

**ନୂଆଦିଲ୍ଲୀ,୧୭-୧୨:** ବିମୁଦ୍ରୀକରଣ ପରେ ଛପା ଯାଇଥିବା ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିବାକୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ରିଜର୍ଭ ବ୍ୟାଙ୍କର ସହଯୋଗୀ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଥ୍ୟ ପ୍ରକାଶ କରିବା ଦେଶ ହିତ ବିରୋଧୀ ଜଣାଇବାକୁ ଆୟୋଗ କହିଛନ୍ତି। ଉଲ୍ଲେଖଥାଉ କି, ଆର୍‌ବିଆଇ ସହଯୋଗୀ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ଟଙ୍କା ଛାପିବା ସଂକ୍ରାନ୍ତୀୟ ଗୋପନ ତଥ୍ୟକୁ ଦେଶ ହିତରେ ସାର୍ବଜନିନ କରାଯାଇପାରିବ ନାହିଁ। ଏହାଦ୍ୱାରା ଜାଲ୍ ନୋଟ୍ କାରବାର ବୃଦ୍ଧିକୁ ରୋକାଯାଇପାରିବ ନାହିଁ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜିବ। ହରିନ୍ଦ୍ର ଧିଙ୍ଗରାଙ୍କ ଆବେଦନ ଉପରେ ସୂଚନା କମିଶନର ସୁଧୀର ଭାର୍ଗବ ଏହାର ଶୁଣାଣି କରୁଛନ୍ତି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ନୋଟ୍ ଛାପା ସଂକ୍ରାନ୍ତୀୟ ଗତିବିଧି ଯେପରି କି କଞ୍ଚା ମାଲ୍, ଛାପା, ରଖିବା, ପରିବହନ ଆଦି ଅତ୍ୟନ୍ତ ଗୋପନୀୟ ହୋଇଥାଏ। ତଥ୍ୟ ପ୍ରକାଶ ଦ୍ୱାରା ଦେଶର ସାର୍ବଭୌମତ୍ତ୍ୱ, ଏକତା, ସୁରକ୍ଷା ତଥା ଆର୍ଥିକ ସ୍ୱାର୍ଥକୁ ପ୍ରଭାବିତ ହୋଇପାରେ।

# ଅଭିବୃଦ୍ଧିକୁ ବିମୁଦ୍ରୀକରଣ, ଜିଏସ୍‌ଟି ଝଟକା

**ନୂଆଦିଲ୍ଲୀ,୧୭-୧୨**

■ ବିଶ୍ୱର ଅର୍ଥନୀତି ଦ୍ରୁତ,ଭାରତର ଧିମା

■ ୨୦୧୭-୧୮ରେ ଦେଶର ଜିଡିପି ୬.୭%

■ ଜିଏସ୍‌ଟିରେ ଗୋଟିଏ ସ୍ଲାବ୍ ନେଇ ଆଲୋଚନା ଜରୁରୀ

“ ବିମୁଦ୍ରୀକରଣ ଲାଗୁ ଦ୍ୱାରା ଦେଶର ଅଭିବୃଦ୍ଧିକୁ ଜୋର୍‌ଦାର ଝଟକା ଲାଗିଛି। ସେହିପରି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ମଧ୍ୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି।
- ରଘୁରାମ ରାଜନ, ପୂର୍ବତନ ଗଭର୍ନର, ଆର୍‌ବିଆଇ



ଦୁଇ ବର୍ଷ ପୂର୍ବେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ବିମୁଦ୍ରୀକରଣ ଲାଗୁ କଲେ। ଏହାଦ୍ୱାରା ଦେଶର ଅଭିବୃଦ୍ଧିକୁ ଜୋର୍‌ଦାର ଝଟକା ଲାଗିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି। ସେହିପରି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ମଧ୍ୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି।

ସେ କହିଛନ୍ତି ଯେ, ଯେଉଁ ସମୟରେ ବିଶ୍ୱ ଦ୍ରୁତଗତିରେ ଆଗେଉଥିଲା, ଠିକ୍ ସେତିକିବେଳେ ଭାରତର ଜିଡିପି ମନ୍ଥର ହୋଇଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହାର ଗତି ପ୍ରଭାବିତ ହୋଇଥିଲା। ରାଜନ କହିଛନ୍ତି ଯେ, ୨୦୧୬ ନଭେମ୍ବରରେ ବଡ଼ ନୋଟ୍‌ର ପ୍ରଚଳନ ବନ୍ଦ ଯୋଗୁ ଅର୍ଥନୀତି ଉପରେ ପଡିଥିବା ପ୍ରଭାବ ସମ୍ପର୍କରେ ପ୍ରସ୍ତୁତ ଏଭଳି ଅନେକ ଅଧ୍ୟୟନକୁ ସେ ପର୍ଯ୍ୟାଲୋଚନା କରିଛନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ଦେଶର ଅଭିବୃଦ୍ଧି ହାର ଧିମା ପଡିଯାଇଛି।

ଏକ ଘରୋଇ ଟିଭି ଚ୍ୟାନେଲ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ୨୦୧୭ରେ ବିଶ୍ୱର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଚାଲିଛି। ସେହି ତୁଳନାରେ ଭାରତର ଜିଡିପି ଅଭିବୃଦ୍ଧି ହାର ବୃଦ୍ଧି ପାଇନି। କେବଳ ବିମୁଦ୍ରୀକରଣ ନୁହେଁ ବରଂ ଜିଏସ୍‌ଟି ଲାଗୁ ଯୋଗୁ ମଧ୍ୟ ଦେଶର ଅର୍ଥନୀତି ଦୌଡି ପାରୁନାହିଁ। ଉଲ୍ଲେଖଥାଉ କି, ୨୦୧୭-୧୮ରେ ଦେଶର ଜିଡିପି ଅଭିବୃଦ୍ଧି ହାର ମାତ୍ର ୬.୭% ରହିଥିଲା। ସେ କହିଛନ୍ତି ଯେ, ବିମୁଦ୍ରୀକରଣ ଓ ଜିଏସ୍‌ଟି ଝଟକା ଯୋଗୁ ଅର୍ଥନୀତି ପ୍ରଭାବିତ ହୋଇଛି। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। ଏହାଦ୍ୱାରା କଳାଧନ, ଜାଲ୍ ଟଙ୍କା ଓ ଆତଙ୍କବାଦ ଲାଗି ପ୍ରବାହିତ ଅର୍ଥ ଉପରେ ଲଗାମ ଲାଗିବ ବୋଲି ସରକାର ସେତେବେଳେ ଯୁକ୍ତି ଦର୍ଶାଇଥିଲେ। ରାଜନ ୨୦୧୩ରୁ ୨୦୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କର ଗଭର୍ନର ଥିଲେ। ଜିଏସ୍‌ଟି ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ସଂସ୍କାରମୂଳକ ଟିକସ ବ୍ୟବସ୍ଥାକୁ ଆହୁରି ଭଲ ଢଙ୍ଗରେ ଲାଗୁ କରାଯାଇପାରିଥାନ୍ତା। ଜିଏସ୍‌ଟିରେ ୫ଟି ସ୍ଲାବ୍ ବଦଳରେ ମାତ୍ର ଗୋଟିଏ ଲାଗୁ କରାଯିବା ଉଚିତ ହୋଇଥାନ୍ତା କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଏହାକୁ ନେଇ ଅଧିକ ତର୍ଜମାର ଆବଶ୍ୟକତା ରହିଛି। ବଡ଼ ଋଣଖିଲାପୀଙ୍କ ତାଲିକାକୁ ନେଇ ସେ କହିଛନ୍ତି ଯେ, ଏହା ଏବେ କେଉଁ ସ୍ଥିତିରେ ରହିଛି ସେ ଜାଣିନାହାନ୍ତି। ତେବେ ଜଣଙ୍କର ଋଣଛାଡ଼ ହେଲେ ଅନ୍ୟମାନଙ୍କୁ ମଧ୍ୟ ଏହି ସୁଯୋଗ ନେବେ, ଏହାହିଁ ତାଙ୍କର ଚିନ୍ତାର କାରଣ ବୋଲି ରାଜନ କହିଛନ୍ତି।

### ବଳକା ପୁଞ୍ଜିକୁ ନେଇ ଚେତାବନୀ

କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜି ନେବାକୁ ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ରାଜନ ଏହାକୁ ନେଇ ଚେତାବନୀ ଶୁଣାଇଛନ୍ତି। ସରକାର ଏହି ଅର୍ଥକୁ ନେଲେ କେନ୍ଦ୍ରୀୟ ବ୍ୟାଙ୍କର ରେଟିଂ ତଳକୁ ଖସିଯିବ। ଆର୍‌ବିଆଇକୁ ଏବେ ‘ଏଏଏ’ ରେଟିଂ ମିଳିଛି। ଏହା ଖସିଗଲେ ଆର୍‌ବିଆଇକୁ ଚଢ଼ା ସୁଧରେ ଋଣ ନେବାକୁ ପଡିବ। ଏହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ।

## ବିଓଆଇର କିଟ୍ ଶାଖା ସ୍ଥାନାନ୍ତରିତ




**ଭୁବନେଶ୍ୱର, ୧୭-୧୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କିଟ୍ ୟୁନିଭର୍ସିଟି ଶାଖା କିଟ୍ କ୍ୟାମ୍ପସର ନୂଆ ଗୃହକୁ ସ୍ଥାନାନ୍ତରିତ ହୋଇଛି। ନୂଆ ଗୃହଟି ଅତ୍ୟାଧୁନିକ ତଥା ପ୍ରଶସ୍ତ। ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅତନୁ କୁମାର ଦାସ ଏବଂ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ, ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ସେବା ଯୋଗାଣ ନେଇ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଶାଖା ଇନ୍‌ହାଉସ ଲକର ସୁବିଧା, ଏଟିଏମ ସେବା ଯୋଗାଇବ ବୋଲି ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍. ଦ୍ୱିବେଦୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କିଟ୍‌ର ବିତ୍ତୀୟ ନିର୍ଦ୍ଦେଶକ ଏଚ୍.କେ ନାୟକ, ବିଓଆଇଓଏ ଓଡ଼ିଶା ୟୁନିଟ ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ନୂଆ ସ୍କିଲ ସେଣ୍ଟର ଖୋଲିଲା ଓରେନ୍




**ଭୁବନେଶ୍ୱର, ୧୭-୧୨**

ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଦ୍ୱାରା ଅନୁମୋଦିତ ଟ୍ରେନିଂ ପାର୍ଟନର ଓରେନ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭୁବନେଶ୍ୱରରେ ଏହାର ପ୍ରଥମ ତାଲିମ ପ୍ରତିଷ୍ଠାନ ଖୋଲିଛି। ଓରେନର ସହପ୍ରତିଷ୍ଠାତା ତଥା ସିଇଓ ଦିନେସ ସୁଦ ନୂଆ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ବିୟୁଟ ଏବଂ ୱେଲନେସ କ୍ଷେତ୍ର ଲାଗି ଦକ୍ଷ ମାନବ ସମ୍ବଳ ସୃଷ୍ଟି ପାଇଁ ଓରେନ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୁଦ ସୂଚନା ଦେଇଛନ୍ତି। ସେଣ୍ଟରଟି ଭୁବନେଶ୍ୱରର ଜନପଥ ସ୍ଥିତ ସନ୍ତୋଷ ପ୍ଲାଜାଠାରେ ଶୁଭାରମ୍ଭ ହୋଇଛି। ଅଭିଜ୍ଞ ଫାକଲଟିଙ୍କ ଦ୍ୱାରା ଏଠାରେ ବେସିକଠାରୁ ଆଡଭାନ୍ସ କୋର୍ସ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମ ଅବସରରେ ସେଣ୍ଟର ଡାଇରେକ୍ଟର ଗୀତାଞ୍ଜଳୀ ଦାସ, ସେଣ୍ଟର ମୁଖ୍ୟ ଅମିତା ବେହେରା, ମେକ୍‌ଅପ୍ ଫାକଲ୍ଟି ପୂଜା ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ୩୫୦୦ ଟଙ୍କାରେ ବିକ୍ରି ହେଉଛି ବ୍ୟକ୍ତିଗତ ଡିଜିଟାଲ ଡାଟା

**ନୂଆଦିଲ୍ଲୀ,୧୭-୧୨**

ମାତ୍ର ୩୫୦୦ ଟଙ୍କାରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଡିଜିଟାଲ ଡାଟା ବିକ୍ରି ହେଉଛି। ଏଥିରେ ସୋସିଆଲ ମିଡିଆ ଆକାଉଣ୍ଟ, ବ୍ୟାଙ୍କ ବିବରଣୀ, କ୍ରେଡିଟ କାର୍ଡ, ଗେମିଙ୍ଗ ୱେବ୍‌ସାଇଟ ଆଦି ରହିଛି। ସାଇବର ସିକ୍ୟୁରିଟି କମ୍ପାନୀ କ୍ୟାସପର୍ସକି ଲ୍ୟାବ୍ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ଡାଟା ଡାର୍କ ୱେବ୍ ନାମରେ ଏକ ୱେବ୍‌ସାଇଟରେ ଏହି ସବୁ ତଥ୍ୟ ସହଜରେ ଉପଲବ୍ଧ ହେଉଛି ବୋଲି ଲ୍ୟାବ୍ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଡାର୍କ ୱେବ୍‌କୁ ଡାର୍କନେଟ୍‌ମଧ୍ୟ କୁହାଯାଏ। ଏଥିରେ ଥିବା ସୂଚନା ସର୍ଚ୍ଚ ଇଞ୍ଜିନରେ ଖୋଜିଲେ ମିଳିବ ନାହିଁ। କ୍ୟାସପର୍ସକି ଲ୍ୟାବ୍‌ର ରିପୋର୍ଟ ଅନୁଯାୟୀ ସାଇବର ଅପରାଧୀ ଆପଣଙ୍କ ସମ୍ପୂର୍ଣ୍ଣ ଡିଜିଟାଲ ତଥ୍ୟକୁ ଯେକୌଣସି ବ୍ୟକ୍ତିବିଶେଷଙ୍କୁ ମାତ୍ର ୫୦ ଡଲାର (ପ୍ରାୟ ୩୫୦୦ ଟଙ୍କା)ରେ ବିକ୍ରି କରିଦେଇପାରନ୍ତି। ସୋସିଆଲ ମିଡିଆ, ବ୍ୟାଙ୍କ, ଡେସ୍କଟପ୍, ସର୍ଭର, ଉବର, ନେଟ୍‌ଫ୍ଲିକ୍ସ ଭଳି ୱେବ୍‌ସାଇଟରୁ ଏହି ତଥ୍ୟ ସବୁକୁ ଚୋରାଇ ନିଆଯାଉଛି। ଏହିସବୁ ୱେବ୍‌ସାଇଟରେ ଆପଣଙ୍କ କ୍ରେଡିଟ କାର୍ଡ ତଥ୍ୟ ଉପଲବ୍ଧ ହେଉଛି। ଲ୍ୟାବ୍‌ର କହିବାନୁଯାୟୀ ଗୋଟିଏ ଆକାଉଣ୍ଟ ହ୍ୟାକ୍ କରିବା ଲାଗି ସାଧାରଣତଃ ପାଖାପାଖି ୭୦ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ଅଧିକ ତଥ୍ୟ ମାଗୁଥିବା ବ୍ୟକ୍ତିଙ୍କୁ ହ୍ୟାକରମାନେ ଡିସକାଉଣ୍ଟ ମଧ୍ୟ ଦେଉଛନ୍ତି। ଏଭଳି ଭାବେ ଚୋରାଇ ନିଆଯାଇଥିବା ଡାଟାକୁ ବହୁଳ ଭାବେ ବ୍ୟବହାର କରାଯାଇପାରେ। ଏହାଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ଆର୍ଥିକ କ୍ଷତି କରିବା ସହଜ ହୋଇଥାଏ। ହ୍ୟାକରମାନେ ଏଥିଲାଗି ଫିସିଂର ଉପଯୋଗ କରିଥାନ୍ତି। ସେମାନେ ତଥ୍ୟ ଚୋରାଇବା ଲାଗି ବିଭିନ୍ନ ଲିଙ୍କ୍ ଆପଣଙ୍କ ମୋବାଇଲ ଅଥବା କମ୍ପ୍ୟୁଟରକୁ ପଠାନ୍ତି। ଆପଣ ଏହି ଲିଙ୍କରେ କ୍ଲିକ୍ କରିବା ମାତ୍ରେ ଆପଣଙ୍କ ସବୁ ତଥ୍ୟ ସେମାନେ ପାଇଯିବେ। ଏହାପରେ ସେମାନେ ଆପଣଙ୍କ ପାସୱାର୍ଡକୁ ଟାର୍ଗେଟ କରିବେ। ଯଦି ଆପଣଙ୍କ ଏକାଧିକ ଆକାଉଣ୍ଟର ପାସୱାର୍ଡ ରହିଛି ତେବେ ସେଗୁଡିକ ଅସୁରକ୍ଷିତ ହୋଇଯିବ। ବହୁ ହ୍ୟାକର ଲାଇଫଟାଇମ ୱାରେଣ୍ଟି ସହ ଡାଟା ବିକ୍ରି କରୁଛନ୍ତି। ଏଥିରୁ ରକ୍ଷା ପାଇବାକୁ ହେଲେ ସାଇବର ସିକ୍ୟୁରିଟି ସଫ୍ଟୱେର ବ୍ୟବହାର କରିବାକୁ ଲ୍ୟାବ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆର୍‌ବିଆଇ ବୋର୍ଡର ପୁନର୍ଗଠନ ଲାଗି ବିରଲଙ୍କ ଯୁକ୍ତି

**ମୁମ୍ବାଇ,୧୭-୧୨**

ଆମେରିକାର ଫେଡେରାଲ ରିଜର୍ଭ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଢାଞ୍ଚାରେ ରିଜର୍ଭ ବ୍ୟାଙ୍କର ଭୂମିକା ନିର୍ଦ୍ଧାରଣ କରିବାକୁ ହେଲେ କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡର ପୁନର୍ଗଠନ ହେବା ଜରୁରୀ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଯୁକ୍ତି ବାଢ଼ିଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସରକାର ଉକ୍ତ ଦୁଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଢାଞ୍ଚାରେ ଆର୍‌ବିଆଇ ବୋର୍ଡକୁ ଗଠନ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଗତ ସପ୍ତାହରେ ବୋର୍ଡ ବୈଠକରେ ଆର୍‌ବିଆଇ ଗଭର୍ନାନ୍ସ ଉପରେ ବିରଲ ଉକ୍ତ ମତପୋଷଣ କରିଥିଲେ। ଏହା ଉପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ନୋଟ୍ ବୋର୍ଡ ସଦସ୍ୟଙ୍କୁ ଦିଆଯିବ ବୋଲି କୁହାଯାଇଛି। ବର୍ତ୍ତମାନର ସ୍ଥିତିକୁ ନେଇ ବିରଲ ବୈଠକରେ ରିଜର୍ଭ ବ୍ୟାଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆମେରିକାର ଫେଡେରାଲ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ବୋର୍ଡରେ ସ୍ୱାର୍ଥ ପ୍ରସଙ୍ଗ ସ୍ଥାନ ପାଏନାହିଁ। ବୋର୍ଡ ସଦସ୍ୟଙ୍କୁ ଏଭଳି ଭାବେ ନିଯୁକ୍ତ କରାଯାଏ।

## ଅନ୍‌ଲାଇନ ଔଷଧ ବିକ୍ରିକୁ ହାଇକୋର୍ଟଙ୍କ କଟକଣା

**ଚେନ୍ନାଇ,୧୭-୧୨**

କେନ୍ଦ୍ର ସରକାର ନୂଆ ନିୟମ ପ୍ରଣୟନ କରିବା ପର୍ଯ୍ୟନ୍ତ ଅନ୍‌ଲାଇନ ଔଷଧ ବିକ୍ରି ଉପରେ ମାଡ୍ରାସ ହାଇକୋର୍ଟ ସୋମବାର କଟକଣା ଜାରି କରିଛନ୍ତି। ଏଥିସହିତ ସରକାର ଆସନ୍ତା ବର୍ଷ ଜାନୁୟାରୀ ୩୧ ସୁଦ୍ଧା ନୂଆ ନିୟମ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିପାରିବେ ବୋଲି ଅଦାଲତ ସମୟସୀମା ଧାର୍ଯ୍ୟ କରିଛନ୍ତି। ତାମିଲନାଡୁ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଆଗତ ମାମଲାର ବିଚାର କରି ବିଚାରପତି ପୁଷ୍ପା ସତ୍ୟନାରାୟଣା ଉକ୍ତ ଆଦେଶ ଦେଇଛନ୍ତି। ଅନ୍‌ଲାଇନରେ ଔଷଧ କିଣିବା ଗ୍ରାହକଙ୍କ ଲାଗି ସହଜ ହୋଇଥିଲେ ହେଁ ଅଣପଞ୍ଜୀକୃତ ଅନ୍‌ଲାଇନ ଷ୍ଟୋର୍‌ରୁ ଔଷଧ କିଣିବାରେ ବିପଦ ରହିଛି। କାରଣ ସେମାନେ ଭେଜାଲ,ସମୟ ଅତିକ୍ରାନ୍ତ, ଦୂଷିତ ଏବଂ ଅଣପ୍ରମାଣିତ ଔଷଧ ବିକ୍ରି କରିବାର ସମ୍ଭାବନାକୁ ଏଡ଼ାଇ ହେବନି। ଏହା ରୋଗୀଙ୍କ ଜୀବନ ନେଇପାରେ ବୋଲି କୋର୍ଟ କହିଛନ୍ତି।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଠଗଡ**

ବିଜ୍ଞାପନ ସଂଖ୍ୟା ୩୧୪୯ — ସାମାଜିକ ସମୀକ୍ଷା — ତାରିଖ ୧୪।୧୨।୨୦୧୮

ଏତଦ୍ୱାରା ଆଠଗଡ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୧୭-୧୮ ଆର୍ଥିକ ବର୍ଷ (୦୧।୧୦।୨୦୧୭ ଠାରୁ ୩୧।୦୩।୨୦୧୮ ପର୍ଯ୍ୟନ୍ତ) ର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଭି ଆର ପି, ବି.ଏସ.ଏ. କନିଷ୍ଠ ଯନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କୁ ଅବଗତ କରାଇବେ। ଏଣୁ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ / ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡଧାରୀ ଶ୍ରମିକ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ଉପସ୍ଥିତ ରହି ମଷ୍ଟରରୋଲର ସଠିକତା ଯାଞ୍ଚ କରାଇବେ। ବହୁ ସଂଖ୍ୟାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଯୋଗଦେଇ ଉକ୍ତ ସମୀକ୍ଷା ବୈଠକକୁ ସଫଳ କରିବାକୁ ଅନୁରୋଧ।

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ସମୀକ୍ଷା ଆରମ୍ଭ ତାରିଖ | ସମୀକ୍ଷା ଶେଷ ତାରିଖ | ପଞ୍ଚାୟତସ୍ତରୀୟ ଜନଶୁଣାଣି ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|
| ୧ | ଅନନ୍ତପୁର, ବଡଭୂଇଁ, ବେଣ୍ଟପଦା, ଭୋଗରା, ଛଅଗାଁ, ଧାଇପୁର, ଧୁରୁସିଆ, ତାଳଭାଗ, ଦୋରଡ, ଘଣ୍ଟିଖାଲ, ଗୋବରା | ୨୧।୧୨।୨୦୧୮ | ୨୭।୧୨।୨୦୧୮ | ୨୭।୧୨।୨୦୧୮ | ୨୨।୦୧।୨୦୧୯ |
| ୨ | ଗୁରୁଡିଝାଟିଆ, ଇଚ୍ଛାପୁର, ଜେନପଦାଦେଶ, ଯୋରନ୍ଦା, କନ୍ଦରପୁର, କଟକିଆସାହି, କଣ୍ଡରେଇ, ଖୁଣ୍ଟକଟା, ଖୁଣ୍ଟୁଣୀ, କୁଲାଇଲୋ, କୁମାରପୁର | ୦୨।୦୧।୨୦୧୯ | ୦୮।୦୧।୨୦୧୯ | ୦୮।୦୧।୨୦୧୯ | ୨୨।୦୧।୨୦୧୯ |
| ୩ | କୁଶପଙ୍ଗି, ମହାକାଳବସ୍ତ, ମଞ୍ଜେଶ୍ୱର, ମେଘା, ଓରନ୍ଦା, ରାଧାଗୋବିନ୍ଦପୁର, ରାଧାକିଶୋରପୁର, ରାଧାକୃଷ୍ଣପୁର, ରାଜନଗର, ସମସରପୁର, ସଠିଲୋ, ତରଡିଙ୍ଗ | ୧୧।୦୧।୨୦୧୯ | ୧୭।୦୧।୨୦୧୯ | ୧୭।୦୧।୨୦୧୯ | ୨୨।୦୧।୨୦୧୯ |

ଇତି
ଆପଣଙ୍କର ବିଶ୍ୱସ୍ତ
ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଆଠଗଡ



**GOVERNMENT OF ODISHA**
**DEPARTMENT OF HIGHER EDUCATION**

EXTENSION OF DATELINE FOR ONLINE SUBMISSION OF APPLICATIONS AND VALIDATION OF "E-MEDHABRUTI" APPLICATIONS FOR THE YEAR 2018-19 (FRESH)

No.64-N:- It is hereby informed to all concerned that submission of online applications by the students belonging to Professional & Technical and PG for the academic year 2018-19 (Fresh) and online validation of Fresh applications of all categories of merit by Principal/Head of the Institutions is hereby extended as noted below.

EXTENDED TIMELINE FOR ONLINE SUBMISSION AND VALIDATION OF FRESH & RENEWAL MEDHABURTI APPLICATIONS

| | Activities | Scholarship Type | Date of Extension |
|---|---|---|---|
| Students of SAMS Institutions (+2 and +3 colleges) | Fresh (Submission of required documents in the concerned colleges for uploading in the medhabruti portal) | Jr. Merit / Sr. Merit | 30.12.2018 |
| Students of Non SAMS Institutions | Fresh (Online Submission of applications by the students belonging to Professional/ Technical and PG) | P.G. Merit / Technical & Professional Merit | 30.12.2018 |
| Heads of Institutions/ Principals of SAMS / Non-SAMS Institutions | Fresh (Online validation of applications) | Jr. / Sr. / P.G. / Technical & Professional Merit | 31.12.2018 |

N.B: Online validation by Principal of concerned Institutions is mandatory for getting Fresh scholarship by the eligible students.
In case of any problem faced by the Institutes at the time of online validation, they may refer FAQs available at home page of the website or take the help of Sanjog Helpline (Toll Free) No. 155335/ 18003456770/ 0674- 2396550 or e-mail on emedhabruti1819@gmail.com.

11001/11/0057/1819 — Sd./- Under Secretary to Government



**GOVERNMENT OF ODISHA** — No.1184-O
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGAPUR, UMERKOTE**
E-mail: eerwukt@gmail.com, eerwukt@ymail.com
**e-Procurement Notice**
Identification No. Online Tender /02/RWD-UKT/2018-19
Letter No. 3951 — Date: 12.12.2018

01. Name of the work :: Road and Building Works
02. Total Number of works :: 07 Nos.
03. Estimated cost :: Varies from 6.53 Lakhs to 35.40 Lakhs.
04. Class of Contractor :: “B”, “C” and “D”
05. Period of Completion :: As per TCN
06. Other Details

| Procurement Officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Division-II, Nabarangpur, Umerkote | Online Tender/ 02/ RWD-UKT /2018-19 | 21.12.2018 At 11:00 AM | 31.12.2018 At 03:00 PM | 29.12.2018 At 11.00 AM | 03.01.2019 At 11:00 AM | To be intimated to the Qualified Bidder |

Further details can be seen from the website www.tendersorissa.gov.in.
25103/11/0002/1819 — Sd./- Executive Engineer, Rural Works Division-II, Nabarangpur, Umerkote



**Orissa Water Supply & Sewerage Board**
Satyanagar, Bhubaneswar, E-mail:msowssb@gmail.com, Phone:(0674) 2571185

**Engagement of Sr. Divisional Accounts Officer on consolidated basis**

The Member Secretary, Orissa Water Supply & Sewerage Board, Satyanagar, Bhubaneswar invites applications from the Retired Sr. Divisional Accounts Officer for engagement as Sr. D.A.O. on consolidated basis as mentioned below:–

| Name of post | No. of post | Qualification, experience & Age | Monthly remuneration | Remarks |
|---|---|---|---|---|
| Sr. Divisional Accounts Officer | 01 (One) | Should have worked as D.A.O/Sr. Divisional Accounts Officer under Govt. of Odisha/Govt. of India office satisfactorily for at least 5 years. Age should not be more than 63 years as on 31.12.2018 | As per Finance Dept. memorandum No. 7022 dt. 17.03.2018 | Further extension of one year to be considered subject to satisfactory performance. |

The said engagement will be purely on consolidated basis for a period of one year, which may be extended or terminated subject to performance. Interested eligible candidates may apply in plain paper along with updated CV, Xerox copy of educational & experience certificates along with copy of final pension payment order issued by A.G., Odisha to the above address. The application should reach this office on or before dated **31.12.2018** upto **5.00** p.m. either in person/by post. The candidates should clearly furnish their correspondence address and contact phone No. Authority reserves the right to reject any or all applications without assigning any reason thereof.

Sd/-
Member Secretary
OWSSB, Bhubaneswar



**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)
**E-TENDER NOTICE**
E-Tenders are invited by NIFT Bhubaneswar for **hiring of agency for providing of manpower and procurement of Furniture**, last date for receipt of e-tenders are **09.01.2019 & 10.01.2019** respectively.
**- Director**



**NALCO** — National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul - 759 145, Odisha
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
1. **NIT No. OMC-4954: Name of the work: Cleaning of overhead tanks of residential & non-residential building in Nalco nagar Township and CISF colony.**
2. **NIT No. OMC-4955: Name of the work: Mechanized cleaning of sewerage pipe line inside Township & CISF colony.**
For details of NITs like contract period, EMD, Date and time of E-submission, Part-I Bid Opening, Modification / Amendments (if any) please log in to **www.nalcoindia.com** & **https://eprocure.gov.in**
**DGM (Mech.)T&C**



**PARADIP PORT TRUST**
**e-TENDER CALL NOTICE**
No.CE/HW-II-W-38/18/638, Dtd.14.12.2018
Name of the work **"Water sprinkling to the roads inside Port prohibited area for the year 2018-19 (Zone-II)"**, Estimated Cost: **Rs.87,90,717.00**, Last Date and Time of Submission of bid : **04.01.2019 up to 17:15 Hrs.** For details, please refer the Website : **http://eprocure.gov.in/eprocure/app**.
Sd/- **Executive Engineer**
**Harbour Works Division NO.II**
PPT/PR/540/18-19 Dt.17.12.2018



**Biju Patnaik University of Technology, Odisha Rourkela**
No. BPUT/XIII/EDMU/06/18/5717 — Date:17.12.2018
**NOTICE FOR CANCELLATION OF TENDER**
As per approval of competent authority, the following tender floated by the University is hereby cancelled.

| Sl. No. | Tender No. & Date: | Tender particulars | Date of publication |
|---|---|---|---|
| 1. | BPUT/RKL/24846 date:29.12.2017 | Tender for Manpower Supply | 31.12.2017 |
| 2. | BPUT/RKL/24847 date:29.12.2017 | Tender for Security Service | 31.12.2017 |

Sd/-
Registrar



**idco ODISHA** — ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
NEW OPPORTUNITIES

OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR.
Tender Call Notice No. BBSR/ELECT/E-3868/17-19/5406 — Date: 13.12.2018
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work :** Electrical Installation work and Date Networking in Newly Supplied Works station / Table at office Building of Director of Industries, Killa Maidan, Cuttack.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT/E-29/18-19 | dt. 20.12.2018 at 12.00 Hrs. | dt. 26.12.2018 at 12.00 Hrs. |

Further details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in **IDCO website**.

Sd/-
Divisional Head ( Elect)
IDCO, Bhubaneswar



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ

# ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

## କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

କୁଚିଣ୍ଡା, ୧୭।୧୨ (ଡି.ଏନ.ଏ.) ସମ୍ବଲପୁର ଜିଲା କୁଚିଣ୍ଡା ନିକଟସ୍ଥ ଝୁଲେନ ପୋଲ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୩ଟା ୪୦ରେ ବସ୍-ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ 'ଖୁସ୍‌ବୁ' (ନଂ. ଓଆର ୧୬ ସି- ୫୮୫୯) ଏକ ବାଇକ(ନଂ. ଓଡି ୧୫ ଜେ- ୩୯୦୭)କୁ ଧକ୍କା ଦେଇଛି। ଏଥିରେ ବାଇକ୍ ଆରୋହୀ ଜମନକିରା (ବି) ଗ୍ରାମର ସୁରେନ୍ଦ୍ର ବାଗ (୨୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ବନ୍ଧୁ ଅଜୟ ଭାଜି ଆହତ ହୋଇଛନ୍ତି ।

ସୁରେନ୍ଦ୍ର ଓ ଅଜୟ କୁଚିଣ୍ଡାରୁ କାମ ସାରି ଗାଁକୁ ଫେରୁଥିଲେ। ଏତିକିବେଳେ ବସ୍‌ଟି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ସୁରେନ୍ଦ୍ର ଧକ୍କା ଖାଇ ବସ୍ ଚକ ତଳେ ପଡିଯାଇଥିଲେ। ବସ୍ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଅଜୟ ଛିଟ୍‌କି ପଡି ସାମାନ୍ୟ ଆହତ ହୋଇଥିଲେ। ଏହା ଜଣାପଡିବା ପରେ ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା । ଗ୍ରାମବାସୀ ରାସ୍ତାରୋକୋ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ପୋଲିସ ଏବଂ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଇଥିଲେ ମଧ୍ୟ ବିଫଳ ହୋଇଥିଲେ । ପରେ କୁଚିଣ୍ଡା ବସ୍ ମାଲିକ ସଂଘର ସଭାପତି ଦୀନବନ୍ଧୁ ଅଗ୍ରୱାଲ ପହଞ୍ଚି ଥିଲେ। ସଂଘ ପକ୍ଷରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବୀମା ଟଙ୍କା ନ ମିଳିବା ପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ପ୍ରତିମାସରେ ୭ହଜାର ଟଙ୍କା ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଘୁମୁସର ବନଖଣ୍ଡରେ ଦନ୍ତାର ମୃତ୍ୟୁ

## ରାଜ୍ୟରେ ୫ବର୍ଷରେ ମଲେଣି ୩୫୩ ହାତୀ



ଭଞ୍ଜନଗର,୧୭।୧୨(ଡି.ଏନ.ଏ.) ଗଞ୍ଜାମ ଜିଲାରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ରବିବାର ସକାଳେ ଦିଗପହଣ୍ଡି ରେଞ୍ଜରୁ ଏକ ଦନ୍ତାହାତୀର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାର କିଛି ଘଣ୍ଟା ପରେ ରାତିରେ ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ତାରସିଂ ରେଞ୍ଜରେ ଆଉ ଏକ ଦନ୍ତାର ମୃତ୍ୟୁ ଘଟିଛି। ଖବରପାଇ ସୋମବାର ବନଖଣ୍ଡ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରୋଗରେ ଆକ୍ରାନ୍ତ ହୋଇ ଦନ୍ତାର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତି ଦିଆଯାଇଛି। ପ୍ରକାଶ ଯେ, ଦନ୍ତାଟି କିଛିଦିନ ହେଲା ପଲରୁ ଅଲଗା ହୋଇଥିଲା। ଠିକ୍ ଭାବେ ଚଲାବୁଲା କରିପାରୁ ନ ଥିଲା। ବନ ବିଭାଗ ପକ୍ଷରୁ ତାହାର ଯତ୍ନନେବା ପ୍ରତି ଗୁରୁତ୍ୱ ଦିଆଗଲାନି। ଶନିବାର ରାତିରେ ଦନ୍ତାଟି ଜଗନ୍ନାଥପ୍ରସାଦ ରେଞ୍ଜରେ ବୁଲୁଥିବା ଦେଖାଯାଇଥିଲା। ସୋମବାର ସକାଳେ ତାରସିଂ ରେଞ୍ଜ ବାରଦଣ୍ଡା ଗ୍ରାମ ନିକଟ ଧାନ ବିଲରେ ଦନ୍ତା ମୃତଦେହ ପଡ଼ିଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। କିଛିଦିନ ପୂର୍ବେ କୌଣସି କାରଣରୁ ହାତୀଟିର ଶୁଣ୍ଢ ସଂକ୍ରମିତ ହୋଇ ପଚିଯାଇଥିଲା। ତାହା ଧୀରେ ଧୀରେ ଶରୀରର ଅନ୍ୟ ଅଂଶକୁ ବ୍ୟାପିଯାଇଥିଲା। ତେଣୁ ସେହି କାରଣରୁ ହାତୀଟିର ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦ କରିଥିବା ଡା.ବିଜୟିନୀ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଗଣନା ଅନୁସାରେ ରାଜ୍ୟରେ ୧୯୭୬ଟି ହାତୀ ଥିଲେ। ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି । ୨୦୧୦ ପର୍ଯ୍ୟନ୍ତ ରାଜ୍ୟରେ ହାତୀ ମୃତ୍ୟୁହାର ବାର୍ଷିକ ପ୍ରାୟ ୪୦ ରହୁଥିଲା। କିଛିବର୍ଷ ହେବ ଏହା ପ୍ରାୟ ୭୦କୁ ଟପିଛି। ୨୦୧୩ ଏପ୍ରିଲରୁ ୨୦୧୮ ଏପ୍ରିଲ ମଧ୍ୟରେ ରାଜ୍ୟରେ ୩୫୩ ହାତୀଙ୍କ ମୃତ୍ୟୁ ଘଟିଛି। ଗତ ଏପ୍ରିଲରୁ ଏ ପର୍ଯ୍ୟନ୍ତ ୬୭ ହାତୀ ମୃତ୍ୟୁ ଘଟିଥିବା ଓଡ଼ିଶା ବନ୍ୟ ସୁରକ୍ଷା ସମିତି ସଂସ୍ଥା ରେକର୍ଡ଼ରୁ ଜଣାପଡ଼ିଛି। ସେଥିମଧ୍ୟରୁ କେବଳ ଗଞ୍ଜାମ ଜିଲାରେ ୩ ହାତୀ ମୃତ୍ୟୁ ଘଟିଛି ।





THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632

KOSALA ENTRANCE TEST 2019-20

- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-ସୁବର୍ଣ୍ଣପୁର-୨୦୧୮-୧୯
JOB FAIR-SUBARNAPUR
DATE: 20TH Dec., 2018
PLACE: TOWN HALL, SONEPUR

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁରର ମିଳିତ ସହଯୋଗରେ ଆସନ୍ତା ତା୨୦।୧୨।୨୦୧୮ ଗୁରୁବାର ଦିନ ଟାଉନ୍‌ହଲ, ସୋନପୁର(ବସଷ୍ଟାଣ୍ଡ ପାଖରେ) ଠାରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗଦେବେ। କେତେକ କମ୍ପାନୀରେ ସିଧା ସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ।

ସୁତରାଂ ସୁବର୍ଣ୍ଣପୁର ଜିଲ୍ଲାର ଚାକିରି ଅନ୍ୱେଷଣରେ ଥିବା ଅନ୍ୟୁନ ୫ମ ଶ୍ରେଣୀ ପାସ୍‌ରୁ ଦଶମ ଶ୍ରେଣୀ ଫେଲ୍, ମେଟ୍ରିକ୍ ପାସ୍, +୨ ଓ +୩ ପାସ୍‌ଧାରୀ, ଆଇଟିଆଇ ପାସ୍ କରିଥିବା ଏବଂ ପାଠ୍ୟକ୍ରମ ମଝିରୁ ଛାଡ଼ିଥିବା ବେରୋଜଗାର ଯୁବକ/ଯୁବତୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ୍ ସହିତ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି।

ସ୍ୱାକ୍ଷର
ଜିଲ୍ଲା ନିୟୋଜନ ଅଧିକାରୀ
ସୁବର୍ଣ୍ଣପୁର

ସ୍ୱାକ୍ଷର
ଜିଲ୍ଲାପାଳ,
ସୁବର୍ଣ୍ଣପୁର

ସବିଶେଷ ବିବରଣୀ ପାଇଁ ଜିଲ୍ଲା ନିୟୋଜନ ଅଧିକାରୀଙ୍କ ସହିତ
ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।
ଫୋ: (୦୬୬୫୪) ୨୨୦୦୦୭

CLASSIFIED DISPLAY




Need Authorised Distributor for
Hindustan Coca-Cola Beverages Pvt Ltd
AT BHUBANESWAR
PLEASE CONTACT
9771491516, 7077788033

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316

- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.

Rs. 190/- Per Sq. ft

Mob: 7326837199, 9861747353

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ଲାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786



# ବନ୍ଦ ପାଇଁ ଘୁଞ୍ଚିଲା ପରୀକ୍ଷା

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦର ଡିପ୍ଲୋମା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ୧୮ ତାରିଖରେ ହେବାକୁ ଥିବା ପରୀକ୍ଷା ଆସନ୍ତା ୨୦ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ଧାର୍ଯ୍ୟ ହୋଇଥିବା ସମୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ନେଇ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି) ଅଧୀନ ସମସ୍ତ କଲେଜରେ ହେବାକୁ ଥିବା ଅଡ୍ ସେମିଷ୍ଟର(ଦ୍ୱିତୀୟ ପର୍ଯ୍ୟାୟ) ପରୀକ୍ଷାକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ୧୭ ଓ ୧୮ତାରିଖରେ ହେବାକୁ ଥିବା ପରୀକ୍ଷା ଆସନ୍ତା ୨୦୧୯ ଜାନୁୟାରୀ ୧୧ ଓ ୧୨ତାରିଖରେ ଅନୁଷ୍ଠିତ ହେବ।

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**
**Bank Misc. Case No. 70/17**
(U/s 14 of SARFAESI Act)
**Allahabad Bank, Bapuji Nagar, Bhubaneswar** ...Petitioner
Vrs
**Srinivas Rao Gumprti & Mamata Gumprti** ...Opp. Parties

**To**
**Sri Srinivas Rao Gumprti,** S/o: Anaji Rao Gumprti & **Smt. Mamata Gumprti,** W/o: Sri Srinivas Rao Gumprti, Arabinda Nagar, 3rd Lane, Berhampur, Dist.: Ganjam-760001.

Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 70/17** against you for the purpose of taking physical possession of the secured Assets. Above notice was sent to you by Regd. Post, but the same was returned. You are hereby informed to appear in person or through your pleader on **11.01.2019** at **10.00 AM** in the Court to answer the claim, failing which the aforesaid matter will be decided in your absence.

**By the orders of DM & Collector (Khurda)**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା**

**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ

**"ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ"**

**ତାରିଖ: ୧୮ ଓ ୧୯ ଡିସେମ୍ବର, ୨୦୧୮**
**ସନ୍ଧ୍ୟା ଘ. ୬.୩୦ ମିନିଟ୍**
**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର**

**ସାଂସ୍କୃତିକ କାର୍ଯ୍ୟକ୍ରମ :** ରାଜ୍ୟର ପ୍ରତିଷ୍ଠିତ ଗୀତିନାଟ୍ୟାନୁଷ୍ଠାନମାନଙ୍କ ଦ୍ୱାରା ଗୀତିନାଟ୍ୟ ପରିବେଷଣ କରାଯିବ।

ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସାଇ କୋର୍ ଆଣ୍ଡ୍ କେମିକାଲ୍ସ, ଅଂଶୀଦାରମାନେ: ଦୋଡଲା ଲକ୍ଷ୍ମଣ ରାଓ,** ପିତା: ଦୋଡଲା ସତ୍ୟନାରାୟଣ ଏବଂ **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ, ହନୁମାନ କଟନ୍ ଇଣ୍ଡଷ୍ଟ୍ରିଜ୍ କମଟାଲପେଟା ନିକଟ, ରାୟଗଡା-୭୬୫୦୦୧ | **ଜାମିନ୍‌ଦାର: ଶ୍ରୀ ଏମ୍. ନାଗଭୂଷଣ ରାଓ / ସମ୍ପତ୍ତିର ମାଲିକ: ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ | **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଟାଲପେଟା, ଖାତା ନଂ.: ୫୯/୯୧୭, ପ୍ଲଟ୍ ନଂ.: ୫୬୪/୧୭୨୦, କ୍ଷେତ୍ର: ଏକର୦.୫୫ଡିସିମିଲି, କିସମ: କ୍ଷୁଦ୍ର ଶିଳ୍ପ ଏବଂ ଖାତା ନଂ.: ୫୯/୮୮୫, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୧.୩୬ଡିସିମିଲି, କିସମ: ଘରବାରି, ଏହାର ଚାରିପାଶ୍ୱରେ- ପୂର୍ବ: ପ୍ଲଟ୍ ନଂ.: ୫୬୩ ଏବଂ ୫୬୨, ପଶ୍ଚିମ: ଦୋଡଲା ଲକ୍ଷ୍ମଣ ରାଓଙ୍କ ପ୍ଲଟ୍ ନଂ. ୫୫୬, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଆଲମ ଗୋବିନ୍ଦଙ୍କ ପ୍ଲଟ୍ ନଂ. ୫୪୯ | ୨୦.୧୦.୨୦୧୬ | ୧୩.୧୨.୨୦୧୮ | ୩୦.୦୯.୨୦୧୬ ସୁଦ୍ଧା ଟ.୯୩,୧୪,୨୧୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ଗୌତମ ପଣ୍ଡା,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.: ୩୧୫, କଳାରାହାଙ୍ଗ, ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୨୪ | **ସମ୍ପତ୍ତିର ମାଲିକ: ଶ୍ରୀ ଗୌତମ ପଣ୍ଡା** | **ଶ୍ରୀ ଗୌତମ ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁଜବଳ, ତହସିଲ: ରାୟଗଡା, ଖାତା ନଂ.: ୪୨/୨୨୨, ପ୍ଲଟ୍ ନଂ.: ୨୧/୪୫୫/୫୯୫, କ୍ଷେତ୍ର: ଏକର୧.୦୦ଡିସିମିଲି, ଏହାର ଚାରିପାଶ୍ୱରେ- ପୂର୍ବ: ଶ୍ରୀମତୀ ନୀରା ସିହ୍ନାଙ୍କ ଜମି (ପ୍ଲଟ୍ ନଂ. ୨୧/୪୫୫), ପଶ୍ଚିମ: ପ୍ଲଟ୍ ନଂ. ୨୧/୪୬୩, ଉତ୍ତର: ପ୍ଲଟ୍ ନଂ. ୨୧ର ଅବଶିଷ୍ଟ ଜମି, ଦକ୍ଷିଣ: ପିଡବ୍ଲୁଡି ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୬୪,୯୯,୯୨୬.୭୯ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ମାଝୀ ଗୌରୀ ରୋଲିଙ୍ଗ୍ ସଟର୍ସ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ବି. ଆନନ୍ଦ ରାଓ,** ରୋହିତ କଲୋନୀ, ତୃତୀୟ ଲେନ୍, ରାୟଗଡା-୭୬୫୦୦୧ | **ସମ୍ପତ୍ତିର ମାଲିକ: ବି. ଆନନ୍ଦ ରାଓ** | **ବି. ଆନନ୍ଦ ରାଓ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାୟଗଡା ସୁଙ୍କାରିମେଟ୍ଟ, ପିତାମହଲ, ତହସିଲ: ରାୟଗଡା, କମଟାଲପେଟା, ଖାତା ନଂ.: ୧/୩୩, ପ୍ଲଟ୍ ନଂ.: ୧୮/୭୨, ୧୯/୭୩, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚାରିପାଶ୍ୱରେ- ପୂର୍ବ: ବି. ପ୍ରସାଦ ରାଓଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ. ୧୧୬ ଏବଂ ୧୧୭), ପଶ୍ଚିମ: ବି. ରମେଶଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ.: ୧୧୫), ଉତ୍ତର: ବିକ୍ରେତାଙ୍କ ଲେଆଉଟ୍ ପ୍ଲଟ୍ ନଂ. ୯୩, ଦକ୍ଷିଣ: ୩୦ ଫୁଟ ଚଉଡା ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୩୧,୧୧,୯୮୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୩.୧୨.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ : ପିପିଲି, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୫୮-୨୪୧୭୧୮, ମୋ.: ୯୮୬୧୩୫୫୮୦୭

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ପ୍ରତ୍ୟେକ ଗାଡ଼ି ନିମନ୍ତେ ଭିନ୍ନ ଭିନ୍ନ ଲଫାପାରେ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ** ନିମ୍ନରେ ସମ୍ପୃକ୍ତ ଶାଖା ନିମନ୍ତେ ଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି** ଠାରେ **ଅପରାହ୍ନ ୧.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବନ୍ଦ ଲଫାପା ଉପରେ "ଗାଡ଼ି ନିଲାମ ବିକ୍ରୟ", ଶାଖାର ନାମ, ଗାଡିର ମଡେଲ, ଗାଡି ନଂ. କିମ୍ବା ଇଞ୍ଜିନ ନଂ. ଉଲ୍ଲେଖ କରିବା ଉଚିତ।

| କ୍ର. ନଂ. | ଶାଖା / ନିଲାମ ସ୍ଥାନ ଏବଂ ତାରିଖ / ଲୋନ୍ ଆକାଉଣ୍ଟ ନଂ / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଗାଡ଼ିର ମଡ଼େଲ / ଗାଡ଼ି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|
| | **ଅସ୍ତରଙ୍ଗ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୨୯.୧୨.୨୦୧୮ରିଖ** | | |
| ୧. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୧୬ / ଋଣଗ୍ରହୀତା: ବାବୁରାମ ସାହୁ, ପିତା: ମଥୁରୀ ସାହୁ, ସା: ଦକ୍ଷିଣପତ୍ତାଳ, ପୋ: ନଗର, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only engine), REGD NO.: OR-13-F-8084, ENGINE NO.: RLBW01807, CHASSIS NO.: RLBW01807 | ଟ.୬୦,୦୦୦/- / ଟ.୬,୦୦୦/- |
| ୨. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୦୩୫ / ଋଣଗ୍ରହୀତା: ବାମନ କାଣ୍ଡି, ପିତା: ସ୍ୱ ଚିନ୍ତାମଣି କାଣ୍ଡି, ସା/ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra Bolero Plus, REGD NO.: OR-02-BL-0793, ENGINE NO.: GHA4M58500, CHASSIS NO.: MALWL2GHKA2N91044 | ଟ.୬୦,୦୦୦/- / ଟ.୬,୦୦୦/- |
| ୩. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୨୦୦୦୦୬ / ଋଣଗ୍ରହୀତା: ଅଶୋକ ରାଉତ, ପିତା: ସ୍ୱ ଗଣେଶ ରାଉତ, ସା: ବେଗୁନିଆବସ୍ତ, ପାଟଣା, ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic IRIS, REGD NO.: OR-02-BV-9486, ENGINE NO.: AIL0570776, CHASSIS NO.: MAT491121CJA00852 | ଟ.୩୦,୦୦୦/- / ଟ.୬,୦୦୦/- |
| ୪. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୨୦୦୦୦୮ / ଋଣଗ୍ରହୀତା: ନିରଞ୍ଜନ ବେହେରା, ପିତା: ରବି ବେହେରା, ସା: ସାହାଣ, ପୋ: କୁସୁମ୍ବର, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic ACE Hit, REGD NO.: OR-02-BV-9215, ENGINE NO.: 2751D106AXY504159, CHASSIS NO.: MAT445112CAVA01767 | ଟ.୪୧,୨୫୦/- / ଟ.୬,୦୦୦/- |
| ୫. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୧୦୦୦୧୫ / ଋଣଗ୍ରହୀତା: ନିରଞ୍ଜନ ଦାସ, ପିତା: ଧନେଶ୍ୱର ଦାସ, ସା: ବେଗୁନିଆବସ୍ତ, ପାଟଣା, ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Piaggio Ape Auto, REGD NO.: OR-02-BT-1806, ENGINE NO.: PIJ4067509, CHASSIS NO.: MBX0000ZFNK387720 | ଟ.୨୨,୫୦୦/- / ଟ.୩,୦୦୦/- |
| ୬. | ଆକାଉଣ୍ଟ ନଂ.: ୦୦୦୧୦୩୭୨୧୪୦୦୦୦୨ / ଋଣଗ୍ରହୀତା: ଭାନୁ ମଲ୍ଲିକ, ସ୍ୱାମୀ: ବସନ୍ତ ମଲ୍ଲିକ, ସା: କେନ୍ଦ୍ରାପଟୀ, ପୋ: ନମାରୋ, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Hyundai Verna Car, REGD NO.: OD-02-N-5924, ENGINE NO.: DUFCCV266056, CHASSIS NO.: MALC41RIDM11616C | ଟ.୨,୭୭,୫୦୦/- / ଟ.୬,୦୦୦/- |
| | **ଏରବଙ୍ଗ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୨୯.୧୨.୨୦୧୮ରିଖ** | | |
| ୭. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୨୬ / ଋଣଗ୍ରହୀତା: ପ୍ରକାଶ ଦାସ, ପିତା: ବାମଦେବ ଦାସ, ସା: ମଣ୍ଡୁପଡା, ପୋ: ମହଲପଡା, ଜିଲ୍ଲା: ପୁରୀ | Mahindra 475 DI Tractor (Engine & Trolly), REGD NO.: OD-13-9528/9529, ENGINE NO.: RAU003239, CHASSIS NO. RAU003239 | ଟ.୯୦,୦୦୦/- / ଟ.୬,୦୦୦/- |
| ୮. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୩୩ / ଋଣଗ୍ରହୀତା: କପିଳ ପ୍ରଧାନ, ପିତା: ଗୋପାଳ ପ୍ରଧାନ, ସା: ଶିଶୋ, ପୋ: ଗଣେଶ୍ୱରପୁର, ଜିଲ୍ଲା: ପୁରୀ | Farm Track Tractor & Trolly, REGD NO.: OD-13-1435/1436, ENGINE NO.: S2F8027042, CHASSIS NO.: SSSJU661213 | ଟ.୬୦,୦୦୦/- / ଟ.୬,୦୦୦/- |
| ୯. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୦୧ / ଋଣଗ୍ରହୀତା: ଶରତ ଚନ୍ଦ୍ର ସ୍ୱାଇଁ, ପିତା: ବାଞ୍ଛାନିଧି ସ୍ୱାଇଁ, ସା/ପୋ: ବେଗୁନିଆ, ଥାନା: ଗୋପ, ଜିଲ୍ଲା: ପୁରୀ | New Holland 3032 Tractor (only Engine), REGD NO.: OD-33-B-1788, ENGINE NO.: D28374, CHASSIS NO.: 4218964 | ଟ.୧,୧୨,୫୦୦/- / ଟ.୬,୦୦୦/- |
| ୧୦. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୧୧ / ଋଣଗ୍ରହୀତା: ଭାସ୍କର ଜେନା, ପିତା: ଈଶ୍ୱର ଜେନା, ସା: କଳସୁଆଁ, ପୋ: କୁରୁଜଙ୍ଗ, ଜିଲ୍ଲା: ପୁରୀ | Bajaj RE Auto, REGD NO.: OR-02-BX-9382, ENGINE NO.: BGMVA00080, CHASSIS NO.: MD2AABHZZVWA00184 | ଟ.୨୬,୨୫୦/- / ଟ.୩,୦୦୦/- |
| ୧୧. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୨୩ / ଋଣଗ୍ରହୀତା: କମଳା ଜେନା, ସ୍ୱାମୀ: ଭୀମସେନ ଜେନା, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra 475 DI (only engine), REGD NO.: OD-02-F-9641, ENGINE NO.: NJNWL1392, CHASSIS NO.: NJNWL1392 | ଟ.୬୦,୦୦୦/- / ଟ.୬,୦୦୦/- |
| ୧୨. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୦୮ / ଋଣଗ୍ରହୀତା: ମିତ୍ରଭାନୁ ପରିଡ଼ା, ପିତା: ଚେମେଇ ପରିଡ଼ା, ସା: ସିମିଳି, ପୋ: ମାଟିଆପଡ଼ା, ଜିଲ୍ଲା: ପୁରୀ | Eicher 333 Tractor (only engine), REGD NO.: OD-33-C-8967, ENGINE NO.: 519729187692, CHASSIS NO.: 919810276014 | ଟ.୭୫,୦୦୦/- / ଟ.୬,୦୦୦/- |
| ୧୩. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୫୨ / ଋଣଗ୍ରହୀତା: କାମିନୀବାଳା ସ୍ୱାଇଁ, ମାର୍ଫତ: ପ୍ରଦୀପ୍ତ କୁମାର ପ୍ରଧାନ, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra Alfa Auto, REGD NO.: OR-02-5984, ENGINE NO.: AZG0644713, CHASSIS NO.: C5G77744 | ଟ.୨୬,୨୫୦/- / ଟ.୩,୦୦୦/- |
| | **ବାଲକାଟି ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୧୨.୨୦୧୮ରିଖ** | | |
| ୧୪. | ଆକାଉଣ୍ଟ ନଂ.: ୦୦୦୬୦୩୧୭୧୨୦୦୦୦୯ / ଋଣଗ୍ରହୀତା: କସ୍ତୁରୀ ଭୋଇ, ପିତା: କୁମର ଭୋଇ, ସା: ବିଲିପଡା, ପୋ: ବିନାୟକପୁର, ଜିଲ୍ଲା: ପୁରୀ | Indigo ECS IX Car, REGD NO.: OR-02-BW-6781, ENGINE NO.: 4751DT14X4P03402, CHASSIS NO. MAT607146CWA04507 | ଟ.୭୫,୦୦୦/- / ଟ.୬,୦୦୦/- |
| | **ଭୁଣେଇ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୧୨.୨୦୧୮ରିଖ** | | |
| ୧୫. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୨୩ / ଋଣଗ୍ରହୀତା: ତ୍ରିବିକ୍ରମ ସାହୁ, ପିତା: ସୁରେନ୍ଦ୍ରନାଥ ସାହୁ, ସା: ନେତପୁର, ପୋ: ନାଗପୁର, ଜିଲ୍ଲା: ପୁରୀ | Mahindra 475 DI Tractor & Trolly, REGD NO.: OD-13-A-9264/9265, ENGINE NO.: NJNY00059, CHASSIS NO.: NJNY00059 | ଟ.୧,୩୧,୨୫୦/- / ଟ.୬,୦୦୦/- |
| ୧୬. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୧୦୦୦୧୮ / ଋଣଗ୍ରହୀତା: ରତ୍ନାକର ଜେନା, ପିତା: କାଶିନାଥ ଜେନା, ସା: ସାଉରିଆ, ପୋ: ବୀରତୁଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only engine) , REGD NO. OR-13-H-0980, ENGINE NO.: RAU002281, CHASSIS NO.: RAU002281 | ଟ.୯୭,୫୦୦/- / ଟ.୬,୦୦୦/- |
| ୧୭. | ଆକାଉଣ୍ଟ ନଂ.: ୦୦୪୭୦୩୭୨୧୩୦୦୦୦୨ / ଋଣଗ୍ରହୀତା: ସରୋଜିନୀ ପରିଡ଼ା, ସ୍ୱାମୀ: ସ୍ୱ ଅନଙ୍ଗଭୀମ, ସା: ବେରୁହାଁ (ଝିଙ୍କିରିଆ), ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | Mahindra 475 Tractor & Trolly, ENGINE NO.: RJNY01495, CHASSIS NO.: RJNY01495 | ଟ.୯୦,୦୦୦/- / ଟ.୬,୦୦୦/- |
| ୧୮. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୧୪ / ଋଣଗ୍ରହୀତା: ବିଭୁତି ଭୂଷଣ ପ୍ରଧାନ, ପିତା: କ୍ଷେତ୍ରମୋହନ ପ୍ରଧାନ, ସା/ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | New Holland 3037 Tractor & Trolly, REGD NO.: OD-13-3979/3980, ENGINE NO.: D86026, CHASSIS NO.: 6205281 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୯. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୩୧ / ଋଣଗ୍ରହୀତା: କଞ୍ଚନା ପ୍ରଧାନ, ସ୍ୱାମୀ: ଭାସ୍କର ଚନ୍ଦ୍ର ପ୍ରଧାନ, ସା: ବାଣିଲୋ, ପୋ: ସାରଡା, ଜିଲ୍ଲା: ପୁରୀ | Tata Ace Ex Pickup Van, REGD NO.: OD-02-C-8506, ENGINE NO.: 2751D106MX4SR6190, CHASSIS NO.: MAT445227CZDA7224 | ଟ.୪୮,୭୫୦/- / ଟ.୬,୦୦୦/- |
| ୨୦. | ଆକାଉଣ୍ଟ ନଂ.: ୦୦୪୭୦୩୭୨୧୩୦୦୦୦୬ / ଋଣଗ୍ରହୀତା: ବଟକୃଷ୍ଣ ବାରିକ, ପିତା: କୁଳମଣି ବାରିକ, ସା: ବିଅଁଳ, ପୋ: କୁରୁଜଙ୍ଗ, ଜିଲ୍ଲା: ପୁରୀ | Mahindra Yubraj 215 Mini Tractor & Trolly | ଟ.୪୮,୭୫୦/- / ଟ.୬,୦୦୦/- |
| | **ନରିଶ ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୧୨.୨୦୧୮ରିଖ** | | |
| ୨୧. | ଆକାଉଣ୍ଟ ନଂ.: ୦୦୬୯୦୩୧୭୧୧୦୦୦୧୦ / ଋଣଗ୍ରହୀତା: ବିକାଶ ଚନ୍ଦ୍ର ମୁଦୁଲି, ପିତା: ଗୋବିନ୍ଦ ଚନ୍ଦ୍ର ମୁଦୁଲି, ସା: ବଡ଼ବଜାର, ପୋ: ନିମାପଡ଼ା, ଜିଲ୍ଲା: ପୁରୀ | SCORPIO 2.6 TURBO, REGD NO.: OR-02-BU-0107, ENGINE NO.: GMB4H55581, CHASSIS NO.: MA1TA2GMKB2H21061 | ଟ.୧,୮୭,୫୦୦/- / ଟ.୬,୦୦୦/- |
| | **ନିମାପଡ଼ା ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୧୨.୨୦୧୮ରିଖ** | | |
| ୨୨. | ଆକାଉଣ୍ଟ ନଂ.: ୦୦୭୨୦୩୧୭୧୨୦୦୦୨୮ / ଋଣଗ୍ରହୀତା: କମଳାକାନ୍ତ ପଲେଇ, ପିତା: ସତ୍ୟପ୍ରିୟ ପଲେଇ, ସା: ଛିଟିକଣା, ପୋ: ବନ୍ତଗ୍ରାମ, ନିମାପଡ଼ା, ଜିଲ୍ଲା: ପୁରୀ | Mahindra Tractor, REGD NO.: OD-13-0801, ENGINE NO.: RAU03049, CHASSIS NO.: RAU03049 | ଟ.୭୫,୦୦୦ / ଟ.୬,୦୦୦/- |
| | **ପିପିଲି ଶାଖା. ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ. ପିପିଲି. ତା.୩୧.୧୨.୨୦୧୮ରିଖ** | | |
| ୨୩. | ଆକାଉଣ୍ଟ ନଂ.: ୦୦୮୨୦୩୧୭୧୨୦୦୦୧୬ / ଋଣଗ୍ରହୀତା: ସୁଷମା ପ୍ରଧାନ, ସ୍ୱାମୀ: ଚକ୍ରଧର ପ୍ରଧାନ, ସା: ଗୋବର୍ଦ୍ଧନପୁର, ସୁଲତାନନଗର, ପୋ: ପିପିଲି, ଜିଲ୍ଲା: ପୁରୀ | Swaraj 735 XM Tractor & Trolly, REGD NO.: OD-02-B-3819 & 3820, ENGINE NO.: 391354SPN14064A, CHASSIS NO.: WWTN38618084819 | ଟ.୮୬,୨୫୦ / ଟ.୬,୦୦୦/- |

ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧, ୩, ୪, ୫, ୬, ୮, ୧୦, ୧୩, ୧୭, ୧୮, ୧୯ ଏବଂ ୨୦ ନିମନ୍ତେ): ଆର୍‌ଆଇସି ଷ୍ଟକ୍ ୟାର୍ଡ, ସା: ଭୂଆଁ, ପୋ: ଛଇତନା, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୧-୨୩୪୦୫୧୫, ମୋବାଇଲ୍ ନଂ: ୯୪୩୯୫୩୭୪୫୦
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୨, ୭, ୯, ୧୧, ୧୨, ୧୫ ଏବଂ ୧୬ ନିମନ୍ତେ): ଆର୍‌ଆଇସି ଷ୍ଟକ୍ ୟାର୍ଡ, ସା: ବ୍ରହ୍ମପୁର, ୪୨ ମୌଜା, ଜିଲ୍ଲା: କଟକ, ଫୋନ୍ ନଂ.: ୦୬୭୧-୨୩୪୦୫୧୫, ମୋବାଇଲ୍ ନଂ: ୯୯୩୭୧୩୫୨୫୮
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧୪, ୨୧ ଏବଂ ୨୨ନିମନ୍ତେ): ସନସାଇନ୍ ଷ୍ଟକ୍ ୟାର୍ଡ, ସାଇ ମନ୍ଦିର ନିକଟ, ଟଙ୍କପାଣି ରୋଡ୍, ଭୁବନେଶ୍ୱର ଫୋନ୍ ନଂ.: ୦୬୭୪-୨୯୭୨୭୫୯, ମୋବାଇଲ୍ ନଂ.: ୭୫୩୮୦୮୫୧୪୫
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୨୩ ନିମନ୍ତେ): ସିଆଇଡି ଷ୍ଟକ୍ ୟାର୍ଡ ନଂ. ୩, ସନ୍ତୋଷୀମା ମନ୍ଦିର ପଛପାଖ, ପାତ୍ରପଡା, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୪୭୨୧୨୨, ମୋବାଇଲ୍ ନଂ.: ୯୯୩୮୨୦୨୭୬୬

ଆଗ୍ରହୀ ନିଲାମଧାରୀମାନେ ଉପର ଦର୍ଶିତ ଗାଡ଼ି ଗୁଡିକ ସପକ୍ଷରେ ପଠାଇଥିବା ଜଉମୁଦ ଟେଣ୍ଡର ଲଫାପାଗୁଡିକ ସମ୍ପୃକ୍ତ ଶାଖା ନିମନ୍ତେ ଉପରଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି ଠାରେ ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ଉପରୋକ୍ତ ପାର୍କିଂ ୟାର୍ଡର ଫୋନ/ମୋବାଇଲ୍ ନଂ ରେ ଯୋଗାଯୋଗ କରି ଗାଡ଼ିଗୁଡ଼ିକ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ନିଲାମ ଡ଼ାକ ଚୂଡ଼ାନ୍ତ ହେଲେ ସେ ବିକ୍ରୟ ମୂଲ୍ୟର ୧୦% **ଆବଶ୍ୟକ ଜିଏସ୍‌ଟି ସହିତ** ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **ଆବଶ୍ୟକ ଜିଏସ୍‌ଟି ସହିତ ୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/କ୍ୟାସ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ** ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଉକ୍ତ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ତାରିଖ : ୧୭.୧୨.୨୦୧୮
ସ୍ଥାନ : ପିପିଲି
କ୍ଷମତାପ୍ରାପ୍ତ ଅଧିକାରୀ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ Sambalpur, Tuesday, December 18/ 2018

## ସଂକ୍ଷେପରେ

### ବିଷ ପିଇ ଚାଷୀ ଗୁରୁତର

ଧମା, ୧୭।୧୨ (ଡି.ଏନ.ଏ.)
ଚଳିତ ବର୍ଷ ବର୍ଷା ଓ କେନାଲପାଣି ଅଭାବରୁ ଫସଲ ନଷ୍ଟ ହୋଇଛି। ମାନସିକ ଭାରସାମ୍ୟ ହରାଇ ଅନେକ ଚାଷୀ ଆତ୍ମହତ୍ୟା କରିଛନ୍ତି। ସୋମବାର ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତ ଭଇଁରୋପାଲି ଗ୍ରାମର ଏମିତି ଆଉ ଏକ ଘଟଣା ଘଟଛି। ଏହି ଗାଁର ଚାଷୀ ବେଦବ୍ୟସା ଭୋଇ (୪୦) ଫସଲ ନଷ୍ଟ ହେତୁ ଭାଙ୍ଗିପଡି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ପରିବାର ଲୋକେ ତାଙ୍କୁ ସମ୍ବଲପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଖବରପାଇ କଂଗ୍ରେସ ନେତା ଆସଫ ଅଲ୍ଲିଖାନ୍ ହସ୍ପିଟାଲକୁ ଯାଇ ତାଙ୍କ ପରିବାରକୁ ଭେଟିଥିଲେ। ବେଦବ୍ୟାସ ଚଳିତ ବର୍ଷ ନିଜର ଅଧା ଏକର ଓ ସାଢ଼େ ୬ ଏକର ଭାଗଚାଷ ପାଇଁ ୭୦ହଜାର ଟଙ୍କା ମହାଜନୀ ଋଣ କରିଥିଲେ। ମାତ୍ର ପାଣି ଅଭାବରୁ ଫସଲ ସଂପୂର୍ଣ୍ଣ ନଷ୍ଟ ହେଲା । ଏଣୁ ମାନସିକ ଚାପରେ ବିଷ ପିଇ ଦେଇଛନ୍ତି ବୋଲି ଘର ଲୋକେ କହିଛନ୍ତି।

# ଫେଁନ୍ ଫିଁରବା ସିଂଘବଜା, ମୁହୁରୀର ସୋର

ଲୋଇସିଂହା,୧୭।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଗଲାପାଲି ଗାଁର ସାମିଲ ବାଗ(୭୦)। ସେ ଝନେ ପଞ୍ଚବାଦ୍ୟ କଳାକାର। ପଞ୍ଚବାଦ୍ୟର ମୁହୁରୀଆ ହିସାବେ ସେ ଅଂଚଲରେ ନାଁ କମେଇଛନ୍। ତାକରଠାନୁ ୮ ଝନ୍ ଚେଲା ଇ କଳାକେ ଶିଖିଛନ୍। ଏହେଦେ ଆଧୁନିକତାର ଛାପ୍ ଆର ଆଧୁନିକ୍ ବାଜ୍‌ନାର ପରଭାବ୍‌ରେ ଦିନୁଦିନ୍‌କେ ଇ ପଞ୍ଚବାଦ୍ୟରୁ ଯୁଡ଼ି ମୁହୁରୀର ସୋର ହଜି ଯାଇଛେ। ଯେନ୍‌ଟା ତାହାକୁ ଆଶିରିଯ୍ କରିଛେ। ସମିଆ ଲେହେଁଟୁଛେ ଫେନ୍ ଘାଏ ବିହାବରପନ୍‌ରେ ସିଂଘବଜା ଖେଲବା ଆର ମୁହୁରୀର ଶବଦ୍ ଶୁଭ୍‌ବା ବଲି ସେ କହିଛନ୍। ଆଗଲାପାଲି ଗାଁର ହରିଜନ ପଡ଼ାର ସାମିଲ ବାଗ। ମାଏକିନା ଅହଲ୍ୟା, ପୁଓ ଆର ଝିଁକେ ନେଇ ତାକର ସୁଖର ସଁସାର। ଝିଁକେ ବିହାକରି ସାରିଥିଲା ବେଲେ ପୁଓ ଅବିହାରି ଅଛନ୍। ସାମିଲ ନାବାଲକ ଥିଲା ସମିଆରୁ ପଡ଼ାର ପଞ୍ଚବାଦ୍ୟ କଳାକାର ଦଲ ସଂଗେ ସାମିଲ ହେଇଥିଲେ। ଗୁରୁ ସ୍ୱର୍ଗତ କାଶିନାଥ ନାଗକଁରନୁ ମୁହୁରୀ ବଜାବାର କଳା ଶିଖିଥିଲେ। ସେଦିନ୍‌ଠାନୁ ସେ କଳାକେ ବଁଚେଇ ରଖିଛନ୍। ସାମିଲ ବିହା ହେଲା ଉତାରୁ ବରଗଡ଼ ସ୍ପିନିଙ୍ଗ ମିଲରେ କାମ୍ ପାଇଥିଲେ। ସେଠାନେ ପରିବାର ସଂଗେ ରହି କାମ କରୁଥିଲେ। ସେତେବେଲେ ଝି ନାବାଲିକ ଥିଲା, ଘରେ ରଁଧାବଡ଼ା ବେଲେ ଗରମ ପେଜ ତାର ଦିହେ ଢ଼ାଲି ହେଇଗଲା। ଝିଁକେ ବଁଚାବାକେ ଯାଇ ସାମିଲ ବି ଗୁରୁତର ହେଇଥିଲେ। ତାକର ଭୁଜନି ହାତ୍ ଅଚଲ ହେଇଗଲା। ହେଲେ କଳା ଉପରେ ଥିବାର ତାକର ଝୋଁକ୍‌କେ ଅଚଲ ହାତ୍ ଅଟ୍‌କେଇ ନାଇଁପାରି। ସେ ଅଚଲ ହାତେ ବି ମୁହୁରୀର ଯାଦୁଗରି ସୋରରେ ଲୁକ୍‌କୁ ମତୁଆଲ କରିଆସୁଛନ୍। ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲାର ୮ରୁ ୯ ଝନ୍ ଚେଲାକୁ ଇ କଳା ଶିଖେଇଥିବାର ସେ କହିଛନ୍। ସେନ୍‌ତା ଇ କଳାର ଲାଗି ସେ ବରଗଡ଼, ସୁବର୍ଣ୍ଣପୁର ଜିଲା ଦେଉଲପଦର ଆର ଭିନେ ଭିନେ ଜାଗାରେ ସନାମନା ହେଇଥିବାର କହିଛନ୍। ପାଖାପାଖି ୨ ଦଶକ୍ ହେଲା ଇ ପାରମ୍ପରିକ୍ ବାଦ୍ୟଯନ୍ତ୍ର ଉପରେ ଆଧୁନିକତାର ଛାପ ପଡ଼ିଛେ। ପାରମ୍ପରିକ ବାଦ୍ୟଯନ୍ତ୍ରରେ ଲାଗୁଥିବାର ଚମଡା ଜାଗାରେ ପ୍ଲାଷ୍ଟିକ ଉପକରନ ବେଭାର ହେଉଛେ। ଇଥିରଲାଗି ପଞ୍ଚବାଦ୍ୟରେ ସେ ଆଘର ରସ୍ ନାଁଇଁନା। ଇତାର ବାହାରେ ଆମର ସମାଜର ଇ କଳା, କୁଲବୁରତିକେ ଉନିଆମାନେ ଆପ୍‌ନେଇ ଯାହାପାରି ତାହା କରବାରେ ଲାଗିପଡ଼ିଛନ୍। ଇ ସବୁକେ ଲୋକ୍‌ମାନେ ବି ବିଛୋ ହେଲେନା। ସମିଆ ଆସୁଛେ ବିହାବରୁ ଆର ଉନିଆ ଉଛବ୍‌ରେ ଫେନ୍‌ଘାଏ ସିଂଘବଜା ଖେଲବା ଆର ମୁହୁରୀର ସୋର ଶୁଭ୍‌ବା। ଇ ବଏସେ ବି ସେ ପେଶାକେ ଆଦରିଛନ୍, କଳାକେ ବଁଚେଇ ରଖିଛନ୍। ହେଲେ ବୁଢ଼ାବୁଢ଼ୀ ଭତା, କଳାକାର ଭତା ପାଏବାରୁ ବଁଚିତ ଥିବାର ଲାଗି ସେ ମନ୍ ଦୁଖ୍ କରିଥିଲେ।


ସାମିଲ ବାଗ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ' । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ୍‌ୱର୍କ ନୁହେଁ ସ୍ମାର୍ଟ୍‌ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨


# ଟିପଚିହ୍ନରୁ ମିଳିଲା ହଜିଥିବା ନାବାଳିକାଙ୍କ ପରିଚୟ

**ପରିବାରକୁ ହସ୍ତାନ୍ତର କଲା ପ୍ରଶାସନ**

ଝାରସୁଗୁଡ଼ା ଅଫିସ,୧୭।୧୨
୩ ବର୍ଷ ପୂର୍ବରୁ ଝାରସୁଗୁଡ଼ା ପୋଲିସ କକ୍ସ କଲୋନୀରୁ ଉଦ୍ଧାର କରିଥିବା ୧୧ ବର୍ଷିୟା ଦିବ୍ୟାଙ୍ଗ ନାବାଳିକା ସୋମବାର ନିଜ ଘରକୁ ଫେରିଛନ୍ତି। ନାବାଳିକାଙ୍କ ଅଭିଭାବକ ଝାରସୁଗୁଡ଼ା ଶିଶୁ ମଙ୍ଗଳ କମିଟି ଆଗରେ ଉପସ୍ଥିତ ହୋଇ ଝିଅକୁ ନେଇଛନ୍ତି। ଉଦ୍ଧାର ପରେ ନାବାଳିକାଙ୍କୁ ଠକ୍କରବାପା ସେବା ସଦନରେ ଅସ୍ଥାୟୀ ଭାବେ ରଖାଯାଇଥିଲା। କିନ୍ତୁ ନାବାଳିକା ଜଣକ ଦିବ୍ୟାଙ୍ଗ ବୋଲି ଜଣାପଡ଼ିବା ପରେ ତାଙ୍କୁ ଝାଡ଼େଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ରଖାଯାଇଥିଲା। ଏପରି କି ଆବଶ୍ୟକ ବିଜ୍ଞାପନ ପରେ ମଧ ନାବାଳିକାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାରେ କେହି ନେଇ ନ ଥିଲେ। ଆଧାରକାର୍ଡ ପ୍ରସ୍ତୁତ ପାଇଁ ନାବାଳିକାଙ୍କ ଟିପଚିହ୍ନ ନେବାବେଳେ ତାଙ୍କ ପରିଚୟ ଏବଂ ଠିକଣା ଜଣାପଡ଼ିଥିଲା। ନାବାଳିକା ମହାରାଷ୍ଟ୍ର ୱରଧା ଜିଲାର ହୋଇଥିବା ବେଳେ ସେଠାକାର ଚାଇଲ୍ଡଲାଇନ ସହ ଯୋଗାଯୋଗ କରି ସୋମବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକ୍ରିୟା ସମ୍ପାଦନରେ ଜିଲା ଶିଶୁ ମଙ୍ଗଳ କମିଟିର ଆନନ୍ଦିନୀ ପାଢ଼ୀ, ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଚୂଡ଼ାମଣି ପଣ୍ଡା, ଚାଇଲ୍ଡଲାଇନର ଆଶିଷ ପଣ୍ଡା, ବିବେକାନନ୍ଦ ମିଶ୍ର ଏବଂ ଟିକେଶ୍ୱର ସୁନା ସହଯୋଗ କରିଥିଲେ।



ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉଛି।

# ଜିଲାସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା: ତରଭା ଚାମ୍ପିୟନ

ସୋନପୁର,୧୭।୧୨(ନି.ପ୍ର.)
ରୟାଲ ପଡିଆଠାରେ ଚାଲିଥିବା ସୁବର୍ଣ୍ଣପୁର ଜିଲାସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ଏହି କ୍ରିକେଟ୍ ପ୍ରତିଯୋଗିତାରେ ଜିଲାର ୬ଟି ବ୍ଲକ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ତରଭା ଓ ସୋନପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ତରଭା ଦଳ ପ୍ରଥମେ ବ୍ୟାଟିଂ କରି ୬ଉଇକେଟ୍ ବିନିମୟରେ ୭୩ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ଦଳ ମାତ୍ର ୩୮ରନ କରିବାକୁ ସକ୍ଷମ ହୋଇଥିଲା। ତରଭା ୬ ଉଇକେଟ୍‌ରେ ମ୍ୟାଚ୍ ଜିତି ଚାମ୍ପିୟନ ହୋଇଥିଲା। ବିଷୟ ମଲ୍ଲିକ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସରୋଜ ମେଣ୍ଡଲି ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ସତ୍ୟପ୍ରିୟ ବାଗ ଓ ଶକ୍ତି ପଣ୍ଡା ଖେଳ ପରିଚାଳନା କରିଥିଲେ। ଦେବବ୍ରତ ବାଗ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଭୀମଭୋଇ କଳା ମଣ୍ଡପଠାରେ ଆୟୋଜିତ ଯୁବ ସମାବେଶରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଓ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ଓ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ ଖାଁ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ପ୍ରକଳ୍ପ ଅଧିକାରୀ ସଞ୍ଜିବ ମିଶ୍ର, ମିତ୍ରଭାନୁ ମିଶ୍ର ଓ ବ୍ଲକ ସଂଯୋଜକମାନେ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।


ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଝାଡ଼ାବାନ୍ତିରେ ପୁଣି ୭ ଆକ୍ରାନ୍ତ

ସୋନପୁର,୧୭।୧୨(ନି.ପ୍ର.)
ସୁବର୍ଣ୍ଣପୁର ସହରରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଧିରେଧିରେ କମିବାରେ ଲାଗିଛି। କିନ୍ତୁ ଏବେ ବି ବିଭିନ୍ନ ପଡାର ଲୋକ ଏଥିରେ ଆକ୍ରାନ୍ତ ହେଉଥିବା ଖବର ଆସୁଛି। ରବିବାର ଝାଡ଼ାବାନ୍ତିରେ ୭ଜଣ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଛନ୍ତି। ଶନିବାର ୧୪ଜଣ ଚିକିତ୍ସିତ ହେଉଥିଲେ। ସେଥିମଧ୍ୟରୁ ୭ଜଣ ସୁସ୍ଥ ହୋଇ ଆଜି ଘରକୁ ଫେରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପାଇପ ଜଳ ଯୋଗାଣକୁ ସହରରେ ବନ୍ଦ କରିଛି। ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେଉଛି। ତେବେ ଏହା ସହରବାସୀଙ୍କ ପାଇଁ ଯଥେଷ୍ଟ ହେଉନି। ଦୂଷିତ ପାଣି ପିଇବା ଯୋଗୁଁ ଗତ ୧୦ତାରିଖରୁ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଶାତାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ପାରିନି।






# ବହିଷ୍କୃତ ସରକାରୀ କର୍ମଚାରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

ବଲାଙ୍ଗୀର ଅଫିସ,୧୭।୧୨
ସୋସିଆଲ ମିଡିଆରେ ନାବାଳିକା, ଯୁବତୀ ଓ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା ଦିନକୁ ଦିନ ବଢ଼ି ଚାଲିଛି । ଇତିମଧ୍ୟରେ ବଲାଙ୍ଗୀର ଜିଲାର ୪ କଲେଜ ଛାତ୍ରୀ, ଦୁଇଜଣ ମହିଳା ଓ ଦୁଇ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇସାରିଛି । ଏବେ ଜଣେ ବହିଷ୍କୃତ ମହିଳା ସରକାରୀ କର୍ମଚାରୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । କୌଣସି ଏକ ଜଙ୍ଗଲରେ ଉକ୍ତ ଅଶ୍ଳୀଳ ଭିଡିଓକୁ କେହି ରେକର୍ଡିଂ କରି ଭାଇରାଲ କରିଛନ୍ତି । ଉକ୍ତ ଭିଡିଓରେ ଯୁବତୀଙ୍କ ସହ ତାଙ୍କ ସ୍ୱାମୀ ଅଛନ୍ତି । ଏହି ଭିଡିଓ ଭାଇରାଲ ହେବା ପରେ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, କିଛିଦିନ ତଳେ ବଙ୍ଗୋମୁଣ୍ଡା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା । ଏହା ପୂର୍ବରୁ ବଲାଙ୍ଗୀର ସଦର ବ୍ଲକ୍ ଓ ଦେଓଗାଁ ବ୍ଲକ୍ ଅଞ୍ଚଳର ୨ କଲେଜ ଛାତ୍ରୀ,ବଲାଙ୍ଗୀର ସହରର ୨ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା । ଜଣେ ଜରିଗୋଟାଉ ଥିବା ନାବାଳିକାଙ୍କ ମଧ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ବଲାଙ୍ଗୀର ଏସ୍‌ପି ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ଛାତରୁ ପଡି ଜଣେ ମୃତ

ଧମା, ୧୭।୧୨ (ଡି.ଏନ.ଏ.)
ସମ୍ବଲପୁର ଜିଲା ଧମା ଥାନା ତଥା ବରଗାଁ ପଞ୍ଚାୟତ ଅନ୍ତର୍ଗତ ବଉଁଶରା ଗ୍ରାମର ଜଣେ ବ୍ୟକ୍ତି ଛାତରୁ ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଙ୍ଗଳୁ ଭୋଇ (୫୪)। ଘର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ମଙ୍ଗଳୁଙ୍କୁ ଭୁବନେଶ୍ୱର ନେଉଥିଲେ। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଉଁଶରା ନଦୀ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ନସିବ୍ ମୁଖାଗ୍ନି ଦେଇଥିଲେ।





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits may vary based on the variant and year of manufacturing and are applicable only till stocks last. ***0 % rate of interest is calculated at a loan amount of ₹2,60,000 for 18 months; Rate shall vary as per loan amount and tenure. Finance is at the sole discretion of Renault Finance. ^^^Insurance at ₹1 scheme is only applicable for insurance under Renault Assured program only for the 1st year. It is applicable only on limited stock of select variants **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ##Benefits of ₹60,000 available on all DUSTER Diesel variants and includes exchange benefit of ₹20,000 and Insurance at ₹1 for 1st year only. ^^Benefits of ₹1,50,000 are available on select LODGY variants only. ^Insurance at ₹1 for CAPTUR applicable only to RxT Petrol, RxT Diesel & Platine Diesel cars. Benefits may vary based on the variant and year of manufacturing and are applicable only till stocks last. Exchange at the sole discretion of RENAULT SELECTION. Insurance scheme is only applicable under Renault Assured program. The abovementioned offers are valid till 31st December, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8860048351. **BHUBANESWAR:** RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **CUTTACK:** RENAULT Cuttack Mob: +91 8860877164. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542.

L&K | SAATCHI & SAATCHI




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### କଳିଙ୍ଗନଗର ମହୋତ୍ସବକୁ ନେଇ ସନ୍ଦେହ: ଅନୁମତି ଦେଲେନି ଏନ୍‌ଜିଟି

**କଟକ ଅଫିସ, ୧୭।୧୨**-ଯାଜପୁର ଜିଲା ଦାନଗଦି ତହସିଲ ଅଧୀନସ୍ଥ ମଙ୍ଗଳପୁର ମୌଜାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା କଳିଙ୍ଗନଗର ମହୋତ୍ସବକୁ ନେଇ ସନ୍ଦେହ ଉପୁଜିଛି। ଉକ୍ତ ମହୋତ୍ସବ ଜଙ୍ଗଲ ଜମିରେ ହେଉଥିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଦିଲୀପ କୁମାର ସାମନ୍ତରାୟଙ୍କ ମୂଳ ମାମଲା ଉପରେ ଏନ୍‌ଜିଟି ଏହାର ପ୍ରାଥମିକ ଶୁଣାଣି ନଭେମ୍ବର ୧୯ରେ କରିଥିଲେ। ତେବେ ମହୋତ୍ସବ ନିମନ୍ତେ ଅନୁମତି ଆଣିବା ପାଇଁ ମହୋତ୍ସବ କମିଟି ପକ୍ଷରୁ ଏନ୍‌ଜିଟିରେ ଆବେଦନ କରାଯାଇଥିଲା। ସୋମବାର ଉକ୍ତ ଆବେଦନର ଶୁଣାଣି କରି ଏନ୍‌ଜିଟି ତାହାକୁ ଖାରଜ କରିଦେଇଛନ୍ତି। ସୂଚନାଥାଉ କି, ମଙ୍ଗଳପୁର ମୌଜାର ୬୨ ଏକର ଜମି ଉପରେ କଳିଙ୍ଗନଗର ମହୋତ୍ସବ ଆୟୋଜିତ ହୋଇଥାଏ। ଚଳିତବର୍ଷ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଯେଉଁ ଜମିରେ ମହୋତ୍ସବ ଅନୁଷ୍ଠିତ ହେଉଛି ତାହାର କିସମ ଶାଳ ଜଙ୍ଗଲ ଥିବା ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଶଙ୍କର ପ୍ରସାଦ ପାଣି କହିଛନ୍ତି।

### ଖପ୍ରାଖୋଲରେ ଅଦିନିଆ ବର୍ଷା

**ଖପ୍ରାଖୋଲ,୧୭।୧୨(ଡି.ଏନ.ଏ.)**- ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗୋଟିଏ ପଟେ କୋଶଲ ମହାବନ୍ଦର ପ୍ରଭାବରେ ସହରମାନଙ୍କରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଗାଁ ମାନଙ୍କରେ ବି ବର୍ଷା ଯୋଗୁ ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ଶିତ ଦିନିଆ ବର୍ଷା ସହ ପବନ ସମସ୍ୟାକୁ ଦ୍ୱିଗୁଣିତ କରିଛି।

# ସୁବର୍ଣ୍ଣପୁରରେ କୋସଲ ମହାବନ୍ଦ ସ୍ୱତଃସ୍ଫୁର୍ତ୍ତ

**ସୋନପୁର,୧୭।୧୨(ନି.ପ୍ର.)**

ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିରେ କୋସଲ ମହାବନ୍ଦ ସୋମବାର ସୁବର୍ଣ୍ଣପୁରରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଏହି ୧୨ଘଣ୍ଟିଆ ବନ୍ଦ ଡାକରା ଦିଆ ଯାଇଥିଲା। ଶତାଧିକ କୋସଲ ପ୍ରେମୀ ସହର ସାରା ବୁଲି ବନ୍ଦ ପାଳନ କରିଛନ୍ତି । ଜିଲା ସଦର ମୁହକୁମାର ନଳିନୀ ଛକ, ବ୍ଲକ ଛକ, ବୁଢାରାଜା ଛକ, ଫରେଷ୍ଟ ପାର୍କ ଛକ ଆଦି ପ୍ରବେଶ ସ୍ଥାନମାନଙ୍କରେ ରାସ୍ତାରୋକୋ କରାଯାଇଥିଲା। ଏହି ବନ୍ଦକୁ ବିଭିନ୍ନ ସଂଗଠନ, ରାଜନୈତିକ ଦଳ, ଘରୋଇ ବସ୍ ମାଲିକ ସଂଘ, ଘରୋଇ ଟ୍ୟାକ୍ସି ମାଲିକ ସଂଘ, ଓକିଲ ସଂଘ ଓ ବ୍ୟବସାୟୀ ସଂଘ ସ୍ୱତଃସ୍ଫୁର୍ତ୍ତ ସମର୍ଥନ କରିଥିଲେ। ସାଧାରଣ ଜୀବନ ଯାପନ ପାଇଁ ଜରୁରି ଆବଶ୍ୟକତାକୁ ଏହି ବନ୍ଦରୁ ବାଦ୍ ଦିଆଯାଇଥିଲା। ସକାଳ ୬ଟାରୁ ଆନ୍ଦୋଳନକାରୀ ପିକେଟିଂ କରି ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଯାନବାହାନ ଚଳାଚଳକୁ ବନ୍ଦ କରିଥିଲେ । ଅନବରତ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଓ ମହାବନ୍ଦ ପାଳନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିଲା। ଆନ୍ଦୋଳନ ସମୟରେ ଉପୁଜୁଥିବା ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ଜିଲା ପୋଲିସ ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ମୁତୟନ କରାଯାଇଥିଲା। ବନ୍ଦ ପାଳନରେ ଶ୍ୟାମା ଓଁ ପ୍ରସାଦ ମିଶ୍ର, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସମ୍ବିତ ନନ୍ଦ, ସୁଧୀର ପଣ୍ଡା, ଗଣେଷ ସାହୁ, ଦୀପକ ମହାପାତ୍ର, ଦିଲ୍ଲୀପ ପୂଜାରୀ, ସୂର୍ଯ୍ୟକାନ୍ତି ବାଗ, ଶେଷଦେବ ମେହେର, ମାଧବ କୁମ୍ଭାର, ନରଦେବ ଭୋଇ, ସୁମିତ ପୂଜାରୀ, ରାଜେଶ ମିଶ୍ର, ରବିନ୍ଦ୍ର କୁମ୍ଭାର, ନିମାଇଁ ପାଣିଗ୍ରାହୀ, ମାନସ ପାଣିଗ୍ରାହୀ, ତରଣୀ ବାରିକ, ବରୁଣ ସୁନା, ତରଣୀ ବାରିକ, ଅକ୍ଷୟ ମଲ୍ଲିକ, ସଚ୍ଚିଦାନନ୍ଦ ସାହୁ, ତ୍ରିଲୋଚନ ତରିଆ, ସୁରୁବାବୁ ସାହୁ, ଲକ୍ଷ୍ମୀ ମାହାର ଓ ସୁଦାମ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ସେହିଭଳି ତରଭା ଅଞ୍ଚଳରେ ମଧ୍ୟ ବନ୍ଦର ବ୍ୟାପକ ପ୍ରଭାବ ପଡିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିବା ସହିତ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଓ ଦୋକାନ ବଜାର ବନ୍ଦ ରହିଥିଲା ।



ବୀରମହାରାଜପୁର ମୁଖ୍ୟ ଛକରେ ଆନ୍ଦୋଳନକାରୀ ବନ୍ଦ ପାଳନ କରୁଛନ୍ତି।



କୋସଲବାଦୀ ସମର୍ଥକ ମାନେ ସୋନପୁର ସହରରେ ବନ୍ଦ ପାଳନ କରୁଛନ୍ତି ।

### ବନ୍ଦ ଶାନ୍ତିପୂର୍ଣ୍ଣ

**ସିଂଘିଯୁବା, (ଡି.ଏନ୍.ଏ.):** ବିନିକା ବ୍ଲକ କୋଶଳ ଯୁବ ସମନ୍ୱୟ ସମିତି ସହସଂଯୋଜକ ଆଶିଷ ବାରିକଙ୍କ ନେତୃତ୍ୱରେ ତହସିଲ, ଏନ୍ଏସି ଅଫିସ, ବିଭିନ୍ନ ବ୍ୟାଙ୍କ, ଶିକ୍ଷା ବିଭାଗୀୟ କାର୍ଯ୍ୟାଳୟରେ ପିକେଟିଂ କରାଯାଇଥିଲା। ବନ୍ଦ ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ଘଣ୍ଟା କାଳ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଆଲୋକ ବାଘ, ଆଇନଜୀବୀ ପ୍ରଶାନ୍ତ ଦଣ୍ଡସେନା, ପୂର୍ବତନ ନଗର ସଭାପତି ଭାଜପାର ସମ୍ବିତ ନେପାକ, ଉମାକାନ୍ତ ଦୀପ, ଗୋବିନ୍ଦା ଝାଙ୍କର, ଶରତ ନାୟକ, ଛାଲୁ ମହାଲିଙ୍ଗ,ପର୍ଶୁରାମ ଭେସ୍ରା ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ। ବିନିକା ଓକିଲ ସଂଘ ମଧ୍ୟ ବନ୍ଦରେ ସାମିଲ ହୋଇଥିଲା। । ସହର ସମେତ ମହାଦେବପାଲି, ଉର୍ଲେ, ବିଶାଳପାଲି, ଜାମପାଲି, ସିଂଘିଯୁବା ଏବଂ କମିରାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା ।

### ବିଭିନ୍ନ ସଂଗଠନ ସାମିଲ

**ଢୁଙ୍ଗୁରିପାଲି (ଡି.ଏନ.ଏ):**ଢୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ବ୍ୟାଙ୍କ ବନ୍ଦ ରହିଥିଲା । ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସମର୍ଥନ କରିଥିଲେ ।

### ରାସ୍ତାଘାଟ ଶୂନଶାନ

**ଅମରପାଲି (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି, ମୁର୍ଷୁଣ୍ଡୀ, ଲୁଡୁରପଙ୍କ, କେଞ୍ଜିରିଆପାଲି, ଖଣ୍ଡହତା, ସୁବଳୟା ଆଦି ଅଞ୍ଚଳରେ ବନ୍ଦର ପ୍ରଭାବରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଆଦି ସମସ୍ତ କାଯର୍ୟାଳୟ ବନ୍ଦ ଥିବାର ଦେଖାଯାଇଥିଲା । ଏପରିକି ମୁର୍ଷୁଣ୍ଡୀ ସ୍ଥିତ ଷ୍ଟେଟ ବ୍ୟାଙ୍କ, ଖଣ୍ଡହତା ସ୍ଥିତ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଆଦି ମଧ୍ୟ ବନ୍ଦ ରହିଥିଲା। ଏହି ଅଞ୍ଚଳ ଦେଇ ସମସ୍ତ ଗାଡି ମଟର ଚଳାଚଳ ମଧ୍ୟ ବନ୍ଦ ରହିଥିଲା ।

### ଜୀବନ ଯାତ୍ରା ବ୍ୟାହତ

**ବୀରମହାରାଜପୁର, ଡି.ଏନ୍.ଏ.)**– କୋସଲ ରାଏଜ୍ ସମନ୍ୱୟ ସମିତି ଅହ୍ୱାନ କ୍ରମେ ସୋମବାର ବୀରମହାରାଜପୁର ଉପଖଣ୍ଡରେ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। ଏହା ଫଳରେ ବୀରମହାରାଜପୁର ସଦର ମହକୁମା ସମେତ ଉଲୁଣ୍ଡା, ସୁବଳୟା, ମୁର୍ଷୁଣ୍ଡୀ ଓ ଖଣ୍ଡହତା ଆଦି ପ୍ରମୁଖ ସ୍ଥାନଗୁଡିକରେ ରହିଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର ଏବଂ ସ୍କୁଲ, କଲେଜଗୁଡିକ ପିକେଟିଂ ହେତୁ ବନ୍ଦ ରହିଥିଲା। କୋର୍ଟ କଚେରି ମଧ୍ୟ ଅଚଳ ହୋଇପଡିଥିଲା। ଦୋକାନ ବଜାର ସବୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ଥିଲା। ମୁଖ୍ୟ ରାସ୍ତାଗୁଡିକରେ ଯାନବାହାନ ଚଳାଚଳ ବନ୍ଦ ଥିବାବେଳେ ଦୂରଦୂରାନ୍ତରକୁ ଯାଉଥିବା ଭାରିଯାନଗୁଡିକ ରାସ୍ତାରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ସାଙ୍ଗକୁ ଦିନତମାମ ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାରିଆଡ ଶୁନଶାନ୍ ଜଣା ପଡୁଥିଲା। ଏହାର ପ୍ରଭାବରେ ସ୍ୱାଭାବିକ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା। ବୀରମହାରାଜପୁରଠାରେ କୋସଲ ରାଏଜ୍ ସମନ୍ୱୟ ସମିତିର ସଂଗଠନ ସମ୍ପାଦକ କିଶୋର ହୋତା, ଜିଲା ସଭାପତି କାର୍ତ୍ତିକ ପ୍ରସାଦ ତରିଆଙ୍କ ସହ ନୀଳକମଳ ମିଶ୍ର, ଆଶ୍ରୟ ମହାନନ୍ଦ, ଧର୍ମେନ୍ଦ୍ର ମେହେର, ବ୍ୟମୋକେଶ ପଣ୍ଡା, ନବ କିଶୋର ତ୍ରିପାଠୀ, ଭଗବାନ ବାଘ, ସୂର୍ଯ୍ୟନାରାୟଣ ପଣ୍ଡା, ପିତବାସ ଶତପଥୀ, ଉମାଶଙ୍କର ପଣ୍ଡା, ବୃନ୍ଦାବନ ଷଡଙ୍ଗୀ ଓ ଲକ୍ଷ୍ମୀକାନ୍ତ ପୁରୋହିତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

---

ବୀରମହାରାଜପୁର ବ୍ଲକରେ ପିଠା ଯୋଜନାର ଶୁଭାରମ୍ଭ

# ସରକାରୀ ସହାୟତା ସହ ପିଠା ବଣ୍ଟନ

**ବୀରମହାରାଜପୁର, ୧୭।୧୨ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯକ୍ରମ ଅଧିନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଦ୍ୟ ପ୍ରବର୍ତ୍ତିତ ପିଠା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ରବିବାର ବ୍ଲକର ପିତାମହୁଲ, ଜଟେସିଂଘା ଓ ବାଗବର ପଞ୍ଚାୟତ ସଦର ମହକୁମାଠାରେ ସ୍ୱତନ୍ତ୍ର ସମାରୋହମାନ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଠା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବମାନଙ୍କରେ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଯୋଜନା ସମ୍ପର୍କରେ ସଚେତନ ରହିବା ସହ ତାହାର ସୁଫଳ ନେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀ ଏସବୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ କାର୍ଯ୍ୟକ୍ରମ ସବୁର ସଞ୍ଚାଳନ କରିଥିଲେ। ଏହି ଅବସରରେ ନୂତନ ଭାବେ ଚୟନ ହୋଇଥିବା ହିତାଧିକାରୀମାନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ରାଶି ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯଇଥିଲା। ପ୍ରାପ୍ତ ସୂଚନା ମତେ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାଗବର ପଞ୍ଚାୟତର ୩୫, ଜଟେସିଂଘାର ୨୧ ଓ ପିତାମହୁଲର ୮ ଜଣ ନୂତନ ହିତାଧିକାରୀ ତାଲିକାରେ ସାମିଲ ହେବା ସହ ଭତ୍ତା ପାଇଥିଲେ। ମୁଖ୍ୟମନ୍ତ୍ରୀ କଳାକାର ପେନ୍‌ସନ୍ ଯୋଜନା ଅନୁଯାଇ ବାଗବର ପଞ୍ଚାୟତର ୧୪, ଜଟେସିଂଘାର ୩୪ ଏବଂ ପିତାମହୁଲର ୩ ହିତାଧିକାରୀଙ୍କୁ ପ୍ରଥମ କରି ଭତ୍ତା ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ଘଟଣାକ୍ରମରେ ଜଟେସିଂଘା ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ପିଠା ଯୋଜନା ଉଦ୍‌ଘାଟନୀ ସମାରୋହସ୍ଥଳୀରେ ବିଧାୟକ ବେହେରା ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପିଠା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତମାନଙ୍କର ସରପଞ୍ଚ ସରୋଜ ବାରିକ, ରୁଦ୍ରାଣି ଚାନ୍ଦ ଏବଂ ବ୍ୟମୋକେଶ ପଣ୍ଡାଙ୍କ ସହ ଅନ୍ୟାନ୍ୟ ପଞ୍ଚାୟତ ରାଜ ପ୍ରତିନିଧି, ସ୍ୱୟ ସହାୟିକା ଗୋଷ୍ଠୀ ତଥା ସରକାରୀ କର୍ମଚାରୀ ଗଣ ଉପସ୍ଥିତ ଥିଲେ।



ଜଣେ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ପେନ୍‌ସନ୍ ଯୋଜନାର ଭତ୍ତା ପ୍ରଦାନ କରାଯାଉଛି।

## ଗର୍ଭବତୀ ମା'ର ଖାଦ୍ୟ, ଯତ୍ନ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୧୭।୧୨(ଡି.ଏନ.ଏ.)**– ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁହୁଲପାଲି ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ମହିଳାମାନଙ୍କୁ ନେଇ ଗର୍ଭବତୀ ମା'ର ଖାଦ୍ୟ ଓ ଯତ୍ନ ଉପରେଏକ ସଚେତନତା କାର୍ଯ୍ରକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସଭ୍ୟା ମମତା ଶଙ୍ଖୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ଶୋଭାଗିନୀ ବାଦୀ, ଅଙ୍ଗନୱାଡି କର୍ମୀ ସୁଷମା ପଧାନ, ଗାଁ ସ୍ୱାସ୍ଥ୍ୟ ସମିକ୍ଷା ସଂଯୋଜକ ଅକ୍ରୁର ନାଏକ ପ୍ରମୁଖ ଗର୍ଭବତୀ ମା'ମାନଙ୍କ ଖାଦ୍ୟ ଓ ଯତ୍ନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଗୀତାଞ୍ଜଳି ସାହୁ ପ୍ରଥମ, ତରୁଣା ପ୍ରଧାନ ଦ୍ୱିତୀୟ ଓ ସାବିତ୍ରୀ ଶଙ୍ଖୁଆ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ସୁଲୋଚନା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେଣ୍ଟ୍‌ସ୍ ଭେଲି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସିଂଘିଯୁବା,୧୭।୧୨(ଡି.ଏନ୍.ଏ)**

ସୁବର୍ଣପୁର ଜିଲା ବିନିକାସ୍ଥିତ ସେଣ୍ଟ ଭେଲି ହାଇସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଇଞ୍ଜିନିୟର ବାବୁଲୁ ବିଶି ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନଶିକ୍ଷକ ବାଳ ଗୋପାଳ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ପଞ୍ଚାନନ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ ନିତ୍ୟାନନ୍ଦ ପଧାନ ସ୍ୱାଗତ ଭାଷଣ ଦେଇଥିଲେ । ସୁଦାମ ନାଏକ ସଭା ସଂଯୋଜନା କରିଥିଲେ । ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର ଆଦି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତାର ସିନିୟର ବାଳକ ବର୍ଗରେ ଆକାଶ ପୋଢ଼, ସିନିୟର ବାଳିକା ବର୍ଗରେ ସ୍ମୃତିମୟୀ ସାହୁ, ଜୁନିୟର ବାଳକ ବର୍ଗରେ ଶୁଭମ୍ ମହାକୁର ଏବଂ ମାମୀରାଣୀ ନାୟକ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାରେ ୧୯୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



କ୍ରୀଡା ପ୍ରତିଯୋଗିତାର ମ୍ୟୁଜିକ ଚେୟାର ଇଭେଣ୍ଟରେ ପ୍ରତିଯୋଗୀମାନେ।

ତରବାଲୋ ଉଷ୍ମପ୍ରସବଣ ନାମ ପରିବର୍ତ୍ତନ ମାମଲା

## ପର୍ଯ୍ୟଟନ ବିଭାଗ ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ଅଙ୍କୁଶ

**କଟକ ଅଫିସ, ୧୭।୧୨:** ନୟାଗଡ଼ ଜିଲା ଭାପୁର ବ୍ଲକର ପ୍ରସିଦ୍ଧ ତରବାଲୋ ଉଷ୍ମପ୍ରସ୍ରବଣ (ହଟ୍ ସ୍ପ୍ରିଙ୍ଗ) ନାମ ପରିବର୍ତ୍ତନ ମାମଲାରେ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଝଟ୍‌କା ଲାଗିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ପର୍ଯ୍ୟଟନ ସ୍ଥଳର ନାମ ପରିବର୍ତ୍ତନ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି ତାହା ଉପରେ ହାଇକୋର୍ଟ ସୋମବାର ଅଙ୍କୁଶ ଲଗାଇଛନ୍ତି। ଅଦାଲତଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଏହା ଉପରେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

୨୦୧୭ରେ ତରବାଲୋ ଉଷ୍ମପ୍ରସ୍ରବଣ ନାମକୁ ରାଜ୍ୟ ସରକାର ନୀଳକନ୍ଦର ଉଷ୍ମପ୍ରସ୍ରବଣ ନାମରେ ନାମିତ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଧନେଶ୍ୱର ପ୍ରଧାନଙ୍କ ସମେତ ୩୦ ଜଣ ଗ୍ରାମବାସୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଏବଂ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଫେବୃୟାରୀ ୧୮କୁ ଧାର୍ଯ୍ୟ କରାଯାଇଛି।

# ଗିଫ୍ଟ ପ୍ୟାକେଟ୍ ନାଁରେ ୪୧ ଲକ୍ଷ ଠକେଇ

## ନାଇଜେରୀୟଙ୍କ ସମେତ ୨ ଗିରଫ

**କଟକ ଅଫିସ, ୧୭।୧୨**

ଗିଫ୍ଟ ପ୍ୟାକେଟ ପଠାଇବା ନାଁରେ ପୁରୀର ଜଣେ ଯୁବତୀଙ୍କୁ ଠାରୁ ୪୧ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚର ସାଇବର ଥାନା ପୋଲିସ ଦିଲ୍ଲୀରୁ ଜଣେ ନାଇଜେରୀୟଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାଇଜେରିଆର ନୱାବ୍ୟୁଜେ ଚୁକ୍ୱାଡି(୩୫), ଦିଲ୍ଲୀ ସାହାଦର ପୂର୍ବ ବାବରପୁର ଅଞ୍ଚଳର ପୀୟୂଷ ଆର୍ଯ୍ୟ(୨୨)। ସେମାନଙ୍କୁଠାରୁ ପୋଲିସ କେତେକ ଫେକ୍ ପରିଚୟ ପତ୍ର, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ମୋବାଇଲ ଫୋନ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ସାଇବର ଥାନା ପୋଲିସ ସୋମବାର ପୁରୀ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ପଠାଇ ଦିଆଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ସେମାନଙ୍କର ନେଟୱର୍କ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ଧନୀ ଶ୍ରେଣୀର ଯୁବତୀମାନଙ୍କୁ ଟାର୍ଗେଟ କରି ସେମାନଙ୍କୁ ଠକୁଥିବା ଜଣାପଡିଛି। ଏହି ମାମଲାରେ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ମାମଲାର ତଦନ୍ତ ଜାରି ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଠକାମିର ଶିକାର ହୋଇଥିବା ଯୁବତୀଙ୍କର ୨୦୧୭ରେ ଡେଭିଡ୍ ଓସ୍କାର ନାମକ ଇଂଲଣ୍ଡର ଜଣେ ଯୁବକଙ୍କ ସହ ଫେସବୁକ୍‌ରେ ବନ୍ଧୁତା ହୋଇଥିଲା। ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହେବା ପରେ ଗତ ଜୁଲାଇରେ ଯୁବକ ଜଣକ ଯୁବତୀଙ୍କ ଜନ୍ମଦିନରେ କିଛି ଗିଫ୍ଟ ପ୍ୟାକେଟ୍ ପଠାଇଥିବା ତାଙ୍କୁ କହିଥିଲେ। ଯେଉଁଥିରେ ଲାପଟପ୍, ସୁନାଗହଣା, ମୋବାଇଲ ଫୋନ୍ ସହ ୩୫ ହଜାର ପାଉଣ୍ଡ ଅଛି ବୋଲି ସେ କହିଥିଲେ। ଏହାର କିଛି ଦିନ ପରେ ଏକ ଅଜଣା ଫୋନ୍ ନମ୍ବରରୁ ଯୁବତୀଙ୍କ ପାଖକୁ ଫୋନ୍ ଆସିଥିଲା। ସେ ନିଜକୁ ଏକ କାର୍ଗୋ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେଇ ଯୁବତୀଙ୍କ ନାମରେ ଗିଫ୍ଟ ପ୍ୟାକେଟ୍ ଇଂଲଣ୍ଡରୁ ଆସିଥିବା କହିଥିଲେ। ଉକ୍ତ ଗିଫ୍ଟ ପ୍ୟାକେଟ୍ ଦିଲ୍ଲୀ ବିମାନବନ୍ଦରରେ ରହିଥିବା ସେ କହିଥିଲେ। ଗିଫ୍ଟ ନେବା ପାଇଁ ତାଙ୍କୁ ୧୦ ଲକ୍ଷ ଟଙ୍କା ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଜମା କରିବାକୁ କହିଥିଲେ। ଏହିପରି ଭାବେ ୧୦ ଦିନ ମଧ୍ୟରେ ୪ ଥର ଗିଫ୍ଟ ପ୍ୟାକେଟ୍ ଆସିଥିବା କହି ଉକ୍ତ ଏଜେଣ୍ଟ ଜଣକ ଫୋନ୍ କରିଥିଲେ। ଯୁବତୀ ଜଣକ ଗିଫ୍ଟ ଆଣିବା ପାଇଁ ଏଜେଣ୍ଟ ଦେଇଥିବା ଆକାଉଣ୍ଟ ନମ୍ବରରେ ୪୧ ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ ଜୁଲାଇ ଶେଷ ସୁଦ୍ଧା କୌଣସି ଗିଫ୍ଟ ମିଳି ନ ଥିଲା। ଉକ୍ତ ଏଜେଣ୍ଟଙ୍କ ଫୋନ୍ ନମ୍ବର ବନ୍ଦ ଥିବା ଦର୍ଶାଇଥିଲା। ଯୁବତୀ ଜଣକ ଠକାମିର ଶିକାର ହୋଇଥିବା ଜାଣିବା ପରେ ଗତ ଅଗଷ୍ଟରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ସାଇବର ଥାନା ପୋଲିସ ଆଇପିସି ଦଫା ୪୧୯, ୪୨୦, ୪୬୮, ୪୭୧, ୧୨୦ବି, ୩୪ ଏବଂ ଆଇଟି ଆକ୍ଟ ୬୬-ଡ, ୬୬ଡି ଅନୁଯାୟୀ ଏକ ମାମଲା(୧୭/୧୮) ରୁଜୁ କରିଥିଲା।

## ଫଟୋରେ ଖବର




ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ପଶ୍ଚିମ ଓଡ଼ିଶାରେ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପଶ୍ଚିମ-ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍



## ସଂକ୍ଷେପରେ

### ମାରୱାଡି ସମାଜର କମ୍ବଳ ବଣ୍ଟନ

**ପଦ୍ମପୁର, ୧୭।୧୨ (ଡି.ଏନ.ଏ):** ପଦ୍ମପୁର ମାରୱାଡି ସମାଜ ତରଫରୁ ସ୍ଥାନୀୟ ଶାସ୍ତ୍ରୀ ଧର୍ମଶାଳାଠାରେ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ଅବସରରେ ମାରୱାଡି ସମାଜ ଅଧକ୍ଷ ପରମେଶ୍ୱର ଅଗ୍ରୱାଲ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁର ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ମୁଖ୍ୟଅତିଥି, ସମ୍ପାଦକ ରମେଶ ଅଗ୍ରୱାଲ, କୋଷାଧକ୍ଷ କୈଳାଶ ଅଗ୍ରୱାଲ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହରର ୧୦୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ନରେଶ ଅଗ୍ରୱାଲ, କାଶୀରାମ ଅଗ୍ରୱାଲ, ନରସିଂହ ଅଗ୍ରୱାଲ, ଦିନଦୟାଲ ଅଗ୍ରୱାଲ, ପ୍ରହ୍ଲାଦ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

### ବର୍ଷାରେ ଅମଳ ଧାନ ନଷ୍ଟ

**ଅତାବିରା, ୧୭।୧୨ (ଡି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ରବିବାର ସନ୍ଧ୍ୟା ୬ଟାରୁ ସୋମବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ଝିପିଝିପି ବର୍ଷା ଲାଗିରହିଥିଲା । ଫଳରେ ଦୀର୍ଘ ୧୮ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଏପଟେ ଚାଷୀଙ୍କ ପେଟା ଧାନ ବର୍ଷାରେ ଭିଜିଯାଇଛି । ଚାଷୀମାନେ ଖଳାରେ ରଖିଥିବା ଧାନକୁ ତାରପୋଲିନ ଘୋଡାଇ ରଖିଛନ୍ତି । ଯଦି ଆଉ ଦୁଇ ତିନିଦିନ ବର୍ଷା ଲାଗିରହେ ଚାଷୀଙ୍କ ଧାନ ଗଜା ହୋଇଯିବା ଆଶଙ୍କା ରହିଛି । ମଣ୍ଡି ଗୁଡିକରେ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ପଡିରହିଛି ।

### କ୍ରିକେଟ: ମହଲାକଟା ଚାମ୍ପିୟନ

**ଭେଡ଼େନ, ୧୭।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ସୁନାଲରମ୍ଭା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଦୋପାଲିରେ ଜୟ ଗୋପାଳଜୀ ଆଥ୍ଲେଟିକ୍ସ ଆସୋସିଏଶନ ତରଫରୁ ରବିବାର ଅନୁଷ୍ଠିତ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ମହଲାକଟା ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଅରେଇଗୁଡ଼ି ଏକାଦଶକୁ ପରାସ୍ତ କରିଛି । ଉଦ୍ଯାପନୀ ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଈଶ୍ୱର ମହାଲିଙ୍ଗ ଏବଂ ଉତ୍ତର ପ୍ରଧାନ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ୮ଟି ଦଳ ଭାଗ ଦେଇଥିଲେ।

# କୋସଲ ମହାବନ୍ଦ ଶାନ୍ତିପୂର୍ଣ୍ଣ

**ବରଗଡ଼ ଅଫିସ୍,୧୭।୧୨**



କୋସଲ ମହାବନ୍ଦ ଯୋଗୁ ବରଗଡ଼ରେ ରାସ୍ତାଘାଟ ଶୂନଶାନ ହୋଇ ପଡ଼ିଛି ।

ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିରେ ସୋମବାର କୋସଲ ମହାବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଛି। କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା ଏହି ଡାକରାକୁ ବରଗଡ଼ ଜିଲାରେ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ମିଳିଛି । ଏଥିଯୋଗୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା । କୋସଲ ରାଜ୍ୟ ସମନ୍ୱୟ ସମିତିର କର୍ମକର୍ତ୍ତା, ସଭ୍ୟଙ୍କ ପିକେଟିଂ ଯୋଗୁ ସରକାରୀ, ବେସରକାରୀ ଦପ୍ତର ଅଚଳ ହୋଇ ପଡ଼ିଥିଲା । ତେବେ ଜରୁରୀକାଳୀନ ସେବା ସମେତ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଦୃଷ୍ଟିରୁ ରେଳସେବାକୁ ମହାବନ୍ଦରୁ ବାଦ୍ ଦିଆଯାଇଥିଲା । ବରଗଡ଼ରେ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସମ୍ପାଦକ ସୁନୀଲ ପୁରୋହିତ, ବେଣୁଧର ମହାପାତ୍ର ମହାବନ୍ଦର ନେତୃତ୍ୱ ନେଇଥିବାବେଳେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଅଶୋକ ଯୋଷୀ, ସମ୍ପାଦକ ଲିପସିତ୍ ମିଶ୍ର, ପୂର୍ବତନ ବିଧାୟକ ସାଧୁ ନେପାକ, ହରଦୀପ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ ଅଂଶଗ୍ରହଣ କରିଥିଲେ ।

**ବରପାଲି,(ଡି.ଏନ.ଏ.):** ବରପାଲିରେ ନରେନ୍ଦ୍ର ହୋତା, ଗୌରହରି ମିଶ୍ର, ଅଜିତ ଦାଶ, ଧର୍ମେନ୍ଦ୍ର ଭୋଇ, ଭବାନୀ ଶଙ୍କର ସାହୁ, ମହେନ୍ଦ୍ର ଗୁଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଯୁବ ଆଲୋକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ । ଏଠାରେ ମଧ୍ୟ ସମସ୍ତ ଦୋକାର, ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା ।

**ବିଜେପୁର,(ଡି.ଏନ.ଏ.):** ଏଠାରେ ମଧ୍ୟ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଯଦୁମଣି ପଟେଲ, ହରିଲାଲ ସାହୁ, ମାନସ ରଞ୍ଜନ ମେହେର, ଭୁବନେଶ୍ୱର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଠାରେ ଏକ ରାଲିରେ ପିକେଟିଂ କରାଯାଇଥିଲା।

**ଗାଇସିଲେଟ,(ଡି.ଏନ.ଏ.):** ଏହି ବ୍ଲକର ଗାଇସିଲେଟ୍, ତାଲପାଲି, ସହରାପାଲି ଆଦି ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ଫଳରେ ଯାନବାହନ ଚଳାଚଳ ଠପ୍ ହୋଇପଡିଥିଲା । ସରୋଜ ପୁରୋହିତ, ପ୍ରଦୀପ ପାଣିଗ୍ରାହୀ, ମଳୟ ରାଉତ, ଯୋଗେଶ ପୁରୋହିତ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

**ପାଇକମାଲ,(ଡି.ଏନ.ଏ.):** ପାଇକମାଲ ବ୍ଲକର ଧୁମାଭଟା ମଧୁନଗର ଛକରେ ବନ୍ଦ ପାଳନ ହୋଇଥିଲା ଏବଂ ଛତିଶଗଡ଼ ରାଜ୍ୟ ବସ୍ନା-ପଦ୍ମପୁର ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା । ଦହିତ ସାହୁ, ନେତ୍ରାନନ୍ଦ ଭିଲ, ରମେଶ ବାରିକ, ମୁକ୍ତେଶ୍ୱର ପଟେଲ, ରବି ମାକର ନେତୃତ୍ୱ ନେଇଥିଲେ ।

**ପଦ୍ମପୁର,(ଡି.ଏନ.ଏ):** ପଦ୍ମପୁରରେ ମହାବନ୍ଦକୁ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ମିଳିଥିଲା। ମନୋରଞ୍ଜନ ସିଂ ବରିହା, ସନ୍ତୋଷ ଶତପଥୀ, ରାମକୃଷ୍ଣ ସାହୁ, ସମିଉଲ ହୁସେନ, ରଥ ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ । ଭେଡଁରିଆ ଛକ, ଶାସ୍ତ୍ରୀ ଛକରେ ରାସ୍ତାରୋକୋ ହୋଇଥିଲା ଏବଂ ଆନ୍ଦୋଳନକାରୀମାନେ ସେଠାରେ ଲୋକଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ ।

**ଭଟଲି,(ଡି.ଏନ.ଏ.):** ଭଟଲିରେ ବିଷ୍ଣୁନାଥ ମିଶ୍ରଙ୍କ ନେତୃତ୍ୱରେ ଅବଦୁଲ ଫାରୁକ ଖାଁ, ବାସୁଦେବ ମେହେର, ସନ୍ତୋଷ ମେହେର, ଦିନବନ୍ଧୁ ନାୟକ, ଆନନ୍ଦ ମେହେର ଏବଂ ଜଗାନନ୍ଦ ସାହୁ ପ୍ରମୁଖ ମହାବନ୍ଦରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଭାଜପା ନେତା ସୁଶାନ୍ତ ମିଶ୍ର ଏଠାରେ ଯୋଗ ଦେଇଥିଲେ।

**ଅମ୍ବାଭୋନା,(ଡି.ଏନ.ଏ.):** ଏଠାରେ ମହାବନ୍ଦ ସଫଳ ହୋଇଥିଲା । ନରେନ୍ଦ୍ର ପଟେଲ, ଶମ୍ଭୁ ଖମାରୀ, ବିନୋଦ ଦାଶ, ଭାବଗ୍ରାହୀ ପ୍ରଧାନ, ଶୋଭାରାମ ସା, ବିରଞ୍ଚି ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଲୁଳ୍ପ-ପ୍ରକାଶପୁର ରାସ୍ତାରେ ପିକେଟିଂ କରାଯାଇଥିଲା । ଏଠାରେ ଜାବ୍ ଏବଂ ଓକିଲ ସଂଘ ସମର୍ଥନ କରିଥିଲେ ।

**ଅତାବିରା,(ଡି.ଏନ.ଏ.):** ଅତାବିରା ବ୍ଲକ ଓ ଏନଏସି ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା । ଏଠାରେ ଭାଜପାର ମିଳନ ସେଟ୍, ଚିତ୍ତରଞ୍ଜନ ଭୋଇ, ବିଜେଡ଼ିର ସିଦ୍ଧାର୍ଥ ଶଙ୍କର ପଣ୍ଡା, ଜିତେନ୍ଦ୍ରୀୟ ଦାଶ, କଂଗ୍ରେସର ଉନ୍ନି ନାୟାର, ସୁନୀତା ବାଗ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ବ୍ୟାଙ୍କକର୍ମୀ ମଧ୍ୟ ଯୋଗ ଦେଇଥିଲେ ।

**ଭେଡ଼େନ,(ଡି.ଏନ.ଏ.):** ସୌମିତ୍ରୀ ସାହୁ, ଉତ୍ପନ୍ନ ଭୋଇ, ସ୍ୱାଧୀନ ରଥ, ଦିଲୀପ ରଥ ପ୍ରମୁଖ ଭେଡେନରେ ନେତୃତ୍ୱ ନେଇଥିଲେ । ସ୍ଥାନୀୟ ସାମାଜିକ, ସାଂସ୍କୃତିକ, ବଣିକ ସଙ୍ଗଠନ ସମର୍ଥନ କରିଥିବାବେଳେ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ ।

ସେହିପରି ଝାରବନ୍ଧ ଓ ସୋହେଲା ବ୍ଲକ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିଲା ।

## ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍ଯାପିତ

# ୧୨ ବ୍ଲକର ୧୪୯ ପ୍ରକଳ୍ପ ପ୍ରଦର୍ଶିତ

**ବରପାଲି, ୧୭।୧୨ (ଡି.ଏନ.ଏ)**

ବରପାଲି ବାଳକ ହାଇସ୍କୁଲ ପରିସରରେ ଚାଲିଥିବା ୮ମ ଜିଲାସ୍ତରୀୟ ବିଜ୍ଞାନ ମେଳା ରବିବାର ଉଦ୍ଯାପିତ ହୋଇଯାଇଛି । ଏଥିରେ ଜିଲାର ୧୨ ବ୍ଲକର ୧୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ୧୪ଟି ପ୍ରକଳ୍ପ ମନୋନୀତ ହୋଇ ୮ଟି ଡିଏଲଇପିସିକୁ ଓ ୬ଟି ପ୍ରକଳ୍ପ ଡିଏଲଏସଏମଇଇ ପ୍ରତିଯୋଗିତାକୁ ଯିବ ବୋଲି ପ୍ରଧାନଶିକ୍ଷକ ମାଝୀ ସୂଚନା ଦେଇଛନ୍ତି। ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଡ. ଚକ୍ରଧର ବିଶ୍ୱାଳ ମୁଖ୍ୟଅତିଥି, ଅତିରିକ୍ତ ଜିଲଶ ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ସୋହେଲା ବିଇଓ ହେମସାଗର ମହାନନ୍ଦ, ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ର, ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅମ୍ରିଶ ସାହୁ, ବରପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀ ଓ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜ୍ଞାନ ମେଳାରେ ଅରୁନ୍ଧତୀ ଦାଶ, ଶିବ ପ୍ରସାଦ ତ୍ରିପାଠୀ, ଚତୁର୍ଭଜ ସାହୁ, ସସ୍ମିତା ସାହୁ ଓ ଲୋକନାଥ ମେହେର ବିଚାରକ ଥିଲେ ।




ଉଦ୍ଯାପନୀ ଦିବସରେ ମଞ୍ଚାସୀନ ଅତିଥି ।

# ରାମଲୀଳା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ଭେଡ଼େନ, ୧୭।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଠାରେ ହେବାକୁ ଥିବା ଷୋଡ଼ଶ ବାର୍ଷିକ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବ-୨୦୧୯ ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ବରଗଡ଼ ଜୀରାକୁଳ ଆଶ୍ରମର ବାବାଜୀ ହରିଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏହି ଶୁଭସ୍ତମ୍ଭ ତଥା ଧ୍ୱଜ ସ୍ଥାପନ କରାଯାଇଥିଲା। ଏଥିରେ ଦିଲୀପ ରଥ ଏବଂ ମମତା ରଥ କର୍ତ୍ତା ଥିବାବେଳେ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ କମିଟି କର୍ମକର୍ତ୍ତା, କଳାକାର ଏବଂ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଆସନ୍ତା ଜାନୁୟାରୀ ୨୬ ତାରିଖରେ ମହାଜଳଶାୟୀ, କଳସ ଶୋଭାଯାତ୍ରା, ୨୭ରେ ନବରାତ୍ର ନାମଜପ ତଥା ରାମଲୀଳା ମହୋତ୍ସବ ଆରମ୍ଭ ହୋଇ ଫେବୃୟାରୀ ୫ରେ ପୂର୍ଣ୍ଣାହୁତି ସହ ଉଦ୍ଯାପନ ହେବାର କାର୍ଯ୍ୟକ୍ରମ ରହିଛି ।



ଭେଡ଼େନ ରାମଲୀଳା ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜାର୍ଚ୍ଚନା କରାଯାଉଛି ।

# ପାଇକମାଳର ୫ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ପାଇକମାଲ, ୧୭।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକର ୫ଟି ପଞ୍ଚାୟତରେ ରବିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଠାପାଲି ପଞ୍ଚାୟତ ପରିସରରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଅଲତାବ ମହମ୍ମଦ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ପାଇକମାଳ ବିଡିଓ ସଦାଶିବ ନାୟକ, ସରପଞ୍ଚ ଧବଳେଶ୍ୱର ସାହୁ, ସହଦେବ ଧରୁଆ, ଯଶୋଦା ଚାନ୍ଦ, ଏବିଡିଓ ପ୍ରଦୀପ କୁମାର ଭୋଇ, ସବିତା କୁମାର ସାହା ଓ ରମେଶ ଚନ୍ଦ୍ର ସେଠୀଙ୍କ ସହ ୱେସ୍କୋ କର୍ମଚାରୀ, ଅଙ୍ଗନୱାଡି କର୍ମୀ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ତଥା ସମସ୍ତ ଲାଇନ ବିଭାଗର କର୍ମଚାରୀମାନେ ଯୋଗଦାନ କରିଥିଲେ। ସେହିପରି ବରତୁଣ୍ଡା ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ପୁଟା, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ଜିପିଓ ଭିଷ୍ମଦେବ ମାଝୀ, ସାନନ୍ଦ ମେହେର, ଜେଇ ମନୋଜ ମେହେର ଓ ସମସ୍ତ ଲାଇନ ବିଭାଗର କର୍ମଚାରୀମାନେ ପିଠା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଛିଦେଇକେଲା, ଜାମସେଟ, ମାଣ୍ଡୋସିଲ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ୩୨ ଜଣଙ୍କୁ କଳାକାର ଭତ୍ତା ୨ମାସର ୨୪୦୦ ଟଙ୍କା, ୧୨୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ୨ମାସର ୬୦୦ ଟଙ୍କା ପ୍ରଦାନ କରାଯାଇଥିଲା । ବିଦ୍ୟୁତୀକରଣ ପାଇଁ ୪୨ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା ।

**ପାଇକମାଳ ବ୍ଲକ**

- ୩୨ ଜଣଙ୍କୁ ୨ ମାସର କଳାକାର ଭତ୍ତା
- ୧୨୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା
- ବିଦ୍ୟୁତୀକରଣ ଯୋଜନାରେ ୪୨ ଜଣଙ୍କ ନାମ ପଞ୍ଜୀକରଣ

## ଚୋରାମଦ ଧରିଲେ ମହିଳା

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ନଦୀପଡ଼ାରେ ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଦ ବିକ୍ରି କରୁଥିବା ଯୋଗୁ ଗ୍ରାମର ମହିଳାମାନେ ଏକାଠି ହୋଇ ପଡ଼ାର ଅନ୍ୟ ଜଣେ ମହିଳାଙ୍କୁ ମଦ ସହିତ ଧରି ପୋଲିସ ଜିମା ଦେଇଛନ୍ତି । ଉକ୍ତ ପଡ଼ାର ସୀତା ଠାକୁର, ସବିତା ମହଲା, ବେନ୍ଦ୍ରୀ ବାଗ, ବାସମତୀ ବନଛୋର, ବନିତା ବଛା, କୁନି ଡନସନା, ଲକ୍ଷ୍ମୀ ଭୁଏ, ସବିତା ଧରୁଆ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଉକ୍ତ ପଡ଼ାରେ ସମ୍ପୂର୍ଣ୍ଣ ମଦ କାରବାର ବନ୍ଦ କରିବା ପାଇଁ ମହିଳାମାନେ ଜିଲାପାଳ, ଏସ୍ପି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପଠାଇବେ ବୋଲି କହିଛନ୍ତି ।

# ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼-ସୋହେଲା ରାସ୍ତାକଡ଼େ ରହିଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ସୋମବାର ରାତ୍ରି ପ୍ରାୟ ୮ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଅତାବିରା ଥାନା ବାଞ୍ଜିପାଲିର ଉକିଲ ସିଂ(୫୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ପୋଲିସ ଶବ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି । ପ୍ରକାଶ ଯେ, ଉକିଲ ପୂର୍ବରୁ ଏକ ଇଞ୍ଜିନିୟରିଂ କଲେଜରେ ପିଅନ ଭାବେ କାମ କରୁଥିଲେ । ସେଠାରେ ସେ ସେହି କାମ ଛାଡ଼ିଦେଇ ଥିବାବେଳେ ତାଙ୍କ ଭଣଜା ଗୁନିଆଁପାଲି ନିବାସୀ ରାଜେନ୍ଦ୍ର ସେହି ଘରୋଇ ଇଞ୍ଜିନିୟରିଂ କଲେଜରେ କାମ କରୁଛନ୍ତି । ଫଳରେ ଉକିଲ ତାଙ୍କ ଭଣଜାକୁ ଦେଖା କରିବାକୁ ଆସିଥିଲେ ଏବଂ ଏକ ସାଇକେଲ ଯୋଗେ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ଝାରବନ୍ଧ, ୧୭।୧୨ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟିର ସଭାପତି ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ହାଇସ୍କୁଲ ଝାରବନ୍ଧର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବାର୍ଷିକ କ୍ରୀଡାକୁ ଉଦଘାଟନ କରିଥିଲେ । ଆଚାର୍ଯ୍ୟ ପ୍ରତିନିଧି ଲିଲିମା ଗୁରୁମା ସମସ୍ତ ଛାତ୍ରୀଛାତ୍ରମାନଙ୍କ ଶପଥ ପାଠ କରାଇ ପ୍ରତିଯୋଗୀତା ଆରମ୍ଭ କରିଥିଲେ । ଲମ୍ଫଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର, ଫେନସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଲକ୍ଷ୍ମଣ ବରିହା, ଫଗୁଲାଲ ଗୁରୁଜୀ, ଗାୟତ୍ରୀ, ରାଜଶ୍ରୀ ଦୋରା ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ହୃଦାନନ୍ଦ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ବ୍ରଜକିଶୋର ତ୍ରିପାଠୀ, ଉମେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରଧାନଆଚାର୍ଯ୍ୟ ଘନଶ୍ୟାମ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

## ଘରକୁ ଫେରିଲେ ନିଖୋଜ ବୃଦ୍ଧା



ପଦ୍ମାବତୀ ବାରିକ ।

**ବରଗଡ଼ ଅଫିସ୍,୧୭।୧୨**

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମରୁ ତୀର୍ଥଯାତ୍ରାରେ ବାହାରି ଘରକୁ ଫେରିବା ବାଟରେ ନିଖୋଜ ହୋଇଥିବା ବୃଦ୍ଧା ପଦ୍ମାବତୀ ବାରିକ(୬୮) ସୋମବାର ଘରକୁ ଫେରିଛନ୍ତି । ସେ ଘରକୁ ଫେରିବା ପରେ ତାଙ୍କ ଫେରିବା ବାଟକୁ ଚାହିଁ ବସିଥିବା ପରିବାର ଲୋକେ ଖୁସିରେ କାନ୍ଦି ପକାଇଥିଲେ । ପ୍ରକାଶ ଯେ, ଭେଡ଼େନ ଅଞ୍ଚଳର ଜଣେ ଯୁବକ ତୀର୍ଥଯାତ୍ରା ନେବା ଆଳରେ ଗତ ମାସ ୨୯ତାରିଖରୁ ପଦ୍ମାବତୀଙ୍କ ସମେତ ଅଞ୍ଚଳର ବହୁ ମହିଳାପୁରୁଷଙ୍କୁ ଦିଲ୍ଲୀ ନେଇ ଏକ ରାଲିରେ ସାମିଲ କରିଥିଲେ। ସେଠାରୁ ଫେରିବା ବାଟରେ ରାୟପୁର ଷ୍ଟେଶନରେ ପଦ୍ମାବତୀ ନିଖୋଜ ହୋଇଥିଲେ । ପରିବାର ଲୋକେ ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଚଳାଇ ଥିବାବେଳେ ପଦ୍ମାବତୀଙ୍କୁ ଖରିଆରରେ ମାରୱାଡ଼ି ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଥିବା ଜଣାପଡ଼ିଥିଲା । ଏହି ଖବର ପାଇବା ପରେ ପଦ୍ମାବତୀଙ୍କ ପରିବାର ଏବଂ ଗାଁ ଲୋକେ ସେଠାକୁ ଯାଇ ତାଙ୍କୁ ଘରକୁ ଆଣିଥିଲେ । ରାୟପୁରରେ ନିଖୋଜ ହେବା ପରେ ପଦ୍ମାବତୀ ବାଟବଣା ହୋଇ ବିଶାଖାପାଟଣା ଯାଇଥିଲେ ଏବଂ ସେଠାରୁ ପୁଣି ଏକ ଟ୍ରେନରେ ବସିଥିଲେ। ଖରିଆର ରୋଡ୍ ରେଳଷ୍ଟେଶନରେ ଓହ୍ଲାଇ ସେ କାନ୍ଦୁଥିବାବେଳେ ମାରୱାଡ଼ି ଯୁବାମଞ୍ଚର ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରିଥିଲେ ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ଭେଡ଼େନ, ୧୭।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଝରାପାଲି ସ୍ଥିତ ବାମଦେବପାଢ଼ୀ ହାଇସ୍କୁଲର ଛାତ୍ରୀ ସୀମା ମିଶ୍ରଙ୍କ ପ୍ରକଳ୍ପ ଇକୋ ଫ୍ରେଣ୍ଡଲୀ ଷ୍ଟୋଭ ବରପାଲି ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ତଥା ପ୍ରକଳ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ଭେଡ଼େନ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଏବଂ ତାଙ୍କର ଗାଇଡ଼ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ରବିବାର ସନ୍ଧ୍ୟାରେ ହାଟପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏବିଇଓ ହେମବତୀ ମେହେର, ସିଆରସିସି କ୍ଷୀତେଶ୍ୱର ବେହେରା, ସୁଦାମ ଦାଶ, ଅରୁଣ ଭୋଇ, ପଞ୍ଚାନନ ଭୁଏ, ପ୍ରଧାନ ଶିକ୍ଷକ ବିପିନ ବିହାରୀ ଦେହୁରୀ, ଶିକ୍ଷକ ଦେବେନ୍ଦ୍ର ଡ଼ନସନା ପ୍ରମୁଖ ଏହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଲଘୁଚାପ ବର୍ଷା, ମଣ୍ଡିରେ ଭିଜୁଛି ଧାନ

**ବରଗଡ଼ ଅଫିସ୍/ଭଟଲି,୧୭।୧୨**

ଆଉ ୨ସପ୍ତାହ ପରେ ବରଗଡ଼ ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ଅତିକ୍ରାନ୍ତ କରିବ । ମାତ୍ର ଏପର୍ଯ୍ୟନ୍ତ ଜିଲାର ଚାଷୀମାନେ ସମୁଦାୟ ଅମଳ ଧାନକୁ ବିକ୍ରି କରି ପାରି ନାହାନ୍ତି । ବିକ୍ରି ହୋଇ ନ ଥିବା ଧାନ କ୍ଷେତର ଖଳା ଏବଂ ମଣ୍ଡି ଗୁଡ଼ିକରେ ପଡ଼ି ରହିଛି । ଏଭଳି ସ୍ଥଳେ ରବିବାର ରାତ୍ରିରୁ ହୋଇଥିବା ଲଗାଣ ବର୍ଷା ଯୋଗୁ ଚାଷୀର ଅବସ୍ଥା ବେହାଲ ହୋଇ ପଡ଼ିଛି । ପଦ୍ମପୁର ଉପଖଣ୍ଡ ଲଖମରା ଭଳି ଅନେକ ମଣ୍ଡି ଖୋଲା ଆକାଶତଳେ ଚାଲିଥିବା ଯୋଗୁ ସେଠାରେ ସଂଗୃହୀତ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି । ଆରଏମସି ପକ୍ଷରୁ ତାରପୋଲିନ ଯୋଗାଇ ଦିଆଯାଇଛି । ମାତ୍ର ତାହା ଧର୍ମକୁ ଆଖିଠାର ଭଳି ହୋଇଛି । ଜିଲାର ଅନେକ ଅଞ୍ଚଳରେ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ଏକ ସୁଯୋଗ ମନେ କରି ବେପାରୀ ତଥା କେତେକ ମିଲର୍ସ କଟନୀଛଟନୀ ପ୍ରକ୍ରିୟାକୁ ଜୋର୍ କରିବାକୁ ମସୁଧା କରୁଥିବା ସୂଚନା ମିଳିଛି । ପୂର୍ବରୁ ପକେଟ୍ ପ୍ରତି ୨/୩ କିଗ୍ରା ଧାନ କଟନୀଛଟନୀରେ କାଟୁଥିବାବେଳେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗା ନ ଗଲେ ସେହି ବେପାରୀ, ମିଲର୍ସମାନେ ପକେଟ୍ ପ୍ରତି ୫/୧୦କିଗ୍ରା ଧାନ କାଟଛାଟ୍ କରିବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି । ଫଳରେ ଏ ଦିଗରେ ନଜର ରଖି ବେପାରୀ, ମିଲର୍ସମାନେ ଯେଭଳି କଟନୀଛଟନୀରୁ ଦୂରେଇ ରହିବେ, ସେଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ଚାଷୀମହଲରେ ଦାବି ହୋଇଛି ।

**ଭଟଲି,(ଡି.ଏନ.ଏ):** ବରଗଡ଼ ଜିଲା ଭଟଲିରେ ଲଘୁଚାପ ଜନିତ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ସଦୃଶ ହୋଇଛି । ରବିବାର ଦିନସାରା ଝିପିଝିପି ବର୍ଷା ସହ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁ ମଣ୍ଡିରେ ଜମା ହୋଇଥିବା ଧାନ ଭିଜି ଯାଇଛି । ଭଟଲି ସାପ୍ତାହିକ ବଜାର ପ୍ରାଙ୍ଗଣରେ ଖୋଲିଥିବା ମଣ୍ଡିରେ ପ୍ରାୟ ୧୫ହଜାର ପ୍ୟାକେଟ ଧାନ ମହଜୁଦ ଥିବାବେଳେ ଅଧେ ଧାନ ଗୋଦାମ ଭିତରେ ଏବଂ ଅବଶିଷ୍ଟ ଖୋଲା ଆକାଶ ତଳେ ପଡ଼ିରହିଛି । ତେବେ ବର୍ଷାକୁ ଆଖି ଆଗରେ ରଖି ମାର୍କେଟ ୟାର୍ଡ଼ କର୍ମଚାରୀମାନେ ଇନ୍‌ଚାର୍ଜ ନିମାଇଁ ଚରଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବାହାରେ ପଡ଼ି ରହିଥିବା ଧାନକୁ ତାରପୋଲିନ ଢ଼ାଙ୍କି ରଖିଛନ୍ତି। ଏହାସତ୍ତ୍ୱେ ବର୍ଷାରେ ଧାନ ଭିଜିଥିବା ଦେଖିବାକୁ ମିଳିଛି । ଏ ନେଇ ଚାଷୀ ଶଶୀଭୂଷଣ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ମଣ୍ଡିକୁ ବହୁତ ଧାନ ଅସୁଛି । ଗୋଦାମ ଅଭାବରୁ ବାହାରେ ପଡ଼ିରହୁଛି। ଶୀଘ୍ର ଧାନ ଉଠିଲେ ଆମେ ଆଶ୍ୱସ୍ତ ହେବୁ ବୋଲି ସେ କହିଥିଲେ । ବଡ଼ମାଳ ଗ୍ରାମର ଚାଷୀ ସୁଜିତ ସାହୁ କହିଥିଲେ, ଧାନ ମଣ୍ଡିରେ ପଡ଼ିରହିଲେ ସମସ୍ତେ ଚିନ୍ତିତ ଥାଉଁ। କାରଣ ଅଦିନିଆଁ ବର୍ଷା ଆମ ପାଇଁ ଦାଉ ସାଧୁଛି । ଶୀଘ୍ର ଏହି ମଣ୍ଡି ପରିସରରେ ଆଉ ଏକ ବଡ଼ ଧରଣର ଗୋଦାମ ତିଆରି କଲେ ଭଟଲି ଅଞ୍ଚଳର ଚାଷୀ ଉପକୃତ ହେବେ । ଭଟଲି ତହସିଲଦାର ଅଞ୍ଜଳିନା ପଧାନଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ମାର୍କେଟ ୟାର୍ଡ଼ ପରିଦର୍ଶନ କରିଥିଲି । ଉର୍ଦ୍ଧୁନା ଏବଂ କେଲେଣ୍ଡପାଲି ୟାର୍ଡ଼ରେ ବେଶୀ ଧାନ ନାହିଁ । ଯେତିକ ଅଛି ଗୋଦାମ ଭିତରେ ସୁରକ୍ଷିତ ରହିଛି। ମାତ୍ର ଭଟଲି ୟାର୍ଡ଼ରେ ଖୋଲା ଆକାଶ ତଳେ ମଧ୍ଧ ଧାନ ରହିଛି । ତାହାକୁ ତାରପୋଲିନ ଢ଼ାଙ୍କି ସୁରକ୍ଷିତ ରଖାଯାଇଛି ।



ଭଟଲି ବ୍ଲକ ଅଞ୍ଚଳର ଏକ ମଣ୍ଡିରେ ଧାନକୁ ତାରପୋଲିନ ଘୋଡାଇ ରଖାଯାଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ



## ସଂକ୍ଷେପରେ

### ଲଘୁଚାପ ବର୍ଷା ଯୋଗୁ ଫସଲ ହାନି

**ବୌଦ୍ଧ,୧୭।୧୨(ସ୍ୱ.ପ୍ର):** ବୌଦ୍ଧ ଜିଲାରେ ବର୍ଷା ଯୋଗୁ ବ୍ୟାପକ ଫସଲ ହାନି ହୋଇଛି । ଦୁଇ ଦିନ ହେଲା ପାଗ ମେଘୁଆ ସହ ଝିପି ଝିପି ବର୍ଷା ଲାଗି ରହିଛି । ଚାଷୀମାନେ ବହୁ ଅଞ୍ଚଳରେ ଧାନ ଅମଳ କରି ନ ଥିବାରୁ ସେସବୁ ବିଲରେ ପଡି ରହିଛି। ବର୍ଷା ହେଉଥିବାରୁ ତାହା ନଷ୍ଟ ହେବା ସହ ଗଜା ହୋବା ସମ୍ଭାବନା ରହିଛି। ଯେଉଁ ଚାଷୀମାନେ ଫସଲ ଅମଳ କରିଛନ୍ତି ସେସବୁ ବସ୍ତାରେ ଭର୍ତ୍ତି ହୋଇ ବିଲରେ ତ କେତେକ ଖଳାରେ ପଡିରହିଛି । ବର୍ଷାରେ ଧାନ ବସ୍ତା ସବୁ ଓଦା ହେବାରେ ଲାଗିଛି। ଗୋଟିଏ ପଟରେ ଧାନ ବିକ୍ରୟ ହୋଇ ପାରୁ ନ ଥିବା ବେଳେ ଅନ୍ୟପକ୍ଷରେ ବର୍ଷା ଚାଷୀକୁଳକୁ ହତୋତ୍ସାହିତ କରିଛି । ଜିଲାରେ ଅନେକ ମଣ୍ଡିରେ ଧାନ ଠିକ ଭାବେ କ୍ରୟ ହୋଇପାରୁ ନ ଥିବାରୁ ଅଭାବୀ ବିକ୍ରି ଦେଖାଦେଇଛି । ସାଧାରଣ ଭାବେ ମଣ୍ଡି ଗୁଡିକରେ ୩କେଜିରୁ ୫କେଜି କଟନିଛଟନିରେ ଯାଉଥିବା ବେଳେ ଏବେ ଓଦା ଧାନ କହି ଅଧିକ କଟନିଛଟନି ହେବା ଆଶଙ୍କା କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ।

### ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା ବାତିଲ

**ବୌଦ୍ଧ,୧୭।୧୨(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଠାରେ ଚାଲିଥିବା ଦ୍ୱିତୀୟ ରାଜ୍ୟ ସ୍ତରୀୟ ଗଡଜାତ ଲୋକ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଏହି ମହୋତ୍ସବ ୫ ଦିନ ଧରି ଚାଲିବାକୁ ଥିବାବେଳେ ଲଘୁଚାପ ବର୍ଷା ଯୋଗୁ ପାଗ ସମ୍ପୂର୍ଣ୍ଣ ମେଘୁଆ ରହିବା ସହ ଝିପି ଝିପି ବର୍ଷା ହୋଇଥିଲା। ଫଳରେ ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଯଦି ପାଗ ଠିକ୍ ନ ରୁହେ ତେବେ ଚତୁର୍ଥ ସନ୍ଧ୍ୟାକୁ ମଧ୍ୟ ବାତିଲ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।



### ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ବାଉଁଶୁଣୀ, ୧୭।୧୨(ଡି.ଏନ୍.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଖେଳ ପଡିଆଠାରେ ଆଇଡିଆଲ ପବ୍ଲିକ ସ୍କୁଲର ଷଷ୍ଠତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଇଂ ବୌଦ୍ଧ ଏନଏସିର ନିର୍ବାହୀ ଅଧିକାରୀ ମନୋରଜନ ପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ହରିହର ମେହେର, ଇଂ ଦୟାନନ୍ଦ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ରଘୁନାଥ ରଥଙ୍କ ଅଧକ୍ଷତାରେ ପ୍ରଭାତ ରନ ପାଣି ଏବଂ ପଙ୍କଜ ମେହେର ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୭୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରବୀଣ କୁମାର ମିଶ୍ର ଖେଳ ପରିଚାଳନା କରିଥିଲେ । ନରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେଠୁ ଶୁଖିଲାଣି ମହାନଦୀ

# ଉତ୍କଟ ହେବ ପାନୀୟଜଳ ସମସ୍ୟା

**ବୌଦ୍ଧ,୧୭।୧୨(ସ୍ୱ.ପ୍ର)**

ଓଡିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ଏବେଠୁ ଶୁଷ୍କ ହୋଇପଡିଲାଣି। ଫଳରେ ଆଗାମୀ ଦିନରେ ବୌଦ୍ଧ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ସମସ୍ୟାର ସମାଧାନ ପାଇଁ ସୋମବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘ ସଭାପତି ସମ୍ପଦ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ସଂଘ ଅଫିସ୍‌ରେ ଏକ ଜରୁରୀ ବୈଠକରେ ବୌଦ୍ଧ ସହରବାସୀଙ୍କ ପାଇଁ ସୃଷ୍ଟି ହୋଇଥିବା ପାଣି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ପରେ ଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



ବୌଦ୍ଧଠାରେ ମହାନଦୀ ଶୁଖିଲା ପଡିଛି ।

ବୌଦ୍ଧଠାରେ ମହାନଦୀ ଗର୍ଭ ପ୍ରାୟ ଶୁଷ୍କ ହୋଇ ପଡିଛି। ଫଳରେ ବାଲିରେ ଚୁଆ ଖୋଳି ସହରବାସୀଙ୍କୁ ଯୋଗାଣ କରାଯାଉଛି । ତେବେ ଏହି ପାନୀୟଜଳ ପ୍ରଦୂଷିତ ବୋଲି ଅଭିଯୋଗ ହେଉଛି । ପାନୀୟଜଳ ଯୋଗାଣ ହେଉଥିବା ସ୍ଥାନର ଉପର ମୁଣ୍ଡରେ ମାଛ ମାର୍କେଟ ଏବଂ ପମ୍ପ ହାଉସ୍‌ର ଠିକ ତଳକୁ ସହରର ଆବର୍ଜନା ଜଳ ନିଷ୍କାସିତ ହେଉଛି। ନଦୀରେ ଜଳଧାର ନ ଥିବାରୁ ବାଲିରେ ଚୁଆ ଖୋଳି ସହରବାସୀଙ୍କୁ ଏହି ସ୍ଥାନରୁ ପାନୀୟଜଳ ଯୋଗାଇ ଦିଆଯାଉଛି । ଜଳ ଯୋଗାଣ ସ୍ଥାନରେ ସାଧାରଣଲୋକ ଗାଧୋଇବା ସହିତ ଶୌଚ ହେଉଥିବାବେଳେ ଚାରିପଟ ଖୋଲା ପାଇଖାନା ପାଲଟିଛି । ବାଲି ଚୁଆର ଜଳରେ ସାମାନ୍ୟ ବ୍ଲିଚିଂ ଓ ଆଲମ ପ୍ରୟୋଗ ପରେ ସହରବାସୀଙ୍କୁ ପାନୀୟ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ଠାରୁ ଏ ଦିଗରେ ଚିନ୍ତା କରା ନ ଗଲେ ଗ୍ରୀଷ୍ମରେ ବୌଦ୍ଧବାସୀଙ୍କୁ ଭୀଷଣ ପାନୀୟଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡିବ ବୋଲି ମତପ୍ରକାଶ ପାଇଛି ।

ଅଭିଯୋଗ ପାଇବାପରେ ଜିଲାପାଳ ରାଉତ ଅପରାହ୍ନରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ତଦାରଖ କରିଥିଲେ । ମହାନଦୀରେ ବୌଦ୍ଧ ସହର ପଟକୁ ଜଳାଧାର ନ ଥିବାରୁ ମେସିନ ସାହାଯ୍ୟରେ ବାଲି ଖୋଳି ଅପରପାର୍ଶ୍ୱରୁ ଜଳଧାର ଆଣିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସହରର ଉପରମୁଣ୍ଡରେ ପାଣି ପାଇଁ ମେଶିନ ଲଗାଇ ବାଲି ଖୋଳା ଯାଇଥିଲେ ମଧ୍ୟ ଏହା ବିଫଳ ହୋଇଥିବାରୁ ଅନ୍ୟ ସ୍ଥାନରେ ଖୋଳାଯାଇ ଜଳଧାର ଆଣିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାପାଳଙ୍କ ସହିତ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ, ଏନଏସି ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ନିରଞ୍ଜନ ସାହୁ, ଆଇନଜୀବୀ ତାରେଣୀ ମହାପାତ୍ର, ଖବରଦାତା ଶଶାଙ୍କ ମିଶ୍ର, ଦେବାଶିଷ ପୁରୋହିତ ପ୍ରମୁଖ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

# ବୌଦ୍ଧରେ କୋସଲ ମହାବନ୍ଦ



କୋସଲ ମହାବନ୍ଦ ଯୋଗୁ ମନମୁଣ୍ଡାରେ ରାସ୍ତା ଶୁନ୍‌ଶାନ୍ ।

**ବୌଦ୍ଧ,୧୭।୧୨(ସ୍ୱ.ପ୍ର)**

ପଶ୍ଚିମ ଓଡିଶାରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ନେଇ ସୋମବାର କୋଶଳ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମହାବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ଯୋଗୁ ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ ରହିଥିଲା । ବୌଦ୍ଧ ଜିଲା ସଭାପତି ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ କର୍ମୀମାନେ ମହାନଦୀ ବ୍ରିଜ୍‌ଛକଠାରେ ସକାଳ ୮ଟାରୁ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ । ପରେ ସେମାନେ ଜିଲାଜଜ୍ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରିଥିଲେ । ବୌଦ୍ଧ ସହରର ସରକାରୀ ଅଫିସ, ବ୍ୟାଙ୍କ, ଡାକଘର ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ସ୍ୱତଃସ୍ଫୁର୍ତ୍ତ ଭାବେ ବନ୍ଦ ରହିଥିଲା । କଣ୍ଟମାଳଠାରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ସ୍କୁଲ କଲେଜ ବନ୍ଦ ରହିଥିଲା । କିନ୍ତୁ ହରଭଙ୍ଗା ବ୍ଲକରେ ବନ୍ଦର ପ୍ରଭାବ ବିଶେଷ ପରିଲକ୍ଷିତ ହୋଇ ନ ଥିବା ବେଳେ କା ଭାଁ ବନ୍ଦ ହୋଇଥିଲା । ଆଇନ ଶୃଙ୍ଖଳା ପାଇଁ ସବୁ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

**ଜହ୍ନାପଙ୍କ, (ଡି.ଏନ.ଏ):** କୋଶଳ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ସୋମବାର ଜହ୍ନାପଙ୍କରେ ଶାନ୍ତିଶୃଙ୍ଖଳା ସହିତ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। ସକାଳ ୭ଟାରୁ ଦୋକାନ ବଜାର ବନ୍ଦ ରହିଥିଲା । ଏଠାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ଖୋଲାଥିବା ଦୋକାନଗୁଡିକୁ ପିକେଟିଂ କରି ବନ୍ଦ କରାଇଥିଲେ । ଏହି ବନ୍ଦରେ ଶୁଭେନ୍ଦୁ ବେହେରା, ମୁକୁନ୍ଦ ଗଡନାଏକ, ଅମ୍ବରିଶ ବଡପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ଗାଡି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଯାତ୍ରୀମାନେ ହଇରାଣ ହୋଇଥିଲେ ।

**ମନମୁଣ୍ଡା, (ଡି.ଏନ.ଏ):** କୋଶଳ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିକୁ ନେଇ ମନମୁଣ୍ଡାରେ ପ୍ରତୀକ ବନ୍ଦ ପାଳନ ସଫଳ ହୋଇଛି । କମିଟିର ବୌଦ୍ଧ ଜିଲା ସଭାପତି ସୁବେଦାର ଲଳିତ କୁମାର ସାହୁଙ୍କ ଅନୁରୋଧ କ୍ରମେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅଫିସ୍ ବନ୍ଦ ରହିଥିଲା । ବନ୍ଦ ଯୋଗୁ ବିଭିନ୍ନ ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା ।

# ଫୁଟବଲ ଟୁର୍ନାମେଣ୍ଟ: କୁରୁକୁପା ଚାମ୍ପିୟନ

**ଘଣ୍ଟାପଡା, ୧୭।୧୨ (ଡି.ଏନ.ଏ)**

କଣ୍ଠାମାଳ ବ୍ଲକ ଘଣ୍ଟାପଡା ସ୍ଥିତ ସମଲେଶ୍ୱରୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ତୃତୀୟ ଜମ୍ବେଶ୍ୱର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଜିର ମ୍ୟାଚରେ କର୍ଲାମୁହାଣ ଓ କୁରୁକୁପା ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଟାଇବ୍ରେକର ଜରିଆରେ କୁରୁକୁପା ୫–୪ରେ ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଡିଗ୍ରୀ କଲେଜର ଅଧ୍ୟକ୍ଷା ମଧୁସ୍ମିତା ଭୋଇ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକ, ସିଆରସିସି ନୀଳାଞ୍ଚଳ ଭୋଇ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିକ୍ଷକ ଶ୍ରୀପତି ମଲିକ, ଅଧ୍ୟାପକ ପରେଶ ସାହୁ, ଘଣ୍ଟାପଡା ଫାଣ୍ଡିର ନବୀନ ଶତପଥି, ଶିକ୍ଷାବିତ୍ ଦିବାକର ମିଶ୍ର, ସାମାଜିକ କର୍ମୀ ଉଚ୍ଛେଇ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ବେଣୁଧର ବାଘ, ମୁଜଲିମ୍ ମହମ୍ମଦ ଓ ଦିଲୀପ ରଣା ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବେ ବୀରବାହୁ ମାଝୀ, ନିରଞ୍ଜନ ମଲିକ, ଭାଷ୍ୟକାର ଭାବେ ମନ୍ଦରଧର ବେହେରା, ସୂର୍ଯ୍ୟନାରାୟଣ ସାହୁ, ଅଶୋକ ସାହୁ କାର୍ଯ୍ୟ ତୁଲାଇଥିଲେ । କୁରୁକୁପାର ଅଭିଳାଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଘଣ୍ଟାପଡାର କୈଳାଶଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ଖବରଦାତା ପ୍ରଭାତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT
**DISTRICT SURVEILLANCE UNIT, KORAPUT**
**NATIONAL HEALTH MISSION**
Ph. No.: 06852 - 252061, Email Id: dsukoraput@gmail.com

**CORRIGENDUM**

Letter No. 595/NCD Dtd.14.12.18

No.668-E: In partial modification to the tender enquiry no.586/NCD/KPT dtd.06.12.18 for BMW management, the average annual turnover for last three financial year is revised as Rs.1.00 crore per annum instead of Rs.3.00 crores.

The other terms & conditions remain unchanged.

10077/11/0025/1819 **Sd./- CDM & PHO, Koraput**

OFFICE OF THE
**REGULATED MARKET COMMITTEE, SARGIPALI, SUNDARGARH**

**INVITATION OF BIDS THROUGH E-PROCUREMENT**

**TENDER CALL NOTICE NO. 1621 OF 2018-19, DATED 15.12.2018**

**BID IDENTIFICATION NO. 01**

The office of the R.M.C., Sargipali, Sundargarh invites percentage rate bids on online mode from eligible contractors for execution of the different works under RMC Sargipali. The details of which are available at e-Procurement portal www.tenderorissa.gov.in. The interested tenderers are advised to visit the above website for submission of e-tender.

Tender will be closed at 17.00 hours on 27.12.2018.

***Sd./- Collector, Sundargarh-cum-Chairman***
***R.M.C., Sargipali, Sundargarh***

ODISHA LIFT IRRIGATION CORPORATION LIMITED
**(A GOVERNMENT OF ODISHA UNDERTAKING)**

**OFFICE OF THE EXECUTIVE ENGINEER, LIFT IRRIGATION DIVISION, JALESWAR**

**No.CAD-1141:-** **e - Procurement Notice**

**Bid Identification No: 03/18-19 /DT.07/12/2018**

1. The Executive Engineer, Lift Irrigation Division, Jaleswar on behalf ODISHA LIFT IRRIGATION CORPORATION LIMITED, BHUBANESWAR Invites percentage Rate bids in online mode for Installation / Revival of defunct L.I Projects in Turn-key basis from reputed Contractors/Firms having valid D & C Class Civil contractor license from State PWD/PHED/ RWSS/ Irrigation/ Rural works or equivalent grade of CPW/ Railway along with valid HT license issued by E.L.B.O, Odisha with experience in similar nature of (i) work drilling and installation of Tube well by Mud rotary method, (ii) for the work Erection of 11 KV line, L.T. line with AB Cable & Commissioning of S/S for power supply to lift Irrigation projects with installation of motor, starter and its energisation Including supply of all materials (iii)Construction of Distribution system in L.I. Projects. The proof of registration and experience from the appropriate authority shall be enclosed along with the Bid. All the documents to be submitted should be self attested. In case one agency does not have both valid Civil & H.T. license then a joint venture of the tenderer with the civil or H.T. licensed contractor to supervise the work will be accepted provided both the contractors have valid PAN, GST, experience in similar nature of work etc. A Civil Contractor entering into Joint venture with another Civil Contractor & an Electrical Contractor entering with joint venture with another Electrical contractor will not be entertained. The joint affidavit should be registered before the appropriate registration authority of the Government of Odisha. The P.A. Holders of any SC/ST bidders should belongs to SC/ST category only otherwise their bids will be rejected (As per Instructions of Deptt. Authorities). Upon approval of the rates both; the Civil & Electrical Contractors entering into the Joint venture have to submit an affidavit under Joint Signature that they both will be liable for completing the work within the stipulated time failing which action as dim fit will be initiated upon both of them. This affidavit will be a part of the f-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender. The list of such Contractors is presented in the DTCN.
2. Upon enforcement of GST, all rates should be quoted accordingly and the GST will be collected from the bills as per Govtt. Decision in force, GST shall be paid extra.
3. The authority reserves the right to increase or decrease the quantity of work accept or reject any or all the Tenders without assigning any reason thereof.

1. Name of the District-Balasore
2. Name of the Block- Bhogarai, Basta & Baliapal
3. No. of LI.Projects:- 05 Nos.
4. Cost of Tender varies from Rs. 871401/- to Rs.1250406/-
5. E.M.D.to be deposited (1% of Tender value) on line
6. Cost of Tender paper to be deposited Rs. 4000/- to Rs. 6000/- on line.

The GST @5% on Tender paper will be paid by the buyer directly against GSTIN-21AAACO5986GIZF & the copy of the deposit challan made by them should be enclosed alongwith the bid document.

7. Date & Time of publication: 22.12.2018 at 11.00 AM
8. Closing Date & Time:- 31.12.2018 at 4 PM
9. Opening Date & TIme-
   (a) Technical Bid- 04.01.2019 at 11 AM
   (b) Financial Bid- 07.01.2019 at 11 AM
10. Class of Contractor- "D & C" with Electrical H.T. License (as detailed in DTCN )
11. Completion period-90 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.

**32140/11/0005/1819** **Sd./- Er. Jagabandhu Behera, Executive Engineer, L.I. Division, Jaleswar**

**OFFICE OF THE EXECUTIVE ENGINEER**
**RWS&S DIVISION, BALASORE**
Tel.: 06782 - 262249, Fax: 262931,
Email: eerwss_bls@nic.in, eerwssbls@gmail.com
No.1175-O

**NATIONAL COMPETITIVE BIDDING THROUGH e-Tendering**

**Identification No.28 Dt.12.12.2018**

1. Nos. of work : 12 Nos. of RPWS in Balasore district
2. Estimated cost : Rs.47.92 lakh & Rs.99.88 lakh
3. Period of completion : 180 days to 270 days
4. Availability of bid document in portal : Dt.20.12.2018 at 10.00 hours to 29.12.2018 upto 17.00 hours through online
5. Seeking of clarification : Dt.20.12.2018 at 10.00 hours to Dt.28.12.2018 upto 15.00 hours
6. Date of opening of bid : Dt.31.12.2018 at 11.00 hours in the O/O EE, RWSS Division, Balasore
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid cost & Bid security will be receipt through electronic payment by NEFT / RTGS.

Further details can be seen from the e-Procurement portal: **http://tendersodisha.gov.in**.

**Sd./- Executive Engineer**
25013/11/0028/1819 **RWS&S Division, Balasore**

**GOVERNMENT OF ODISHA** No.1187-O
**OFFICE OF THE EXECUTIVE ENGINEER**
**RURAL WORKS DIVISION, GAJAPATI, PARLAKHEMUNDI**
e-mail : rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 02/GJP/2018-19**

1. Name of the work : Road work
2. Total No. Work : 2 (Two) nos. of Road works
3. Estimated Cost : Rs. 44.20 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 20.12.2018 at 10.00 AM to 31.12.2018 upto 5.00 PM
7. Date and Time of opening of tender : 03.01.2019 at 11.30 AM
8. Place of opening : As per Annexure

Further details can be seen from the website **www.tenderorissa.gov.in**.

**EXECUTIVE ENGINEER**
25158/11/0008/1819 **R.W. DIVN., GAJAPATI**

OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BERHAMPUR-760004, GANJAM, ODISHA
**No.8053/MCB-2018/Welfare/Dated, Berhampur the 15th December, 2018**

**TENDER CALL NOTICE**

No.671-E: Sealed Tenders are invited from the Registered firms for **"Supply of Equipment/Instrument"** for Strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions, list of Equipment/Instrument, specifications can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website **mkcgmch.org**. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.

The undersigned reserves the right to cancel of the Tender in full or parts at any time without assigning any reason thereof.

**Sd./- Dean & Principal**
10013/11/0014/1819 **M.K.C.G. Medical College, Berhampur**

DISTRICT LABOUR OFFICER, MALKANGIRI

No. 3749 Date: 15.12.2018

**TENDER CALL NOTICE - 2018-19**

Sealed tenders are invited from the intending firms / authorised dealers / rate contract holders / agencies / reputed manufacturers to quote their rates for supply of following items with specification, terms and conditions, **(Available in the website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Upto 1.00 PM) Through Registered Post / Speed Post / Courier Service) only, which will be opened on 07.01.2019 at 10.00 AM by the tender committee**.

| Sl. No. | Name of article | Specification | Unit required |
|---|---|---|---|
| 1 | Working Tools Masson Kit Carpenter Kit Painter Kit | Details of Kit placed at Section-II | Approximately 10000 beneficiaries |
| 2 | Safety Equipment Kit | Details of Kit placed at Annexure-II | |

Bids submitted beyond the manner prescribed in the tender documents shall be rejected.

**The detail terms & conditions, bid documents can be available in the website www.malkangiri.nic.in.**

**Sd./- District Labour Officer, Malkangiri**

**Government of Odisha** No.1023-B

**"e" Procurement Notice**

**OFFICE OF THE EXECUTIVE ENGINEER**
**DHENKANAL (R&B) DIVISION, DHENKANAL**

**Bid Identification No. – 31 of 2018-2019**

1. Name of the work: Building work – 01 No.
2. Estimate cost: Rs.21,24,399.00
3. Period of completion: 04 (Four Calendar Months)
4. Date & time of availability of the Bid documents in the portal: 10.00 AM of 20.12.2018 to 5.00 PM of 29.12.2018
5. Last date / Time of receipt of the bid in Portal: 29.12.2018 up to 5.00 PM.
6. Date of Opening: 03.01.2019 at 11.00 AM.
7. Name and Address of the Officer: Office of the Executive Engineer, Dhenkanal (R&B) Division, Dhenkanal

Further details can be seen from the e – procurement Portal **"https://tendersorissa.gov.in**.

**Executive Engineer**
34016/11/0030/1819 **Dhenkanal (R&B) Division**

DISTRICT LABOUR OFFICER, MALKANGIRI

**No. 3750** **Date: 15.12.2018**

**TENDER CALL NOTICE- /2018-19**

Sealed tenders are invited from the intending firms/ Authorised dealers/ Rate contract holders/ Agencies/ reputed manufacturers of Malkangiri district to quote their rates for supply of Bi-Cycles with specification, terms and conditions, **(Available in the Website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Up to 1.00 PM) (Through Registered Post/ Speed Post/ Courier service) only, which will be opened on 07.01.2019 at 10.00 AM by the Tender Committee.**

| Sl. No. | Name of Article | Specification | Unit Required |
|---|---|---|---|
| 1 | Bi-Cycle | Details of Bi-Cycles placed at Section-2 | Approximately 10000 beneficiaries |

Bids submitted beyond the manner prescribed in the tender documents shall be rejected.

**The detail terms & conditions, Bid documents can be available in the website www.malkangiri.nic.in.**

**Sd./-**
**District Labour Officer**
**Malkangiri**

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



ଯେଉଁମାନେ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି,
ସେଇମାନେ ହିଁ ସାଧାରଣତଃ ଅଳସୁଆ।
- ହେନେରୀ ଫର୍ଡ



## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କର୍ଲାମୁଣ୍ଡା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି, ଜିଲା ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର, ଉପଜିଲାପାଳ ମିର୍ଦ୍ଧା ଟପୋ, ଭାରପ୍ରାପ୍ତ ବିଡିଓ ତଥା କର୍ଲାମୁଣ୍ଡା ତହସିଲଦାର ଅବନିକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ଏଏଇ ଗୌରାଙ୍ଗ ପ୍ରସାଦ ମାଝି, ବିଇଓ ଆଲୁମାଲୁ ଭିମରାଓ, ଏଏଓ ଧୃରେନ୍ଦ୍ର ବଗର୍ତ୍ତୀ, ମ.ରାମପୁର ଥାନା ଅଧିକାରିଣୀ ରେଣୁକା ସୁନା, କର୍ଲାମୁଣ୍ଡା ଫାଣ୍ଡି ସବ୍‌ଇନ୍ସପେକ୍ଟର ଅଧିଶ ଚନ୍ଦ୍ର ବିଶ୍ୱାସ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ୩୨ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ।

### କ୍ରୀଡ଼ା ପ୍ରତିଯୋଗିତା

ନାକଟିଦେଉଳ,୧୭।୧୨ (ଡି.ଏନ.ଏ.)

ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ଓ ମହୁକୁଦ ଗ୍ରାମ ମଙ୍ଗଳ ଯୁବକ ସଂଘ ପକ୍ଷରୁ ମହୁକୁଦ ଖେଳ ପଡ଼ିଆରେ ଆନ୍ତଃ ବ୍ଲକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୁଟବଲ, ଭଲିବଲ, କବାଡ଼ି, ଉଚ୍ଚ ଡ଼ିଆଁ, ଲମ୍ବଡ଼ିଆଁ, ଦୌଡ଼ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଜିତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଗୋବିନ୍ଦ ଅଗ୍ରୱାଲ, ସୁବାଷ ଚନ୍ଦ୍ର ନାୟକ, ଅଧ୍ୟାପକ ଶେଷଦେବ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

ଭିତ୍ତିପ୍ରସ୍ତର ସ୍ଥାପନର ୨ ବର୍ଷ ବିତିଲା

# ଅଧାପନ୍ତରିଆ ବାଗଡିସର ପୋଲ

ଜୁନାଗଡ,୧୭।୧୨(ଡି.ଏନ.ଏ.)



ଅଧାପନ୍ତରିଆରେ ପଡିଥିବା ମସିଗାଁ ବାଗଡିସର ପୋଲ।

**ତଳମଲା ପଞ୍ଚାୟତ**
- ସରିଲାନି ପୋଲ କାମ
- ଅସ୍ଥାୟୀ ଡଙ୍ଗାରେ ଲୋକେ ଯାତାୟାତ କରନ୍ତି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁରେ ନିର୍ମାଣାଧୀନ ବାଗଡିସର ନାଳର ପୋଲ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଗଡିସର ନାଳ ଆରପଟରେ ଗ୍ରାମର ଅଧିକାଂଶ ଚାଷ ଜମି ସମେତ ଗୋରୁ ଚରିବା ପାଇଁ ଚାରଣ ଭୂଇଁ ଓ ଶ୍ମଶାନ ରହିଛି। ଫଳରେ ଏହି ନାଳ ଦେଇ ଚାଷୀମାନେ ଧାନ ରୁଆରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ତଣ୍ଟିଏ ପାଣିରେ କିମ୍ବା ଅସ୍ଥାୟୀ ଡଙ୍ଗା ସାହାଯ୍ୟରେ ଯାତାୟାତ କରିଥାନ୍ତି। ସେହିପରି ଗାଈଗୋରୁଙ୍କୁ ମଧ୍ୟ ଅତିକଷ୍ଟରେ ଗ୍ରାମବାସୀ ନାଳ ପାର କରି ଚରାଇବାକୁ ନେଇଥାନ୍ତି। ସବୁଠାରୁ ବଡ ଦୁଃଖର କଥା ଗ୍ରାମର କେହି ଜଣେ ମୃତ୍ୟୁ ବରଣ କଲେ ଶବକୁ ତଣ୍ଟିଏ ପାଣିରେ ବୋହି ନାଳ ଆରପଟ ଶ୍ମଶାନକୁ ପୋଡିବାକୁ ନେଇଥାନ୍ତି। ଏପରି ଏକ ଦୃଶ୍ୟକୁ ନେଇ ଗତ ୨୬ ନଭେମ୍ବର ୨୦୧୬ରେ 'ଧରିତ୍ରୀ'ରେ ଏକ ଶୀର୍ଷକ ପୋଲ ନାହିଁ, ପାଣିରେ ପଶି ଶବ ଦାହ ପାଇଁ ନିଆଗଲା ବୋଲି ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ଏହି ଘଟଣା ଜିଲା ସାରା ଆଲୋଡନ ସୃଷ୍ଟି କରିଥିଲା। ପରେ ବାଗଡିସର ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ୩୯ ଲକ୍ଷ ୬୭ ହଜାର ଟଙ୍କା ଅନୁମୋଦନ ହୋଇ ଆସିଥିଲା। ସେତେବେଳେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାକୁ ନେଇ ସେତେବେଳେ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ପରେ ଜୁନାଗଡ ପଞ୍ଚାୟତ ସମିତି ପକ୍ଷରୁ ଟେଣ୍ଡର କରାଯାଇ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଟେଣ୍ଡର ପାଇଥିବା ଜଣେ ଠିକାଦାର ପୋଲର ଖମ୍ବ (ପିଲର)ଗୁଡିକ ତିଆରି କରି ତାହା ଉପରେ ଛାତ ନ ପକାଇ ଚମ୍ପଟ ମାରିଥିବା ଗ୍ରାମବାସୀଙ୍କଠୁ ଜଣାପଡିଛି। ଫଳରେ ଏବେ ପୋଲ ଅଧାପନ୍ତିରିଆ ଅବସ୍ଥାରେ ରହିଛି। ଏପରିକି ଅଧାପନ୍ତରିଆ ପୋଲକୁ ନେଇ ଗତ କିଛି ମାସ ତଳେ ଗ୍ରାମବାସୀ ଜୁନାଗଡ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପଟେ ପୋଲ ଅଧାପନ୍ତରିଆ ରହିଥିବାରୁ ଗ୍ରାମବାସୀ ଅତିକଷ୍ଟରେ ନାଳ ପାରି ହୋଇ ସେପଟକୁ ଯାଉଛନ୍ତି। ଏ ନେଇ ଜୁନାଗଡ ବ୍ଲକ ସହକାରୀ ଯନ୍ତ୍ରୀ ବିଷ୍ଣୁ ବଲ୍ଲଭ ମହାରଣାଙ୍କୁ ପଚାରିବାରୁ ନାଳରେ ପାଣି ଚାଲୁଥିବାରୁ ପୋଲ କାମ ବିଳମ୍ବିତ ହୋଇଛି। ଏହି କିଛି ଦିନ ଭିତରେ ପୋଲ କାମ ଆରମ୍ଭ କରାଯିବ ବୋଲି କହିଥିଲେ।

## ମଦନପୁର ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ମଦନପୁର,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମଦନପୁର ପଞ୍ଚାୟତ ସରପଞ୍ଚ ରାଜେଶ ଧଙ୍ଗଡାମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ବିଜେଡି ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ମ.ରାମପୁର ବିଡିଓ ସୁଶ୍ରୀ ରୁମାନା ଜାଫ୍ରି, ମ.ରାମପୁର ସିଡିପିଓ ଅର୍ଚ୍ଚନା କଅଁର, ଏବିଡିଓ ବିକାଶ ପାତ୍ର, ଜିପିଓ କୁଳମଣି ସିଂ ରାୟ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଶୋକ କୁମାର ପାତ୍ର, କୃଷି ବିଭାଗ ତରଫରୁ ମଦନପୁର ଗ୍ରାମ୍ୟ କୃଷି କର୍ମଚାରୀ ବୁଦ୍ଧଦେବ ସାହୁ ଓ ଗୋଛାଡେଙ୍ଗେନ ଗ୍ରାମ୍ୟ କୃଷି କର୍ମଚାରୀ ଅନିଲ କୁମାର ଦୋରା, ବିଦ୍ୟୁତ୍ ବିଭାଗର ବିଭୁତି ଭୁଷଣ ସ୍ୱାଇଁ, ପ୍ରାଣୀ ସମ୍ପଦ ବିଭାଗରୁ ଏଲ୍‌ଆଇ ଜିତେନ୍ଦ୍ର ନାଗ ଓ ପ୍ରଦୀପ କୁମାର ହୋତା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଅନୁଷ୍ଠିତ ଷ୍ଟଲଗୁଡିକୁ ଅତିଥିମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ୦୬ ମାସ ମଧ୍ୟରେ ବିଜୁ ପକ୍କା ଘର ନିର୍ମାଣ କରିଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବା ସହ କଳାକାର ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ମାସର କାର୍ଯ୍ୟକ୍ରମ ପାଇଁ ପ୍ରତି ଗ୍ରାମପଞ୍ଚାୟତକୁ ୨୫,୦୦୦ ଲେଖାଏଁ ଟଙ୍କା ଆସିଥିବା ସୂଚନା ମିଳିଛି। ମଦନପୁର ପଞ୍ଚାୟତ ପିଇଓ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡମ୍‌କର୍ଲାଖୁଣ୍ଟା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ମଦନପୁରଠାରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅଦିନିଆ ବର୍ଷା: ଚିନ୍ତାରେ ଚାଷୀ

ଭବାନୀପାଟଣା,୧୭।୧୨ (ଡି.ଏନ.ଏ.)

- ଧାନକୁ ସୁରକ୍ଷିତ ରଖିବା ଚିନ୍ତା
- ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ



ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ ପ୍ରଭାବରେ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି। ବର୍ଷା ଯୋଗୁ କ୍ଷେତରେ ପଡିଥିବା କଟା ଧାନ ଓ ଖଳାରେ ଥିବା ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀ ଲାଗି ପଡିଛନ୍ତି। ଯଦି ବର୍ଷା ଲାଗିରହେ ତେବେ ଧାନ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜିଲାର ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ସାଜିଛି। ସାମ୍ଭାବ୍ୟ ବର୍ଷା ଦ୍ୱାରା ଧାନ, କପା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବାର ଆଶଙ୍କା ରହିଥିବାରୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଏଭଳି ସମୟରେ କୃଷି ବିଭାଗ ପକ୍ଷରୁ କେବଳ ଚାଷୀମାନଙ୍କୁ ସତର୍କ କରାଯିବା ସହ କଟାଯାଇଥିବା ଧାନକୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେବା ପାଇଁ କୁହାଯାଉଛି। ଏଭଳି ସମୟରେ ଏହାର ଫାଇଦା ଦଲାଲ ଓ ମିଲର୍ସ ନେବେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। କଳାହାଣ୍ଡି ଜିଲାରେ ବିଳମ୍ବରେ ଧାନକ୍ରୟ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଝିପିଝିପି ବର୍ଷା ଚାଷୀ ପାଇଁ ଦାଉ ସାଧିଛି। ମିଲର୍ସମାନେ ବର୍ଷା ଭିଜା ଧାନ କ୍ରୟ ନେଇ ମୁହଁ ମୋଡୁଥିବା ବେଳେ ଆର୍ଦ୍ରତା ନେଇ ଅଧିକ କଟନି ଛଟନି ପାଇଁ ମୁଲଚାଲ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଜିଲାରେ ନଭେମ୍ବର ୧ ତାରିଖଠାରୁ ଧାନ ମଣ୍ଡି ଆରମ୍ଭ ହେବା ପାଇଁ ଜିଲା ପ୍ରଶାସନ ଘୋଷଣା କରିଥିଲେ ମଧ୍ୟ ବହୁ ବିଳମ୍ବରେ ମଣ୍ଡି ଖୋଲିଥିଲା। ବର୍ତ୍ତମାନ ଝିପିଝିପି ବର୍ଷା ଯୋଗୁ ଧାନ ଆର୍ଦ୍ରତା ଆଳ ଦେଖାଇ ମିଲର୍ସଙ୍କ ଅଧିକ କଟନି ଛଟନି ନେଇ ଚାଷୀଙ୍କ ନିଦ ହଜାଇ ଦେଇଛି। ଜିଲାର ୧୫୮ଟି ମଣ୍ଡି ମଧ୍ୟରୁ ୪୮ଟି ମଣ୍ଡିରେ ଛାଉଣି ଥିବା ବେଳେ ୧୧୦ଟି ମଣ୍ଡିରେ ଛାଉଣି ନାହିଁ। ଭବାନୀପାଟଣା ଆରଏମସି ଅଧୀନରେ ୪ଟି ମଣ୍ଡି, ଜୁନାଗଡ ଅଧୀନରେ ୨୯ଟି ମଣ୍ଡି ଓ ମୁଖିଗୁଡା ଆରଏମସି ଅଧୀନରେ ୧୫ଟି ମଣ୍ଡିରେ ଛାଉଣି ଥିବା ବିବାଗୀୟ ସୂତ୍ରରୁ ପ୍ରକାଶ। ୧୧୦ଟି ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବା ଯୋଗୁ ଝିପିଣିପି ବର୍ଷାରେ ଚାଷୀଙ୍କ ଧାନ ଏବେ ଆଦ୍ରତାର ସମ୍ମୁଖୀନ ହୋଇଛି। ଆଦ୍ରତାକୁ ଆଳକରି ମିଲର୍ସମାନେ କଟନି ଛଟନି ପାଇଁ ଜିଦ ଧରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। ଯେଉଁ ଚାଷୀମାନେ ଧାନ କାଟି ଗଦା କରିଛନ୍ତି, ସେମାନେ ବର୍ଷା ଯୋଗୁ ମଣ୍ଡିକୁ ଆଣିବାକୁ ଉଚିତ ମନେ କରୁନାହାନ୍ତି। ଆରଏମସି ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି ବୋଲି କୁହାଯାଉଥିଲେ ମଧ୍ୟ ପର୍ଯ୍ୟାପ୍ତ ପଲିଥିନ ଚାଷୀଙ୍କୁ ମିଳୁ ନ ଥିବା ଅଭିଯୋଗ ହୋଇଛି। କଟନି ଛଟନି ଅଧିକ ଯୋଗୁ ଚାଷୀ ମଣ୍ଡିକୁ ନିଆଣି ଦଲାଲ ହାତରେ ଧାନ ଟେକି ଦେବାକୁ ବାଧ୍ୟ ହେଉଛି। ଆରଏମସି ଧାନର ଟିକସ ଆଦାୟ କରୁଥିବା ବେଳେ ୧୧୦ଟି ମଣ୍ଡିରେ ଛାଉଣି ନ ହେବା ଓ ଭିତ୍ତିଭୂମିର ଅଭାବ ଯୋଗୁ ବିଭାଗୀୟ ଭୂମିକା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ମଣ୍ଡିରେ ଛାଉଣି ନିର୍ମାଣ କରି ଭିତ୍ତିଭୂମି ସୁଦୃଢ କରିବାକୁ ଦରକାର...

## ମୁଆଁ ବାସ୍‌ନାଥି ମହକୁଛେ ଭବାନୀପାଟଣା ସହର

ଭବାନୀପାଟଣା,୧୭।୧୨ (ଡି.ଏନ.ଏ.)



ଭବାନୀପାଟଣା ସହରରେ ବିକ୍ରି ହେଉଥିବାର ଖାସ୍ କିସମର ମୁଆଁ।

ପରବ୍ ମାସ ମଗ୍‌ଶୀରରେ ମୁଆଁର ବାସ୍‌ନାରେ ମହକି ଉଠୁଛେ ଭବାନୀପାଟଣା ସହର। ମିଠା ଆର ଉନିଆ ଦୁକାନମାନକୁ ବିକ୍ରି ହେଉଛେ କିସମ କିସମର ମୁଆଁ। ହେଲେ ମୁଆଁର ସୁଆଦ ଆର ତିଆରିକେ ନେଇ ଦରଦାମ୍। ୭୫ ଟଁକାରୁ ଆରମ କରି ୩ ଶହ ଟଁକା ତକ୍ ରହିଛେ ଭିନେ ଭିନେ କିସମର ମୁଆଁର ଦାମ୍। ହେଲେ ସବୁଠାନୁ ସୁଆଦିଆ ହେଉଛେ ଘି'ତିଆରି ମୁଆଁ। ଆଏବାର ସଂକ୍ରାନ୍ତିରୁ ମୁଆଁ ବେପାର ଜୋର ଧରବାର ଆଶ୍ ଅଛେ। ଇ ଦିନ ସହରବାସୀ ଠାକୁରାଣୀକଁରନେ ଭୋଗ୍ ଲଗାଲା ଉତାରୁ ମୁଆଁ ଖାଏବାର ରିକ୍‌ମା କେନ୍‌ଯୁଗୁ ଚଲିଆସୁଛେ। ଇତାର ପରେ ଲୋକ୍‌ମାନେ ବଁଧୁବାଁଧବ୍, ମିତାମଏତର ଘରକେ ମୁଆଁ ଘିନି ଦିଆନିଆ କରସନ୍। ମକର ସଂକ୍ରାନ୍ତି ତକ୍ ମୁଆଁର ବିକ୍ରିବଟା ବଢ଼ସି। ଭବାନୀପାଟଣା ସହରରେ ମୁଆଁର ସିଜନ୍ ହେଉଛେ ଡିସେମ୍ବର, ଜାନୁୟାରୀ, ଇ ସମିଆରେ ମୁଆଁ ଯାହାକୁ ଯେତେ ତିଆର ହେଉଥିଲା ବେଲେ ବିକ୍ରିବଟା ବି ଜୋର ଧରସି। ଭବାନୀପାଟଣା ସହରବାସୀ ଇ ସିଜନ୍‌ରେ ମୁଆଁକେ ଉପହାର ହିସାବେ ଦେସନ୍। ଇ ବଛର ଚିନି, ଘି, ତେଲ ଦର ବଢ଼ବାର ଲାଗି ମୁଆଁର ଦର ବି ବଢ଼ିଛେ। ସେଥିରଲାଗି କାରବାର ଟିକେ ଢ଼ିଲା ଅଛେ ବଲି କେତେ ବେଉସାୟୀ କହିଛନ୍। ଭବାନୀପାଟଣା ସହରରେ ତିଆର ହେଉଥିବାର ମୁଆଁ ଆସରପାସର ଅଂଚଲ ଆର ଜିଲା ବାହାରକେ ବି ପଠାଯାଏସି। ମୁଆଁ ତିଆରିରେ ଲିଆ, ଚିନି, ଘି, ନଡିଆ, କାଜୁ, ଦ୍ରାକ୍ଷା, ଲେମ୍ବୁରସ, ମୁଗ୍‌ଫଲି ଦରକାର ହେସି। ହେଲେ ଘି'ରେ ତିଆର ହେଉଥିବାର ମୁଆଁ ଟିକେ ଖାସ୍ ଆଏ। ସେଥିରେ ଲାଗୁଥିବାର ଲିଆକେ ଆଗ୍ରୁ ଘି'ଥି ଛନା ହେଇଥିସି, ତାରପରେ ବାକି ଜିନିସ ଦେଇ ତିଆର କରାଯାଏସି। ମକର ସଂକ୍ରାନ୍ତି ବେଲେ ଫିଦିନ ଜିଲାରେ ମୁଆଁର କାରବାରଟା ୨୦ ହଜାର ଟଁକା ଟପି ଯାଏସି ବଲି କେତେ ବେଉସାୟୀ କହିଛନ୍।

## ଇନ୍ଦ୍ରାବତୀ ମରାମତି, ଆଧୁନିକୀକରଣକୁ ନେଇ ଅନିଶ୍ଚିତତା

ଭବାନୀପାଟଣା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୀବନ ରେଖା ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ବହୁ ପ୍ରତୀକ୍ଷିତ ଡାହାଣ କେନାଲର ମରାମତି ଓ ଆଧୁନିକକରଣ କାର୍ଯ୍ୟ ଅନିଶ୍ଚିତତା ଦେଖାଦେବା ସହ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଡାହାଣ କେନାଲ ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ଦୟନୀୟ ଅବସ୍ଥା ସୃଷ୍ଟି ହୋଇଛି। ଏହାର ମରାମତି, ଲାଇନିଂ କାମ ଓ ଆଧୁନିକୀକରଣ ପାଇଁ ୩୬୫ କୋଟି ଟଙ୍କା ଅଟକଳରେ ଏକ ଯୋଜନାକୁ ମୁଖ୍ୟମନ୍ତ୍ରୀ ୨୦୧୪ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଦୁଇଗୋଟି ରିଚ୍‌ରେ ୦-୪୦ ଓ ୪୧-୮୪ କି.ମି. କାର୍ଯ୍ୟ ପାଇଁ ୨୦୧୪ରୁ ଏଯାଏଁ ୬ ଥର ଟେଣ୍ଡର ହୋଇଛି। କିନ୍ତୁ ଏଯାଏଁ ବିଭିନ୍ନ କାରଣରୁ ଟେଣ୍ଡର ମଞ୍ଜୁର ହୋଇପାରିନାହିଁ। ଥରକୁ ଥର ଟେଣ୍ଡର ବାତିଲକୁ ନେଇ ଅଲୋଚନାର ବିଷୟ ପାଲଟିଛି। ଡାହାଣ କେନାଲ ଗତବର୍ଷ ରବି ଋତୁରେ ଟେଣ୍ଡର ପ୍ରକ୍ରିୟା ଚାଲିଥିବା ଯୋଗୁ ଏହି ଡାହାଣ କେନାଲର ୨୮୦୦୦ ହେକ୍ଟର ଜମିକୁ ଜଳସେଚନ ହୋଇପାରି ନ ଥିଲା। ଏହାର ଫଳସ୍ୱରୂପ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଆଗାମୀ ରବି ଋତୁ ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପ ଡାହାଣ କେନାଲର ୨୮୦୦୦ ହେକ୍ଟର ସମେତ ୫୩୨୬୫ ହେକ୍ଟର ଜମିକୁ ଜଳ ସେଚନ ଯୋଗାଇଦେବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି। ଏହା ଆସନ୍ତା ଜାନୁଆରୀ ପହିଲାରୁ ଆରମ୍ଭ ହେବାର ଯୋଜନା ରହିଛି। ଏହାକୁ ନେଇ କୃଷି ବିଭାଗ ଆଗୁଆ କୃଷି ଖସଡା ପ୍ରସ୍ତୁତ କରିଛନ୍ତି। ଏହି ପରିସ୍ଥିତିରେ ଡାହଣା କେନାଲର ମରାମତି ଓ ଆଧୁନିକୀକରଣ କାର୍ଯ୍ୟରେ ଅନିଶ୍ଚିତତା ସୃଷ୍ଟି ହୋଇଛି। କାରଣ ଇତି ମଧ୍ୟରେ ଟେଣ୍ଡର ମଞ୍ଜୁରି ହେଲେ ମଧ୍ୟ ରବି ଋତୁରେ କେନାଲରେ ପାଣି ଯାଉଥିବା ଯୋଗୁ କାର୍ଯ୍ୟହୋଇପାରିବ ନାହିଁ। ଏଭଳିସ୍ଥିତିରେ ପୁନଶ୍ଚ ଆଗାମୀ ୨୦୧୯-୨୦ ରବି ଋତୁକୁ ଅପେକ୍ଷା କରିବାକୁ ପଡିବ। କେଉଁ ପରିସ୍ଥିତିରେ ଟେଣ୍ଡର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ, ତାହା ଲୋକ ଲୋଚନକୁ ଆସିପାରୁ ନାହିଁ। ଏପରି ଅହେତୁକ ବିଳମ୍ବ ଯୋଗୁ କାର୍ଯ୍ୟର ଅଟକଳ ବଢିବାରେ ଲାଗିଛି।

# କର୍ଲାମୁଣ୍ଡା, କେସିଙ୍ଗାରେ ସମର୍ଥନ





କୋଶଳ ରାଜ୍ୟ ଦାବିରେ କର୍ଲାମୁଣ୍ଡାରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ବାମ)। କେସିଙ୍ଗାଠାରେ କୋଶଳ ରାଜ୍ୟ ଦାବିକୁ ନେଇ ଓକିଲ ଓ ସହରବାସୀ ରାସ୍ତା ଅବରୋଧ କରିଛନ୍ତି।

କର୍ଲାମୁଣ୍ଡା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ସୋମବାର କର୍ଲାମୁଣ୍ଡାର ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ପକ୍ଷରୁ କୋଶଳ ରାଜ୍ୟ ଦାବିକୁ ସମର୍ଥନ ଜଣାଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲେ। ଏଥିରେ ଗୌର କିଶୋର ରଣା, ରଶ୍ମିକାନ୍ତ ସାହୁ, ଶେଷଦେବ ସାହୁ, କୁଞ୍ଜ ସାହୁ, ଆକାଶ ସାହୁ, ଜଗଦୀଶ ସାହୁ, କଳ୍ପ ସାହୁ, ଚନ୍ଦ୍ରଭାନୁ ସାହୁ, ନରେନ୍ଦ୍ର ଶବର ପ୍ରମୁଖ ନେତୃତ୍ୱ ନେଇଥିଲେ।

### କୋଶଳ ରାଜ୍ୟ ଦାବୀକୁ ନେଇ କେସିଙ୍ଗା ସହରରେ ବନ୍ଦ ପାଳନ

କେସିଙ୍ଗା,(ଡି.ଏନ.ଏ.)

**କୋଶଳ ରାଜ୍ୟ ଦାବିରେ ବନ୍ଦ**

କେସିଙ୍ଗା ସହରରେ କୋଶଳ ରାଜ୍ୟ ଦାବୀକୁ ନେଇ କେସିଙ୍ଗା ବାର ଆସୋସିଏଶନ୍ ସଭାପତି ଦେବେନ୍ଦ୍ର ଭୁଜବଳଙ୍କ ଆହ୍ୱାନକ୍ରମେ ସୋମବାର ସକାଳ ୭ଟାଠାରୁ ବନ୍ଦ ପାଳନ କରାଯାଇଥିଲା। କେସିଙ୍ଗା ଏସଡିଜିଏମ କୋର୍ଟ ନିକଟରେ ଜାତୀୟ ରାଜପଥ ୨୬କୁ ଅବରୋଧ କରି ସମସ୍ତ ଯାନବାହାନକୁ ଅଟକ ରଖାଯାଇଥିଲା। ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ ଅଟକ ରହିଥିଲା। କେସିଙ୍ଗା ସହରର ବଲାଙ୍ଗୀର ଛକଠାରୁ ବୋରିଙ୍ଗପଦର ଚେକ୍ ଗେଟ ପ୍ରାୟ ୩ କି.ମି. ଯାଏ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ବେଦାନ୍ତ ଗାଡି, ଟ୍ରକ ସକାଳୁ ଅଟକାଇ ରଖାଯାଇଥିଲା। କେସିଙ୍ଗା ସହରର ସମସ୍ତ ଦୋକାନବଜାର, ସରକାରୀ କାର୍ଯ୍ୟାଳୟ ଯଥା ବ୍ଲକ, ଏନଏସି, ଏମଆଇ ଅଫିସ, ଆରଡି ଅଫିସ, ତହସିଲ କାର୍ଯ୍ୟାଳୟ, ସ୍କୁଲ, କଲେଜ ବନ୍ଦ ରହିଥିଲା। ବନ୍ଦ ପାଳନରେ ଆଇନଜୀବୀ ଗୋଳକ ଚନ୍ଦ୍ର ପଟ୍ଟନାୟକ, ଚିତ୍ତରଞ୍ଜନ ଭୋଇ, ମଗନ ସିନ୍ଧୁର, ପ୍ରଶାନ୍ତ ବାନାର୍ଜି, ନଳିନୀପ୍ରଭା ସିଂହ, ପୂର୍ବତନ ନଗରପାଳିକା ସରିତା ସିନ୍ଧୁର, ରାମଜୀ ମାତଖଣ୍ଡିଆ, ସୂର୍ଯ୍ୟକାନ୍ତ ଦାଶ, ବ୍ଲକ ଉପାଧ୍ୟକ୍ଷ ରଜନୀ ପୋଢ଼, ସୁରେଶ ରାଓ ସମେତ ସହରବାସୀ କୋଶଳ ରାଜ୍ୟ ଦାବିକୁ ସମର୍ଥନ ଜଣାଇ ସାମିଲ ହୋଇଥିଲେ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ଖପ୍ରାଖୋଲରେ ଅଦିନିଆ ବର୍ଷା

**ଖପ୍ରାଖୋଲ,୧୭।୧୨(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗୋଟିଏ ପଟେ କୋଶଲ ମହାବନ୍ଦର ପ୍ରଭାବରେ ସହରମାନଙ୍କରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଗାଁ ମାନଙ୍କରେ ବି ବର୍ଷା ଯୋଗୁ ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ଶିତ ଦିନିଆ ବର୍ଷା ସହ ପବନ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବର୍ଷା ଯୋଗୁ ଧାନ ଏବଂ କପା ଫସଲ ବ୍ୟାପକ କ୍ଷତି ହେବା ସମ୍ଭାବନା ଥିବାରୁ ଚାଷି ମୁଣ୍ଡରେ ଚଡକ ପଡିଛି।

## ନୂଆଁପାଲି ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୭।୧୨(ଡି.ଏନ.ଏ.)-** ଦେଓଗାଁ ବ୍ଲକ ଅନ୍ତର୍ଗତ ନୂଆଁପାଲିରେ ନବମ ଧନୁଯାତ୍ରା ମହୋତ୍ସବ ପାଇଁ ସୋମବାର ପ୍ରସ୍ତୁତି ବୈଠକ ତଥା ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ସୁଦାମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତ ବର୍ଷର ଆୟବ୍ୟୟ ଉପରେ ଆଲୋଚନା କରାଯିବା ସହ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। ସର୍ବସମ୍ମତି କ୍ରମେ କୌସ୍ତୁଭମଣି ପଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବାବେଳେ ସମ୍ପାଦକ ଭାବେ ଗରିବ ପଧାନ, ସହ ସମ୍ପାଦକ ଜଗଦୀଶ ଶତପଥି, କୋଷାଧକ୍ଷ ଭାବେ ଅଶୋକ ଶତପଥି ଓ ଚକାନନ୍ଦ ଭୂଏଁଙ୍କୁ ମନୋନୀତ କରାଯାଇଥିବାବେଳେ ସ୍ଥାନୀୟ କ୍ରିକେଟ ଓ ଫୁଟବଲ କମିଟିର ସମସ୍ତ ସଦସ୍ୟଙ୍କୁ ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପ୍ରତିବର୍ଷ ଏହି ଧନୁଯାତ୍ରାରେ ଜିଲା ତଥା ଜିଲା ବାହାରରୁ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗି ଥିବାରୁ ସେମାନଙ୍କ ପାଇଁ ସୁବ୍ୟବସ୍ଥା କରିବାକୁ ମତପ୍ରକାଶ ପାଇଥିଲା।

## ଅଦିନିଆ ବର୍ଷା: ମଣ୍ଡିରେ ଭିଜିଲା ଧାନ

**ଲୋଇସିଂହା,୧୭।୧୨(ଡି.ଏନ.ଏ)-** ରବିବାର ରାତିରୁ ଅଦିନିଆ ବର୍ଷା ଲାଗି ରହିଛି। ଅଦିନିଆ ବର୍ଷାରେ ଲୋଇସିଂହା ବ୍ଲକର କେତେକ ପ୍ୟାକ୍ସରେ ଖୋଲାସ୍ଥାନରେ ଥିବା ଶହଶହ ବସ୍ତାଧାନ ଭିଜି ଯାଇଛି। ପ୍ୟାକ୍ସ ଓ ମିଲର୍ସ ଦାୟିତ୍ୱ ହୀନତାରୁ ବିକ୍ରି ହେବାକୁ ଥିବା ଧାନ ଭିଜିଥିବାରୁ ଚାଷୀ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ବ୍ଲକରେ ଥିବା ୧୦ଟି କୃଷି ପ୍ରାଥମିକ ସମବାୟ ସମିତିରେ ମଣ୍ଡି ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କୁଶଙ୍ଗ, ବାଦିମୁଣ୍ଡାର ଚାଷୀମାନେ ମରୁଡି ଯୋଗୁ ବଳକା ଧାନ ପାଇ ନ ଥିବାରୁ ମଣ୍ଡିରେ ବିକ୍ରି କରିବା ସମ୍ଭବ ନଥିବାରୁ ମଣ୍ଡି ବନ୍ଦ ଦାବି କରିଛନ୍ତି। ବାକି ୮ଟି ସ୍ଥାନରେ ଚାଷୀଙ୍କ ଧାନକିଣା ଚାଲିଛି। କେବଳ କନ୍ଦାଜୁରୀରେ ଗୋଦାମ ଗୃହ ରହିଥିବାବେଳେ ଅନ୍ୟ ସ୍ଥାନରେ ଖୋଲା ସ୍ଥାନରେ ଚାଷୀଙ୍କ ଧାନକିଣା ଯାଉଛି। ଧାନ କିଣିବା ପାଇଁ ପ୍ୟାକ୍ସ ତରଫରୁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଫଳରେ ରବିବାର ସନ୍ଧ୍ୟାରୁ ଲାଗି ରହିଥିବା ଝିପିଝିପି ବର୍ଷାରେ ଚାଷୀଙ୍କ ଧାନ ଭିଜି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ ନିଜ ତରଫରୁ ପଲିଥିନ ନେଇ ଢାଙ୍କିଥିଲେ ମଧ ତାହା ପର୍ଯ୍ୟାପ୍ତ ହୋଇ ପାରି ନାହିଁ। ଧାନ କିଣ ଅବ୍ୟବସ୍ଥାକୁ ନେଇ ଚାଷୀ ଓ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

# କୋସଲ ମହାବନ୍ଦ:ଜନଜୀବନ ପ୍ରଭାବିତ

**ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦାବିରେ ପାଳିତ ୧୨ଘଣ୍ଟିଆ କୋସଲ ମହାବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ପ୍ରତିକୂଳ ପାଗ ଓ ବର୍ଷା ସତ୍ତ୍ୱେ କୋସଲ ରାଜ୍ୟ ସମର୍ଥକମାନେ ସୋମବାର ସକାଳ ୫ଟାରୁ ବାହାରି ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଏହି ୧୨ ଘଣ୍ଟିଆ କୋସଲ ମହାବନ୍ଦ ଯୋଗୁ ସୋମବାର ବଲାଙ୍ଗୀର ଜିଲା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।**

**ବଲାଙ୍ଗୀର ଅଫିସ, ୧୭।୧୨**



ପାଟଣାଗଡଠାରେ କୋଶଲ ସମର୍ଥକମାନେ ମୁଖ୍ୟରାସ୍ତା ଅବରୋଧ କରିଛନ୍ତି।



ଟିଟିଲାଗଡ ବ୍ଲକ ନାରେନ ଗ୍ରାମଠାରେ କୋସଲ ରାଜ୍ୟ ମହିଳା ସଭାନେତ୍ରୀ ରଞ୍ଜୁ ରାଏମନଙ୍କ ଗହଣରେ ସମର୍ଥକ।




କୋସଲ ମହାବନ୍ଦ ଅବସରରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।




ଦେଓଗାଁଠାରେ କୋସଲ ସମର୍ଥକମାନେ ପିକେଟିଂ କରିବା ସହ ବନ୍ଦ କରିଛନ୍ତି।

ବଲାଙ୍ଗୀର ଜିଲା ସଦର ମହକୁମା ସମେତ ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା ସହରାଞ୍ଚଳ ଓ ୧୪ଟି ବ୍ଲକ୍ ମୁଖ୍ୟାଳୟ ସହ ବିଭିନ୍ନ ଗାଁରେ କୋସଲ ମହାବନ୍ଦର ପ୍ରଭାବ ସୋମବାର ପରିଲକ୍ଷିତ ହୋଇଛି। ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ଯୋଗୁ ବନ୍ଦ ପାଳନ ବେଳେ ସମସ୍ତ ରାସ୍ତାଘାଟ ଜନଶୂନ୍ୟ ହୋଇଯାଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତି ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ପ୍ରତିବାଦ ସଭା। ଏଥିରେ କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ ମିଶ୍ର ବକ୍ତବ୍ୟ ରଖି ଉପକୂଳ ଅଞ୍ଚଳର ଉପନିବେଶବାଦୀ ସରକାର କୋସଲାଞ୍ଚଳର ବିକାଶଧାରାକୁ ଦୀର୍ଘ ୭୦ବର୍ଷ ଧରି ରୋକି ଆସିଛି ବୋଲି କହିଥିଲେ। ଏଥିରୁ ମୁକ୍ତି ଚାହିଁବାକୁ ହେଲେ ସ୍ୱତନ୍ତ୍ର କୋସଲ ରାଜ୍ୟ ଏକମାତ୍ର ବାଟ ବୋଲି କହିଥିଲେ। ଓକିଲ ବନ୍ଧୁମାନେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଆନ୍ଦୋଳନ କରୁଛନ୍ତି। ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ହେଲେ ସ୍ଥାୟୀ ବେଞ୍ଚ ନୁହେଁ ପୂରା ହାଇକୋର୍ଟ ମିଳିବ, ଏଣୁ ସମସ୍ତ କୋସଲବାସୀ ସ୍ୱତନ୍ତ୍ର ରାଜ୍ୟ ଗଠନ ଆନ୍ଦୋଳନରେ ଝାସ ଦିଅନ୍ତୁ ବୋଲି କହିଥିଲେ। ଏହି ଅଞ୍ଚଳର ରାଜନେତାମାନେ ମଧ କୋସଲ ଆନ୍ଦୋଳନକୁ ସଫଳ କରନ୍ତୁ ନଚେତ୍ ସେମାନଙ୍କୁ ଆଗାମୀ ପିଢ଼ି କ୍ଷମା କରିବେ ନାହିଁ ବୋଲି ମିଶ୍ର କହିଥିଲେ। ସମିତି ଉପାଧକ୍ଷ ମନୋରଞ୍ଜନ ସାହୁଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ସଭାରେ ଭାଜପା ନେତା ଡା. ବାସୁଦେବ ପତି, ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ ରଥ, ଡ. ବିପିନ କୁଶଲିଆ, ଦେଓଗାଁର ଡା. ଶଶୀଭୂଷଣ ସାହୁ, ଅଘରିଆ ସମାଜର ହରିଶଙ୍କର ସାଏ, ଯୁବନେତା ସବ୍ୟସାଚୀ ପୂଜାରୀ, ବିନୋଦ କାଲସାଏ, ରିଲୁ ରଥ, ସିନିଅର ସିଟିଜନ୍ ଫୋରମ୍‌ର ମନୋରଞ୍ଜନ ମିଶ୍ର, ରାହାସ ବିହାରୀ ମାଝି, ନିରୂପମା ଉଦ୍‌ଗାତା ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। ସକାଳେ ବଲାଙ୍ଗୀର ଆକ୍ସନ କମିଟି, ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ବାଇକ୍ ରାଲି କରାଯାଇ ସହର ପରିକ୍ରମା କରାଯାଇଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ପ୍ରତିବାଦ ସ୍ଥଳକୁ ଆସିଥିଲେ। କୋସଲ ସମର୍ଥକମାନେ ବିଭିନ୍ନ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ଆଡଭୋକେଟ୍ ସରୋଜ ଗୁପ୍ତା, ଅଶୋକ ରାଉତ୍, ଶୁଭ୍ରାଂଶୁ ଶେଖର ପଣ୍ଡା, ଗୋପବନ୍ଧୁ ପୁରୋହିତ, ଅଶରଫ ଅଲି, ଅଶ୍ୱିନୀ ପଟ୍ଟନାୟକ, ପ୍ରାଣବନ୍ଧୁ ରାଉତ୍, ସ୍ୱାଧୀନ ମିଶ୍ର, ଡୋଳାମଣି ପ୍ରଧାନ, ଶଙ୍କର ପାଣିଗ୍ରାହୀ, ଦିନେଶ ନାଗ, ରାମଚନ୍ଦ୍ର ନାଏକ, ଜ୍ୟୋତି ମହାନ୍ତି, ମୋହନ ଆଚାର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପାଟଣାଗଡ,୧୭।୧୨(ଡି.ଏନ.ଏ.)–** କୋଶଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ପଶ୍ଚିମ ଓଡିଶା ବନ୍ଦ ଡାକରା ଦିଆଯାଇଥିବାବେଳେ ସୋମବାର ପାଟଣାଗଡ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସମନ୍ୱୟ ସମିତି ପାଟଣାଗଡ ବ୍ଲକ ସଭାପତି ବିମଳ ବାଗଙ୍କ ନେତୃତ୍ୱରେ ଶତାଧିକ କୋଶଲ ପ୍ରେମୀ ସକାଳ ୬ଟାରୁ ସହରର ମୁଖ୍ୟ ରାସ୍ତାରେ ପିକେଟିଂ ଆରମ୍ଭ କରିଥିଲେ। ସହରର ବ୍ରହ୍ମପୁରା ଛକ, ରାମଜୀ ଛକ, ରାମପୁର, ବରପଦର ଛକ ଠାରେ ରାସ୍ତା ଅବରୋଧ କରିଥିଲେ। ଏହି ବନ୍ଦରେ କୁନାଲ ସେଠ, ଗିରିରାଜ ଭୋଇ, ଜିତୁ ରାଏ, ରିଲୁ ବଡପଣ୍ଡା, ମନବୋଧ ବରିହା, ପ୍ରତ୍ୟୁଷ ହୋତା, ଅର୍ଜୁନ ବାଗ, ଚିନୁ ପାତ୍ର, ରାଜିବ ମେହେର ପ୍ରମୁଖ ସାମିଲ ହୋଇଥିଲେ।

**■ବର୍ଷା ସତ୍ତ୍ୱେ ପିକେଟିଂ କଲେ, ପ୍ରତିବାଦ ସଭା ହେଲା**

**■ଗାଁରେ ଶୁଭିଲା କୋସଲ ରାଜ୍ୟ ସ୍ୱର, ସ୍ୱତଃସ୍ଫୁର୍ତ୍ତ ବନ୍ଦ**

**ଖପ୍ରାଖୋଲ,(ଡି.ଏନ.ଏ.)–** ଖପ୍ରାଖୋଲରେ ଦୋକାନ ବଜାର, ଗାଡିଚଳାଚଳ ସମ୍ପୂର୍ଣ୍ଣ ରୁପେ ବନ୍ଦ ହୋଇଥିଲା। ଖପ୍ରାଖୋଲ ସମେତ ଧଣ୍ଡାମୁଣ୍ଡା, ଜୁରିଆରେ ବି ଦୋକାନ ବଜାର ବନ୍ଦ ରହିଥିଲା। ଏହି ଅବସରରେ କ୍ଷମାନିଧି ଭୋଇ, ଧରମ ସିଂ ଧରୁଆ, ଟିକେଶ୍ୱର ଧରୁଆ, ଗୁପ୍ତେଶ୍ୱର କୁଅଁର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଲୋଇସିଂହା,(ଡି.ଏନ.ଏ.)–** ଲୋଇସିଂହାରେ ବନ୍ଦ ସଫଳ ଓ ଶାନ୍ତିପୂର୍ଣ୍ଣ ହୋଇଛି। ବନ୍ଦ ପ୍ରଭାବରେ ୨୬ନଂ ଜାତୀୟ ରାଜପଥରେ ଗାଡିଚଳାଚଳ ଦେଖିବାକୁ ମିଳି ନ ଥିଲା। ଯୁବ କମିଟି ସଭାପତି ନୟୁ ଖାନ, ସମ୍ପାଦକ ନିତ୍ୟାନନ୍ଦ କୁଏଡ, ରଞ୍ଜୁ ରାଏମନ, ଜତିନ୍ଦ୍ର ପଟେଲ, ଦଶରଥ ଛତ୍ରିଆ, ଲାଲମନ ନାଗ, ସରୋଜ ବିଶ୍ୱାଳ ଦେବ ପଣ୍ଡା, ରଞ୍ଜନ ବେହେରା, ଶ୍ୟାମ ସୁନ୍ଦର ଭୋଇଙ୍କ ସମେତ ବହୁ କୋସଲ ପ୍ରେମୀ ସାମିଲ ହୋଇଥିଲେ।

**ଦେଓଗାଁ,(ଡି.ଏନ.ଏ.)–** ଦେଓଗାଁରେ ମହାବନ୍ଦ ଆନ୍ଦୋଳନକୁ ଦଳମତ ନିର୍ବିଶେଷରେ ପୂର୍ଣ୍ଣ ସମର୍ଥନ କରାଯାଇଥିଲା। ସ୍ଥାନୀୟ କଲେଜଛକ, ଏଟିଏମ ଛକ ଓ ବଙ୍ଗଳାଛକଠାରେ ଟାୟାରଜାଳି ଜାତୀୟରାଜପଥକୁ ଅବରୋଧ କରିଥିଲେ। ଏହି ଅବସରରେ ବଣିକ ସଂଘ ସଭାପତି ସୁବଳ ରଣା, ନାଗରୀକ କମିଟି ସଭାପତି ଡା. ଶଶିଭୂଷଣ ସାହୁ, ଓକିଲ ସଂଘ ସଭାପତି ଅନନ୍ତ ସାହୁ, ଭାଜପା ମଣ୍ଡଳ ସଭାପତି ସଞ୍ଜିବ ସାହୁ, ଦୟାମୟ ସାହୁ, ରାଜକୁମାର ବାରିକ, ବାବୁଲାଲ ଅଗ୍ରୱାଲ, ଖେତ୍ରୁ ବେହେରା, ଆଶିଷ ସାହୁ, କଲ୍ୟାଣ ସାହୁ, ବସନ୍ତ ଅଗ୍ରୱାଲ, ଭିକାରୀ ପଧାନ, ଘନଶ୍ୟାମ ନନ୍ଦ, ବିକ୍ରମ ସୁନା, ଅକ୍ଷୟ ଦଲାଇ, ସନ୍ୟାସୀ ସାହୁ, ଅନୀଲ ପୋଦ୍ଦଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଲାଠୋର(ଡି.ଏନ.ଏ.)–** ଖପ୍ରାଖୋଲ ବ୍ଲକ ଲାଠୋରଠାରେ କୋସଲ ସମନ୍ୱୟ ସମିତି ଲାଠୋର ପଞ୍ଚାୟତ ସଭାପତି କାଶିନାଥ ମେହେରଙ୍କ ନେତୃତ୍ୱରେ ମହାବନ୍ଦକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଏହି ଅବସରରେ ସମିତିର ସମ୍ପାଦକ ଦୀଲିପ ନାଏକ, ଉପସଭାପତି ଶୁଶୀଲ ଅଗ୍ରୱାଲ, ସଭ୍ୟ ସୁଶାନ୍ତ ବେହେରା, ରୋହିତ ସୁନା, ଭୋଲା ସୁନାନି ପ୍ରମୁଖ ଯୋଗଦେଇଥିଲେ।

**ମୁରିବାହାଲ,(ଡି.ଏନ.ଏ.)–** ପଶ୍ଚିମ ଓଡିଶା କୋଶଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା କୋଶଲ ମହାବନ୍ଦକୁ ମୁରିବାହାଲ ବ୍ଲକ ତରଫରୁ ସମର୍ଥନ କରିବା ସହ ସୋମବାର ବନ୍ଦର ସଫଳ କରାଯାଇଛି। ସାମାଜିକ କର୍ମୀ ଶ୍ରୀବତ୍ସ ବେହେରାଙ୍କର ସଭାପତିତ୍ୱରେ ମୁରିବାହାଲ ବଜାର ପଡାଠାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏଥିରେ ନିମାଇଁ ଚରଣ ବଘାର, ବିରଞ୍ଚିନାରାୟଣ ଖମାରୀ, ନାରାୟଣ ସାହୁ, ମନୋଜ କର, ଜାୟକିଶନ ବାଗ, ଡା. ଭଗବାନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୋଶଳ ରାଜ୍ୟ ହେବା ପାଇଁ ଯଥାର୍ଥ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ରାଜୀବ କୁଅଁର ସଂଯୋଜନା କରିଥିବାବେଳେ ରାଜୀବ ମହାନ୍ତି, କେଦାର ବଡଜେନା, ରାମକୃଷ୍ଣ କର, ନକୁଳ ମାଝୀ, ଯନୁପତି ଅଗସ୍ତି, ପ୍ରଫୁଲ୍ଲ ବଘାର ପ୍ରମୁଖ ସହଯୋଗ କରିଥିଲେ।

**ଟିଟିଲାଗଡ଼,(ଡି.ଏନ,ଏ.)–** କୋଶଲ ରାଜ୍ୟ ଦାବିକୁ ନେଇ ଟିଟିଲାଗଡରେ ଅଭୁତ ପୂର୍ବ ସମର୍ଥନ ମିଳିଥିଲା। ସହର ମଧ ଦେଇ ଯାଇଥିବା ୫୯ନଂ ଜାତୀୟ ରାଜପଥ ଏବଂ ଟିଟିଲାଗଡ ବଲାଙ୍ଗୀର, ଟିଟିଲାଗଡ କଣ୍ଟାବାଞ୍ଜି ରାଜପଥକୁ କୋଶଲ ସମର୍ଥକ ଅବରୋଧ କରିଥିଲେ। କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ରାଜ୍ୟ ସହ ସଂଯୋଜକ ବିକାଶ ପାଢୀ, ଯୁବ ସଂଯୋଜକ ହିଜବୁଲ ରେହମାନ, ଜିଲା କୋଷାଧକ୍ଷ ଦେବେନ୍ଦ୍ର ଜୈନ, ଆଦିବାସୀ ନେତା ସୁରେଶ ଭୋଇ, ନିତ୍ୟା ମାଝୀ, ଥବିର ପୁଝାରୀ, ଜଗନ୍ନାଥ ମାଝୀ, ରାଜେଶ ପ୍ରଧାନ, ଅଶୋକ ଭୋଇ, ଛାତ୍ର କ୍ରିୟାନୁଷ୍ଠାନ କମିଟି ସଭାପତି ଅମ୍ଳାନ ଷଡଙ୍ଗୀ, ହରପ୍ରତାପ ଦାସ, ରୁଣ୍ଡୁ ବାଗ, ଚନ୍ଦନ ପଣ୍ଡା, ଅବିନାଶ ବରଗଡ଼, ଋତୁରାଜ ତାଣ୍ଡି, ପ୍ରକାଶ ବେହେରା, ରମେଶ ବେହେରାଙ୍କ ସମେତ ବହୁ ଯୁବ ଛାତ୍ର ଶତାଧିକ କୋଶଲ ସମର୍ଥକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଟିଟିଲାଗଡ ବ୍ଲକ ନାରେନ ଗ୍ରାମଠାରେ କୋଶଲ ରାଜ୍ୟ ମହିଳା ସଭାନେତ୍ରୀ ରଞ୍ଜୁ ରାଏମନ ଶତାଧିକ ସମର୍ଥକଙ୍କ ଗହଣରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବିକୁ ନେଇ ୫୯ନଂ ଜାତୀୟ ରାଜପଥରେ ଧାରଣା ଦେଇଥିଲେ।

### ୩୨ ଦିନରେ ଜିଆର୍‌ଏସ୍‌ଙ୍କ ଆନ୍ଦୋଳନ

## ଭୁବନେଶ୍ୱରରେ ଯୋଗଦେବାକୁ ବୈଠକ

**ଖପ୍ରାଖୋଲ,୧୭।୧୨(ଡି.ଏନ.ଏ.)**

ସାରା ରାଜ୍ୟରେ ବିଭିନ୍ନ ଦାବି ସହ ନିୟମିତ କରିବା ଦାବିରେ ଗ୍ରାମ ରୋଜଗାର ସେବକ ସଂଘର ଆନ୍ଦୋଳନ ୩୨ଦିନରେ ପହଞ୍ଚିଛି। ପ୍ରତି ଜିଲାରୁ ଯାଇ ଭୁବନେଶ୍ୱରରେ ଅନବରତ ଧାରଣା ଜାରି ରହିଥିବାବେଳେ ଖପ୍ରାଖୋଲ ବ୍ଲକ ସଂଘ ତରଫରୁ ଆଗାମୀ ୨୫ରୁ ଆନ୍ଦୋଳନରେ ଯୋଗଦେବା ପାଇଁ ପାଳି ପଡିଥିବାରୁ ସଂଘର ପ୍ରସ୍ତୁତି ବୈଠକ ହରିଶଙ୍କରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ମୃତ୍ୟୁଞ୍ଜୟ ନନ୍ଦ ଅଧକ୍ଷତା କରିଥିବାବେଳେ ସମ୍ପାଦକ ପବିତ୍ର କାଲସାଏ, ସୁଧର୍ମା ବେହେରା, ବିପିନ ବେହେରା, ଷଡାନନ ମାଝି, ପ୍ରଦୀପ ଶତପଥି, ସତ୍ୟାନାରାୟଣ ମେହେର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ଦିନରେ ସଂଘ ଲୋକଙ୍କ ପାଖକୁ ଯାଇ ନିଜ ଦାବି ଜଣାଇବା ସହ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱରଠାରେ ଆନ୍ଦୋଳନରେ ଯୋଗଦେବାକୁ ଜିଆରଏସ୍ ସଂଘର ଚାଲିଥିବା ପ୍ରସ୍ତୁତି ବୈଠକ।

### ଜିଲାସ୍ତରୀୟ ଆନନ୍ଦ ଉତ୍ସବ ସମ୍ପନ୍ନ

## ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରିବା ଲକ୍ଷ୍ୟ



ଜରାସିଂହା ସାଇବିହାରରେ ଜିଲାସ୍ତରୀୟ ଆନନ୍ଦ ଉତ୍ସବରେ ବାଳିକାମାନଙ୍କ ମଧରେ ପୁଚି ଖେଳ ପ୍ରତିଯୋଗିତା ଚାଲିଛି।

**ଦେଓଗାଁ,୧୭।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ସତ୍ୟସାଇ ବିହାରରେ ଜିଲା ସତ୍ୟସାଇ ସଂଗଠନ ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ ଆନନ୍ଦ ଉତ୍ସବ(ଫେଷ୍ଟିଭାଲ ଅଫ ଜୟ) ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କ୍ଷୀରୋଦ୍ର ସାହୁଙ୍କ ସଭାପତିତ୍ୱ ତଥା ଜିଲା ସେବା ସଂଯୋଜକ ଜିତେନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ଉଦ୍‌ଯାପନି ଉତ୍ସବ। ଏଥିରେ ରାଜ୍ୟବାଳ ବିକାଶ କମିଟି ସଭ୍ୟ ମନୋଜ ମହାପାତ୍ର, ଜିଲା ଆଧ୍ୟାତ୍ମିକ ସଂଯୋଜିକା ପୁଷ୍ପାଞ୍ଜଳୀ ମେହେର, ଜିଲା ସେବା ସଂଯୋଜକ ଜିତେନ୍ଦ୍ର ପଣ୍ଡା, ଜିଲା କାର୍ଯ୍ୟାଳୟ ସଂଯୋଜକ ପ୍ରଦୀପ୍ତ ତ୍ରୀପାଠୀ, ଜିଲା ଅଧ୍ୟାତ୍ମିକ ସଂଯୋଜକ ସୁରେନ୍ଦ୍ର ପଧାନ, ଜିଲା ବେଦ ସଂଯୋଜକ ବିନୋଦ ବିହାରୀ ସାହୁ, ତୁଷୁରା ସମିତିର ପୂର୍ବତନ ଆବାହକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ପିପଲମୁଣ୍ଡା ଭଜନ ମଣ୍ଡଳୀର ଆବାହକ ସରୋଜ ସାହୁ, ଭଇଁଷା ସଂଗଠନର ସକ୍ରିୟ ସଦସ୍ୟ ଫକିର ମୋହନ ସାହୁ, ସମ୍ବଲପୁର ସଂଗଠନର ସଦସ୍ୟା ସୁନିତା ମେହେର, ବାଳବିକାଶ ପ୍ରଶିକ୍ଷୀକା ସରସ୍ୱତୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଯୋଗଦେଇଥିବା ଅତିଥିବୃନ୍ଦ ସତ୍ୟସାଇ ବାବାଙ୍କ ବାଳ ବିକାଶ ସଂଗଠନର ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଶିଶୁମାନଙ୍କ ମଧରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରି ବିକଶିତ କରିବା ଏକମାତ୍ର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ସମିତି ଅନ୍ତର୍ଗତ ବାଳ ବିକାଶ କେନ୍ଦ୍ରମାନଙ୍କରୁ କୃତିତ୍ୱ ହାସଲ କରିଥିବା ୨ଶହରୁ ଉର୍ଦ୍ଧ୍ୱ ବାଳିକାବାଳକ ପ୍ରତିଯୋଗୀମାନେ ଯୋଗଦେଇ ଆଧ୍ୟାତ୍ମିକ ବକ୍ତବ୍ୟ, ବେଦ ଉଚ୍ଚାରଣ, ଝୋଟି ପ୍ରତିଯୋଗିତା, ଲେମନରେସ, ସ୍ପୁନରେସ, ପୁଚିଖେଳ, ମ୍ୟୁଜିକ ଚେୟାର, ମନୋ ଏକ୍ସନ, ସଂଗୀତ, ସ୍କିପଂ ରେସ ଆଦି ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜରାସିଂହା ଭଜନ ମଣ୍ଡଳୀର ଗୋବିନ୍ଦ ମେହେର ପରିଚାଳନା କରିଥିବାବେଳେ ଚନ୍ଦ୍ରପୁର ଆବାହକ ଷାଣ୍ଢ, କୃଷ୍ଣ ସାହୁ, ଶରତ ପୁଟେଲ, ଶାନ୍ତନୁ ପୁରୋହିତ, ଧବଳେଶ୍ୱର ମେହେର, ରଜନୀକାନ୍ତ ଦାଶ ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡିବ ନାହିଁ।

- ଇଡ୍‌ୱିନ୍ ହବେଲ୍ ଚାପିନ

# ୧୨ ଘଣ୍ଟା ନୂଆପଡ଼ା ବନ୍ଦ



ଏକତା ଛକ ନିକଟରେ ବନ୍ଦ ପାଳନ ବେଳେ ଯୁବ କୋଶଳ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ନୂଆପଡା ଅଫିସ/ଖଡିଆଳ, ୧୭।୧୨ (ଡି.ଏନ.ଏ.)**

**କୋଶଳ ରାଜ୍ୟ ଦାବି**

- ୬ ଘଣ୍ଟା ପରେ ଗାଡି ଚଳାଚଳ ସ୍ୱାଭାବିକ
- ସବୁ ଗୋଷ୍ଠୀର ସମର୍ଥନ

ନୂଆପଡା ଜିଲା ଗଠନ ଦିନଠାରୁ କୋଡିଏ ବର୍ଷ ବିତିଗଲାଣି । ତଥାପି ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଲୋକଙ୍କୁ ଅପହଞ୍ଚ ହୋଇପଡିଛି। ନୂଆପଡା ଭଳି ଉପାନ୍ତ ଜିଲାଗୁଡିକରେ ଶିକ୍ଷିତ ଯୁବତୀଯୁବକମାନେ ହଜାର ହଜାର ସଂଖ୍ୟାରେ ବେରୋଜଗାର ହୋଇ ପଡିରହିଛନ୍ତି। ସରକାର ଏଠିକାର ରାଜସ୍ୱ ନେଇ ଏଠିକାର ଲୋକଙ୍କୁ ଅବହେଳା କରୁଛନ୍ତି ବୋଲି ପଶ୍ଚିମ ଓଡିଶାରେ କୋଶଳ ରାଜ୍ୟ ଗଠନ କରିବା ନିତାନ୍ତ ଜରୁରୀ ବୋଲି ଦାବି ନେଇ ନୂଆପଡା ଯୁବ କୋଶଳ ସମନ୍ୱୟ ସମିତି ଡାକରାରେ ସୋମବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ମଧ୍ୟାହ୍ନ ୧୨ଟାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଜିଲାର ନୂଆପଡା ସମେତ ଖରିଆରରୋଡ, କୋମନା, ଉଦ୍ୟାନବନ୍ଧ, ସାରାବଙ୍ଗ, ସାହିପଲା, ଖଡିଆଳ ଆଦି ସ୍ଥାନରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା ।

ସକାଳ ୬ଟାରେ ନୂଆପଡା ଏକତା ଛକ ନିକଟରେ ଗାଡି ମଟରକୁ ବନ୍ଦ କରାଯାଇଥିଲା। ଫଳରେ ଜାତୀୟ ରାଜପଥ ୩୫୩ ଗୋଟିଏ ପ୍ରକାର ବନ୍ଦ ହୋଇଥିଲା । ଯାନବାହନ ଚଳାଚଳ ବନ୍ଦ ହୋଇଥିବାବେଳେ ଦୋକାନ ବଜାର, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ବନ୍ଦ ଥିଲା । ବ୍ଲକ କାର୍ଯ୍ୟାଳୟ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା । ପୂର୍ବାହ୍ନ ୧୦ଟାରେ କର୍ମକର୍ତ୍ତାମାନେ ସହରରେ ବୁଲି ପିକେଟିଂ କରିଥିଲେ। କୋଶଳ ରାଜ୍ୟ ଗଠନ କର ବୋଲି ସମସ୍ତେ ନାରା ଦେଇଥିଲେ । ନୂଆପଡା ଯୁବ କୋଶଳ ସମନ୍ୱୟ ସମିତି ଆବାହକ ଟିଟୁ ପଣ୍ଡାଙ୍କ ନେତୃତ୍ୱରେ ଏକତା ଛକ ନିକଟରେ ବିଶାଳ ପ୍ରତିବାଦ ସଭା ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି ଥିବା ଉଦାସୀନତା ଉପରେ ବିକ୍ଷୋଦଗାର କରିଥିଲେ। ଏହି ବନ୍ଦକୁ ଜିଲା ଓକିଲ ସଂଘ, ବାଣିଜ୍ୟ ସଂଘ, ଘରୋଇ ବସ ମାଲିକ ସଂଘ, ଠିକାଦାର ସଂଘ ସମର୍ଥନ କରିଥିବା ଦେଖାଯାଇଥିଲା । ଏହା ଦ୍ୱାରା ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା । ଏହି ବନ୍ଦରେ ଅନ୍ୟମାନଙ୍କ ମଧ୍ୟରେ ଟେକରାମ ସାହୁ, ନାରାୟଣ ସାହୁ, ତ୍ରିନାଥ ସାହୁ, ହେମକୁମାର ସାହୁ, ଉଜ୍ୱଳ ତିଓ୍ୱାରୀ, ଚନ୍ଦନ ପଣ୍ଡା, ସୁମନ୍ତ ବେହେରା, ବିଷ୍ଣୁ ସାହୁ, ତୋପ ମାଝି, ପଙ୍କଜ ମାଝି ପ୍ରମୁଖ ସାମିଲ ଥିଲେ। ସେହିପରି କୋଶଳ ସମନ୍ୱୟ ସମିତି ଖଡିଆଳ ଶାଖା ଆବାହକ ଇରଫାନ୍ ମହମ୍ମଦ ଓ ଶୈଳେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଥିଲେ । କର୍ମକର୍ତ୍ତାମାନେ ପିକେଟିଂ କରି ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅଫିସ, ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦ କରିବା ପାଇଁ ଅନୁରୋଧ କରିବା ଯୋଗୁ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଗୋଟିଏପଟେ ସାମ୍ଭାବ୍ୟ ବାତ୍ୟାର ପ୍ରଭାବରେ ରବିବାର ସକାଳୁ ଝିପି ଝିପି ବର୍ଷା ସହ ମେଘୁଆ ପାଗ ରହିଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇପଡିଥିବା ବେଳେ ରାସ୍ତା ଶୂନଶାନ ହୋଇପଡିଥିଲା । ଅନ୍ୟପଟେ କୋଶଳ ରାଜ୍ୟ ଗଠନ ପାଇଁ ମହାବନ୍ଦ ପାଳନରେ ଖଡିଆଳ ସହର ଅତ୍ୟଧିକ ପ୍ରଭାବ ପଡି ରହିଥିବା ଦେଖିବାକୁ ମିଳିଥିଲା । ବନ୍ଦ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଛକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ବନ୍ଦକୁ ସମର୍ଥନ ଜଣାଇ ଖଡିଆଳ ବ୍ଲକର ଡୁଆଝର, ଡୁକଲା ଓ ଜୁନାନୀ ଗାଁଠାରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା ।



ଖଡ଼ିଆଳଠାରେ ଲୋକେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି ।

**ସଂକ୍ଷେପରେ**

## ପଲସଦା, ଡମଝର ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବନ୍ଦ

**ବୋଡେନ,୧୭।୧୨(ଡି.ଏନ.ଏ.)** ନୂଆପଡ଼ା ଜିଲା ବୋଡେନ ବ୍ଲକର ଡମଝର ଓ ପଲସଦା ପଞ୍ଚାୟତବାସୀଙ୍କୁ ନିକଟସ୍ଥ ଉଦନ୍ତି ନଦୀରୁ ଦୀର୍ଘ ୧୫ ବର୍ଷ ହେଲା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇ ଆସୁଛି। ଉକ୍ତ ୨ଟି ପଞ୍ଚାୟତର ପଲସଦା, ବୁଡାପଡା, ଡୁର୍କାମୁଣ୍ଡା, ମରଗାଁ, ଡମଝର, କାଦୋପଡା, ରୁଣ୍ଡିବସା, ବଧିଆମୁଣ୍ଡା ଆଦି ଗାଁଗୁଡିକୁ ୭ ଦିନ ହେଲା ଜଳ ଯୋଗାଣ ମୋଟର ଖରାପ ହୋଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି । ଏ ଅଞ୍ଚଳ ଗ୍ରାମରେ ଫ୍ଲୋରାଇଡଯୁକ୍ତ ପାଣି ବାହାର ହୁଥିବାରୁ ଲୋକମାନଙ୍କ ପାଇଁ ବିଶୁଦ୍ଧ ଜଳ ଉଠାପାଇପ ମାଧ୍ୟମରେ ପିଇବା ପାଣି ବ୍ୟବସ୍ଥା ହୋଇଥିଲା । ଗଭୀର ଖନନ ଜଳ ଯୋଗାଣ ମୋଟର ଖରାପ ହୋଇ ପଡିରହିଥିବା ବେଳେ ବିଭାଗ ଅଧିକାରୀ ଧ୍ୟାନ ଦେଉ ନ ଥିବାରୁ ବାରମ୍ବାର ମୋଟର ଖରାପ ହୋଇ ଅଚଳ ହୋଇ ପଡିରହୁଛି । ଫଳରେ ଲୋକେ ଉଦନ୍ତି ନଦୀ ଭିତରେ ବାଲିକୁଅ ଖୋଳି ସେଥିରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏଥିପ୍ରତି ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଧା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ଏ ଦିଗରେ ବିଭାଗୀୟ କର୍ମଚାରୀ ଯୁଧକାଳୀନ ଭିତ୍ତିରେ ମଟର ମରାମତି କରିବା ସହ ପାନୀୟ ଜଳ ଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ଆନ୍ଧ୍ରରୁ ଆସୁଛି ଅଣ୍ଡା, କୁକୁଡା: ବାର୍ଡଫ୍ଲୁ ଆଶଙ୍କାରେ ଖାଉଟି

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)** ପୁରୀ ଜିଲାରେ କୁକୁଡାଙ୍କ ରକ୍ତ ନମୁନାରେ ବାର୍ଡଫ୍ଲୁ ଜଣାପଡିବା ପରେ ଏବେ କଳାହାଣ୍ଡି ଜିଲାକୁ ଆନ୍ଧ୍ରରୁ ଆସୁଥିବା କୁକୁଡା ଏବଂ କୁକୁଡା ଅଣ୍ଡାର ମାନକୁ ନେଇ ଖାଉଟିଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି । ଗତ ମାସଠାରୁ ଚଳିତ ମାସ ମଧ୍ୟରେ ଆନ୍ଧ୍ରରୁ ଅଧିକ କୁକୁଡା ଏବଂ କୁକୁଡା ଅଣ୍ଡା ଆସିଛି । ଚଳିତ ସପ୍ତାହରେ କେବଳ ଭବାନୀପାଟଣା ସହରକୁ ଲକ୍ଷାଧିକ ଅଣ୍ଡା ଓ କୁକୁଡା ଆନ୍ଧ୍ରରୁ ଆସିଥିବା ଜଣେ ବ୍ୟବସାୟୀ କହିଛନ୍ତି । କଳାହାଣ୍ଡିକୁ ସପ୍ତାହରେ ପ୍ରାୟ ଅଧିକାଂଶ ଦିନ ଅଣ୍ଡା ଓ ବଏଲର କୁକୁଡା ଗାଡି ଆସୁଥିବା ବେଳେ ଜିଲାର ବିଭିନ୍ନ ବ୍ଲକକୁ ମଧ ସେଠାରୁ କୁକୁଡା ଓ ଅଣ୍ଡା ଆସିଥାଏ। ଦିନକୁ ଦିନ ଆନ୍ଧ୍ର ଅଣ୍ଡା ଓ କୁକୁଡା ବିକ୍ରି ମଧ୍ୟ ଜିଲାରେ ବଢିଛି। ଏହି ଅଣ୍ଡା ଓ କୁକୁଡାର ଜିଲାରେ ଅବାଧରେ ବିକ୍ରି ଚାଲିଥିବା ଦେଖିବାକୁ ମିଳୁଛି । ଜିଲାରେ ଖାଉଟିମାନେ ଆନ୍ଧ୍ର ଅଣ୍ଡା ଓ କୁକୁଡା ମାଂସ ନିୟମିତ ଖାଦ୍ୟରେ ଗ୍ରହଣ କରି ଆସୁଛନ୍ତି । ମାତ୍ର ଏହାର ମାନ ପରୀକ୍ଷା କରାଯାଉ ନାହିଁ। ଜିଲାର ସ୍କୁଲଗୁଡିକୁ ଆନ୍ଧ୍ର ଅଣ୍ଡା ମଧ୍ୟାହ୍ନ ଭୋଜନରେ ପ୍ରଦାନ କରାଯାଉଛି । ତେଣୁ ଆନ୍ଧ୍ର ଅଣ୍ଡା ଓ କୁକୁଡା ମାଂସର ମାନ ପରୀକ୍ଷା କରିବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଓ ପୌରଷ ସଂସ୍ଥା ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ଅନ୍ୟପକ୍ଷେ ଆନ୍ଧ୍ର ଫାର୍ମ କୁକୁଡା ତୁଳନାରେ କଳାହାଣ୍ଡି ଜିଲାର ଫାର୍ମଗୁଡିକର କୁକୁଡା ମାନ ଭଲ, ହେଲେ ଉତ୍ପାଦନ ବହୁତ କମ୍ ।

## ଜୟପାଟଣାରେ ପ୍ରାଥମିକ ଶିକ୍ଷକ ସଂଘର ସମ୍ମିଳନୀ




ପ୍ରାଥମିକ ଶିକ୍ଷକ ସଂଘର ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଜୟପାଟଣା,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ପ୍ରାଥମିକ ଶିକ୍ଷକ ସଂଘ ଆନୁକୁଲ୍ୟରେ ସ୍ଥାନୀୟ ଉମାଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ରବିବାର ଶିକ୍ଷକ ସମ୍ମିଳନୀ ଓ ଶିକ୍ଷକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପାଟଣା ବ୍ଲକର ୫ ଶହରୁ ଅଧିକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ଶିକ୍ଷାୟତନ ଓ ସମାଜ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ପ୍ରମୋଦ କୁମାର ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜୟପାଟଣା ବ୍ଲକ ଶିକ୍ଷାଧିକାରୀ ସୋମନାଥ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସତ୍ୟବାନ ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ମୋହନ ସୁନ୍ଦର ପଣ୍ଡା, ଗୋବର୍ଦ୍ଧନ ବାଗ, ବନମାଳି ମାଝି ପ୍ରମୁଖ ସମୀକ୍ଷକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ଅଧିବେଶନରେ ଲଳିତ କୁମାର ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ଓ ମୁଖ୍ୟବକ୍ତା ଭାବେ ଭାବେ ଶେଷଦେବ ବେହେରା ଯୋଗଦେଇଥିଲେ। ପରେ ବ୍ଲକରୁ ଅବସର ନେଇଥିବା ୧୫ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଦିବାକର ପଟ୍ଟନାୟକ, ସିର୍ଦ୍ଧାଥ ମିଶ୍ର ଓ ଅନନ୍ତ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।


OFFICE OF THE EXECUTIVE ENGINEER
RWS&S DIVISION, BALASORE
Tel.: 06782 - 262249, Fax: 262931,
Email: eerwss_bls@nic.in, eerwssbls@gmail.com
No.1175-O

NATIONAL COMPETITIVE BIDDING THROUGH e-Tendering

Identification No.28 Dt.12.12.2018

1. Nos. of work : 12 Nos. of RPWS in Balasore district
2. Estimated cost : Rs.47.92 lakh & Rs.99.88 lakh
3. Period of completion : 180 days to 270 days
4. Availability of bid document in portal : Dt.20.12.2018 at 10.00 hours to 29.12.2018 upto 17.00 hours through online
5. Seeking of clarification : Dt.20.12.2018 at 10.00 hours to Dt.28.12.2018 upto 15.00 hours
6. Date of opening of bid : Dt.31.12.2018 at 11.00 hours in the O/O EE, RWSS Division, Balasore
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid cost & Bid security will be receipt through electronic payment by NEFT / RTGS.
Further details can be seen from the e-Procurement portal: **http://tendersodisha.gov.in**.

25013/11/0028/1819
Sd./- Executive Engineer
RWS&S Division, Balasore



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT
DISTRICT SURVEILLANCE UNIT, KORAPUT
NATIONAL HEALTH MISSION
Ph. No.: 06852 - 252061, Email Id: dsukoraput@gmail.com

CORRIGENDUM

Letter No. 595/NCD Dtd.14.12.18
No.668-E: In partial modification to the tender enquiry no.586/NCD/KPT dtd.06.12.18 for BMW management, the average annual turnover for last three financial year is revised as Rs.1.00 crore per annum instead of Rs.3.00 crores.
The other terms & conditions remain unchanged.
10077/11/0025/1819 Sd./- CDM & PHO, Koraput



OFFICE OF THE
REGULATED MARKET COMMITTEE, SARGIPALI, SUNDARGARH

INVITATION OF BIDS THROUGH E-PROCUREMENT
TENDER CALL NOTICE NO. 1621 OF 2018-19, DATED 15.12.2018
BID IDENTIFICATION NO. 01

The office of the R.M.C., Sargipali, Sundargarh invites percentage rate bids on online mode from eligible contractors for execution of the different works under RMC Sargipali. The details of which are available at e-Procurement portal www.tenderorissa.gov.in. The interested tenderers are advised to visit the above website for submission of e-tender.
Tender will be closed at 17.00 hours on 27.12.2018.
*Sd./- Collector, Sundargarh-cum-Chairman*
*R.M.C., Sargipali, Sundargarh*



ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, JALESWAR
No.CAD-1141:- e - Procurement Notice
Bid Identification No: 03/18-19 /DT.07/12/2018

1. The Executive Engineer, Lift Irrigation Division, Jaleswar on behalf ODISHA LIFT IRRIGATION CORPORATION LIMITED, BHUBANESWAR Invites percentage Rate bids in online mode for Installation / Revival of defunct L.I Projects in Turn-key basis from reputed Contractors/Firms having valid D & C Class Civil contractor license from State PWD/PHED/ RWSS/ Irrigation/ Rural works or equivalent grade of CPW/ Railway along with valid HT license issued by E.L.B.O, Odisha with experience in similar nature of (i) work drilling and installation of Tube well by Mud rotary method, (ii) for the work Erection of 11 KV line, L.T. line with AB Cable & Commissioning of S/S for power supply to lift Irrigation projects with installation of motor, starter and its energisation Including supply of all materials (iii)Construction of Distribution system in L.I. Projects. The proof of registration and experience from the appropriate authority shall be enclosed along with the Bid. All the documents to be submitted should be self attested. In case one agency does not have both valid Civil & H.T. license then a joint venture of the tenderer with the civil or H.T. licensed contractor to supervise the work will be accepted provided both the contractors have valid PAN, GST, experience in similar nature of work etc. A Civil Contractor entering into Joint venture with another Civil Contractor & an Electrical Contractor entering with joint venture with another Electrical contractor will not be entertained. The joint affidavit should be registered before the appropriate registration authority of the Government of Odisha. The P.A. Holders of any SC/ST bidders should belongs to SC/ST category only otherwise their bids will be rejected (As per Instructions of Deptt. Authorities). Upon approval of the rates both; the Civil & Electrical Contractors entering into the Joint venture have to submit an affidavit under Joint Signature that they both will be liable for completing the work within the stipulated time failing which action as dim fit will be initiated upon both of them. This affidavit will be a part of the f-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender. The list of such Contractors is presented in the DTCN.
2. Upon enforcement of GST, all rates should be quoted accordingly and the GST will be collected from the bills as per Govtt. Decision in force, GST shall be paid extra.
3. The authority reserves the right to increase or decrease the quantity of work accept or reject any or all the Tenders without assigning any reason thereof.

1. Name of the District-Balasore
2. Name of the Block- Bhogarai, Basta & Baliapal
3. No. of LI.Projects:- 05 Nos.
4. Cost of Tender varies from Rs. 871401/- to Rs.1250406/-
5. E.M.D.to be deposited (1% of Tender value) on line
6. Cost of Tender paper to be deposited Rs. 4000/- to Rs. 6000/- on line.
The GST @5% on Tender paper will be paid by the buyer directly against GSTIN-21AAACO5986GIZF & the copy of the deposit challan made by them should be enclosed alongwith the bid document.
7. Date & Time of publication: 22.12.2018 at 11.00 AM
8. Closing Date & Time:- 31.12.2018 at 4 PM
9. Opening Date & TIme-
(a) Technical Bid- 04.01.2019 at 11 AM
(b) Financial Bid- 07.01.2019 at 11 AM
10. Class of Contractor- "D & C" with Electrical H.T. License (as detailed in DTCN )
11. Completion period-90 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.
32140/11/0005/1819 Sd./- Er. Jagabandhu Behera, Executive Engineer, L.I. Division, Jaleswar



GOVERNMENT OF ODISHA No.1187-O
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI, PARLAKHEMUNDI
e-mail : rwd_gajapati@yahoo.co.in

NATIONAL COMPETITIVE BIDDING THROUGH e-Procurement
Identification No. Online Tender 02/GJP/2018-19

1. Name of the work : Road work
2. Total No. Work : 2 (Two) nos. of Road works
3. Estimated Cost : Rs. 44.20 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 20.12.2018 at 10.00 AM to 31.12.2018 upto 5.00 PM
7. Date and Time of opening of tender : 03.01.2019 at 11.30 AM
8. Place of opening : As per Annexure

Further details can be seen from the website **www.tenderorissa.gov.in**.
**EXECUTIVE ENGINEER**
25158/11/0008/1819 **R.W. DIVN., GAJAPATI**



OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BERHAMPUR-760004, GANJAM, ODISHA
No.8053/MCB-2018/Welfare/Dated, Berhampur the 15th December, 2018

TENDER CALL NOTICE

No.671-E: Sealed Tenders are invited from the Registered firms for **"Supply of Equipment/Instrument"** for Strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions, list of Equipment/Instrument, specifications can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website **mkcgmch.org**. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.
The undersigned reserves the right to cancel of the Tender in full or parts at any time without assigning any reason thereof.
**Sd./- Dean & Principal**
10013/11/0014/1819 **M.K.C.G. Medical College, Berhampur**



DISTRICT LABOUR OFFICER, MALKANGIRI
No. 3749 Date: 15.12.2018
TENDER CALL NOTICE - 2018-19

Sealed tenders are invited from the intending firms / authorised dealers / rate contract holders / agencies / reputed manufacturers to quote their rates for supply of following items with specification, terms and conditions, **(Available in the website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Upto 1.00 PM) Through Registered Post / Speed Post / Courier Service) only, which will be opened on 07.01.2019 at 10.00 AM by the tender committee.**

| Sl. No. | Name of article | Specification | Unit required |
|---|---|---|---|
| 1 | Working Tools Masson Kit Carpenter Kit Painter Kit | Details of Kit placed at Section-II | Approximately 10000 beneficiaries |
| 2 | Safety Equipment Kit | Details of Kit placed at Annexure-II | |

Bids submitted beyond the manner prescribed in the tender documents shall be rejected.
**The detail terms & conditions, bid documents can be available in the website www.malkangiri.nic.in.**
**Sd./- District Labour Officer, Malkangiri**



Government of Odisha
"e" Procurement Notice
No.1023-B
OFFICE OF THE EXECUTIVE ENGINEER
DHENKANAL (R&B) DIVISION, DHENKANAL
Bid Identification No. – 31 of 2018-2019

1. Name of the work: Building work – 01 No.
2. Estimate cost: Rs.21,24,399.00
3. Period of completion: 04 (Four Calendar Months)
4. Date & time of availability of the Bid documents in the portal: 10.00 AM of 20.12.2018 to 5.00 PM of 29.12.2018
5. Last date / Time of receipt of the bid in Portal: 29.12.2018 up to 5.00 PM.
6. Date of Opening: 03.01.2019 at 11.00 AM.
7. Name and Address of the Officer: Office of the Executive Engineer, Dhenkanal (R&B) Division, Dhenkanal

Further details can be seen from the e – procurement Portal **"https://tendersorissa.gov.in.**
**Executive Engineer**
34016/11/0030/1819 **Dhenkanal (R&B) Division**



DISTRICT LABOUR OFFICER, MALKANGIRI
**No. 3750 Date: 15.12.2018**
**TENDER CALL NOTICE- /2018-19**

Sealed tenders are invited from the intending firms/ Authorised dealers/ Rate contract holders/ Agencies/ reputed manufacturers of Malkangiri district to quote their rates for supply of Bi-Cycles with specification, terms and conditions, **(Available in the Website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Up to 1.00 PM) (Through Registered Post/ Speed Post/ Courier service) only, which will be opened on 07.01.2019 at 10.00 AM by the Tender Committee.**

| Sl. No. | Name of Article | Specification | Unit Required |
|---|---|---|---|
| 1 | Bi-Cycle | Details of Bi-Cycles placed at Section-2 | Approximately 10000 beneficiaries |

Bids submitted beyond the manner prescribed in the tender documents shall be rejected.
**The detail terms & conditions, Bid documents can be available in the website www.malkangiri.nic.in.**
**Sd./-**
**District Labour Officer**
**Malkangiri**



କୌଣସି ଲୋକ ଯଦି କହେ ଯେ, ଆଲୋକର ପ୍ରତୀକ ଏବଂ ତା'ର ଛାଇକୁ ସେ ଘୃଣାକରେ ତା'ହେଲେ ସେ ତଥାପି ଅନ୍ଧକାରରେ ଅଛି।

- ଲିଓ ଟଲଷ୍ଟୟ



## ସଂକ୍ଷେପରେ



### ପେଥାଇଜନିତ ବର୍ଷା, ରାସ୍ତାଘାଟ ଶୂନଶାନ୍

ରାଉରକେଲା ଅଫିସ,୧୭।୧୨

ଲଘୁଚାପ ପେଥାଇଜନିତ ବର୍ଷା ଯୋଗୁ ଷ୍ଟିଲ ସିଟିରେ ରବିବାର ରାତିରୁ ଝିପିଝିପି ବର୍ଷା ଲାଗି ରହିଛି। କୋହଲା ପାଗ ଯୋଗୁ ସବୁଠି ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ରାସ୍ତାଘାଟ ଶୂନଶାନ ହୋଇପଡ଼ିଥିବାବେଳେ ବ୍ୟବସାୟ ମାନ୍ଦା ପଡ଼ିଛି। କୋଶଳ ରାଜ୍ୟ ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ ମଞ୍ଚ ପକ୍ଷରୁ ସୋମବାର ୧୨ଘଣ୍ଟିଆ ବନ୍ଦ ଡାକରା କୋହଲା ପାଗ ଯୋଗୁ ଏକରକମ ସଫଳ ହୋଇଛି। ସକାଳୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିବା ବେଳେ ବସ୍ ଓ ଅଟୋ ଷ୍ଟାଣ୍ଡ ଯାତ୍ରୀଶୂନ୍ୟ ହୋଇଥିଲା। ସହରର ପ୍ରମୁଖ ବ୍ୟବସାୟ ସ୍ଥଳ ଡେଲି ମାର୍କେଟ, ଟ୍ରାଫିକ ମାର୍କେଟ, ଆମ୍ବାଗାନ ଓ ପାନପୋଷ ଆଦି ମାର୍କେଟରେ ବ୍ୟବସାୟୀଙ୍କ ଉପସ୍ଥାନ କମ୍ ଥିଲା। ରାସ୍ତାରେ କାଁ ଭାଁ ଲୋକେ ଯାତାୟାତ କରୁଥିବା ବେଳେ ସ୍କୁଲ କଲେଜରେ ଉପସ୍ଥାନ କମିଥିଲା। କୋହଲା ପାଗ ସାଙ୍ଗକୁ ଥଣ୍ଡା ପବନ ଯୋଗୁ ଲୋକେ ପଦାକୁ ବାହାରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଇଥିଲା। ଏହି ବର୍ଷା ଯୋଗୁ ସହର ତଳି ଅଞ୍ଚଳ ପରିବା ଚାଷୀ ପ୍ରଭାବିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ମାନବ ସେବା ପ୍ରତିଷ୍ଠାନର ମାସିକ ବୈଠକ

# ମନ୍ଦିର, ମସ୍‌ଜିଦ ନୁହେଁ ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅ

ରାଉରକେଲା ଅଫିସ,୧୭।୧୨

ଜଗଦାଠାରେ ଥିବା ମାନବ ସେବା ପ୍ରତିଷ୍ଠାନ ପରିସରରେ ବୈଜ୍ଞାନିକ ମନୋଭାବ ବିକାଶ ସମିତି ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଏହାର ମାସିକ ବୈଠକ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭାରତବର୍ଷରେ ରାମମନ୍ଦିର ନିର୍ମାଣ ଯୁକ୍ତିଯୁକ୍ତ କି ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶଶିକାନ୍ତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ସାମାଜିକ କର୍ମୀ ଅର୍ଜୁନଚରଣ ସାମନ୍ତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ବେଦରେ ମୂର୍ତ୍ତି ପୂଜାର କୌଣସି ନିର୍ଦ୍ଦେଶ ନାହିଁ। କେବଳ ୩୩ କୋଟି ଦେବତାଙ୍କ ବିଷୟରେ ଉଲ୍ଲେଖ ରହିଛି। ଯିଏ ଦିଏ ସେ ଦେବତା। ସୂର୍ଯ୍ୟ ଆଲୋକ ଦିଅନ୍ତି ଓ ଗଛ ଆମକୁ ଫୁଲଫଳ ସହ ଅନେକ କିଛି ପ୍ରଦାନ କରେ। ଏଣୁ ଏମାନେ ଦେବତା। ରାମମନ୍ଦିର ନିର୍ମାଣ ପରିବର୍ତ୍ତେ ଯଦି ତାଙ୍କ ନାମରେ ସ୍କୁଲ, କଲେଜ ବିଶ୍ୱବିଦ୍ୟାଳୟ କିମ୍ବା ଡାକ୍ତରଖାନା ପ୍ରତିଷ୍ଠା କରାଯାଆନ୍ତା ତେବେ ଏହା ସ୍ୱାଗତଯୋଗ୍ୟ ବୋଲି ସାମନ୍ତରାୟ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡ. ନଗେନ ଦାସ ଗଳ୍ପ ମାଧ୍ୟମରେ ବହୁ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ଆଜିକାଲି ମନ୍ଦିର ନିର୍ମାଣରେ ଅସାଧୁଙ୍କ ବଦାନ୍ୟତା ରହିବା କାହାକୁ ଅଛପା ନାହିଁ। ସାମ୍ପ୍ରଦାୟିକତାବାଦ ଯୋଗୁ ଆଜି ଦେଶରେ ଆଶାନୁରୂପ ବିକାଶ ଘଟୁନି। ରାମାୟଣ ମହାଭାରତରେ ବି ହିଂସା ଦ୍ୱେଷ, ସମ୍ପତ୍ତି ଲୋଭ, ଜାତିଆଣା ଭାବ ଦେଖିବାକୁ ମିଳେ। ରାମ କିମ୍ବା କୃଷ୍ଣ ଥିବା ନେଇ କୌଣସି ଐତିହାସିକ ପ୍ରମାଣ ନାହିଁ। ଈଶ୍ୱର ଭାବନା ହେଉଛି ଅଫିମ ଖାଇବା ପରି ପ୍ରସଙ୍ଗ। ଏଣୁ ମନ୍ଦିର ପରିବର୍ତ୍ତେ ଯାହା ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସେ ନେଇ ଯୋଜନା କରାଯିବା ଆବଶ୍ୟକ। ସାମାଜିକ କର୍ମୀ ଗଗନବିହାରୀ ଧଳ କହିଥିଲେ, ରାମମନ୍ଦିରକୁ ନେଇ ପୂର୍ବରୁ ବହୁ ଗଣ୍ଡଗୋଳ ହୋଇଛି। ପ୍ରକୃତିକୁ ବୁଝି ନ ପାରି ପୂର୍ବ କାଳରେ ଦେବଦେବୀଙ୍କ କଳ୍ପନା କରାଯାଇଥିଲା। ପୁନଃ ରାଜାରାଜୁଡ଼ା ବା ସାମନ୍ତବାଦୀ ଶାସନ ଆସିବା ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଗରିବଙ୍କୁ ଲଗାଇ ଏସବୁ କାମ ମାଗଣାରେ କରାଗଲା। ଦେଶରେ ବହୁ ମନ୍ଦିର ନିର୍ମାଣ କରାଯାଇଛି। ଏବେ ଏହାର ଆବଶ୍ୟକତା ନାହିଁ। ବଦଳରେ ଏହି ଅର୍ଥ ବିକାଶ ଦିଗରେ ବିନିଯୋଗ କରାଗଲେ ଭଲ ହୁଅନ୍ତା ବୋଲି ଦାସ ମତ ପ୍ରକାଶ କରିଥିଲେ। ଶଶିକାନ୍ତ ଆଚାର୍ଯ୍ୟ ଓ ଆର୍ତ୍ତତ୍ରାଣ ମହାପାତ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ହେମନ୍ତା ତାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବୈଶାଳୀ ତାଣ୍ଡିଆ, ବିଜ୍ଞାନ ଏକ୍କା, ବିନୟ ବଙ୍କର, ବୁଲବୁଲ ଓରାମ, ମନୋଜ ନାୟକ ଓ ରାଜେଶ ତିଗା ପ୍ରମୁଖ ଉପସ୍ଥିତ ଥିଲେ।



ମାନବ ସେବା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

### କଲେଜ ପ୍ରବେଶପଥ କର୍ଦ୍ଦମାକ୍ତ



ବର୍ଷା ଯୋଗୁ ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ପ୍ରବେଶପଥ କାଦୁଅପୂର୍ଣ୍ଣ ହୋଇଛି।

ରାଉରକେଲା ଅଫିସ,୧୭।୧୨

ରବିବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁ ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ପ୍ରବେଶପଥ କର୍ଦ୍ଦମାକ୍ତ ହୋଇଛି। ଫଳରେ କଲେଜକୁ ଆସୁଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜ ସମ୍ମୁଖ ପ୍ରବେଶପଥ ମରାମତି ପାଇଁ ଦୀର୍ଘଦିନ ହେଲା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏ ଦିଗରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏବେ ବର୍ଷା ଯୋଗୁ ଛାତ୍ରୀଛାତ୍ର କାଦୁଅ ପଚପଚ ରାସ୍ତାରେ ପଶି ଯାତାୟାତ କରିବାକୁ ବାଧ୍ୟ ହେଉଥିବା କୁହାଯାଇଛି। ଏନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବେଦବ୍ୟାସ ଗୋଶାଳା ସମିତିର ସାଧାରଣ ପରିଷଦ ବୈଠକ

# ୨୦୧୮-୨୦ ବର୍ଷ ପାଇଁ କର୍ମକର୍ତ୍ତା ଚୟନ

ରାଉରକେଲା ଅଫିସ,୧୭।୧୨

ବେଦବ୍ୟାସ ଗୋଶାଳା ସମିତିର ସାଧାରଣ ପରିଷଦ ବୈଠକ ରବିବାର ବେଦବ୍ୟାସ ଗୋଶାଳା ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବକ୍ତବ୍ୟ ରଖି ସଭାପତି ଗଣେଶ ପ୍ରସାଦ ବାଗାଡିଆ କହିଲେ, ଗୋମାତାଙ୍କ ଆଶୀର୍ବାଦରୁ ଦୀର୍ଘ ୩୦ବର୍ଷ ହେବ ଏହି ଗୋଶାଳା ପରିଚାଳିତ ହୋଇଆସୁଛି। ଗୋସେବକଙ୍କ ମାଧ୍ୟମରେ ସହରର ୨୦କିମି ଅଞ୍ଚଳବ୍ୟାପୀ ସଙ୍କଟରେ ଥିବା ଗୋମାତାଙ୍କୁ ଉଦ୍ଧାର କରାଯାଇ ଏଠାରେ ପାଳନ କରାଯାଉଛି। ତେବେ ପର୍ଯ୍ୟାପ୍ତ ଜମି ଓ ଆବଶ୍ୟକ କର୍ମଚାରୀ ଅଭାବରୁ ଏହାକୁ ସମ୍ପ୍ରସାରିତ କରାଯାଇ ପାରୁନାହିଁ ବୋଲି ବାଗାଡିଆ କହିଥିଲେ। ଏହି ଅବସରରେ ଗୋଶାଳା ସମତିର ୨୦୧୮-୨୦ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଗଣେଶ ବାଗାଡିଆ, ଉପସଭାପତ ସୁବ୍ରତ ପଟ୍ଟନାୟକ, ବଦ୍ରିନାରାୟଣ ମାହେଶ୍ୱରୀ, ସାଧାରଣ ସମ୍ପାଦକ, କୈଳାସ ମାରୋଠିଆ, ଯୁଗ୍ମ ସମ୍ପାଦକ ଭଗୱାନଜୀ ଗର୍ଗ, ଶଙ୍କର ଜେନା ଓ କୋଷାଧ୍ୟକ୍ଷ ରୂପେ ସଞ୍ଜନା ଜେନାଙ୍କୁ ଚୟନ କରାଯାଇଥିଲା। ୨୧ଜଣଙ୍କୁ କାର୍ଯ୍ୟକାରୀ କମିଟି ଓ ୫ଜଣଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ଚୟନ କରାଯାଇଛି।

# ରେଲୱେ ପେନ୍‌ସନଧାରୀ ସଂଘ ପକ୍ଷରୁ ପେନ୍‌ସନ ଦିବସ




ପେନ୍‌ସନଧାରୀ ସଂଘ ପକ୍ଷରୁ ଆୟୋଜିତ ପେନ୍‌ସନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ବରିଷ୍ଠ ନାଗରିକ।

ରାଉରକେଲା ଅଫିସ,୧୭।୧୨

ବନ୍ଧମୁଣ୍ଡା ଡିଜେଲ କଲୋନୀଠାରେ ଦକ୍ଷିଣ ପୂର୍ବ ରେଲୱେ ପେନସନଧାରୀ ସଂଘ ପକ୍ଷରୁ ସି. ଭେନୁଗୋପାଳଙ୍କ ଅଧ୍ୟକ୍ଷତାରେ ପେନସନ ଦିବସ ପାଳନ କରାଯାଇଛି। ଏଥିରେ ରାଉରକେଲା ଓକିଲ ସଂଘର ପୂର୍ବତନ ସଭାପତି ରମେଶ ବଳ ଯୋଗଦେଇ କହିଥିଲେ, ଦୀର୍ଘଦିନ ଧରି ଭାରତୀୟ ରେଳ ସେବାରେ ସମୟ ଅତିବାହିତ କରିଥିବା ବରିଷ୍ଠ ନାଗରିକଙ୍କ ଅବଶିଷ୍ଟ ଜୀବନ କିପରି ସୁରୁଖୁରୁରେ କଟିବ ସେ ନେଇ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ଏମାନଙ୍କ ବଳକା ସମୟ ଅତିବାହିତ ନେଇ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଗଲେ ଏହା ସମସ୍ତଙ୍କ ପାଇଁ ମଙ୍ଗଳକର ହେବ ବୋଲି ବଳ କହିଥିଲେ। ପେନସନ ଦିବସ ପାଳନ ପଛରେ ଅନେକ ମହତ୍ତ୍ୱାକାଂକ୍ଷା ରହିଛି। ଏହାକୁ ଆଜିର ଯୁବ ଗୋଷ୍ଠୀ ଅନୁଭବ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ଜି. ରାମନାରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘରେ ସାମିଲ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡ୍‌ଭୋକେଟ ମାନସ ମହାପାତ୍ର, ବାବୁ ପାତ୍ର, ଟି.ଏନ୍. ରାଜୁ, ପି.ଆର୍. ରାଓ, ୱାଇ.ଜି. ରାଜୁ, ଜେ.ଏନ୍. ପ୍ରସାଦ, ଏମ୍.କେ. ରାଓ, ଏମ୍. କୁଜୁର, ଜି. କାନାଜିରାଓ, ଏ. କାଳିଦାସ, ଜି.ଜି. କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଳ ପ୍ରଦେଶ ଦାବିରେ ୧୨ ଘଣ୍ଟିଆ ବନ୍ଦ

ରାଉରକେଲା ଅଫିସ,୧୭।୧୨

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଦାବିରେ ସୋମବାର ପଶ୍ଚିମ ଓଡ଼ିଶା ମହାବନ୍ଦ ପାଳନ କରାଯାଇଛି। କୋହଲା ପାଗ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେବା ସାଙ୍ଗକୁ ଦିନଭରି ଅଧିକାଂଶ ଦୋକାନ ବଜାରରେ ମାନ୍ଦା ଅବସ୍ଥା ଲାଗି ରହିଥିଲା। ତେବେ ମିଳିତ ସମନ୍ୱୟ ସମିତି ପକ୍ଷରୁ ଏହି ମହାବନ୍ଦ ପାଳନ ସଫଳ ହୋଇଥିବା ଦାବି କରାଯାଇଛି। ଏନେଇ କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ କହିଛନ୍ତି ଯେ ଲୋକେ ଦାବି ପ୍ରତି ସମର୍ଥନ ଜ୍ଞାପନ କରିଛନ୍ତି। ରାଉରକେଲାରେ କେକେଡି ସମେତ ଅନେକ ସମର୍ଥକ ଗୋଷ୍ଠୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିବା ଦାବି କରାଯାଇଛି। ଲାଠିକଟା ଓ ବେଦବ୍ୟାସ ଭଳି କେତେକ ସ୍ଥାନରେ ବନ୍ଦ ପାଳନକାରୀ ଜାତୀୟ ରାଜପଥରେ ଟାୟାର ଜାଳି ଗାଡ଼ି ମଟର ଅଟକାଇଥିଲେ। ତେବେ ଲଘୁଚାପଜନିତ ବର୍ଷା ଯୋଗୁ ପୂର୍ବ ପ୍ରସ୍ତାବିତ ସ୍ଥାନରେ ପିକେଟିଂ କରିପାରି ନ ଥିଲେ। ସକାଳ ୭ଟାରୁ ବେଦବ୍ୟାସଠାରେ କେତେଜଣ କୋଶଳ ସମର୍ଥକ ଜାତୀୟ ରାଜପଥ ଅବରୋଧ କରିବାକୁ ଉଦ୍ୟମ କରିଥିଲେ ହେଁ ଏହା ସାଧାରଣରେ ପ୍ରଭାବ ପକାଇ ପାରି ନ ଥିଲା। ଲାଠିକଟାରେ ହାଇଦର ଅଲ୍ଲୀ ଓ ଶଙ୍କର ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିବାବେଳେ କୁଆଁରମୁଣ୍ଡାରେ ସାଗର ସାହୁ ଓ ଫିରୋଜ ରାଉତିଆ, ବେଲଡିହିଠାରେ ସଞ୍ଜୟ ଟପୋ ଓ କାର୍ତ୍ତିକ ମଲ୍ଲିକ ନେତୃତ୍ୱ ନେଇଥିଲେ। ବନ୍ଦ ପାଳନକାରୀ କେତେକ ସ୍କୁଲ, କଲେଜରେ ପହଞ୍ଚି ଏହାକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ରାଉରକେଲା ମୁଖ୍ୟ ମାର୍ଗରେ ଯୁବନେତା ତ୍ରିନାଥ ସୁନାଙ୍କ ନେତୃତ୍ୱରେ ପିକେଟିଂ କରାଯାଇଥିଲା। କାର୍ଯ୍ୟକ୍ରମରେ ହୃଦାନନ୍ଦ ବେହେରା, ଫିଲମନ ଟପୋ, ମନୋଜ ରାଉତିଆ, ପ୍ରତାପ ବିଶ୍ୱକର୍ମା ଓ ଶଙ୍କର ରାଓ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।



କୋଶଳ ପ୍ରଦେଶ ଦାବିରେ ଆନ୍ଦୋଳନକାରୀ ପାନପୋଷ ଛକଠାରେ ବନ୍ଦ ପାଳନ କରି ରାସ୍ତାରୋକୋ କରିଛନ୍ତି।

# ଡାମିଟ୍‌ସରେ ଜାତୀୟ ସେମିନାର

ରାଉରକେଲା ଅଫିସ,୧୭।୧୨

ଜଗଦାସ୍ଥିତ ଡ. ଆମ୍ବେଡକର ମେମୋରିଆଲ ଇନଷ୍ଟିଚ୍ୟୁଟ ଅଫ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ସାଇନ୍ସ (ଡାମିଟ୍‌ସ)ରେ ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଚାଲେଞ୍ଜେସ ଆଣ୍ଡ ବେନିଫିଟ୍ସ ଅଫ୍ ଆକ୍ରେଡିଶନ ଶୀର୍ଷକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଆଦିତ୍ୟ ପାଢ଼ୀ ଓ ମୁଖ୍ୟବକ୍ତା ରୂପେ ରାଉରକେଲା ଏନ୍ଆଇଟି କୁଳସଚିବ ପ୍ରଫେସର ଇଂ ସନ୍ତୋଷ ଉପାଧ୍ୟାୟ ଯୋଗଦେଇଥିଲେ। ଡ. ଆମ୍ବେଡକର ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଯତୀନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଡାମିଟ୍‌ସ ଡିନ ପ୍ରଫେସର ଡ. ଭବାନୀଶଙ୍କର ଦାସ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦୁଇଦିନ ବ୍ୟାପୀ ଏହି ଆଲୋଚନାଚକ୍ରରେ ରାଉରକେଲା ସମେତ ଝାଡ଼ଖଣ୍ଡ ଓ ବିଭିନ୍ନ ମହାବିଦ୍ୟାଳୟର ୩୪ ଅଧ୍ୟାପିକା ଅଧ୍ୟାପକ ଭାଗନେଇଥିଲେ। ଆମ୍ବେଡ଼କର ଯୁକ୍ତ ୨ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ରଶେଖର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ପ୍ରଫେସର ସ୍ୱାହା ରାୟ ମଞ୍ଚ ପରିଚାଳନା କରିଥିଲେ। ପ୍ରଫେସର ସ୍ମୃତିଝରା ମହାନ୍ତି, ପ୍ରଫୁଲ୍ଲ ପାଢ଼ୀ, ପ୍ରଦୀପ ନାୟକ, ଅର୍ଚ୍ଚନା ତ୍ରିପାଠୀ ଓ ସୂଚୀସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ। ୪ଟି ସୋପାନରେ ଅନୁଷ୍ଠିତ ଟେକ୍ନିକାଲ ସେସନରେ ଏନ୍ଆଇଟି ପ୍ରଫେସର ଡ. ଡି.ଡି. ସୁବୁଦ୍ଧି, ପ୍ରଫେସର ଡ. ଦିଲୀପ ମଙ୍ଗରାଜ, ଡ. ବି. ଚାଣ୍ଡେଲ, ଡ. ଅଜୟ ପାତ୍ର, ପ୍ରଫେସର କମଳନୟନ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ସମାରୋହରେ ଏନ୍ଆଇଟିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୋମନାଥ ମିଶ୍ର ମୁଖ୍ୟଅତିଥି, ମାନସ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗେଦେଇଥିବା ବେଳେ ଅନୁଷ୍ଠାନ ପ୍ରତିଷ୍ଠାତା ପ୍ରଫେସର ନାୟକ ଅଧ୍ୟକ୍ଷତା କରିଥିଲେ।

# କଂଗ୍ରେସ ପକ୍ଷରୁ 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ



ସେକ୍ଟର-୨୦ ଆଜାଦ ବସ୍ତିଠାରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

ରାଉରକେଲା ଅଫିସ,୧୭।୧୨

ଜିଲା କଂଗ୍ରେସ କମିଟି ପକ୍ଷରୁ 'ମୋ ବୁଥ ମୋ ଗୌରବ' କାର୍ଯ୍ୟକ୍ରମ ସୋମବାର ସେକ୍ଟର-୨୦ ଆଜାଦ ବସ୍ତିଠାରେ ବ୍ଲକ ସଭାପତି ଦୁଃଶା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଉରକେଲା ଜିଲା କଂଗ୍ରେସ ସଭାପତି ରବି ରାୟ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ବୁଥ୍ ସ୍ତରରେ ଦଳ ମଜବୁତ ହେଲେ ଏହାର ପ୍ରଭାବ ବ୍ଲକ ସ୍ତରରେ ପଡ଼ିବ। ମିଳିମିଶି ଦଳ ପାଇଁ କାମ କରିବାକୁ ରାୟ ପରାମର୍ଶ ଦେବା ସହ ବସ୍ତିବାସିନ୍ଦାଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଉପସଭାପତି ବାସୁ ବାନାର୍ଜୀ ଓ ଘନଶ୍ୟାମ ସୁନା ପ୍ରମୁଖ ଦଳର ନୀତି ଆଦର୍ଶ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କିରଥିଲେ। ବସ୍ତିବାସିନ୍ଦା ରୀତା ତିର୍କୀ, ଶୁକ୍ରମଣି ଦୀପ, ବିଜୟ ରାଜନ, ଗାୟତ୍ରୀ ଲୋହାର, ସଞ୍ଜୟ ବଡ଼ାଇକ ପ୍ରମୁଖ ବସ୍ତି ସମସ୍ୟା ସମ୍ପର୍କରେ ଦଳୀୟ ନେତୃମଣ୍ଡଳୀ ତଥା ସଭାପତି ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାରୀନେତ୍ରୀ ଗୀତା ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇଡିଏମ୍‌ଏସ୍‌ର ୪୧ତମ ବାର୍ଷିକ ଅଧିବେଶନ

# ଶ୍ରମିକ କଲ୍ୟାଣ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ

ରାଉରକେଲା ଅଫିସ,୧୭।୧୨

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଇଣ୍ଡିଆନ ଡେଟୋନେଟର୍ସ ମଜଦୁର ସଭା (ଆଇଡିଏମ୍‌ଏସ୍)ର ୪୧ତମ ବାର୍ଷିକ ଅଧିବେଶନ ସୋନାବପର୍ବତଠାରେ ଥିବା ୟୁନିୟନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ରାଉରକେଲା ମଜଦୁର ସଭା କାର୍ଯ୍ୟକାରୀ ସଭାପତି ତଥା ଆଇଡିଏମ୍‌ଏସ୍ ପୃଷ୍ଠପୋଷକ ଆନନ୍ଦ ମହାନ୍ତି ୟୁନିୟନ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନେତା ଅରୁଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ରୂପେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସମ୍ମାନିତ ଅତିଥି ରୂପେ ରାଉରକେଲା ଠିକା ଶ୍ରମିକ ମଜଦୁର ସଭା ସାଧାରଣ ସମ୍ପାଦକ ଆଦିକନ୍ଦ ଭୋଳ, ରାଉରକେଲା ମଜଦୁର ସଭା ସାଧାରଣ ସମ୍ପାଦକ ଶଶଧର ନାୟକ ଯୋଗଦେଇଥିଲେ। ମଜଦୁର ସଭା ଉପସଭାପତି ସିଦ୍ଧେଶ୍ୱର ବଳ, ଉପସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା, ସମ୍ପାଦକ ନିର୍ମଳ ପ୍ରଧାନ, ସୁନ୍ଦରଗଡ଼ ଠିକା ଶ୍ରମିକ ସଭା ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ସ୍ଥାନୀୟ ନେତା ନରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକ ନେତା ଅରୁଣ ପରିଡ଼ା ଆଇଡିଏଲ୍ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋକପାତ କରି ଏହାର ସମାଧାନ ଆଶା କରିଥିଲେ। ମୁଖ୍ୟଅତିଥି ବିଧାୟକ ତରାଇ ନିଜ ବକ୍ତବ୍ୟରେ ଶ୍ରମିକଙ୍କ ନ୍ୟାୟ ସଙ୍ଗତ ଦାବିକୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ମାନିନେବା ଉଚିତ ବୋଲି କହିଥିଲେ। ଏଥିରେ ଅବହେଳା କଲେ ରାଜ୍ୟ ସରକାର ହସ୍ତକ୍ଷେପ କିରବାକୁ ବାଧ ହେବେ ବୋଲି ସେ କହିଥିଲେ। ଆର୍‌ଏମ୍‌ଏସ୍ କାର୍ଯ୍ୟକାରୀ ସଭାପତି ଆନନ୍ଦ ମହାନ୍ତି କହିଥିଲେ, ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି ସହ ଅନ୍ୟ ଦାବି ପୂରଣ କରାଯିବା ଉଚିତ। ଶ୍ରମିକଙ୍କ ଉପରେ କର୍ତ୍ତୃପକ୍ଷଙ୍କ ଦମନମୂଳକ ନୀତିକୁ ୟୁନିୟନ ବରଦାସ୍ତ କରିବ ନାହିଁ। ଆବଶ୍ୟକ ସ୍ଥଳେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ରାଉରକେଲା ମଜଦୁର ସଭା ସାଧାରଣ ସମ୍ପାଦକ ନାୟକ ନିଜ ବକ୍ତବ୍ୟରେ କହିଥିଲେ, ଦୀର୍ଘ ୪ ଦଶନ୍ଧି ହେବ ଆଇଡିଏମ୍‌ଏସ୍ ଶ୍ରମିକଙ୍କ ହକ୍ ପାଇଁ ନିରନ୍ତର ସଂଗ୍ରାମ କରି ଆସିଛି। ଏହାଦ୍ୱାରା କିଛି ଦାବି ହାସଲ ହୋଇପାରିଛି। ଆଗାମୀ ଦିନରେ ସଂଗ୍ରାମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ସାମାଜିକ ସୁରକ୍ଷା, ଗୃହ ଯୋଗାଣ ସହ ମାଗଣା ବିଜୁଳି ଆଦି ପ୍ରଦାନ ନେଇ ଏଥିର ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ୪ଟି ପ୍ରସ୍ତାବ ଗୃହୀତ କରାଯାଇ ଏହା ଉପରେ ଆଗାମୀ ଦିନରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଆଗାମୀ ବର୍ଷ ପାଇଁ ୟୁନିୟନର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ ବିଧାୟକ ତରାଇ। ଶେଷରେ ଶ୍ରମିକଙ୍କ ସାମୂହିକ କଲ୍ୟାଣ ନେଇ କାର୍ଯ୍ୟପନ୍ଥା ଘୋଷଣା କରାଯାଇଥିଲା।



ଆଇଡିଏମ୍‌ଏସ୍ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ବିଧାୟକ ସୁବ୍ରତ ତରାଇ ଓ ଅନ୍ୟମାନେ।

### ଦେଓଗାଁ-ହେକେଟ ରାସ୍ତାରେ ପାଣି



ଦେଓଗାଁ-ହେକେଟ ରାସ୍ତାରେ ପାଣି ଜମି ରହିଛି।

ରାଉରକେଲା ଅଫିସ,୧୭।୧୨

ଲଘୁଚାପଜନିତ ବର୍ଷା ଯୋଗୁ ଦେଓଗାଁ-ହେକେଟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଦକ୍ଷିଣ ରାଉରକେଲାବାସୀଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାର ଅନେକ ସ୍ଥାନରେ ବର୍ଷାଜଳ ଜମି ରହିବା ସହ ଖାଲଖମା ସୃଷ୍ଟି ହୋଇଥିବାରୁ ବାଇକ ଚାଳକଙ୍କୁ ନାକେଦମ ହେବାକୁ ପଡୁଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ସଂକ୍ଷେପରେ

### ଟ୍ରକ-ଅଟୋ ଧକ୍କା: ୫ ଯାତ୍ରୀ ଆହତ

ବେଦବ୍ୟାସ,୧୭।୧୨(ଡି.ଏନ.ଏ.)- ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କଲୁଙ୍ଗା କରତକଳ ଛକ ନିକଟରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଏକ ଯାତ୍ରୀବାହୀ ଅଟୋ (ନଂ. ଓଡି ୧୪ ଟି- ୩୪୭୨) ଏବଂ ଏକ ଟ୍ରକ(ନଂ. ଓଡି ୧୪ଇ- ୪୦୦୧) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋରେ ବସିଥିବା ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଅଟୋ ଭାଙ୍ଗି ଚୂରମାର୍ ହୋଇଯାଇଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବ୍ରାହ୍ମଣୀ ତରଙ୍ଗ ଥାନା ପୋଲିସ ପହଞ୍ଚି ଟ୍ରକ ଓ ଅଟୋକୁ ଜବତ କରି ଥାନାରେ ରଖିଛି।

### ବଡଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପରଲୋକ

ବଡଗାଁ,୧୭।୧୨(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲୀପ ପାଣିଗ୍ରାହୀଙ୍କ ସୋମବାର ଅପରାହ୍ନ ୩ଟାରେ ପରଲୋକ ହୋଇଯାଇଛି। ସେ ପ୍ରାୟ ୨ମାସ ହେଲା ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପାଇ ପଞ୍ଚାୟତ କର୍ମଚାରୀଙ୍କ ସହ ଆଖପାଖ ଅଞ୍ଚଳର ଲୋକେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ସେହିପରି ବଡଗାଁ ଲ୍ୟାମ୍ପସ୍ର ପୂର୍ବତନ ନିର୍ଦ୍ଦେଶକ ସୁକାନ୍ତ ପାଣିଗ୍ରାହୀଙ୍କ ରବିବାର ସନ୍ଧ୍ୟା ୫ଟାରେ ପରଲୋକ ହୋଇଯାଇଛି। ଶନିବାର ପାଣିଗ୍ରାହୀ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମହାବନ୍ଦର ପ୍ରଭାବ: ରାଜଗାଙ୍ଗପୁର, କୁଟ୍ରାରେ ଆଂଶିକ ସମର୍ଥନ

ରାଜଗାଙ୍ଗପୁର/ କୁଟ୍ରା,୧୭।୧୨ (ଡି.ଏନ.ଏ)- କୋଶଳ ସମନ୍ୱୟ ସମିତି ପକ୍ଷରୁ ସୋମବାର ମହାବନ୍ଦର ପ୍ରଭାବ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓ କୁଟ୍ରା ବ୍ଲକ ଅଞ୍ଚଳରେ ପଡିଥିଲା। ମହାବନ୍ଦକୁ ଅଞ୍ଚଳରେ ଆଂଶିକ ଜନ ସମର୍ଥନ ମିଳିଥିଲା। ବନ୍ଦରେ ବସ୍, ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରି କି କୁଟ୍ରା ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିବବେଳେ ସରକାରୀ କାର୍ଯ୍ୟାଳୟଗୁଡିକ ଖୋଲା ରହିଥିଲେ ମଧ ଜନ ଗହଳି ଦେଖିବାକୁ ମିଳି ନ ଥିଲା। ସେହିପରି ରାଜଗାଙ୍ଗପୁର ଅଞ୍ଚଳରେ ବସ୍, ଗାଡି ଚଳାଚଳ ବନ୍ଦ ରହିଥିଲା। କୋଶଳ କ୍ରାନ୍ତି ଦଳର ବହୁ ସଦସ୍ୟ ଉପସ୍ଥିତ ରହି ଆନ୍ଦୋଳନ କରିଥିଲେ। ଅନ୍ୟପକ୍ଷେ କୁଟ୍ରା, ରାଜଗାଙ୍ଗପୁର ଅଞ୍ଚଳରେ ବନ୍ଦ ଶାନ୍ତି ପୂର୍ଣ୍ଣ ରହିଥିବା ବେଳେ କୌଣସି ଅଘଟଣ ଘଟି ନ ଥିବା ଜଣାପଡିଛି।

### ଅଦିନିଆ ବର୍ଷା: ଚାଷୀ ମୁଣ୍ଡରେ ଚଡ଼କ

ରାଜଗାଙ୍ଗପୁର/ କୁଟ୍ରା,୧୭।୧୨ (ଡି.ଏନ.ଏ): ଚାଷୀଙ୍କୁ ସମସ୍ୟାରେ ପିଛା ଛାଡୁ ନାହିଁ ବର୍ଷା ଅଭାବରୁ ଚାଷୀ ମରୁଡିର ସମ୍ମୁଖୀନ ହେଉଥିବା ବେଳେ ହାତୀ ଉପଦ୍ରବ ଯୋଗୁ ସଫଲ ହାନି ଘଟି ଚାଷୀ ଚିନ୍ତାରେ ରହୁଛି। ଲଘୁଚାପ ପ୍ରଭାବରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଏବଂ କୁଟ୍ରା ଅଞ୍ଚଳରେ ରବିବାର ମଧ ରାତ୍ରିରୁ ବର୍ଷା ଆରମ୍ଭ ହୋଇ ସୋମବାର ସନ୍ଧ୍ୟା ସୁଦ୍ଧା ଲାଗି ରହିଛି। ଏହି ଅଦିନିଆ ବର୍ଷା ଯୋଗୁ ଅମଳକ୍ଷମ ଧାନ ନଷ୍ଟ ହେବାର ଆଶଙ୍କା ରହିଥିବାବେଳେ ଚାଷୀ ମୁଣ୍ଡରେ ଚଡ଼କ ପଡିଛି।

### ୧୯୬୭ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ସୁନ୍ଦରଗଡ଼,୧୭।୧୨(ଡି.ଏନ୍.ଏ.)- ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ୧୯୬୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅଜୟ ନାଏକଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ଚୌଧୁରୀ, ଶିବଶଙ୍କର ପୃଷ୍ଟେଠ, ବସନ୍ତ କୁମାର ପଟେଲଙ୍କୁ ପୁଷ୍ପମାଲ୍ୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିକ୍ଷକ ଓ ଛାତ୍ରୀଛାତ୍ର ନିଜ ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନଙ୍କୁ ନେଇ ବିଏସ୍ଏ-୬୭ ନାମରେ ଏକ ହ୍ୱାଟସ୍ ଆପ୍ ଗ୍ରୁପ ଖୋଲାଯାଇଥିଲା। ଚିତ୍ତରଞ୍ଜନ ବହିଦାର ସଭାପତି, ଅଶୋକ ମିଶ୍ର ସମ୍ପାଦକ, ଅଜୟ କୁମାର ନାଏକଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ଦୁର୍ଗାମାଧବ ପଟେଲଙ୍କୁ ପ୍ରଶାସନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ମହାବନ୍ଦ

# ସୁନ୍ଦରଗଡ଼ରେ ଜନଜୀବନ ପ୍ରଭାବିତ






ସୁନ୍ଦରଗଡ଼ ପତ୍ରାପାଲି ଛକରେ କୋଶଲ ସମାଜ ପକ୍ଷରୁ ରାଉରକେଲା-ସମ୍ବଲପୁର ବିଜୁ ହାଇୱେ ଏକ୍ସପ୍ରେସ୍ ଅବରୋଧ କରାଯାଇଛି (ବାମ)। ସୁନ୍ଦରଗଡ଼ଠାରେ ଦୋକାନ ବଜାର ବନ୍ଦ ରହିଛି।

**ସୁନ୍ଦରଗଡ଼,୧୭।୧୨(ଡି.ଏନ୍.ଏ.)**

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସୋମବାର ମହାବନ୍ଦର ପ୍ରଭାବ ସୁନ୍ଦରଗଡ଼ ଜିଲାରେ ଦେଖିବାକୁ ମିଳିଥିଲା। ମହାବନ୍ଦ ଡାକରାକୁ ଆଖି ଆଗରେ ରଖି ଜିଲା ସଦର ମହକୁମା ସୁନ୍ଦରଗଡ଼ ସମେତ ବିଭିନ୍ନ ସ୍ଥାନରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଥିଲା। ସୁନ୍ଦରଗଡ଼ରେ ଦୋକାନ, ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାବେଳେ କୋର୍ଟ କଚେରି ଖୋଲା ରହିଥିଲା। ହେଲେ ଅଦିନିଆଁ ବର୍ଷା ଓ କୋହଲାପାଗ ସାଙ୍ଗକୁ ଗାଡି ଚଳାଚଳ ବନ୍ଦ ଯୋଗୁ ରାସ୍ତାଘାଟ ଶୁନଶାନ୍ ରହିଥିଲା। କୋଶଳ ରାଜ୍ୟ ସମନ୍ୱୟ ସମିତିର କେଦାର ପଟେଲ, ଅଶୋକ ନାଏକ, ଦ୍ରୌଣ କୁମାର ପୃଷ୍ଟେଠଙ୍କ ନେତୃତ୍ୱରେ ସୁନ୍ଦରଗଡ଼-ଏସ୍‌ସିଏଲ ରାସ୍ତାର ବନ୍ଧପାଲି ବ୍ରିଜ ନିକଟରେ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସେହିପରି ସୁନ୍ଦରଗଡ଼ ସହରର ପତ୍ରାପାଲି ଛକଠାରେ କୋଶଳ ସମାଜ ମହାସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାଉରକେଲା-ସମ୍ବଲପୁର ବିଜୁ ହାଇୱେ ଏକ୍ସପ୍ରେସ୍ ଅବରୋଧ କରାଯାଇଥିଲା। ଏଥିରେ କୋଶଳ ମହିଳା ସମାଜ ସଚିବ ପଦ୍ମା ଦେବୀ, ସୁଚିତା ବାହାଲା, ଗତି ରଣା, ସୁଶାନ୍ତ ପଟେଲ, ରଞ୍ଜନ ପଟେଲ, ଭୁବନେଶ୍ୱରୀ ପୃଷ୍ଟେଠ, ଭ୍ରମରବର ପଟେଲ, ଦଶରଥ ସାହୁ, କୁମୁଦିନୀ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ବନ୍ଦ ସହ ବର୍ଷାର ପ୍ରଭାବ ଅଧିକ ଦେଖାଯାଇଥିଲା। ରାଜଗାଙ୍ଗପୁରରେ ବସ୍ ଚଳାଚଳ ବନ୍ଦ ରହିଥିବାବେଳେ ଦୋକାନ ବଜାର ଖୋଲା ରହିଥିଲା।

### ରିମୁଳି ହାଇସ୍କୁଲର ସ୍ୱର୍ଣ୍ଣଜୟନ୍ତୀ ପାଳିତ

ଟେନସା,୧୭।୧୨(ଡି.ଏନ.ଏ.)

ଚମ୍ପୁଆ ସବ୍‌ଡିଭିଜନ ରିମୁଳି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, କେନ୍ଦୁଝରର ଏମ୍‌ପି ଶକୁନ୍ତଳା ଲାଗୁରୀ, ଜିଲା ଯୋଜନା ବୋର୍ଡ ସଭାପତି ହୃଷୀକେଶ ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଜେବି ମହାବିଦ୍ୟାଳୟର ଅଧାପକ କ୍ଷୀରୋଦ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ସବରେ ସଭାପତିତ୍ୱ କରିଥିଲେ। ଯୁଗୋଳ କିଶୋରୀ ସେଠୀ, ସମ୍ପାଦକ ରଞ୍ଜନ ବେହେରା ବିବରଣୀ ପାଠ କରିଥିବବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ସ୍କୁଲର ସମସ୍ତ ପୂର୍ବତନ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏପରି କି ଉପସ୍ଥିତ ଅତିଥିମାନଙ୍କୁ ସ୍କୁଲ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରିମୁଳି ପରି ଏକ ଉପାନ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟରେ ନିୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦୀର୍ଘ ପଚାଶ ବର୍ଷ ଧରି ନିରନ୍ତନ ଭାବେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେଇଆସିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଏପରି କି ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା 'ନୀଳକଣ୍ଠେଶ୍ୱର' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ବସ୍ ଧକ୍କାରେ କଣ୍ଡକ୍ଟର ମୃତ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଲହୁଣୀପଡା,୧୭।୧୨(ଡି.ଏନ.ଏ.)** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ନିକଟବର୍ତ୍ତୀ ଝିରପାଣି ଗ୍ରାମଠାରେ ରବିବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଅନ୍ୟ ଏକ ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ରବିବାର ସନ୍ଧ୍ୟା ୬ଟାରୁ ସୋମବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା।

ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟା ୫ଟାରେ ସାପଲତା ଗ୍ରାମର ଦୀପକ ଖେସ(୨୨) ଝିରପାଣି ପୂର୍ତ୍ତବିଭାଗ ରାସ୍ତାରେ ଚାଲକି ଯାଉଥିବା ବେଳେ ଗୁରୁଣ୍ଡିଆରୁ ରାଉରକେଲା ଯାଉଥିବା ଏକ ଯାତ୍ରୀବାହୀ ବସ୍ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତକ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରେ ମୃତଦେହ ରଖି ରବିବାର ସନ୍ଧ୍ୟା ୬ଟା ସୋମବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ଖବର ପାଇ ବଣେଇ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ, ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ, ବଣେଇ ପୋଲିସ ଅଧିକାରୀ ଗଗନ ବିହାରୀ ବିଶ୍ୱାଳ, ଗୁରୁଣ୍ଡିଆ ପୋଲିସ ଓ ଚାନ୍ଦିପୋଷ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ବଣେଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରି, ବ୍ଲକ ଉପାଧକ୍ଷ ପାତ୍ରାସ ଏକ୍କା, କଂଗ୍ରେସ ବ୍ଲକ ସଭାପତି ଦଶରଥ ଓରାମଙ୍କ ସ୍ଥାନୀୟ ଜନସାଧାରଣ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ଦାବି କରିଥିଲେ। ପରେ କ୍ଷତିପୂରଣ ବାବଦରେ ୪୦ ହଜାର ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ପରେ ରାସ୍ତା ଅବରୋଧ ହଟିଥିଲା। ଚାନ୍ଦିପୋଷ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବସୁନ୍ଧରା କୋଇଲାଖଣି ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

**ସୁନ୍ଦରଗଡ଼,୧୭।୧୨(ଡି.ଏନ୍.ଏ)** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ମହାନଦୀ କୋଇଲା ଖଣି ଲିମିଟେଡ ବସୁନ୍ଧରା କୋଇଲାଖଣି କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ହେବାକୁ ଥିବା ୪ଟି ପଞ୍ଚାୟତର ଗ୍ରାମବାସୀ ସୋମବାର ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବ୍ଲକର ଏମ୍‌ସିଏଲ୍ ଦ୍ୱାରା ବିସ୍ଥାପିତ ତୁମୁଲିଆ, ଗୋପାଳପୁର, ସୁମୁରା ଓ ସାନଘୁମୁଡ଼ ଆଦି ପଞ୍ଚାୟତବାସୀ ତୁରନ୍ତ କ୍ଷତିପୂରଣ, ନିଯୁକ୍ତି ପ୍ରଦାନ ସହ ୧୦ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ବସୁନ୍ଧରା କୋଇଲା ଖଣି ଆରମ୍ଭ ହେବା ପରଠାରୁ ପାର୍ଶ୍ୱବର୍ତ୍ତୀ ଏହି ପଞ୍ଚାୟତର ଗ୍ରାମଗୁଡିକରେ ଜମି କିଣାବିକା ଉପରେ ରହିତାଦେଶ ଜାରି କରାଯାଇଥିବାରୁ ସ୍ଥାନୀୟ ଲୋକେ ଦୀର୍ଘ ୩୨ବର୍ଷ ହେବ ବିଭିନ୍ନ ସମସ୍ୟାରେ ଦିନ କାଟୁଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିସ୍ଥାପିତ ଗ୍ରାମବାସୀଙ୍କୁ କ୍ଷତିପୂରଣ, ଥଇଥାନ ଓ




ବସୁନ୍ଧରା କୋଇଲାଖଣି ସମ୍ମୁଖରେ ଆନ୍ଦୋଳନରତ ଗ୍ରାମବାସୀ।

ନିଯୁକ୍ତି ଯଥା ଶୀଘ୍ର ପ୍ରଦାନ ସହ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଦୀର୍ଘ ୮ବର୍ଷ ପରେ ମଧ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଏନେଇ ଗ୍ରାମବାସୀ ବାରମ୍ବାର ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରି ନାହିଁ । ଏନେଇ ଗତ ୧୫ ତାରିଖ ସନ୍ଧ୍ୟାରେ ସୁନ୍ଦରଗଡ଼ଠାରେ ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା କୋଣସି ସମାଧାନ ହୋଇପାରି ନ ଥିଲା। ଏହାର ପ୍ରତିବାଦ ସ୍ୱରୂପ ଗ୍ରାମବାସୀ ବସୁନ୍ଧରା କୋଇଲାଖଣି ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସିପିଆଇଏମ୍‌ର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ଲହୁଣୀପଡ଼ା,୧୭।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅଧୀନ ବିମଳାଗଡ଼ ପଞ୍ଚାୟତ କମାରପୋଷ ଗ୍ରାମରେ ରବିବାର ସିପିଆଇଏମ୍ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସିପିଆଇଏମ୍ ସୁନ୍ଦରଗଡ଼ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଯୋଗଦେଇ ଆଗାମୀ ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଉଦ୍‌ବୋଧନ ଦେଇ କହିଥିଲେ, ୨୧୫, ୫୨୦ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡାଠାରୁ ପାଣିକୋଇଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କେତେକ ପେସା ଆଇନ ଆଳରେ ନିର୍ମାଣ କାର୍ଯ୍ୟକୁ ବାଧାସୃଷ୍ଟି କରୁଛନ୍ତି। ଏନେଇ ଦଳପକ୍ଷରୁ ବିରୋଧ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ମିଳନୀରେ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ ଅଧକ୍ଷତା କରିଥିବା ବେଳେ ବିମଳାଗଡ଼ ସରପଞ୍ଚ ଗଙ୍ଗା ସାଏ, ପୂର୍ବତନ ସମିତି ସଭ୍ୟା ଜିଙ୍ଗି ମୁଣ୍ଡା, ତୁରି ମୁଣ୍ଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଲାଦୁ ମାହାନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ ।

### କିଷାନ ସମାଜର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ନୂଆପଡ଼ା ଦଳ ଚାମ୍ପିୟନ

**ଲହୁଣୀପଡ଼ା,୧୭।୧୨(ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅଧୀନ ପୁରୁଣାପାଣି ବାଇପାସ୍‌ସ୍ଥିତ ଫୁଟବଲ ପଡ଼ିଆରେ କିଷାନ ସମାଜ ଉନ୍ନୟନ ପରିଷଦ ପକ୍ଷରୁ ଚାଲିଥିବା ୪ ଦିନିଆ ସପ୍ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ନୂଆପଡ଼ା ଦଳ ୫-୪ଗୋଲରେ କଣ୍ଢେଇପୋଷ ଦଳକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ବିବେଚିତ ହୋଇଥିଲା। ପ୍ରତିଯୋଗିତାରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ସେମି ଫାଇନାଲରେ ନୂଆପଡ଼ା ଦଳ ୫-୪ରେ ଲୁଥୁର୍ବା ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି କଣ୍ଢେଇପୋଷ ଦଳ ୩-୨ ଗୋଲରେ ଅଲେଖପୁର ଦଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। କାହ୍ନୁ କିଷାନ, ତ୍ରିଲୋଚନ କିଷାନ, ତୀର୍ଥ କିଷାନ, ଫକୀର କିଷାନ, ସୁଶାନ୍ତ କିଷାନ, ଗୋବିନ୍ଦ କିଷାନ, ପରମାନନ୍ଦ କିଷାନ, ପୂର୍ଣ୍ଣଚନ୍ଦ୍ର କିଷାନ, ଡିଲେଶ୍ୱର କିଷାନ, ଭୁବନାନନ୍ଦ କିଷାନ, କୁଳେଶ୍ୱର କିଷାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ନାଲକୋର ସହକାରୀ ପରିଚାଳକ ରାମଚନ୍ଦ୍ର ମାଝି, ଅବସରପ୍ରାପ୍ତ ସେନା ଅଧିକାରୀ ରତ୍ନାକର କିଷାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗମୁଣ୍ଡିଆ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଦଣ୍ଡିଆ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଭାରପ୍ରାପ୍ତ ବଣାଇ ଏଡିଏମ୍‌ଓ ଡା. ଭୋଳେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଅର୍ଜ୍ଜୁନ ମୋହନ କିଷାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବଣେଇ ଉପଖଣ୍ଡର ୧୭ଟି ସାମାଜିକ କେନ୍ଦ୍ରର ସମସ୍ତ ସଭାପତି, ସମ୍ପାଦକ ଏବଂ ସମାଜର ବରିଷ୍ଠ ସଦସ୍ୟମାନେ ଥିଲେ। ଉଦ୍‌ଘୋଷକ ଭାବେ ମଧୁସୂଦନ କିଷାନ, ଭଜନ କିଷାନ, ବସନ୍ତ କିଷାନ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଇତୁ କିଷାନ, ତ୍ରିଲୋଚନ କିଷାନ, ପାଣ୍ଡୁ କିଷାନ, ଚୁଳିଆ କିଷାନ, ଗୋପୀନାଥ କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ଗ୍ରାମରୁ ସମାଜର ମହିଳା ପୁରୁଷ କଳାକାରମାନେ ଯୋଗଦେଇ ପାରମ୍ପରିକ ଆଦିବାସୀ କିଷାନ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଶେଷରେ ଶିଶିର କୁମାର କିଷାନ ଧନ୍ୟବାଦ ପ୍ରଦାନ କରିଥିଲେ।



କିଷାନ ସମାଜ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।



ଲଘୁଚାପ ବର୍ଷା ଯୋଗୁ କଟା ହୋଇଥିବା ଧାନ ଜମିରେ ପଡିରହିଛି।

## ଅଦିନିଆ ବର୍ଷା,ଚିନ୍ତାରେ ଚାଷୀ

**ସୁନ୍ଦରଗଡ଼,୧୭।୧୨ (ଡି.ଏନ୍.ଏ.)**

ଚଳିତ ବର୍ଷ ସୁନ୍ଦରଗଡ଼ ଜିଲାରେ ଆଶାନୁରୂପ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ମରୁଡ଼ି ପରିସ୍ଥିତି ଦେଖା ଦେଇଥିଲା। ଚାଷୀ ବହୁକଷ୍ଟରେ ପାଣି ମଡାଇ ଅଳ୍ପ କିଛି ଚାଷକୁ ବଞ୍ଚାଇ ରଖିଥିଲେ। ବର୍ତ୍ତମାନ ଧାନ ଅମଳ ହେଉଥିବା ବେଳେ ଲଘୁଚାପ ଜନିତ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। କୋହଲା ପାଗ ସହ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଧାନ ବିଲ ଓ ଖଳାରେ ଧାନ ଭିଜି ନଷ୍ଟ ହେବାର ଆଶଙ୍କ ଦେଖାଦେଇଛି। ସୁନ୍ଦରଗଡ ସଦର ବ୍ଲକ ସମେତ ଟାଙ୍ଗରପାଲି, ହେମଗିର, ଲେଫ୍ରିପଡ଼ା, ବଡଗାଁ, ସବ୍‌ଡେଗା, ବାଲିଶଙ୍କରା, କୁଟ୍ରା, ରାଜଗାଙ୍ଗପୁର ଆଦି ବିଭିନ୍ନ ବ୍ଲକରେ ଲଘୁଚାପ ଜନିତ ବର୍ଷାରେ ଧାନ ଅମଳ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବେର୍ଣ୍ଣା ଜମିରେ ହୋଇଥିବା ଧାନ ଫସଲ କଟା ହୋଇ ଅମଳ ହୋଇଥିଲେ ହେଁ ବର୍ତ୍ତମାନ ବାହାଲ ଜମିରେ ଧାନ ଫସଲ କଟା ଚାଲିଛି। ଅନ୍ୟପକ୍ଷେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇ ଜିଲାର ସଦର ବ୍ଲକ ଓ ଲେଫ୍ରିପଡ଼ା ବ୍ଲକରେ ୭୦ ପ୍ରତିଶତ ଏବଂ ଟାଙ୍ଗରପାଲି ବ୍ଲକରେ ୬୦ ପ୍ରତିଶତ ଧାନ ଫସଲ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ଜିଲାରେ ଧାନ କ୍ରୟ ଆରମ୍ଭ ହୋଇଥିଲେ ହେଁ ସୋମବାର କୌଣସି ଧାନମଣ୍ଡିକୁ ଧାନ ପହଞ୍ଚି ନ ଥିବା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୁହାଯାଇଛି। ବର୍ଷାରେ ଅଧିକାଂଶ ଚାଷୀଙ୍କ ଧାନ କଟା ହୋଇ ଜମିରେ ପଡିରହିଥିବା ବେଳେ ଧାନଖଳାରେ ଥିବା ଧାନକୁ ରକ୍ଷା କରିବା ପାଇଁ ଚାଷୀ ଉଦ୍ୟମ ଚଳାଇଛି।